ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୨୫/୨୦୨୫ (୧୪ ପୃଷ୍ଠା) | Bhubaneswar, Friday, April 25/2025 | Page 14 | ₹ 7.00
୫୧ଶ ଭାଗ ୧୫୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 150 | ମୂଲ୍ୟ ₹୭/-

# ପାକ୍‌ର ପାଲଟା ମାଡ଼

## ଶିମ୍‌ଲା ଚୁକ୍ତି ବାତିଲ

ନୂଆଦିଲ୍ଲୀ/ଇସ୍‌ଲାମାବାଦ, ୨୪।୪

ପହଲଗାମ୍ ଆକ୍ରମଣରେ ଜର୍ଜରିତ ଭାରତ ପାକିସ୍ତାନ ସହ କୂଟନୈତିକ ସମ୍ପର୍କ ଛିନ୍ନ କରିବାର ଦିନକ ପରେ ଗୁରୁବାର ଇସ୍‌ଲାମାବାଦ 'ଯେସାକୁ ତେସା' ନୀତି ଆପଣାଇ ଶିମ୍‌ଲା ଚୁକ୍ତିକୁ ବାତିଲ କରିଦେଇଛି। ଶିମ୍‌ଲା ଚୁକ୍ତିର ସବୁଠୁ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ହେଉଛି କଶ୍ମୀରରେ ନିୟନ୍ତ୍ରଣରେଖା (ଏଲ୍‌ଓସି) ନିର୍ଦ୍ଧାରଣ। ପାକିସ୍ତାନ ପଟୁ ବାରମ୍ବାର ଅସ୍ତ୍ରବିରତି ଉଲ୍ଲଂଘନ, ସୀମାପାର ଗୁଳିଗୋଳା ବର୍ଷଣ ଏବଂ ଆତଙ୍କବାଦୀଙ୍କ ଅନୁପ୍ରବେଶ ଉଦ୍ୟମକୁନେଇ ଏଲ୍‌ଓସିରେ ଅନେକ ସମୟରେ ଦୁଇଦେଶ ମଧ୍ୟରେ ଉତ୍ତେଜନା ଲାଗିରହିଥାଏ। ଶିମ୍‌ଲା ଚୁକ୍ତି ବାତିଲ ଫଳରେ ଏହା ଅଧୀନରେ ଏଲ୍‌ଓସିର ବୈଧତା ନ ରହିଲେ ଦୁଇଦେଶର ସେନା ମଧ୍ୟରେ ଶତ୍ରୁଭାବ ବୃଦ୍ଧି ପାଇବା ସହ ଆଞ୍ଚଳିକ ଅସ୍ଥିରତା ସୃଷ୍ଟି ହେବ ବୋଲି ସୁରକ୍ଷା ବିଶେଷଜ୍ଞମାନେ ମତ ଦେଉଛନ୍ତି।

(ବିସ୍ତୃତ ରିପୋର୍ଟ: ପୃଷ୍ଠା-୨)



### ଶିମ୍‌ଲା ଚୁକ୍ତି କ'ଣ

୧୯୭୧ ମୁକ୍ତି ଆନ୍ଦୋଳନରେ ଭାରତର ହସ୍ତକ୍ଷେପ ଯୋଗୁ ପଶ୍ଚିମ ପାକିସ୍ତାନରୁ ପୂର୍ବ ପାକିସ୍ତାନ ପୃଥକ୍ ହେବା ସହ ବାଂଲାଦେଶର ଗଠନ ହୋଇଥିଲା। ସେହି ସମୟରେ ଭାରତ-ପାକିସ୍ତାନ ଯୁଦ୍ଧ ପରେ ଦୁଇଦେଶ ମଧ୍ୟରେ କୂଟନୈତିକ ଓ କ୍ଷେତ୍ରୀୟ ସମ୍ପର୍କକୁ ପରିଭାଷିତ କରିବା ପାଇଁ ଶିମ୍‌ଲା ଶାନ୍ତି ଚୁକ୍ତି ଏକ ଆଧାରଶୀଳା ଥିଲା। ୧୯୭୨ ଜୁଲାଇ ୨ରେ ହିମାଚଳ ପ୍ରଦେଶ ରାଜଧାନୀ ଶିମ୍‌ଲାରେ ଦୁଇଦେଶ ମଧ୍ୟରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଓ ପାକିସ୍ତାନ ରାଷ୍ଟ୍ରପତି ଜୁଲ୍‌ଫିକର ଅଲୀ ଭୁଟ୍ଟୋ ଏଥିରେ ସ୍ୱାକ୍ଷର କରିଥିଲେ। ସେହିବର୍ଷ ଅଗଷ୍ଟ ୪ରେ ଏହା ଲାଗୁ ହୋଇଥିଲା। ଚୁକ୍ତିର ସବୁଠୁ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ହେଉଛି କଶ୍ମୀରରେ ନିୟନ୍ତ୍ରଣରେଖା (ଏଲ୍‌ଓସି) ନିର୍ଦ୍ଧାରଣ। ଦୁଇଦେଶକୁ ବିଭାଜିତ କରିଥିବା ସୀମାରେଖାରୁ ସୈନ୍ୟ ଅପସାରଣ, ପରସ୍ପରର ଯୁଦ୍ଧବନ୍ଦୀଙ୍କୁ ପ୍ରତ୍ୟର୍ପଣ, ଭବିଷ୍ୟତରେ ଦ୍ୱିପାକ୍ଷିକ ଆଲୋଚନା ଜରିଆରେ ବିବାଦର ସମାଧାନ କରିବାକୁ ଏହି ଚୁକ୍ତିରେ ସହମତି ପ୍ରକାଶ ପାଇଥିଲା। ଶିମ୍‌ଲା ଚୁକ୍ତି ରଦ୍ଦ କରିବାର ତାତ୍ପର୍ଯ୍ୟ ହେଉଛି ଏଲ୍‌ଓସିର ବୈଧତା ଉପରେ ପ୍ରଶ୍ନବାଚୀ।

# ଲିଫ୍ଟରେ ଚାପିହୋଇ ରୋଗୀ ମୃତ

**ରୋଗରେ ପୀଡ଼ିତ ହୋଇ ଡାକ୍ତରଖାନାକୁ ଆସିଥିଲେ ଭଲ ହେବା ପାଇଁ ହେଲେ ହସ୍ପିଟାଲର ଲିଫ୍ଟରେ ଚାପି ହୋଇ ଜଣେ ୪୫ବର୍ଷୀୟା ମହିଳାଙ୍କ ଜୀବନ ଚାଲିଯାଇଛି। ଗୁରୁବାର ସକାଳେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ। ତାଲିମପ୍ରାପ୍ତ ଅପରେଟର ପରିବର୍ତ୍ତେ ଉକ୍ତ ଲିଫ୍ଟକୁ ସୁରକ୍ଷା କର୍ମୀ ଏବଂ ଡାକ୍ତରଖାନା ଫାଣ୍ଡି କର୍ମଚାରୀ ଚଳାଉଥିଲେ। ହସ୍ପିଟାଲ୍ କର୍ତ୍ତୃପକ୍ଷଙ୍କ ଏଭଳି ଅବହେଳା ଓ ଦାୟିତ୍ୱହୀନତାରୁ ଅଘଟଣ ଘଟିଲା ବୋଲି ମୃତାଙ୍କ ପରିବାର, ସମ୍ପର୍କୀୟ ଏବଂ ସ୍ଥାନୀୟ ଲୋକମାନେ ଅଭିଯୋଗ ଆଣିଛନ୍ତି। ଅପରପକ୍ଷରେ ଜିଲା ପ୍ରଶାସନ ପକ୍ଷରୁ ଏଥିପାଇଁ ଦାୟୀ ବ୍ୟକ୍ତିବିଶେଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଯାଇଛି। ଏଥିସହ ମୃତ ମହିଳାଙ୍କ ପରିବାରକୁ ସହାୟତା ବାବଦରେ ୮ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି।**

ଭଦ୍ରକ,୨୪।୪(ସନାତନ ରାଉତ)

## ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଉତ୍ତେଜନା

ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ରାନ୍ଧିଆ ପଞ୍ଚାୟତ ନରସିଂହପୁର ଗ୍ରାମର ଅଭୟ ପରିଡ଼ାଙ୍କ ସ୍ତ୍ରୀ ମିନତି (୪୫)ଙ୍କ ଥଣ୍ଡା, ଜ୍ୱର ହୋଇଥିବାରୁ ପରିବାର ଲୋକେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଗୁରୁବାର ସକାଳେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଡାକ୍ତର ଦେଖାଇବା ପରେ ତାଙ୍କୁ ସାଲାଇନ ଦେବା ପାଇଁ ସକାଳ ୮ଟା୩୦ରେ ମେଡିସିନ ବିଭାଗର ଦ୍ୱିତୀୟ ମହଲାରେ ଥିବା ମହିଳା ୱାର୍ଡକୁ ଲିଫ୍ଟରେ ନେବା ପାଇଁ କୁହାଯାଇଥିଲା। ଲିଫ୍ଟ ଭିତରକୁ ଷ୍ଟ୍ରେଚର ଅଧା ଯାଇଥିବାବେଳେ ବାହାରେ ରୋଗୀଙ୍କ ସମ୍ପର୍କୀୟ ଥିଲେ। ସେହି ସମୟରେ ହଠାତ୍ ଲିଫ୍ଟ ଉପରକୁ ଉଠି ଯାଇଥିଲା। ଫଳରେ ମିନତିଙ୍କ ଛାତି ଲିଫ୍ଟରେ ଚାପିହୋଇ ଦୀର୍ଘ ସମୟ ରହିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଲିଫ୍ଟ ଚଳାଇବା ପାଇଁ କୌଣସି ତାଲିମ୍‌ପ୍ରାପ୍ତ ଅପରେଟର ସେଠାରେ ନ ଥିବାବେଳେ ସିକ୍ୟୁରିଟି ଗାର୍ଡ ଓ ମେଡିକାଲ ଫାଣ୍ଡିର କର୍ମଚାରୀ ଲିଫ୍ଟ ଭିତରକୁ ଷ୍ଟ୍ରେଚର ନେଉଥିବା ମିନତିଙ୍କ ପୁଅ ରାଜେଶ କହିଛନ୍ତି। ଲିଫ୍ଟରେ ତାଙ୍କ ମା' ଚାପି ହୋଇଥିବାବେଳେ ସିକ୍ୟୁରିଟି ଗାର୍ଡ ଓ ଫାଣ୍ଡି କର୍ମଚାରୀ ଉଦ୍ଧାର କରିବା ପରିବର୍ତ୍ତେ ଛାଡ଼ିଦେଇ ଦୌଡ଼ି ପଳାଇ ଯାଇଥିଲେ ବୋଲି ସେ କହିଛନ୍ତି। ତାଲିମପ୍ରାପ୍ତ ଲିଫ୍ଟ ଅପରେଟର ନ ଥିବାରୁ ଦୁର୍ଘଟଣା ସମୟରେ ଲିଫ୍ଟକୁ ତୁରନ୍ତ ଶଟ୍‌ଡାଉନ କରାଯାଇପାରି ନ ଥିଲା। ସେହିପରି ଏହି ସମୟରେ ମେଡିକାଲରେ ନିୟୋଜିତ ଇଲେକ୍ଟ୍ରିସିଆନ ମଧ୍ୟ ଉପସ୍ଥିତ ନ ଥିବା ଜଣାପଡ଼ିଥିଲା। ଏହି ଦୁଃଖଦ ଘଟଣା ପରେ ମିନତିଙ୍କ ପରିବାର ଲୋକଙ୍କ ସମେତ ସ୍ଥାନୀୟ ଲୋକେ ଡାକ୍ତରଖାନା ପରିସରରେ ହୋହଲ୍ଲା କରିବା ସହ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଅବହେଳାକୁ ଦାୟୀ କରିଥିଲେ। ଟାଉନ ଥାନାଧିକାରୀ ପ୍ରଭାଂଶୁ ମିଶ୍ରଙ୍କ ନେତୃତ୍ୱରେ ପୋଲିସ ମୁତୟନ କରାଯାଇ ସ୍ଥିତିକୁ ନିୟନ୍ତ୍ରଣ କରାଯାଇଥିଲା। ଜିଲାପାଳ ଦିଲୀପ ରାଉତରାଏ, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ ଓ ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର ପହଞ୍ଚି ମୃତା ମିନତିଙ୍କ ପରିବାରକୁ ସମବେଦନା ଜଣାଇବା ସହ ବୁଝାଶୁଝା କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ୮ ଲକ୍ଷ ଟଙ୍କାର କ୍ଷତିପୂରଣ ରାଶିପ୍ରଦାନ କରାଯିବା ସହ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅପରପକ୍ଷରେ ମୃତାଙ୍କ ସ୍ୱାମୀ ଅଭୟଙ୍କ ଅଭିଯୋଗକୁ ଆଧାର କରି ଟାଉନ ଥାନାରେ ଏକ ମାମଲା (୨୪୮/୨୦୨୫) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ଏନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧାଂଶୁ ଶେଖର ବଳ କହିଛନ୍ତି, ହଠାତ୍ ସେନ୍ସର ଖରାପ ହୋଇଯିବା ଯୋଗୁ ଲିଫ୍ଟଟି ଆପେ ଉଠିଯାଇ ଏପରି ଦୁର୍ଘଟଣା ଘଟିଛି। ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ। ତେବେ ଏହି ଘଟଣାକୁନେଇ ବିଭିନ୍ନ ମହଲରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ଆଗାମୀ ଦିନରେ ଏମିତି ଘଟଣା ନ ଘଟିବା ପାଇଁ ଯତ୍ନବାନ ହେବାକୁ ପଡ଼ିବ। ଘଟଣାର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଭଦ୍ରକ ବିଧାୟକ ମହାପାତ୍ର କହିଛନ୍ତି।



ଶିମିଳିପାଳକୁ ଜାତୀୟ ଉଦ୍ୟାନ ମାନ୍ୟତା ପୃ-୫

ଆଜିର ସମ୍ପାଦକୀୟ ବାଣିଜ୍ୟ ବ୍ୟବସ୍ଥାର ପୁନର୍ଗଠନ ଲୋଡ଼ା

ନୌସେନାରେ ଅଗ୍ନିବୀର ପଦବୀ ନିଯୁକ୍ତିରେ ଦୁର୍ନୀତି ପୃ-୧୧

SIKSHA 'O' ANUSANDHAN
SAAT-2025
Empowering students for a brighter future
NURSING PROGRAMMES OFFERED
B.SC. (Nursing) (Basic)
B.SC. (Nursing) (Post Basic)
M.SC. (Nursing)
APPROVAL & RECOGNITIONS
Approved by UGC and INC
Re-accredited by NAAC with A++ Grade
Granted with Category-1 Graded Autonomy by UGC
NIRF INDIA RANKINGS 2024
14th Best in University Category
21st Best in Medical Category
09th Best in Dental Category
INTERNATIONAL RANKINGS 2025
Ranked in QS World Rankings 2025
Ranked in Times World Rankings 2025
To apply for admission through SAAT, Please visit: www.soa.ac.in



## ପରିବାରଙ୍କୁ ଭେଟିବାକୁ ତହଉରଙ୍କୁ ଅନୁମତି ଦେଲେନି କୋର୍ଟ

୨୬/୧୧ ମୁମ୍ବାଇ ଆକ୍ରମଣର ଅନ୍ୟତମ ମାଷ୍ଟରମାଇଣ୍ଡ ତହଉର ରଣାଙ୍କୁ ପରିବାର ସହ ଭେଟିବାକୁ ଅନୁମତି ମିଳିନାହିଁ। ଏନେଇ ତହଉରଙ୍କ ଆବେଦନକୁ ଗୁରୁବାର ଦିଲ୍ଲୀର ପଟିଆଲା ହାଉସ୍ କୋର୍ଟ ଖାରଜ କରିଦେଇଛନ୍ତି। ତହଉର ପରିବାର ସହ ଭେଟ ହେଲେ ଗୁରୁତ୍ୱପୂର୍ଣ୍ଣ ସୂଚନା ଲିକ୍ ହୋଇପାରେ ବୋଲି ଏନ୍ଆଇଏ ଓକିଲ ଯୁକ୍ତି ବାଢ଼ିବା ପରେ ତାଙ୍କ ଆବେଦନ ଖାରଜ ହୋଇଯାଇଛି।

## ରାଷ୍ଟ୍ରପତିଙ୍କୁ ଭେଟିଲେ ଶାହା, ଜୟଶଙ୍କର

ନୂଆଦିଲ୍ଲୀ,୨୪।୪

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ଗୁରୁବାର ସନ୍ଧ୍ୟା ୬ଟାରେ ସର୍ବଦଳୀୟ ବୈଠକ ବସିବା ପୂର୍ବରୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଏବଂ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ରାଷ୍ଟ୍ରପତି ଭବନ ଯାଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟି ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ସମ୍ପର୍କରେ ଅବଗତ କରାଇଛନ୍ତି। ପହଲଗାମ୍ ଆକ୍ରମଣ ସମ୍ପର୍କରେ ଆଲୋଚନା ପାଇଁ କେନ୍ଦ୍ର ସରକାର ସର୍ବଦଳୀୟ ବୈଠକ ଡାକିଥିଲେ। ପହଲଗାମ୍ ଆକ୍ରମଣକୁ ଅଲ୍ ଇଣ୍ଡିଆ ସୁଫି ସଜ୍ଜାଦନାଶିନ୍ କାଉନ୍ସିଲ୍‌ର ଅଧ୍ୟକ୍ଷ ସୟେଦ ନସେରୁଦ୍ଦିନ୍ ଚିସ୍ତି ଦୃଢ଼ ନିନ୍ଦା କରିଛନ୍ତି।

## ଆତଙ୍କବାଦୀଙ୍କ ଗୁଳିରେ ଯବାନ ମୃତ

ଜମ୍ମୁ,୨୪।୪

ଜମ୍ମୁ-କଶ୍ମୀରର ଉଧମପୁର ଜିଲା ଅନ୍ତର୍ଗତ ଡୁଡୁ-ବସନ୍ତଗର୍ଗରେ ଆତଙ୍କବାଦୀଙ୍କ ସହ ଗୁଳି ବିନିମୟ ବେଳେ ଜଣେ ସେନା ଯବାନ ନିହତ ହୋଇଛନ୍ତି। ମୃତ ଯବାନ ଜଣକ ସେନା ସ୍ୱତନ୍ତ୍ର ପାରା ୟୁନିଟ୍‌ର ହାବିଲଦାର ଝଣ୍ଟୁ ଅଲି ଶେଖ୍ ବୋଲି ଜଣାପଡ଼ିଛି। ଟିମ୍ ଭିତରେ ତାଙ୍କ ଅଦମ୍ୟ ସାହସ ଓ ବୀରତା ସବୁଦିନ ପାଇଁ ମନେରହିବ ବୋଲି ସେନା ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ପହଲଗାମ୍ ଆକ୍ରମଣ ପରେ ଜମ୍ମୁ-କଶ୍ମୀରରେ ଏହା ଥିଲା ତୃତୀୟ ଏନ୍‌କାଉଣ୍ଟର। ଡୁଡି ବସନ୍ତଗଡ ଗ୍ରାମରେ ଆତଙ୍କବାଦୀ ଲୁଚିରହିଥିବା ଗୋଇନ୍ଦା ସୂଚନା ପାଇ ସୁରକ୍ଷା ବଳ ଓ ପୋଲିସ ଉକ୍ତ ଅଞ୍ଚଳକୁ ଚାରିପଟୁ ଘେରି ତଲାସି ଅଭିଯାନ ଚଳାଇଥିଲେ। ଆତଙ୍କବାଦୀ ଗୁଳି ଚଳାଇବାରୁ ଯବାନମାନେ ତା'ର ଜବାବ ଦେଇଥିଲେ।

## ପାକ୍ ସରକାରଙ୍କ ଏକ୍ସ ଆକାଉଣ୍ଟକୁ ବ୍ଲକ୍ କଲା ଭାରତ

ନୂଆଦିଲ୍ଲୀ,୨୪।୪

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନ ସରକାରଙ୍କ ଏକ୍ସ ଆକାଉଣ୍ଟକୁ ଭାରତ ବ୍ଲକ୍ କରିଛି। ଭାରତ ଅଟାରି ସୀମାକୁ ବନ୍ଦ କରିବା ସହ ବରିଷ୍ଠ ପାକିସ୍ତାନୀ କୂଟନୀତିଜ୍ଞମାନଙ୍କୁ ବହିଷ୍କାର ଏବଂ ସିନ୍ଧୁ ନଦୀଜଳ ଚୁକ୍ତି ସ୍ଥଗିତ ରଖିବାକୁ ଘୋଷଣା କରିଥିବାବେଳେ ଏବେ ପାକିସ୍ତାନର ସରକାରୀ ଏକ୍ସ ଆକାଉଣ୍ଟକୁ ସ୍ଥଗିତ ରଖାଯାଇଛି। ମେ' ୧ରୁ ପାକ୍ ଉଚ୍ଚାୟୁକ୍ତର କର୍ମଚାରୀ ସଂଖ୍ୟା ୫୫ରୁ ୩୦କୁ ହ୍ରାସ କରିବାକୁ ନୂଆଦିଲ୍ଲୀ ନିର୍ଦ୍ଦେଶ ଦେଇଥିବାବେଳେ ସେଠାରୁ ପାକିସ୍ତାନର ୩ ସେନାର ସାମରିକ ଉପଦେଷ୍ଟାମାନଙ୍କୁ ଫେରିଯିବା ପାଇଁ କୁହାଯାଇଛି।

## ଆକ୍ରମଣ ପଛରେ କେନ୍ଦ୍ରର ହାତ କହି ବିଧାୟକ ଗିରଫ

ଗୁଆହାଟୀ,୨୪।୪

ପୁଲୱାମା ଏବଂ ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣ ପଛରେ ସରକାରଙ୍କ ଷଡ଼ଯନ୍ତ୍ର ରହିଥିବା ମନ୍ତବ୍ୟ ଦେଇ ଆସାମର ଏଆଇୟୁଡିଏଫ୍ ବିଧାୟକ ଅମିନୁଲ ଇସ୍‌ଲାମ ଗିରଫ ହୋଇଛନ୍ତି। ଉଭୟ ଆକ୍ରମଣ ପଛରେ ସରକାରଙ୍କ ଷଡ଼ଯନ୍ତ୍ର ଥିବା ଅମିନୁଲ କହିଥିଲେ। ଉକ୍ତ ମନ୍ତବ୍ୟର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଆସାମ ପୋଲିସ ନିଜଆଡୁ ମାମଲା ରୁଜୁ କରିବା ସହ ଅମିନୁଲଙ୍କୁ ଗିରଫ କରିଛି।



ଅମିନୁଲ ଇସ୍‌ଲାମ



ରାଜସ୍ଥାନର ଜୟପୁର: ପହଲଗାମ୍ ଆକ୍ରମଣରେ ପ୍ରାଣ ହରାଇଥିବା ନୀରଜ ଉଧୱାନିଙ୍କ ଶେଷକୃତ୍ୟ ବେଳେ ସ୍ତ୍ରୀ ଆୟୁଷୀ ଓ ପରିବାରର ଅନ୍ୟମାନେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି।

# ଶିମ୍‌ଲା ଚୁକ୍ତି ବାତିଲକଲା ପାକିସ୍ତାନ

- ଭାରତ ପାଇଁ ବାୟୁସୀମା ବନ୍ଦ
- ହେବନାହିଁ ବାଣିଜ୍ୟିକ କାରବାର
- ସାର୍କ ଭିଜା ତତ୍କାଳ ରଦ୍ଦ

ନୂଆଦିଲ୍ଲୀ/ଇସ୍‌ଲାମାବାଦ,୨୪।୪

ପହଲଗାମ୍ ଆକ୍ରମଣ ପରେ ଭାରତ ପକ୍ଷରୁ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନରେ କ୍ଷୁବ୍ଧ ପାକିସ୍ତାନ ଗୁରୁବାର ଶିମ୍‌ଲା ଚୁକ୍ତିକୁ ବାତିଲ କରିଦେଇଛି। ଭାରତ ସହ ରହିଥିବା ଅନେକ ଦ୍ୱିପାକ୍ଷିକ ଚୁକ୍ତିକୁ ରଦ୍ଦ କରିବା ସହିତ ବାୟୁସୀମା ଓ ବାଣିଜ୍ୟିକ କାରବାର ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି। ଇସ୍‌ଲାମାବାଦରେ ଅବସ୍ଥାପିତ ଭାରତୀୟ ଉଚ୍ଚାୟୁକ୍ତଙ୍କ କାର୍ଯ୍ୟାଳୟରେ ପ୍ରତିରକ୍ଷା/ସାମରିକ ପରାମର୍ଶଦାତାଙ୍କୁ ଅବାଞ୍ଛିତ ବ୍ୟକ୍ତି ରୂପେ ଘୋଷଣା କରି ସେମାନଙ୍କୁ ତୁରନ୍ତ ଦେଶ ଛାଡ଼ି ଚାଲିଯିବାକୁ ନିର୍ଦ୍ଦେଶ ଦେଇଛି। ଏଥିସହ ଦୂତାବାସ କର୍ମଚାରୀଙ୍କ ସଂଖ୍ୟା ୩୦କୁ ହ୍ରାସ କରିଛି। ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ୍‌ଙ୍କ ଅଧ୍ୟକ୍ଷତାରେ ଘଣ୍ଟାଏ ଧରି ଚାଲିଥିବା ଜାତୀୟ ସୁରକ୍ଷା କମିଟି (ଏନ୍ଏସ୍‌ସି) ବୈଠକରେ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି।

ଜମ୍ମୁ-କଶ୍ମୀରର ପହଲଗାମ୍‌ସ୍ଥିତ ବୈସରନ୍‌ରେ ମଙ୍ଗଳବାର ପାକିସ୍ତାନୀ ଆତଙ୍କବାଦୀମାନେ ୨୫ ଭାରତୀୟ ଓ ଜଣେ ନେପାଳୀ ନାଗରିକଙ୍କୁ ଗୁଳିକରି ହତ୍ୟା କରିଥିଲେ। ଏହା ପରେ ପାକିସ୍ତାନ ଉପରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ କେନ୍ଦ୍ର ସରକାରଙ୍କ ଉପରେ ଚାପ ବଢ଼ିବାରେ ଲାଗିଥିବାବେଳେ ବୁଧବାର ପ୍ରଧାନମନ୍ତ୍ରୀ



ଶେହବାଜ୍ ଶରିଫ୍

ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ସୁରକ୍ଷା ସମ୍ପର୍କିତ କ୍ୟାବିନେଟ କମିଟି (ସିସିଏସ୍) ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ସିନ୍ଧୁ ଜଳ ଚୁକ୍ତି (ଆଇଡବ୍ଲ୍ୟୁଟି) ବାତିଲ, ଅଟ୍ଟାରୀ-ୱାଘା ସୀମାସ୍ଥିତ ଇଣ୍ଟିଗ୍ରେଟେଡ୍ ଚେକ୍‌ପୋଷ୍ଟକୁ ତତ୍କାଳ ବନ୍ଦ ଏବଂ ପାକିସ୍ତାନୀ ନାଗରିକଙ୍କ ଭିଜା ରଦ୍ଦ ସହ ସେମାନଙ୍କୁ ୪୮ ଘଣ୍ଟା ଭିତରେ ଦେଶ ଛାଡ଼ି ଚାଲିଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏପରି କି ଉଚ୍ଚାୟୁକ୍ତ କାର୍ଯ୍ୟାଳୟର କର୍ମଚାରୀଙ୍କ ସଂଖ୍ୟା ୫୫ରୁ ୩୦କୁ ହ୍ରାସ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହାର ୨୪ ଘଣ୍ଟା ନ ପୂରୁଣୁ ଶେହବାଜ୍ ଭାରତକୁ ଆଇନା ଦେଖାଇବା ପାଇଁ ଇସ୍‌ଲାମାବାଦରେ ଏନ୍ଏସ୍‌ସି ବୈଠକ ଡାକିଥିଲେ। ବୈଠକ ପରେ ଜାରି ଏକ ବିବୃତିରେ ଭାରତର ପଦକ୍ଷେପକୁ 'ଯୁଦ୍ଧ କାର୍ଯ୍ୟ' କହି ନିନ୍ଦା କରାଯାଇଛି। ଏଥିରେ କୁହାଯାଇଛି ଯେ, ପାକିସ୍ତାନର ସାର୍ବଭୌମତ୍ୱ ଓ ଲୋକଙ୍କ ସୁରକ୍ଷା ପ୍ରତି ବିପଦ ସୃଷ୍ଟିକାରୀ କୌଣସି ପ୍ରକାର ପଦକ୍ଷେପର ସମାନ ଜବାବ ଦିଆଯିବ। ୧୯୭୨ରେ ସ୍ୱାକ୍ଷରିତ ଶିମ୍‌ଲା ଶାନ୍ତି ଚୁକ୍ତିକୁ ରଦ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଛି। ୱାଘା ସୀମାକୁ ବନ୍ଦ କରିବା ଏବଂ ଭାରତୀୟ ଏୟାରଲାଇନ୍‌ଗୁଡ଼ିକ ପାଇଁ ପାକିସ୍ତାନୀ ବାୟୁସୀମାକୁ ବନ୍ଦ କରିଦିଆଯାଇଛି। ସାର୍କ ଭିଜା ଏକ୍‌ଜେମ୍ପଶନ୍ ସ୍କିମ୍ (ଶିଖ୍‌ଙ୍କ ବ୍ୟତୀତ) ଭାରତୀୟଙ୍କ ପାଇଁ ବାତିଲ କରାଯାଇଛି। ଭାରତ ଓ ପାକିସ୍ତାନ ମଧ୍ୟରେ ସମସ୍ତ ପ୍ରକାର ବାଣିଜ୍ୟିକ କାରବାର ବନ୍ଦ ନିଷ୍ପତ୍ତି ହୋଇଛି। ଏପରି କି କୌଣସି ତୃତୀୟ ରାଷ୍ଟ୍ର ଦେଇ ମଧ୍ୟ ଏହି କାରବାର ହେବ ନାହିଁ ବୋଲି ଇସ୍‌ଲାମାବାଦ କହିଛି। ସେହିପରି ସିନ୍ଧୁ ଜଳ ଚୁକ୍ତି ବାତିଲ ନେଇ ଭାରତର ନିଷ୍ପତ୍ତିକୁ ପାକିସ୍ତାନ ପ୍ରତ୍ୟାଖ୍ୟାନ କରିବା ସହ ଏହି ଜଳକୁ ୨୪୦ ନିୟୁତ ପାକିସ୍ତାନୀଙ୍କ ଜୀବନରେଖା ବୋଲି କହିଛି। ଭାରତ ପକ୍ଷରୁ ପାଣି ରୋକାଯିବା ପାଇଁ ଉଦ୍ୟମ ହେଲେ ତାକୁ 'ଯୁଦ୍ଧ କାର୍ଯ୍ୟ' ରୂପେ ବିବେଚନା କରାଯିବ ବୋଲି ବିବୃତିରେ କୁହାଯାଇଛି।

## ସୁରକ୍ଷା ତ୍ରୁଟିକୁ ଦାୟୀକଲେ ନେତା

### ସର୍ବଦଳୀୟ ବୈଠକ: ଆତଙ୍କବାଦୀଙ୍କ ଶିବିର ଧ୍ୱଂସ ଦାବି

ନୂଆଦିଲ୍ଲୀ,୨୪।୪

ଜମ୍ମୁ-କଶ୍ମୀରର ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରିପେକ୍ଷୀରେ ବୁଧବାର କେନ୍ଦ୍ର ସରକାର ପାକିସ୍ତାନ ବିରୋଧରେ ୫ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ଏ ସମ୍ପର୍କରେ ସବୁ ଦଳର ନେତାମାନଙ୍କୁ ଅବଗତ କରାଇବା ପାଇଁ ଗୁରୁବାର ସରକାରଙ୍କ ପକ୍ଷରୁ ଡକାଯାଇଥିବା ସର୍ବଦଳୀୟ ବୈଠକରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଅଧ୍ୟକ୍ଷତା କରିଛନ୍ତି। ଉକ୍ତ ବୈଠକରେ ପ୍ରଥମେ ୨୬ ମୃତକଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା।

ସବୁ ଦଳର ଏମ୍‌ପିମାନେ ସୁରକ୍ଷାରେ ତ୍ରୁଟି ପ୍ରସଙ୍ଗ ଉଠାଇ ସରକାରଙ୍କୁ ସମାଲୋଚନା କରିଛନ୍ତି। ଏଥିସହ ପାକିସ୍ତାନରେ ଥିବା ଆତଙ୍କବାଦୀ ଶିବିରଗୁଡ଼ିକୁ ଧ୍ୱଂସ କରିବା ପାଇଁ ଦାବି କରିଛନ୍ତି। ଆତଙ୍କବାଦ ବିରୋଧୀ ଅଭିଯାନରେ ସରକାରଙ୍କ ନିଷ୍ପତ୍ତି ସହ ଏକମତ ଥିବା ବିରୋଧୀ ଏମ୍‌ପିମାନେ କହିଛନ୍ତି। ରାଜନାଥଙ୍କ ସହ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର, ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍, ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ପ୍ରମୁଖ ସରକାରଙ୍କ ପକ୍ଷରୁ ଉପସ୍ଥିତ ଥିଲେ। ରାଜ୍ୟ ସଭାରେ ଗୃହର ନେତା ଜେ.ପି. ନଡ୍ଡା, ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ, ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ଏନ୍‌ସିପି-ଏସ୍‌ପିର ସୁପ୍ରିୟା ସୁଲେ, ଏନ୍‌ସିପିର ପ୍ରଫୁଲ୍ଲ ପଟେଲ, ଏଆଇଏମ୍‌ଆଇଏମ୍ ମୁଖ୍ୟ ଅସାଦୁଦ୍ଦିନ୍ ଓୱାଇସି, ବିଜେଡିର ସସ୍ମିତ ପାତ୍ର, ଟିଡିପିର ଲଭୁ ଶ୍ରୀକ୍ରିଷ୍ଣା, ଶିବସେନାର ଶ୍ରୀକାନ୍ତ ଶିନ୍ଦେ, ଆପ୍‌ର ସଞ୍ଜୟ ସିଂ, ଟିଏମ୍‌ସିର ସୁଦୀପ ବନ୍ଦୋପାଧ୍ୟାୟ ଉପସ୍ଥିତ ଥିଲେ। ଏହାପୂର୍ବରୁ ନୂଆଦିଲ୍ଲୀ ଆକ୍ରମଣ ସମ୍ପର୍କରେ ଜି-୨୦ ରାଷ୍ଟ୍ରଗୁଡ଼ିକର କୂଟନୀତିଜ୍ଞମାନଙ୍କୁ ଅବଗତ କରାଇଥିଲା।

## 'ଆତଙ୍କବାଦୀଙ୍କୁ କଳ୍ପନା ବାହାରେ ଦଣ୍ଡ ଦେବୁ'

ମଧୁବନି,୨୪।୪

ପହଲଗାମ୍ ଆକ୍ରମଣ ପାଇଁ ଦାୟୀ ଆତଙ୍କବାଦୀ ଓ ସେମାନଙ୍କ ସମର୍ଥକଙ୍କୁ ଚିହ୍ନଟ ଓ ଠାବ କରାଯିବା ସହ ସେମାନଙ୍କୁ ଏଭଳି ଦଣ୍ଡ ଦିଆଯିବ, ଯାହା ସେମାନେ କେବେ କଳ୍ପନା କରି ନ ଥିବେ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର କଡ଼ା ବାର୍ତ୍ତା ଦେଇଛନ୍ତି। ଆକ୍ରମଣ ପରେ ପ୍ରଧାନମନ୍ତ୍ରୀ ପ୍ରଥମ ଥର ପାଇଁ ବିହାରର ମଧୁବନିରେ ଏକ ସଭାକୁ ସମ୍ବୋଧନ କରି ଏହା କହିଛନ୍ତି। ଆତଙ୍କବାଦୀଙ୍କୁ ଦଣ୍ଡ ଦେବା ପାଇଁ ସମସ୍ତ ଉଦ୍ୟମ ଜାରି ରହିଛି ଏବଂ ସାରା ଦେଶ ଏହି ସଂକଳ୍ପ ସହ ଦୃଢ଼ ଭାବେ ଛିଡ଼ା ହୋଇଛନ୍ତି। ଆକ୍ରମଣ ସମ୍ପର୍କରେ ମୋଦି ହିନ୍ଦୀରେ କହୁଥିବାବେଳେ ହଠାତ୍ ଇଂଲିଶ୍‌ରେ ଘୋଷଣା କରିଥିଲେ, ଆଜି ମୁଁ ବିହାର ମାଟିରୁ ସାରା ବିଶ୍ୱକୁ ଏହା କହୁଛି, ଭାରତ ପ୍ରତ୍ୟେକ ଆତଙ୍କବାଦୀ ଓ ସେମାନଙ୍କ ସମର୍ଥକଙ୍କୁ ଚିହ୍ନଟ କରିବ, ଖୋଜି ବାହାର କରିବ ଏବଂ ଦଣ୍ଡ ଦେବ। ସେମାନଙ୍କୁ ଖୋଜି ବାହାର କରିବା ପାଇଁ ଆମେ ପୃଥିବୀର ଶେଷ ପ୍ରାନ୍ତ ପର୍ଯ୍ୟନ୍ତ ଯିବୁ। ଆତଙ୍କବାଦୀଙ୍କୁ ଦଣ୍ଡିତ ନ କରି ଛାଡ଼ିବୁ ନାହିଁ। ନ୍ୟାୟ ପ୍ରଦାନ ଲାଗି ସବୁ ଉଦ୍ୟମ କରିବୁ' ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ବିରଳ ଇଂଲିଶ ଭାଷଣ ଭାରତୀୟଙ୍କ ପାଇଁ ନୁହେଁ ବରଂ ସାରା ବିଶ୍ୱ ପାଇଁ ଏକ ସ୍ପଷ୍ଟ ବାର୍ତ୍ତା। ପହଲଗାମ୍ ଆତଙ୍କବାଦୀ ଆକ୍ରମଣକୁ ବିଶ୍ୱବ୍ୟାପୀ ନିନ୍ଦା କରାଯାଇଛି। ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୱେଲ ମାକ୍ରଁ, ଜୋର୍ଡାନ୍ କିଙ୍ଗ୍ ଅବ୍ଦୁଲ୍ଲା ୨ୟ, ଇଟାଲୀ ପ୍ରଧାନମନ୍ତ୍ରୀ ଜିଓର୍ଜିଆ ମେଲୋନି ଓ ଜାପାନ ପ୍ରଧାନମନ୍ତ୍ରୀ ଶିଗେରୁ ଇଶିବା ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଫୋନ୍ କରି ପହଲଗାମ୍ ଆକ୍ରମଣକୁ ନିନ୍ଦା କରିଛନ୍ତି। ଏଥିସହ ଆତଙ୍କବାଦ ବିରୋଧୀ ଲଢ଼େଇରେ ଭାରତକୁ ନିଜ ଦେଶର ସମର୍ଥନ ଜଣାଇଛନ୍ତି। ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ମଧ୍ୟ ମୋଦିଙ୍କୁ ଫୋନ୍ କରି ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି।



ନରେନ୍ଦ୍ର ମୋଦି

## ସୀମା ଅତିକ୍ରମ କରିଥିବା ବିଏସ୍‌ଏଫ୍ ଯବାନ ପାକିସ୍ତାନରେ ଅଟକ

ନୂଆଦିଲ୍ଲୀ,୨୪।୪

ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍)ର ଜଣେ ଯବାନ ଭୁଲ୍‌ବଶତଃ ପଞ୍ଜାବ ସୀମା ଅତିକ୍ରମ କରିବାରୁ ପାକିସ୍ତାନ ରେଞ୍ଜରମାନେ ତାଙ୍କୁ ଅଟକ ରଖିଛନ୍ତି। ତାଙ୍କୁ ସୁରକ୍ଷିତ ଭାବେ ମୁକ୍ତ କରିବା ଲାଗି ଉଭୟ ବଳ ମଧ୍ୟରେ ଆଲୋଚନା ଚାଲିଛି। ବୁଧବାର ୧୮୨ ବାଟାଲିୟନ୍‌ର କନ୍‌ଷ୍ଟେବଲ ପି.କେ. ସିଂଙ୍କୁ ଫିରୋଜପୁର ସୀମା ଆରପଟୁ ପାକିସ୍ତାନ ରେଞ୍ଜର୍ସ ଧରିନେଇଥିଲେ। ଯବାନ ଜଣକ ପୋଷାକରେ ଥିବା ସହ ତାଙ୍କ ପାଖରେ ସର୍ଭିସ୍ ରାଇଫଲ ଥିଲା। ତାଙ୍କ ମୁକ୍ତି ପାଇଁ ଉଭୟ ପକ୍ଷର ଫ୍ଲାଗ୍ ମିଟିଂ ଚାଲିଛି। ଏଭଳି ଘଟଣା ଅସାଧାରଣ ନୁହେଁ। ଯବାନ ଭୁଲ୍‌କ୍ରମେ ସୀମା ଅତିକ୍ରମ କରିବା ଘଟଣା ପୂର୍ବରୁ ଅନେକ ଥର ଘଟିଛି। ପହଲଗାମ ଆକ୍ରମଣକୁ ନେଇ କରିଥିବାରୁ ୨ ଦେଶ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି।

## ଆରବ ସାଗରରେ କ୍ଷେପଣାସ୍ତ୍ର ପରୀକ୍ଷା କଲା ନୌସେନା

ନୂଆଦିଲ୍ଲୀ,୨୪।୪

ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀଙ୍କ ଆକ୍ରମଣରେ ୨୬ ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟଣାର ୨ ଦିନ ପରେ ଭାରତୀୟ ନୌସେନା ଗୁରୁବାର ଆରବ ସାଗରରେ ମଧ୍ୟମ ଦୂରଗାମୀ କ୍ଷେପଣାସ୍ତ୍ର ସଫଳତାର ସହ ପରୀକ୍ଷା କରିଛି। ନୌସେନାର ଗାଇଡେଡ୍-ମିଶାଇଲ୍ ଡେଷ୍ଟ୍ରୟର ଆଇଏନ୍ଏସ୍ ସୁରଟରୁ ଏହି କ୍ଷେପଣାସ୍ତ୍ର ଛଡ଼ାଯାଇଥିଲା। ଇସ୍ରାଏଲ୍ ସହ ମିଳିତ ଭାବେ ବିକଶିତ କରାଯାଇଥିବା ଏହି ମିଶାଇଲ୍‌ର ଲକ୍ଷ୍ୟଭେଦ କ୍ଷମତା ୭୦ କିଲୋମିଟର। ଆରବ ସାଗର ଉପରେ ନିମ୍ନଭାଗରେ ରହିଥିବା ଏକ ବସ୍ତୁକୁ ଟାର୍ଗେଟ କରାଯାଇ ଏହି କ୍ଷେପଣାସ୍ତ୍ର ଛଡ଼ାଯାଇଥିଲା। ୭୫ ପ୍ରତିଶତ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଆଇଏନ୍ଏସ୍ ସୁରଟକୁ ୨୦୨୫ ଜାନୁଆରୀରେ ନୌସେନାରେ ସାମିଲ କରାଯାଇଥିଲା।

## ଚାଇନାରୁ ଇସ୍ପାତ ଆମଦାନୀ ଉପରେ ୧୨% ଟାରିଫ୍ ଲଗାଇଲା ଭାରତ

ନୂଆଦିଲ୍ଲୀ,୨୪।୪

ଚାଇନାରୁ ଇସ୍ପାତ ଆମଦାନୀ ବଢୁଥିବାରୁ ଏହା ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ କେନ୍ଦ୍ର ସରକାର ସାମୟିକ ଭାବେ ୧୨ ପ୍ରତିଶତ ଟାରିଫ୍ ଘୋଷଣା କରିଛନ୍ତି। ଭାରତ ବିଶ୍ୱରେ ଦ୍ୱିତୀୟ ସର୍ବାଧିକ ଅଶୋଧିତ ଇସ୍ପାତ ଉତ୍ପାଦନକାରୀ ହୋଇଥିବାବେଳେ କିଛି ବର୍ଷ ହେଲା ଚାଇନା ଇସ୍ପାତ ଭାରତୀୟ ବଜାରରେ ଭର୍ତ୍ତି ହୋଇଗଲାଣି। ଫଳରେ ଭାରତୀୟ ଇସ୍ପାତ ଶିଳ୍ପଗୁଡ଼ିକ ଉତ୍ପାଦନ କମାଇବା ସହ ନିଯୁକ୍ତି ହ୍ରାସ କରିବାକୁ ଚିନ୍ତା କରୁଛନ୍ତି। ସ୍ଥାନୀୟ ଶିଳ୍ପଗୁଡ଼ିକର ସୁରକ୍ଷା ପାଇଁ ଆମଦାନୀ ହ୍ରାସ କରିବା ଦିଗରେ ଅନ୍ୟ ଦେଶ ଭଳି ଭାରତ କାର୍ଯ୍ୟାନୁଷ୍ଠାନ ନେବାକୁ ବିଚାର କରୁଛି। ଗତ ସୋମବାରଠାରୁ ଏହି ଟାରିଫ୍ ୨୦୦ ଦିନ ପାଇଁ କାର୍ଯ୍ୟକାରୀ ହେବ ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବିଭିନ୍ନ ଦେଶ ଉପରେ ଟାରିଫ୍ ଲଗାଇଥିବାବେଳେ ଚାଇନା ସହ ଏହାର ବାଣିଜ୍ୟ ଯୁଦ୍ଧ ତୀବ୍ର ହୋଇଛି। ଏଭଳି ସମୟରେ ନୂଆଦିଲ୍ଲୀ ପ୍ରଥମ ଥର ପାଇଁ ବାଣିଜ୍ୟ ନୀତିରେ ବଡ଼ ପରିବର୍ତ୍ତନ କରିଛି।





ଅହମଦାବାଦରେ କ୍ୟାଣ୍ଡେଲ ଶୋଭାଯାତ୍ରା କରି ପହଲଗାମ୍ ଆକ୍ରମଣର ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଉଛି।

## ଆକ୍ରମଣ ପରେ କଶ୍ମୀରୀ ଛାତ୍ରୀଛାତ୍ରଙ୍କୁ ନିର୍ଯାତନା

ଶ୍ରୀନଗର,୨୪।୪

ପହଲଗାମ୍‌ରେ ଆକ୍ରମଣ ପରେ ଦେଶର ବିଭିନ୍ନ ଭାଗରେ କଶ୍ମୀରୀ ଛାତ୍ରୀଛାତ୍ର ଟାର୍ଗେଟର ଶିକାର ହୋଇଛନ୍ତି। ସେମାନଙ୍କୁ ନିର୍ଯାତନା ସହ ଗାଳି କରିବା ଓ ମାଡ଼ ମରାଯିବା ନେଇ ଜମ୍ମୁ-କଶ୍ମୀର ଛାତ୍ର ସଂଗଠନ ପକ୍ଷରୁ ଅଭିଯୋଗ ହୋଇଛି। ଡେରାଡୁନ୍‌ରେ ରହିଥିବା କଶ୍ମୀରୀ ଛାତ୍ରୀଛାତ୍ର ବିପଦରେ ଥିବା ନେଇ ଅନେକ ଫୋନ୍ କଲ୍ ମିଳିଲାଣି। କଶ୍ମୀରୀ ମୁସଲମାନ ଛାତ୍ରୀଛାତ୍ର ଗୁରୁବାର ପୂର୍ବାହ୍ନ ୧୦ଟା ସୁଦ୍ଧା ଡେରାଡୁନ୍ ଖାଲି କରିବା ନେଇ ହିନ୍ଦୁ ରକ୍ଷା ଦଳ ପକ୍ଷରୁ ଜାରି ଏକ ଭିଡିଓରେ ଚେତାବନୀ ଦିଆଯାଇଥିଲା। ଫଳରେ ଉକ୍ତ ଛାତ୍ରୀଛାତ୍ର ଆତଙ୍କିତ ହେବା ସହ ଅସୁରକ୍ଷିତ ମଣୁଥିବା ଆସୋସିଏଶନ୍‌ର ରାଷ୍ଟ୍ରୀୟ ଆବାହକ ନାସିର ଖୁଏହାମି କହିଛନ୍ତି। କଶ୍ମୀର ବାହାରେ ପଢୁଥିବା କଶ୍ମୀରୀ ଛାତ୍ରୀଛାତ୍ରଙ୍କ ପାଇଁ ଚିନ୍ତା ବଢ଼ିବାରେ ଲାଗିଛି। ସ୍ଥାନୀୟ ଲୋକେ ଏବଂ ଅନ୍ୟ ଛାତ୍ରମାନେ ହଷ୍ଟେଲରେ ପଶି ଧାରୁଆ ଅସ୍ତ୍ରରେ କଶ୍ମୀରୀ ଛାତ୍ରଙ୍କୁ ଆକ୍ରମଣ କରିଥିଲେ। ଡେରାବାସି ଏବଂ ଚଣ୍ଡିଗଡ଼ରେ ଥିବା ୟୁନିଭର୍ସାଲ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ୍ସରେ କଶ୍ମୀରୀ ଛାତ୍ରଙ୍କୁ ହଷ୍ଟେଲରେ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ସେମାନଙ୍କ ପୋଷାକ ଚିରାଯାଇଥିବାବେଳେ ଜଣେ ଛାତ୍ର ଗୁରୁତର ଆହତ ହୋଇଥିବା ଖୁଏହାମି କହିଛନ୍ତି।

## ଫୱାଦ ଖାନ୍‌ଙ୍କ ଫିଲ୍ମ ରିଲିଜ୍ ଉପରେ ରୋକ୍

ମୁମ୍ବାଇ, ୨୪।୪

ପାକିସ୍ତାନୀ ଅଭିନେତା ଫୱାଦ ଖାନ୍‌ଙ୍କ ହିନ୍ଦୀ ଫିଲ୍ମ 'ଅବିର ଗୁଲାଲ' ଭାରତରେ ରିଲିଜ୍ ହେବ ନାହିଁ। ମଙ୍ଗଳବାର ଜମ୍ମୁ-କଶ୍ମୀରର ପହଲ୍‌ଗାମ୍‌ରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ ଭାରତରେ ଫୱାଦଙ୍କ ଅଭିନୀତ ଏହି ଫିଲ୍ମର ରିଲିଜ୍ ଉପରେ ରୋକ୍ ଲଗାଯାଇଥିବା ନେଇ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସୂତ୍ରରୁ ଜଣାପଡ଼ିଛି। ବିଭିନ୍ନ ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ପହଲ୍‌ଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନାପୂର୍ଣ୍ଣ ସ୍ଥିତି ଲାଗିରହିଥିବାରୁ ଜାତୀୟ ସୁରକ୍ଷା ଏବଂ ଲୋକଙ୍କ ଭାବନାକୁ ଦୃଷ୍ଟିରେ ରଖି 'ଅବିର ଗୁଲାଲ' ଫିଲ୍ମକୁ ଭାରତରେ ରିଲିଜ୍ ନ କରିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ଆରତି ଏସ୍ ବାଗଡ଼ିଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ଆସନ୍ତା ମେ' ୯ରେ ରିଲିଜ୍ ହେବାର ଥିଲା। ଫିଲ୍ମରେ ଫୱାଦଙ୍କ ବିପକ୍ଷରେ ଅଭିନେତ୍ରୀ ବାଣୀ କପୁର ଅଭିନୟ କରିଥିଲେ। ତେବେ ବୁଧବାର ଫୱାଦ ଏକ ଇନ୍‌ଷ୍ଟାଗ୍ରାମ ଷ୍ଟୋରି ଶେୟାର କରି ପହଲ୍‌ଗାମ୍‌ରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି। ଆକ୍ରମଣରେ ପ୍ରାଣ ହରାଇଥିବା ପୀଡ଼ିତଙ୍କ ପରିବାର ପ୍ରତି ସେ ସମବେଦନା ବ୍ୟକ୍ତ କରିଛନ୍ତି।



ଫୱାଦ ଖାନ୍‌ଙ୍କ ସହ ବାଣୀ କପୁର।

## ତଲାକ୍-ଏ-ଅହସନ ଉପରେ ରୋକ୍ ନାହିଁ: ହାଇକୋର୍ଟ

ମୁମ୍ବାଇ, ୨୪।୪

ମୁସଲିମ ମହିଳା (ବିବାହ ଅଧିକାର ସୁରକ୍ଷା) ଆଇନ, ୨୦୧୯ ଅନୁଯାୟୀ କେବଳ ତତ୍‌କ୍ଷଣାତ ତିନି ତଲାକ୍ ଉପରେ ରୋକ୍ ଲଗାଯାଇଛି। ଇସ୍‌ଲାମ ଅଧୀନରେ ଛାଡ଼ପତ୍ରର ପାରମ୍ପରିକ ପଦ୍ଧତି 'ତଲାକ-ଏ-ଅହସନ'କୁ ନିଷିଦ୍ଧ କରାଯାଇନାହିଁ ବୋଲି ଗୁରୁବାର ଏକ ମାମଲାର ଶୁଣାଣିକରି ବମ୍ବେ ହାଇକୋର୍ଟ କହିଛନ୍ତି।

ଜଷ୍ଟିସ୍ ବିଭା କଙ୍କନ୍‌ୱାଡ଼ି ଏବଂ ଜଷ୍ଟିସ୍ ସଞ୍ଜୟ ଦେଶମୁଖଙ୍କୁ ନେଇ ଗଠିତ ଖଣ୍ଡପୀଠ ଜଣେ ମୁସଲମାନ ବ୍ୟକ୍ତି ଏବଂ ତାଙ୍କ ମା'ବାପାଙ୍କ ବିରୋଧରେ ରୁଜୁ ହୋଇଥିବା ଏଫ୍ଆଇଆର୍‌କୁ ଖାରଜ କରିଛନ୍ତି। ଉଚ୍ଚ ଅଦାଲତ କହିଛନ୍ତି, ଏହି ମାମଲାରେ ବ୍ୟକ୍ତି ଜଣକ ବୈବାହିକ ମତଭେଦ କାରଣରୁ ତଲାକ୍-ଏ-ଅହସନର ପ୍ରଥାକୁ ଅନୁସରଣ କରି ଜଣେ ସାକ୍ଷୀଙ୍କ ଉପସ୍ଥିତିରେ ନିଜ ସ୍ତ୍ରୀଙ୍କୁ ତଲାକ୍ କହିଥିଲେ। ଏହାପରେ ସେ ତାଙ୍କ ସ୍ତ୍ରୀଙ୍କୁ ଛାଡ଼ପତ୍ରର ନୋଟିସ୍ ଦେଇଥିଲେ। ଛାଡ଼ପତ୍ରକୁ କାର୍ଯ୍ୟକାରୀ କରିବା ପାଇଁ ୯୦ ଦିନର ଅପେକ୍ଷା ଅବଧିକୁ ମଧ୍ୟ ସେ ପାଳନ କରିଥିଲେ। 'ତଲାକ୍-ଏ-ଅହସନ'ର ପ୍ରଥା ଅନୁଯାୟୀ, ୯୦ ଦିନର ଅପେକ୍ଷା ଅବଧିରେ ଏହି ଦମ୍ପତି ଏକାଠି ରହି ନ ଥିଲେ। ଫଳରେ ମୁସଲିମ ପର୍ସନାଲ ଲ' ଅନୁଯାୟୀ ଏହି ଦମ୍ପତିଙ୍କ ଛାଡ଼ପତ୍ର କାର୍ଯ୍ୟକାରୀ ହୋଇଥିଲା। ତେବେ ଏହି ଛାଡ଼ପତ୍ର ମୁସଲିମ ମହିଳା (ବିବାହ ଅଧିକାର ସୁରକ୍ଷା) ଆଇନ, ୨୦୧୯କୁ ଉଲ୍ଲଂଘନ କରିଥିବା ଅଭିଯୋଗ କରି ମହିଳା ଜଣକ ତାଙ୍କ ସ୍ୱାମୀ ଏବଂ ଶାଶୁ, ଶ୍ୱଶୁରଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିଲେ।

# ବଢ଼ିଲା ପୋଲିସଙ୍କ ଭତ୍ତା, ପ୍ରୋତ୍ସାହନ ରାଶି

ଭୁବନେଶ୍ୱର,୨୪।୪(ସୁନିତ୍ ମିଶ୍ର)

- ୨ଗୁଣା ହେଲା ପୋଷାକ ଭତ୍ତା
- କନ୍‌ଷ୍ଟେବଲ, ସିପାହିଙ୍କ ଏକ୍ସଟ୍ରା ଡ୍ୟୁଟି ଇନ୍‌ସେନ୍‌ଟିଭ ସର୍ବାଧିକ ୨୫ ହଜାର ପର୍ଯ୍ୟନ୍ତ ବୃଦ୍ଧି
- ହାବିଲଦାରଙ୍କ ଅତିରିକ୍ତ ଡ୍ୟୁଟି ପ୍ରୋତ୍ସାହନ ରାଶି ୩୦ ହଜାରକୁ ବଢ଼ିଲା
- ସୃଷ୍ଟି ହେବ ୧୬,୦୫୯ ନୂଆ ପଦବୀ

ରାଜ୍ୟ ପୋଲିସ ବାହିନୀକୁ ଅଧିକ କ୍ରିୟାଶୀଳ କରିବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ପୋଲିସ କର୍ମଚାରୀଙ୍କ ଭତ୍ତା ଓ ପ୍ରୋତ୍ସାହନ ରାଶି ବୃଦ୍ଧି କରିବା ସଂକ୍ରାନ୍ତୀୟ ପ୍ରସ୍ତାବକୁ ଅନୁମୋଦନ ଦେଇଛନ୍ତି। ତଦନୁଯାୟୀ ଇନ୍‌ସପେକ୍ଟରମାନଙ୍କ ପୋଷାକ ଭତ୍ତା ବାର୍ଷିକ ୪୩୦୦ରୁ ୮୬୦୦ ଟଙ୍କା, ସବ୍‌ଇନ୍ସପେକ୍ଟର ଓ ଏଏସ୍‌ଆଇମାନଙ୍କ ପାଇଁ ୪୨୦୦ରୁ ୮୪୦୦ ଟଙ୍କା, ହାବିଲଦାର, କନଷ୍ଟେବଲ ଓ ସିପାହିମାନଙ୍କ ପାଇଁ ୫୦୦୦ରୁ ୧୦,୦୦୦ ଟଙ୍କା ଏବଂ ସ୍ପେଶାଲ ଷ୍ଟ୍ରାଇକିଂ ଫୋର୍ସର ଏକ୍ସ ଆର୍ମି କର୍ମଚାରୀମାନଙ୍କ ପାଇଁ ପୋଷାକ ଭତ୍ତା ବାର୍ଷିକ ୫୯୦୦ରୁ ୧୧,୮୦୦ ଟଙ୍କାକୁ ବୃଦ୍ଧି ପାଇଛି। ଏହି ପଦବୀର ସମାନ ର୍ୟାଙ୍କର କର୍ମଚାରୀ ଓ ଅଧିକାରୀମାନଙ୍କୁ ମଧ୍ୟ ସେହି ପରିମାଣରେ ଭତ୍ତା ମିଳିବ।

ସେହିପରି କନଷ୍ଟେବଲ, ସିପାହି ଓ ସମାନ ର୍ୟାଙ୍କ୍‌ର କର୍ମଚାରୀମାନଙ୍କ ପାଇଁ ଅତିରିକ୍ତ ଡ୍ୟୁଟି ବାର୍ଷିକ ପ୍ରୋତ୍ସାହନ ରାଶିକୁ (ଏକ୍ସଟ୍ରା ଡ୍ୟୁଟି ଇନ୍‌ସେନ୍‌ଟିଭ) ସର୍ବାଧିକ ୨୫,୦୦୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ହାବିଲଦାର ଓ ସମାନ ର୍ୟାଙ୍କର କର୍ମଚାରୀମାନଙ୍କ ପାଇଁ ଅତିରିକ୍ତ ଡ୍ୟୁଟି ବାର୍ଷିକ ପ୍ରୋତ୍ସାହନ ରାଶିକୁ ସର୍ବାଧିକ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଭତ୍ତା ଓ ପ୍ରୋତ୍ସାହନ ରାଶିରେ ବୃଦ୍ଧି ଯୋଗୁ କନଷ୍ଟେବଲ, ହାବିଲଦାର ଓ ସିପାହି ସଂଘର କର୍ମକର୍ତ୍ତାମାନେ ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି କୃତଜ୍ଞତା ଜଣାଇଛନ୍ତି।

ମୁଖ୍ୟମନ୍ତ୍ରୀ ଏକ ବୈଠକରେ ଉପସ୍ଥିତ ପୋଲିସ ସେବା କର୍ମଚାରୀଙ୍କୁ ଶାନ୍ତିଶୃଙ୍ଖଳା କ୍ଷେତ୍ରରେ ଓଡ଼ିଶାକୁ ଏକ ଆଦର୍ଶ ରାଜ୍ୟ ଭାବେ ଗଢ଼ି ତୋଳିବାରେ ନିଜର ଯୋଗଦାନ ରଖିବାକୁ ପରାମର୍ଶ ଦେଇଛନ୍ତି। ବିଶେଷକରି, ଅସହାୟମାନେ କିଭଳି ଯଥାଶୀଘ୍ର ସହାୟତା ପାଇବେ, ଅସୁରକ୍ଷିତ ଲୋକେ କିଭଳି ତୁରନ୍ତ ସୁରକ୍ଷା ପାଇବେ ସେଥିପ୍ରତି ଧ୍ୟାନଦେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଓଡ଼ିଶାର ପୋଲିସ ବାହିନୀକୁ ଦକ୍ଷ ଓ ଶୃଙ୍ଖଳିତ କରି ଗଢ଼ିତୋଳିବା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ। ବର୍ତ୍ତମାନ ରାଜ୍ୟ ପୋଲିସ ବାହିନୀରେ ପ୍ରାୟ ୧୬ ହଜାର ପଦବୀ ଖାଲି ଥିବାବେଳେ ଆହୁରି ୧୬, ୦୫୯ଟି ନୂଆ ପଦବୀ ସୃଷ୍ଟି କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏସବୁ ପଦବୀ ପୂରଣ ହେବା ପରେ ରାଜ୍ୟର ଜନସଂଖ୍ୟା ଅନୁପାତରେ ପୋଲିସର ନିୟୋଜନ ଯଥେଷ୍ଟ ବୃଦ୍ଧି ପାଇବ। ବୈଠକ ଆରମ୍ଭରେ ପୋଲିସ ମହାନିର୍ଦ୍ଦେଶକ ୱାଇ.ବି.ଖୁରାନିଆ ସ୍ୱାଗତ ଭାଷଣ ଦେବା ସହ ନିକଟରେ ପୋଲିସ ବାହିନୀର ବିଭିନ୍ନ ବିଭାଗକୁ ସଶକ୍ତ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଓ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

# ୩.୩୬ଲକ୍ଷ ପାର୍ଟପ୍ଲଟ ବିନା ଅନୁମତିରେ ପଞ୍ଜୀକରଣ

## ସରକାରଙ୍କ ସନ୍ଦେହ ଚକ୍ଷୁରେ ୧୭୪ ଉପନିବନ୍ଧକ

ଭୁବନେଶ୍ୱର,୨୪।୪(ରବିନାରାୟଣ ଜେନା)

ରାଜ୍ୟରେ ମାତ୍ର ୯ଟି ଉନ୍ନୟନ କର୍ତ୍ତୃପକ୍ଷ ଅଞ୍ଚଳରେ ୩.୩୬ଲକ୍ଷରୁ ଊର୍ଦ୍ଧ୍ୱ ବେଆଇନ ପାର୍ଟପ୍ଲଟ ପଞ୍ଜୀକରଣ ହୋଇଛି ବୋଲି ଆଇଜିଆର୍‌ଙ୍କ ସୁବ୍ରତ ଶତପଥୀଙ୍କ ତଥ୍ୟରୁ ଜଣାଯାଇଛି। ସେ ରାଜସ୍ୱ ବିଭାଗ ଅତିରିକ୍ତ ସଚିବଙ୍କୁ ଚଳିତମାସ ୧୧ରେ ପ୍ରଦାନ କରିଥିବା ତଥ୍ୟ ଅନୁଯାୟୀ, ଚଳିତମାସ ୧୦ ତାରିଖ ସୁଦ୍ଧା ବିଭିନ୍ନ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଅଞ୍ଚଳରେ ୩ଲକ୍ଷ ୩୬ହଜାର ୬୩୧ ବେଆଇନ ପାର୍ଟପ୍ଲଟ୍ ପଞ୍ଜୀକରଣ ହୋଇଛି। ସେଥିମଧ୍ୟରେ ୧୭୪ ଉପନିବନ୍ଧକ ସମ୍ପୃକ୍ତ ଅଛନ୍ତି। ସବୁଠାରୁ ବଡ଼କଥା ହେଲା ଏହି ଉପନିବନ୍ଧକଙ୍କ ମଧ୍ୟରୁ ୫ଜଣ ଏବେ ସରକାରଙ୍କ ପ୍ରମୁଖ ପଦପଦବୀରେ ଅଛନ୍ତି। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଆଇଜିଆର୍ ଜାନୁଆରୀରେ ପ୍ରଦତ୍ତ ତଥ୍ୟରେ ଜଣେ ଉପନିବନ୍ଧକ ଗତ ୩ବର୍ଷରେ ୪,୧୦୪ ପାର୍ଟପ୍ଲଟ ବେଆଇନ ଭାବେ ପଞ୍ଜୀକରଣ କରିଥିବା ଦର୍ଶାଯାଇଥିବାବେଳେ ଏବେକାର ୧୨ବର୍ଷର ତଥ୍ୟରେ ତାହା ୩,୪୭୯କୁ କମିଯାଇଛି। ସେହିପରି ଦୁଇଜଣ ଉପନିବନ୍ଧକଙ୍କ ବେଆଇନ ପାର୍ଟପ୍ଲଟ୍ ପଞ୍ଜୀକରଣ ସଂଖ୍ୟା ୩,୭୪୦ରୁ ୨,୬୮୯କୁ ଏବଂ ୫,୪୮୯ରୁ ୪,୪୧୫କୁ ହ୍ରାସ ପାଇଛି। ଅନ୍ୟପକ୍ଷରେ ଅନ୍ୟଜଣେ ଉପନିବନ୍ଧକଙ୍କ ବେଆଇନ ପାର୍ଟପ୍ଲଟ ପଞ୍ଜୀକରଣ ସଂଖ୍ୟା ୧,୭୬୫ରୁ ୩,୭୪୮କୁ ବୃଦ୍ଧି ପାଇଛି। ଏହାକୁ ନେଇ ସାମାଜିକ କର୍ମୀ ବିମଳେନ୍ଦୁ ପ୍ରଧାନ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି, ଆଇଜିଆର୍‌ଙ୍କ ତଥ୍ୟରେ ତ୍ରୁଟି ପରିଲକ୍ଷିତ ହେଉଛି। ଏହାବାଦ୍ କେତେକ ତଥ୍ୟକୁ ଉଦ୍ଦେଶ୍ୟମୂଳକ ଭାବେ ଚାପି ଦିଆଯାଇଛି; ଯେଉଁଥିରେ କେତେଜଣ ଅଧିକାରୀଙ୍କ ସମ୍ପୃକ୍ତି ରହିଥିବା ସେ ଅଭିଯୋଗ କରିଛନ୍ତି। ଏନେଇ ଆଇଜିଆର୍ ସୁବ୍ରତ ଶତପଥୀଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ସେ ଉତ୍ତର ରଖି ନ ଥିଲେ।

# ଗ୍ରାମାଞ୍ଚଳର ବିକାଶ ବିନା ରାଜ୍ୟ, ଦେଶର ବିକାଶ ଅସମ୍ଭବ

ପୁରୀ,୨୪।୪
(ଅଜିତ୍ କୁମାର ମହାନ୍ତି)



ପୁରୀ ତାଳବଣିଆଠାରେ ଆୟୋଜିତ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ପୁଷ୍ଟି ପଞ୍ଚାୟତ ପୁରସ୍କାର ପ୍ରଦାନ କରୁଛନ୍ତି।

ଗ୍ରାମାଞ୍ଚଳର ବିକାଶ ବିନା ରାଜ୍ୟ ଓ ଦେଶର ବିକାଶ ଅସମ୍ଭବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ପୁରୀ ତାଳବଣିଆଠାରେ ଆୟୋଜିତ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ କହିଛନ୍ତି। ମୁଖ୍ୟମନ୍ତ୍ରୀ ପ୍ରଥମେ କଶ୍ମୀର ପହଲଗାମରେ ଆତଙ୍କୀଙ୍କ ଆକ୍ରମଣରେ ମୃତ୍ୟୁ ଘଟିଥିବା ପର୍ଯ୍ୟଟକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ମୁଖ୍ୟମନ୍ତ୍ରୀ ମାଝୀ କହିଛନ୍ତି, ପଞ୍ଚାୟତିରାଜ ବ୍ୟବସ୍ଥା ଆମ ଶାସନ ବ୍ୟବସ୍ଥାର ମୂଳ କେନ୍ଦ୍ର। ୧୯୯୩ ମସିହା ଏପ୍ରିଲ ୨୪ ତାରିଖ ଦିନ ୭୩ତମ ସମ୍ବିଧାନ ସଂଶୋଧନ ବିଲ୍ ପାରିତ ହୋଇ ପଞ୍ଚାୟତିରାଜ ବ୍ୟବସ୍ଥାର ବୈପ୍ଳବିକ ପରିବର୍ତ୍ତନ ଅଣାଯାଇଥିଲା। ଶାସନ ପ୍ରଶାସନରେ ଜନମତର ପ୍ରାଧାନ୍ୟକୁ ସମ୍ମାନ ଦେବା ପାଇଁ ଏହି ଦିବସଟିକୁ ପାଳନ କରାଯାଉଛି। ପଞ୍ଚାୟତିରାଜ ଶାସନ ବ୍ୟବସ୍ଥାରେ ୫୦ ପ୍ରତିଶତ ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ହୋଇଛି। ଆମ ସରକାର ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ସବୁ ପ୍ରକାର ପଦକ୍ଷେପ ନେଉଛନ୍ତି। ବିଜୁଳି, ସଡ଼କ, ପାଣି ପରି ଭିତ୍ତିଭୂମି ହେଉଛି ଗ୍ରାମାଞ୍ଚଳର ସବୁଠୁ ବଡ଼ ପ୍ରାଥମିକତା। ଏହିସବୁ ଭିତ୍ତିଭୂମି ନିର୍ମାଣକୁ ଆମେ ଗୁରୁତ୍ୱ ଦେଉଛୁ। ଏଥିପାଇଁ ଆମେ 'ବିକଶିତ ଗାଁ ବିକଶିତ ଓଡ଼ିଶା'ର ପରିକଳ୍ପନା କରିଛୁ। ୨୦୨୬ ସୁଦ୍ଧା ସବୁ ଗ୍ରାମକୁ ପାନୀୟ ଜଳ ବ୍ୟବସ୍ଥା କରିବାକୁ ପଦକ୍ଷେପ ନିଆଯାଇଛି।

ଅନ୍ତ୍ୟୋଦୟ ଗୃହ ଯୋଜନାରେ ୩ ବର୍ଷରେ ୭୫୫୦ କୋଟି ଟଙ୍କା ବିନିଯୋଗରେ ୫ ଲକ୍ଷ ଗରିବ ଲୋକଙ୍କୁ ଘର ଯୋଗାଇ ଦିଆଯିବ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ରାଜ୍ୟରେ ୨୩ ଲକ୍ଷରୁ ଊର୍ଦ୍ଧ୍ୱ ଗୃହ ନିର୍ମିତ ହୋଇସାରିଛି ଏବଂ ୪ ଲକ୍ଷରୁ ଊର୍ଦ୍ଧ୍ୱ ଗୃହ ନିର୍ମାଣାଧୀନ ରହିଛି। ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ସମସ୍ତ ପରିବାରଙ୍କୁ ପକ୍କା ଘର ଯୋଗାଇ ଦିଆଯିବ। ରାଜ୍ୟର ୧୭ ଲକ୍ଷ ମା' ଲକ୍ଷପତି ଦିଦି ହୋଇ ଭାରତ ବର୍ଷରେ ଓଡ଼ିଶାକୁ ପ୍ରଥମ ସ୍ଥାନରେ ରଖିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ୬ ଲକ୍ଷ ହିତାଧିକାରୀଙ୍କୁ ନୂତନ ରାଶନ କାର୍ଡ ପ୍ରଦାନ ପ୍ରକ୍ରିୟା, ଏନ୍‌ଆଇସି ଦ୍ୱାରା ପ୍ରସ୍ତୁତ ଇ-ପଞ୍ଚାୟତ ସଭା ପୋର୍ଟାଲ, ପି.ପି.ଏମ.ଏସ. ପୋର୍ଟାଲ, ପଞ୍ଚାୟତ ମନିଟରିଂ ସିଷ୍ଟମ, ୬୧୩ ପଞ୍ଚାୟତକୁ ୩୨ କୋଟି ଟଙ୍କାର ପ୍ରୋତ୍ସାହନ ରାଶି ବଣ୍ଟନ, ୨ ଲକ୍ଷରୁ ଊର୍ଦ୍ଧ୍ୱ ସୁଭଦ୍ରା ହିତାଧିକାରୀଙ୍କୁ ୨ଟି କିସ୍ତିର ୧୦ ହଜାର ଟଙ୍କା ଲେଖାଏଁ ସମୁଦାୟ ୨୦୦ କୋଟି ଟଙ୍କା ପ୍ରଦାନର ଶୁଭାରମ୍ଭ କରାଯିବା ସହ ୬ଟି ଟିଭି ବିଜ୍ଞାପନ ଓ ସୁଭଦ୍ରା କଫି ଟେବଲ ପୁସ୍ତକର ଉନ୍ମୋଚନ କରିଥିଲେ। ରାଜ୍ୟରେ ୪,୧୨୪ କୋଟି ଟଙ୍କା ବିନିଯୋଗରେ ୩୧୪ଟି ବ୍ଲକ୍‌ସ୍ତରୀୟ ଷ୍ଟାଡିୟମ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ଦିଆଯାଇଥିଲା।

ଜିଲାର ବିଭିନ୍ନ ବ୍ଲକର ୮ଜଣ ରାଶନ କାର୍ଡ ହିତାଧିକାରୀ ଓ ୫ଜଣ ସୁଭଦ୍ରା ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ରାସନ କାର୍ଡ ଓ ସହାୟତା ରାଶି ପ୍ରଦାନ କରିଥିଲେ। ପୋଷଣ ଅଭିଯାନରେ ଶ୍ରେଷ୍ଠ ପୁଷ୍ଟି ପଞ୍ଚାୟତ ଭାବେ ନିମାପଡ଼ା ବ୍ଲକ ଅନ୍ତର୍ଗତ ସାଇଁଶ ଶାସନ ପଞ୍ଚାୟତର ସରପଞ୍ଚଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି, ଶକ୍ତି ବିଭାଗ ମାଧ୍ୟମରେ ୨୦୨୬-୨୭ ସୁଦ୍ଧା ୩ ଲକ୍ଷ ଘରକୁ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ପଦକ୍ଷେପ ଆରମ୍ଭ କରାଯାଇଛି। କେନ୍ଦ୍ର ଓ ରାଜ୍ୟ ସରକାର ଏଥିପାଇଁ ରିହାତି ଦେଇଛନ୍ତି। ପୋର୍ଟାଲ ମାଧ୍ୟମରେ ଯଥାଶୀଘ୍ର ଆବେଦନ କରିବା ପାଇଁ ସେ ଅନୁରୋଧ କରିଥିଲେ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସିଲା ପରେ ଗାଁରେ ବିକାଶର ସୁଅ ଛୁଟିଛି। ସୁଭଦ୍ରା ଗ୍ରାମାଞ୍ଚଳ ମହିଳାଙ୍କ ସ୍ଥିତିରେ ଆଜି ପରିବର୍ତ୍ତନ ଆଣିଛି। ଗାଁର ଚିତ୍ରକୁ ନୂଆ ରୂପରେ ଆଙ୍କିବା ପାଇଁ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେଇଛନ୍ତି।

ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ, କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ପୁରୀ ଏମ୍‌ପି ସମ୍ବିତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଜାତୀୟ ପଞ୍ଚାୟତିରାଜ ଦିବସ ଅବସରରେ ବିହାର ମଧୁବନୀ ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରଦତ୍ତ ଅଭିଭାଷଣର ସିଧା ପ୍ରସାରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି ଏବଂ ବିଭିନ୍ନ ବିଭାଗର ସଚିବସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବିଭିନ୍ନ ଜିଲାରେ ମନ୍ତ୍ରୀ, ଏମ୍‌ପି, ବିଧାୟକ ଓ ପଞ୍ଚାୟତ ପ୍ରତିନିଧିମାନେ ଆଭାସୀ ମାଧ୍ୟମରେ ଯୋଡ଼ି ହୋଇଥିଲେ। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ କମିଶନର ଗିରୀଶ ଏସ୍.ଏନ୍. ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ନିର୍ଦ୍ଦେଶକ ଡ. ମହେଶ୍ୱର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ଜାତୀୟ ପଞ୍ଚାୟତିରାଜ ଦିବସ ସମାରୋହ

- ୬ ଲକ୍ଷ ହିତାଧିକାରୀଙ୍କୁ ନୂଆ ରାଶନ କାର୍ଡ
- ୨ ଲକ୍ଷରୁ ଊର୍ଦ୍ଧ୍ୱ ସୁଭଦ୍ରା ହିତାଧିକାରୀଙ୍କୁ ସହାୟତା ରାଶି
- ୩୧୪ଟି ବ୍ଲକସ୍ତରୀୟ ଷ୍ଟାଡିୟମ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର


ଜଣେ ମହିଳା ହିତାଧିକାରୀଙ୍କୁ ନୂତନ ରାଶନ କାର୍ଡ ପ୍ରଦାନ କରାଯାଉଛି।





*ଚେତକ ହେଉଛି ଭାରତର #1 ବିକ୍ରି ହେଉଥିବା ଇଲେକ୍ଟ୍ରିକ୍ ସ୍କୁଟର, ଯାହା ଜାନୁ.-ମାର୍ଚ୍ଚ ବାହନ ସେଲ୍‌ସ ଡେଟାରୁ ଜଣାପଡ଼ିଛି । #ପ୍ରଭାବୀ ଏକ୍ସ-ଶୋରୂମ୍ ମୂଲ୍ୟ ଓଡ଼ିଶା, PM E-ଡ୍ରାଇଭ୍ ସବ୍‌ସିଡୀ ସହିତ । ବିଜ୍ଞାପନରେ ପ୍ରାରମ୍ଭିକ ମୂଲ୍ୟ ଚେତକ 2903 ସକାଶେ ଉଦ୍ଦିଷ୍ଟ । ଚେତକ ଏବେ 3ଟି ପ୍ରକାରରେ ମିଳୁଛି । ବୈଶିଷ୍ଟ୍ୟଗୁଡ଼ିକ ଚେତକ'ର ପ୍ରକାର ଆଉ ଟେକ୍‌ପ୍ୟାକ୍ ସହିତ ଉପଲବ୍ଧତା ଅନୁସାରେ ଭିନ୍ନ ଅଟେ । ବର୍ତ୍ତମାନ ବୁକ୍ କରନ୍ତୁ ଏଠାରେ www.chetak.com । ଚେତକ'ର ଚିତ୍ର କେବଳ ବିଜ୍ଞାପନ ନିମନ୍ତେ କମ୍ପ୍ୟୁଟର ଗ୍ରାଫିକ୍ସ ସହାୟତାରେ ପ୍ରଦର୍ଶିତ କରାଯାଇଛି । ପ୍ରଦର୍ଶିତ ବିଶେଷତାସବୁ, ବିଶେଷ ବିବରଣ ଓ ସହ-ଉପକରଣସବୁ ମାନକ ଫିଟ୍‌ମେଣ୍ଟ'ର ଅଂଶ ହୋଇନପାରେ ତଥା ଭିନ୍ନ ହୋଇପାରେ । ବାସ୍ତବିକ କଲର୍ ଓ ଅପ୍‌ହୋଲ୍‌ଷ୍ଟରୀ ଭିନ୍ନ ହୋଇପାରେ । ଯାନ ଚଳାଇବା ବେଳେ ଆର୍‌ଟିଓ ମାର୍ଗଦର୍ଶିକା ଅନୁସରଣ କରନ୍ତୁ ।

**EXCLUSIVE CHETAK EXPERIENCE CENTRES AT:** BHUBANESWAR - MANCHESWAR 7894697555 & 8093004373 | BHUBANESWAR - LEWIS ROAD 9124611641| BHUBANESWAR - PATIA 7077717700 | CUTTACK 9124587509 | PURI 9124584748 | JAJPUR ROAD 7608854746 | ANGUL 9776597768 | SAMBALPUR 7328042010 | ROURKELA 9078083792 | BHADRAK 7205940477 | BALASORE 9124626011 | BARIPADA 7319911789 & 7319912789 | BHAWANIPATNA (KALAHANDI) 9817834566 | JEYPORE (KORAPUT) 9817634566 | BERHAMPUR 9124646001. **Authorised Dealers for BAJAJ Auto Ltd.:** Bhubaneswar: Lewis Road MSB BAJAJ 7381088720 • Nayapalli BHARAT BAJAJ 7064406721 • Patia BHARAT BAJAJ 7381099444• Rasulgarh BHARAT BAJAJ 9124717803 • Phulnakhara BHARAT BAJAJ 9124717805 • Charichak MSB BAJAJ 8018881850 , • Banki MSB BAJAJ 9348819293 • Balugaon BHARAT BAJAJ 7381099441 • Puri MSB BAJAJ 7077735752 • Pipili MSB BAJAJ 7077735755 • Cuttack: Badambadi SURAJ BAJAJ 8093066603 • Shikharpur RASHMI BAJAJ 9237379210/9237379211• Rahama MAITREE BAJAJ 9668801781• Chandikhole TARINI BAJAJ 9937310800, • Pattamundai MAITREE BAJAJ 7064987720, • Kendrapara TARINI BAJAJ 7008576945 • Nayagarh MSB BAJAJ 7790048130 • Rajsunakhala MSB BAJAJ 9668820967 • Daspalla MSB BAJAJ 7873925390 • Phulbani MSB BAJAJ 8917341979 • Keonjhar JR BAJAJ 9937697094 / 9439008692• Angul JAMUNA BAJAJ 7682899351 • Jajpur Road PARIDA BAJAJ 7381012602 • Dhenkanal SHIVAM BAJAJ 7873922722 • Anandapur PARIDA BAJAJ 7381670007, • Udala BALA BAJAJ 8260843646 • Jaleswar SURAJ BAJAJ 9124626016, • Basudevpur SHANKAR BAJAJ 9040902802

"୨୦୪୭ ପାଇଁ ଭାରତର ସ୍ୱପ୍ନ ହେଲା ଦେଶକୁ ନବପ୍ରବର୍ତ୍ତନ, ସ୍ଥାୟୀ ବିକାଶ ଏବଂ ସମାବେଶୀ ହବ୍‌ରେ ପରିଣତ କରିବା, ଯେଉଁଠି ପ୍ରତ୍ୟେକ ନାଗରିକ ଜୀବନର ସର୍ବୋଚ୍ଚ ଗୁଣବତ୍ତାକୁ ଉପଭୋଗ କରିବେ।
- ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ



# ଆଜି କ'ଣ କେଉଁଠି

### ଭୁବନେଶ୍ୱର
- ବିଜେଇଏମ୍ ସ୍କୁଲର ଟ୍ରେନର୍ସ ସାର୍ଟିଫିକେଶନ କୋର୍ସ, ସ୍ଥାନ: ସ୍କୁଲ ପରିସର, ସମୟ: ସକାଳ ୯ଟା।
- ଏଡିଟର୍ସ କନ୍‌କ୍ଲେଭ, ସ୍ଥାନ: ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଏମ୍ସ ଭୁବନେଶ୍ୱରର ଫାଷ୍ଟ ରୋବୋଟିକ୍ ଟୋଟାଲ ନି ରିପ୍ଲେସମେଣ୍ଟ ସଫଳତା ନେଇ ସଭା, ସ୍ଥାନ: ଓଟି କମ୍ପ୍ଲେକ୍ସ, ୪ର୍ଥ ମହଲା, ଏମ୍ସ ଭୁବନେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୪୫।
- ବୀର ସୁରେନ୍ଦ୍ର ସାଏ ନଗର ଉନ୍ନୟନ ପରିଷଦ ପକ୍ଷରୁ ପହଲଗାମ ଆତଙ୍କବାଦୀ ଆକ୍ରମଣକୁ ନେଇ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଦୁର୍ଗାପୂଜା ମଣ୍ଡପ, ବୀର ସୁରେନ୍ଦ୍ର ସାଏ ନଗର, ସମୟ: ଅପରାହ୍ନ ୫ଟା।
- ପାକିସ୍ତାନ ପ୍ରଯୋଜିତ ପ୍ରତିବାଦ ପାଇଁ ନିରବ ପ୍ରାର୍ଥନା ସଭା ଓ ରାଲି, ସ୍ଥାନ: ଗୁରୁ କେଳୁଚରଣ ପାର୍କ ମୁଖ୍ୟ ଫାଟକ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀ ଶ୍ରୀ ସୀତା ରାମେଶ୍ୱର ରାମଲୀଳା ଗୀତିନାଟ୍ୟ ସଂଘ ଆନୁକୂଲ୍ୟରେ ରାମଲୀଳାର ନାଟକ 'ଇନ୍ଦ୍ରଜିତ ବଧ', ସ୍ଥାନ: ଶ୍ରୀ ସୀତା ରାମେଶ୍ୱର ମନ୍ଦିର ସମ୍ମୁଖ ରାମଲୀଳା ପଡ଼ିଆ, ଗୋଠଲବିନ୍ଧା, ସମୟ: ରାତି ୧୧ଟା।
- ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ରାମଲୀଳା ପ୍ରଚାର ସମିତି ପକ୍ଷରୁ ରାମଲୀଳାର ନାଟକ 'ମହିରାବଣ ବଧ', ସ୍ଥାନ: ଶ୍ରୀରାମ ମନ୍ଦିର ସମ୍ମୁଖ ରାମଲୀଳା ପଡ଼ିଆ, ବେଣ୍ଟପୁର, ସମୟ: ରାତି ୧୧ଟା।

### କଟକ
- ୱାଇଜ୍ ମ୍ୟାନ ଇଣ୍ଟରନ୍ୟାଶନାଲ ପକ୍ଷରୁ ବିଶ୍ୱ ମ୍ୟାଲେରିଆ ଦିବସ, ସ୍ଥାନ: ୱାଇଏମ୍‌ସିଏ ସମ୍ମିଳନୀ କକ୍ଷ, ମିଶନ ରୋଡ୍, ସମୟ: ସକାଳ ୬ଟା ୩୦।
- ତମାଖୁ ନିୟନ୍ତ୍ରଣ ଆଇନ ସଚେତନତା ଉପରେ କର୍ମଶାଳା, ସ୍ଥାନ: ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଦିନିକିଆ କର୍ମଶାଳା, ସ୍ଥାନ: ଆନେକ୍ସ-୧, ସେଭେନ୍ ପିଲାର୍ସ ଅଫ୍ ୱିଜଡମ୍, ସମୟ: ପୂର୍ବାହ୍ନ ୧୦ଟା ୩୦।

### ଖୋର୍ଦ୍ଧା
- ଶିରିଡ଼ି ସାଇବାବାଙ୍କ ୧୮ତମ ଜନ୍ମଉତ୍ସବ ପାଳନ ଅବସରରେ ପୂର୍ଣ୍ଣାହୁତି, ସ୍ଥାନ: ମନ୍ଦିର ପରିସର, ଟ୍ରାଫିକ କଲୋନୀ, ଜଟଣୀ, ସମୟ: ମଧ୍ୟାହ୍ନ ୧୨ଟା।

### ପୁରୀ
- ନବ କୁଣ୍ଡିୟ ବିଶ୍ୱଶାନ୍ତି ମହାଯଜ୍ଞ, ଜଳକଳସ ସଂଗ୍ରହ, ସ୍ଥାନ: ବୀରଗୋବିନ୍ଦପୁର ଦକ୍ଷିଣକାଳୀ ପୀଠ, ସାକ୍ଷୀଗୋପାଳ, ସମୟ: ପୂର୍ବାହ୍ନ ୧୦ଟା।
- ନିମାପଡ଼ା ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ ଓ ପୁରସ୍କାର ବିତରଣ ସମାରୋହ, ସ୍ଥାନ: ସ୍କୁଲ ପରିସର, ନିମାପଡ଼ା, ସମୟ: ଅପରାହ୍ନ ୪ଟା ୩୦।

### ବାଲେଶ୍ୱର
- ଗଣବିକ୍ଷୋଭ ଶୋଭାଯାତ୍ରା, ସ୍ଥାନ: ଷ୍ଟେଶନ ଛକ, ବାଲେଶ୍ୱର, ସମୟ: ସକାଳ ୯ଟା।
- ଗଣବିକ୍ଷୋଭ ଓ ଜେଲଭରୋ ଆନ୍ଦୋଳନ, ସ୍ଥାନ: ଜିଲାପାଳଙ୍କ ଦପ୍ତର ସମ୍ମୁଖ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।

### ଭଦ୍ରକ
- ମହାରାଜ ଟିକା ମହାବୀରଙ୍କ ୭ମ ବାର୍ଷିକ ଜନ୍ମ ଉତ୍ସବ, ସ୍ଥାନ: ଭଞ୍ଜସାହି, ବାସୁଦେବପୁର, ସମୟ: ସକାଳ ୮ଟା।
- ବଜରଙ୍ଗ ଦଳର ଜିଲା ସମ୍ମିଳନୀ, ସ୍ଥାନ: ଟାଉନ ହଲ୍, ଭଦ୍ରକ, ସମୟ: ସକାଳ ୮ଟା।
- ଭାଜପାର ମିଶ୍ରଣ ପର୍ବ, ସ୍ଥାନ: ବିଜୟଶ୍ରୀ କଲ୍ୟାଣ ମଣ୍ଡପ, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ପୂର୍ବତନ ବ୍ଲକ କଂଗ୍ରେସ ସଭାପତିଙ୍କ ଶୋକସଭା, ସ୍ଥାନ: ବାସୁଦେବପୁର, ସମୟ: ଅପରାହ୍ନ ୫ଟା।
- ଶାରଦା ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ: ଭଣ୍ଡାରିପୋଖରୀ, ସମୟ: ସନ୍ଧ୍ୟା ୬ଟା।
- କନିକା-ଚାନ୍ଦବାଲି ବୈତରଣୀ ମହୋତ୍ସବର ୨ୟ ସନ୍ଧ୍ୟା, ସ୍ଥାନ: ଦୁର୍ଗାପଡ଼ିଆ, ଚାନ୍ଦବାଲି, ସମୟ: ସନ୍ଧ୍ୟା ୬ଟା।
- ବାସୁଦେବପୁର ସୌରଭ ସମ୍ମାନ ମହୋତ୍ସବ, ସ୍ଥାନ: ଯାଦବ ପଡ଼ିଆ, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।

### ମୟୂରଭଞ୍ଜ
- ବିସିଏ ସହିତ ମୟୂରଭଞ୍ଜ ରେଡ୍ ଟିମ୍‌ର କ୍ରିକେଟ ମ୍ୟାଚ, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା, ସମୟ:ସକାଳ ୭ଟା।
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ:ଷ୍ଟାଡିୟମ ପଡ଼ିଆ, ବାରିପଦା,ସମୟ: ସକାଳ ୮ଟା।
- ଆମେ-୮୦ପକ୍ଷରୁ ଜଳସେବା,ସ୍ଥାନ: ପିଡବ୍ଲୁଡି ଅଫିସ ସମ୍ମୁଖ ବାରିପଦା,ସମୟ: ସକାଳ ୯ଟା।

### ଗଞ୍ଜାମ
- ୪୮ ପ୍ରହର ନାମ ସଂକୀର୍ତ୍ତନ ଯଜ୍ଞ, ସ୍ଥାନ: ବିରଞ୍ଚିପୁର ବୁଗୁଡ଼ା, ସମୟ: ସକାଳ ୬ ଟା ୩୫।
- ମା'ପଞ୍ଚ ଠାକୁରାଣୀଙ୍କ ଯାତ୍ରା ଆରମ୍ଭ, ସ୍ଥାନ: ବୁଗୁଡ଼ା ବଡ଼ଦାଣ୍ଡ ସାହି, ସମୟ: ସକାଳ ୭ଟା।
- ଜଳସମ୍ପଦ ବିଭାଗ ପକ୍ଷରୁ ପ୍ରମୋଦ ଉଦ୍ୟାନ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ଘୋଡ଼ାହାଡ଼ ଜଳଭଣ୍ଡାର ପାର୍ଶ୍ୱ ଉଦ୍ୟାନ ପରିସର, ସମୟ: ପୂର୍ବାହ୍ନ ୧୦ ଟା ୩୦।

### ଢେଙ୍କାନାଳ
- ଜିଲାସ୍ତରୀୟ ବିଶ୍ୱ ମ୍ୟାଲେରିଆ ଦିବସ, ସ୍ଥାନ: ଢେଙ୍କାନାଳ ଏନ୍‌ଏଚଏମ୍ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

### ଜଗତ୍‌ସିଂହପୁର
- ମୂଲ୍ୟଯୁକ୍ତ ସାମୁଦ୍ରିକ ଖାଦ୍ୟ ପଦାର୍ଥ ପାଇଁ ଦକ୍ଷତା ବିକାଶ କାର୍ଯ୍ୟକ୍ରମ, ସ୍ଥାନ: ଲକ୍ଷ୍ମୀ ନାରାୟଣ ଏକ୍ସପୋର୍ଟ କାରଖାନା, ଗଡ଼ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।
- ପାରାଦୀପ କ୍ରିକେଟ ଲିଗ୍(ପିସିଏଲ) ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ ମ୍ୟାଚ, ସ୍ଥାନ: ଗୋପବନ୍ଧୁ ଷ୍ଟାଡିୟମ, ନୂଆବଜାର, ପାରାଦୀପ, ସମୟ: ଅପରାହ୍ନ ୪ଟା।

### ନୟାଗଡ଼
- ମା' ରତ୍ନମାଳା ଠାକୁରାଣୀଙ୍କ ପୀଠରେ ନାମ ଯଜ୍ଞ, ଘୃତ ଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ଚଢ଼େୟାପଲ୍ଲୀ ଚଣ୍ଡୀମଠ ଆଶ୍ରମ, ସମୟ: ଅପରାହ୍ନ ୪ଟା।
- କୁଆଁରିଆ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳାର ୨ୟ ଦିବସ, ସ୍ଥାନ: ଗାନ୍ଧୀ ମଇଦାନ, ଦଶପଲ୍ଲା, (ସାଂସ୍କୃତିକ କାର୍ଯ୍ୟକ୍ରମ) ସମୟ: ଅପରାହ୍ନ ୪ଟା,(ସଭା) ସମୟ: ସନ୍ଧ୍ୟା ୬ଟା।
- ଗଣିଆ ଲଙ୍କାପୋଡ଼ି ମହୋତ୍ସବରେ ନାଗଫାଶ ବନ୍ଧନ ଓ କୁମ୍ଭକର୍ଣ୍ଣ ବଧ, ସ୍ଥାନ: ଗଣିଆ ଯାତ୍ରା ପଡ଼ିଆ, ସମୟ:ରାତି ୧୦ଟା।

### ନବରଙ୍ଗପୁର
- କମ୍ପ୍ୟୁଟର ଶିକ୍ଷାର ପ୍ରଚାର ପ୍ରସାର ପାଇଁ ସ୍ୱତନ୍ତ୍ର ଅଭିଯାନ, ସ୍ଥାନ: ଉମରକୋଟ ମେଡିକାଲ ରୋଡ୍, ସମୟ: ସକାଳ ୮ଟା।
- ଡିଆର୍‌ସିଏସ୍ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ନବରଙ୍ଗପୁର ଆରଏମ୍‌ସି ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ରବି ଋତୁ ଧାନ ସଂଗ୍ରହ ନେଇ ବୈଠକ, ସ୍ଥାନ:ନବରଙ୍ଗପୁର ଅଶୋକ ମେହେଟ୍ଟା ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

### ମାଲକାନଗିରି
- ହିନ୍ଦୁ ସମାଜ ପକ୍ଷରୁ ଆତଙ୍କବାଦୀ ଆକ୍ରମଣ ପ୍ରତିବାଦରେ ବାଲିମେଳା ବନ୍ଦ, ସ୍ଥାନ: ବାଲିମେଳା ସହର, ସମୟ: ସକାଳ ୬ଟା।

### ସମ୍ବଲପୁର
- ଯୋଗ ପରିବାର ପକ୍ଷରୁ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ ୭ଟା।
- ସମ୍ବଲପୁର ଜିଲା ହିନ୍ଦୁ ଏକତା ମଞ୍ଚ ପକ୍ଷରୁ ପ୍ରତିବାଦ ସଭା, ସ୍ଥାନ : ଜିଲାପାଳ ଅଫିସ ସମ୍ମୁଖ, ସମୟ : ସକାଳ ୮ଟା।
- ଜାତୀୟସ୍ତରୀୟ ଆଲୋଚନାଚକ୍ର, ସ୍ଥାନ: ସରକାରୀ ମହିଳା ମହାବିଦ୍ୟାଳୟ ପ୍ରେକ୍ଷାଳୟ, ସମୟ : ପୂର୍ବାହ୍ନ ୧୦ଟା।
- ସମ୍ବଲପୁର କବାଡି କ୍ଲବ ଆୟୋଜନରେ ପଶ୍ଚିମ ଓଡ଼ିଶାସ୍ତରୀୟ କବାଡି ଲିଗ, ସ୍ଥାନ: ଗଙ୍ଗାଧର ମୁକ୍ତ ମଣ୍ଡପ ପଡିଆ, ସମୟ : ଅପରାହ୍ନ ୪ଟା।

### ବଲାଙ୍ଗୀର
- ରାମଜୀ ନାଟକ ସଂସଦର ରାମଲୀଳା,ସ୍ଥାନ: ଜଗନ୍ନାଥପଡା ମନ୍ଦିର ସମ୍ମୁଖ, ବଲାଙ୍ଗୀର, ସମୟ: ରାତି ୧୦ଟା ୩୦।

### ରାଉରକେଲା
- ଜଳ ସମସ୍ୟା ନେଇ ୱାଟକୋ ଅଫିସ ଘେରାଉ, ସ୍ଥାନ: ପାନପୋଷ ରୋଡ୍, ସମୟ: ପୂର୍ବାହ୍ନ ୧୦ଟା।
- ପହଲଗାମ ଆକ୍ରମଣକୁ ନେଇ ମଶାଲ ରାଲି, ସ୍ଥାନ: ବିର୍ସା ମୁଣ୍ଡା ଛକ, ସମୟ: ଅପରାହ୍ନ ୫ଟା।
- ପହଲଗାମ ନରସଂହାର ନେଇ ପ୍ରତିବାଦ, ସ୍ଥାନ ଉଦିତନଗର ଛକ, ସମୟ: ସନ୍ଧ୍ୟା ୬ଟା।
- ସିପିଆଇଏମ୍ ପକ୍ଷରୁ ପହଲଗାମ ହତ୍ୟାକାଣ୍ଡ ନେଇ ପ୍ରତିବାଦ, ସ୍ଥାନ: ଆମ୍ବାଗାନ ଛକ, ସମୟ: ସନ୍ଧ୍ୟା ୬ଟା ୩୦।

### ସୁନ୍ଦରଗଡ଼
- ଅନ୍ତର୍ଜାତୀୟ ସମବାୟ ବର୍ଷ-୨୦୨୫ ପାଳନ ଉପଲକ୍ଷେ ରକ୍ତଦାନ ଶିବିର, ସ୍ଥାନ: ଜିଲା ମୁଖ୍ୟ କାର୍ଯ୍ୟାଳୟ ରକ୍ତ ଭଣ୍ଡାର କେନ୍ଦ୍ର, ସୁନ୍ଦରଗଡ଼, ସମୟ: ସକାଳ ୯ଟା।
- ସୁନ୍ଦରଗଡ଼ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ବାର୍ଷିକ ଉତ୍ସବ ଝଙ୍କାର, ସ୍ଥାନ: ଶଙ୍କରା, ସୁନ୍ଦରଗଡ଼, ସମୟ: ଅପରାହ୍ନ ୫ଟା।
- ପୁସ୍ତକ ଲୋକାର୍ପଣ ଉତ୍ସବ, ସ୍ଥାନ: ସମଗ୍ର ଶିକ୍ଷା ସଭା ଗୃହ, ସୁନ୍ଦରଗଡ଼, ସମୟ: ସନ୍ଧ୍ୟା ୭ଟା।

### ବରଗଡ଼
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ଗୋଡଭଗା, ଅତାବିରା, ସମୟ: ସକାଳ ୭ଟା।
- ମନ୍ଦିର ପ୍ରତିଷ୍ଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗୋଡଭଗା, ଅତାବିରା, ସମୟ: ଅପରାହ୍ନ ୨ଟା।

### କଳାହାଣ୍ଡି
- ଜିଲାସ୍ତରୀୟ ବିଶ୍ୱ ମ୍ୟାଲେରିଆ ଦିବସ, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା।
- ପହଲଗାମରେ ନିରୀହ ହିନ୍ଦୁମାନଙ୍କୁ ହତ୍ୟା ପ୍ରତିବାଦରେ ହିନ୍ଦୁ ଏକତା ମଞ୍ଚ ପକ୍ଷରୁ ଶୋଭାଯାତ୍ରା, ସ୍ଥାନ: ଜୁନାଗଡ଼ ମା' ଲଙ୍କେଶ୍ୱରୀ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା

### ବୌଦ୍ଧ
- ମା' ଭୈରବୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅବସରରେ କଳସ ଯାତ୍ରା ଓ ଯଜ୍ଞ ଆରମ୍ଭ, ସ୍ଥାନ: ମା' ଭୈରବୀଙ୍କ ମନ୍ଦିର ପ୍ରାଙ୍ଗଣ ପୁରୁଣାକଟକ, ସମୟ: ସକାଳ ୮ଟା।

### ଦେବଗଡ଼
- ହିନ୍ଦୁମାନଙ୍କୁ ନିର୍ମମ ହତ୍ୟାକୁ ବିରୋଧ କରି ଭାଜପା ପକ୍ଷରୁ ବାଇକ୍ ଶୋଭାଯାତ୍ରା, ସ୍ଥାନ: ରାଧାକୃଷ୍ଣ ମନ୍ଦିରରୁ ନଗର ପରିକ୍ରମା, ସମୟ: ସକାଳ ୭ଟା ୩୦।
- ବିଶ୍ୱ ମ୍ୟାଲେରିଆ ଦିବସ ଅବସରରେ ବ୍ଲକସ୍ତରୀୟ ଚେମ୍ପିଅନଙ୍କୁ ନେଇ ଟାସ୍କଫୋର୍ସ ବୈଠକ, ସ୍ଥାନ: ବାରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମିଳନୀ କକ୍ଷ, ସମୟ: ସକାଳ ୮ଟା।
- ପ୍ରାରମ୍ଭ ସୁଖଦ ଶୈଶବ କାର୍ଯ୍ୟକ୍ରମ ପ୍ରସାରଣ କର୍ମଶାଳା, ସ୍ଥାନ: ଦେବଗଡ଼ ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

### ଝାରସୁଗୁଡା
- ପହଲଗାମ୍‌ରେ ହିନ୍ଦୁ ସମାଜ ଉପରେ ଆକ୍ରମଣ ପ୍ରତିବାଦରେ ରାଲି, ସ୍ଥାନ:ତିଲେଇ ଖେଳ ପଡିଆ, ସମୟ:ସକାଳ ୯ଟା,
- ସମଗ୍ର ହିନ୍ଦୁ ସମାଜ ପକ୍ଷରୁ ଆକ୍ରୋଶ ରାଲି, ସ୍ଥାନ: ମନମୋହନ ପଡିଆଠାରୁ ପୁରୁଣା ବସଷ୍ଟାଣ୍ଡ, ସମୟ: ରାତି ୭ଟା।

### ସୁବର୍ଣ୍ଣପୁର
- ଜାମ୍ମୁ କଶ୍ମୀରର ପହଲଗାମଠାରେ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ପର୍ଯ୍ୟଟକଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ବରିଷ୍ଠ ନାଗରିକ ସଙ୍ଗଠନ ସଭାଗୃହ ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୦ଟା।
- ତରଭା ବ୍ଲକ ମାରଢୁଗୋଛାରେ ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ ଶୁଭସ୍ତମ୍ଭ ସ୍ଥାପନ, ସ୍ଥାନ: ମନ୍ଦିର ସମ୍ମୁଖ, ସମୟ: ଅପରାହ୍ନ ୫ଟା।

### ନୂଆପଡ଼ା
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ନୂଆପଡ଼ା ସଦର ବ୍ଲକ କୋଦୋମେରୀ ଗାଁ, ସମୟ: ସକାଳ ୯ଟା ୧୫।

# ଅକ୍ଷୟ ଶକ୍ତି ପ୍ରକଳ୍ପ ପାଇଁ ୧୧୯୧ କୋଟିର ନିବେଶ

## ସିଙ୍ଗଲ୍ ୱିଣ୍ଡୋ କମିଟିର ନୀତିଗତ ଅନୁମୋଦନ

ଭୁବନେଶ୍ୱର,୨୪।୪(ଅନୁରାଧା ମହାରଣା)

ରାଜ୍ୟ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବଙ୍କ ଅଧ୍ୟକ୍ଷତାରେ ଗୁରୁବାର ଓଡ଼ିଶା ଅକ୍ଷୟ ଶକ୍ତି ନୀତି-୨୦୨୨ ଆଧାରରେ ଦଶମ ସିଙ୍ଗଲ ୱିଣ୍ଡୋ କମିଟି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ୧୧୯୧.୪୭ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବକୁ ନୀତିଗତ ଅନୁମୋଦନ ମିଳିଛି। ଏହି ଦଶମ ସିଙ୍ଗଲ ୱିଣ୍ଡୋ କମିଟି ଦ୍ୱାରା ଅନୁମୋଦିତ ପ୍ରକଳ୍ପଗୁଡ଼ିକ ମଧ୍ୟରେ ୯୫.୭ ମେଗାୱାଟ୍ କ୍ଷମତା ବିଶିଷ୍ଟ ୨ଟି ପବନ ଶକ୍ତି ପ୍ରକଳ୍ପ, ୫୩.୯୭ ମେଗାୱାଟ୍ କ୍ଷମତାର ୪ଟି ଭୂମି ଆଧାରିତ ସୌରଶକ୍ତି ପ୍ରକଳ୍ପ ଏବଂ ୦.୬ ମେଗାୱାଟ୍ କ୍ଷମତାର ପ୍ରଥମ ବ୍ୟାଟେରି ଷ୍ଟୋରେଜ ପ୍ରକଳ୍ପ ରହିଛି। ଏହି ପ୍ରକଳ୍ପ ମାଧ୍ୟମରେ ଓଡ଼ିଶାରେ ଅକ୍ଷୟ ଶକ୍ତି ଉତ୍ପାଦନ ପାଇଁ ଥିବା ପ୍ରାକୃତିକ ସମ୍ଭାବନାର ସଦ୍‌ବ୍ୟବହାର ହୋଇପାରିବ। ଏଥିସହ ରାଜ୍ୟ ଅକ୍ଷୟ ଶକ୍ତି ନୀତି-୨୦୨୨ ଅନ୍ତର୍ଗତ ଲକ୍ଷ୍ୟପୂରଣ ପାଇଁ ମଧ୍ୟ ଏହା ସହାୟକ ହେବ। ଏହି ଅବସରରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଦେବ ସ୍ଥାୟୀ ଅର୍ଥନୈତିକ ପ୍ରଗତି ନିମନ୍ତେ ଅକ୍ଷୟ ଶକ୍ତିର ମହତ୍ତ୍ୱ ଉପରେ ଗୁରୁତ୍ୱ ଦେଇଥିଲେ। ପୁଞ୍ଜି



ବୈଠକରେ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବ ଏବଂ ଅନ୍ୟମାନେ।

ନିବେଶକୁ ସୁଗମ କରିବା ଏବଂ ଅନୁମୋଦିତ ପ୍ରକଳ୍ପର ଠିକ୍ ସମୟରେ କାର୍ଯ୍ୟକାରିତାକୁ ସୁନିଶ୍ଚିତ ଲାଗି ସରକାର ପ୍ରତିବଦ୍ଧ ବୋଲି ସେ କହିଥିଲେ। ନବମ ସିଙ୍ଗଲ ୱିଣ୍ଡୋ କମିଟି ବୈଠକରେ ଅନୁମୋଦିତ ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ବୈଠକରେ ସମୀକ୍ଷା କରାଯାଇଥିଲା। ଏଥିରେ ରାଜ୍ୟ ଶକ୍ତି ବିଭାଗ, ଜଳସମ୍ପଦ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଗ୍ରୀଡ୍‌କୋ, ଓପିଜିସିଏଲ୍, ଓଏଚ୍‌ପିସି ତଥା ବିଦ୍ୟୁତ୍ ବିତରଣ କମ୍ପାନୀ ସମୂହର ବିଭିନ୍ନ ବରିଷ୍ଠ ଅଧିକାରୀଙ୍କ ସମେତ ସର୍ବୋଚ୍ଚ ଯନ୍ତ୍ରୀ (ବୈଦ୍ୟୁତିକ) ପ୍ରମୁଖ ଅଂଶଗ୍ରହଣ କରିଥିଲେ। ବର୍ତ୍ତମାନ ସୁଦ୍ଧା ଅକ୍ଷୟ ଶକ୍ତି କ୍ଷେତ୍ରରେ ମୋଟ ୧,୭୦୭.୫୬ ମେଗାୱାଟ କ୍ଷମତାସମ୍ପନ୍ନ ପ୍ରକଳ୍ପ ଲାଗି ୧୨,୩୮୭.୩୬ କୋଟି ଟଙ୍କାର ପୁଞ୍ଜି ବିନିଯୋଗ ପାଇଁ ସିଙ୍ଗଲ ୱିଣ୍ଡୋ କମିଟି ନୀତିଗତ ଅନୁମୋଦନ ପ୍ରଦାନ କରିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବଗରେ ବଗ, ମାଛ ଖାଇବୁ ?**
**ମୁଁ ତେଇଁକି ଗୋସେଇଁ ଆଗ**
**ବଗରେ ବଗ, ଧାନ କୁଟିବୁ ?**
**ମୋ ନଳୀ ଗୋଡ଼ ଭାଙ୍ଗିଯିବ ।**

କଷ୍ଟ କରି କାମ କରିବା ଅଥବା ଖାଦ୍ୟ ସଂଗ୍ରହ କରିବାକୁ କହିଲେ କିଛି ବ୍ୟକ୍ତି ନିଜ ଶରୀର ଦୁର୍ବଳ ହୋଇଥିବାର କିମ୍ବା ରୋଗଗ୍ରସ୍ତ ହୋଇଥିବାର ବାହାନା କରିଥାନ୍ତି। ଅଥଚ ସେହି ବ୍ୟକ୍ତିଙ୍କୁ ଭଲ ଭଲ ଜିନିଷ ଆହରଣ କରିବାର ସୁଯୋଗ ମିଳିଗଲେ ଖାଇବା ଲାଗି ଆଗ୍ରହର ସହ ଆଗଭର ହୋଇଯାଇଥାନ୍ତି। କାମ କରିବାକୁ ଅମଙ୍ଗ ବା ଇଚ୍ଛା ରଖୁନଥିବା ଏପରି ନିକମା ପ୍ରକୃତିର ବ୍ୟକ୍ତିଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ବର ତିରିଶା କନିଆ ଦଶା**
**ଯାକୁ ଜାଣିଥିବ ବଡ଼ ସରସା।**

ବରକୁ ତିରିଶ ବର୍ଷ ଓ କନ୍ୟାକୁ ଦଶ ବର୍ଷ ହୋଇଥିବା ଯୋଡ଼ି ଠିକ୍ ବୋଲି ପ୍ରାଚୀନ କାଳରେ ଲୋକଙ୍କର ବିଶ୍ୱାସ ରହିଥିଲା। ଏହା ଫଳରେ କନ୍ୟାର ସତିତ୍ୱ ପ୍ରତି କୌଣସି ସନ୍ଦେହ ରହୁ ନ ଥିଲା। ଅବଶ୍ୟ ସମୟ ବା ଯୁଗ ବଦଳ ରୀତିରେ ଆଜି ଏହାର ତାତ୍ପର୍ଯ୍ୟ କିଛି ନାହିଁ।

**ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ**

# କିଭ୍‌ରେ ରୁଷିଆର ମିଶାଇଲ ମାଡ଼, ୧୨ ମୃତ


କିଭ୍, ୨୪।୪

ୟୁକ୍ରେନ୍‌ର ରାଜଧାନୀ କିଭ୍‌ରେ ଗୁରୁବାର ରୁଷିଆ ପକ୍ଷରୁ ଅନେକ ଘଣ୍ଟା ଧରି ମିଶାଇଲ ଏବଂ ଡ୍ରୋନ୍ ମାଡ଼ କରାଯାଇଥିଲା। ରୁଷିଆର ଏହି ଆକ୍ରମଣରେ କିଭ୍‌ରେ ୧୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୯୦ରୁ ଅଧିକ ଆହତ ହୋଇଛନ୍ତି। ରୁଷିଆ ଏବଂ ୟୁକ୍ରେନ୍ ମଧ୍ୟରେ ଯୁଦ୍ଧ ବିରତି ପାଇଁ ପ୍ରୟାସ କରାଯାଉଥିବା ବେଳେ ରୁଷିଆ ପକ୍ଷରୁ ଏହି ଆକ୍ରମଣ କରାଯାଇଛି। ଗତ ଜୁଲାଇ ପରଠାରୁ ଏହା କିଭ୍‌ରେ ରୁଷିଆର ସବୁଠାରୁ ଭୟଙ୍କର ଆକ୍ରମଣ ହୋଇଥିବା ସ୍ଥାନୀୟ ପ୍ରଶାସନ କହିଛି। ଗୁରୁବାର କିଭ୍ ସମେତ ୟୁକ୍ରେନ୍‌ର ୪ଟି ଅଞ୍ଚଳରେ ରୁଷିଆ ପକ୍ଷରୁ ୬୬ଟି ବାଲିଷ୍ଟିକ୍ ଏବଂ କ୍ରୁଜ୍ ମିଶାଇଲ ଏବଂ ୧୪୫ଟି ଡ୍ରୋନ୍ ମାଡ଼ କରାଯାଇଥିବା ୟୁକ୍ରେନୀୟ ବାୟୁସେନା କହିଛି। ଏହି ଆକ୍ରମଣ ସମ୍ପର୍କରେ ସୂଚନା ମିଳିବା ପରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର୍ ଜେଲେନ୍‌ସ୍କୀ ନିଜ ଦକ୍ଷିଣ ଆଫ୍ରିକା ଗସ୍ତକୁ କାଟ୍‌ଛାଟ କରି ୟୁକ୍ରେନ୍ ଫେରୁଥିବା କହିଛନ୍ତି। ଉଭୟ ଦେଶ ମଧ୍ୟରେ ଯୁଦ୍ଧ ବିରତି ଆଲୋଚନାର ଭବିଷ୍ୟତ ମସ୍କୋ ଉପରେ



କିଭ୍‌ରେ ରୁଷିଆର ମିଶାଇଲ ଓ ଡ୍ରୋନ୍ ଆକ୍ରମଣ ପରେ ଗାଡ଼ିଗୁଡ଼ିକ ଜଳିଯାଇଛି।

ନିର୍ଭର କରୁଛି ବୋଲି ସେ କହିଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରୁଷିଆର ଏହି ଆକ୍ରମଣକୁ କଡ଼ା ଭାଷାରେ ନିନ୍ଦା କରିଛନ୍ତି। ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଟ୍ରୁଥ୍ ସୋସିଆଲରେ ଟ୍ରମ୍ପ ଲେଖିଛନ୍ତି, ରୁଷିଆ ପକ୍ଷରୁ ବହୁତ ଖରାପ ସମୟରେ ଏହି ଆକ୍ରମଣ କରାଯାଇଛି। ଏହା ଅନାବଶ୍ୟକ ଥିଲା। ଏନେଇ ସେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି।




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# କିସ୍ତି ଟଙ୍କା ଶୁଝି ନ ପାରି ମହିଳାଙ୍କ ଆତ୍ମହତ୍ୟା

- ଫାଇନାନ୍ସ କମ୍ପାନୀରୁ ଆଣିଥିଲେ ଋଣ
- ଅନ୍ୟ ଜଣେ ମହିଳା ନେଇ ଫେରାଇଲେ ନାହିଁ

ଉଦଳା,୨୪।୪
(ସନ୍ତୋଷ କୁମାର ବାଛିନୀ)

ଫାଇନାନ୍ସ କମ୍ପାନୀରୁ ଆଣିଥିଲେ ଋଣ। ଗ୍ରାମର ଆଉ ଜଣେ ମହିଳା ଉକ୍ତ ଟଙ୍କା ନେଇ ଫେରାର ହୋଇଗଲେ। କିସ୍ତି ଟଙ୍କା ଶୁଝି ନ ପାରିବାରୁ କମ୍ପାନୀ କର୍ମଚାରୀ ତାଗିଦ କଲେ। ଶେଷରେ ମାନସିକ ଭାରସାମ୍ୟ ହରାଇ ବେକରେ ରଶି ବାନ୍ଧି ଝୁଲି ପଡ଼ିଲେ ଜଣେ ମହିଳା। ଏଭଳି ଅଭାବନୀୟ ଘଟଣା ଘଟିଛି ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅଧୀନ ପିଙ୍ଗୁ ଗ୍ରାମରେ। ମୃତ ମହିଳା ଜଣଙ୍କ ହେଲେ ଗ୍ରାମର କରୁଣାକର ସୁରୁଲିଆଙ୍କ ସ୍ତ୍ରୀ ଗୀତାଞ୍ଜଳି।

ସୂଚନା ଅନୁଯାୟୀ, ଗୀତାଞ୍ଜଳି ଖୁଣ୍ଟା ଅଞ୍ଚଳର ୨ଟି ଫାଇନାନ୍ସ କମ୍ପାନୀରୁ ୩ଟି କିସ୍ତିରେ ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଋଣ ଆଣିଥିଲେ। ସେହି ଟଙ୍କାକୁ ଗ୍ରାମର ଅନ୍ୟ ଜଣେ ମହିଳା ନେଇଥିଲେ। ଟଙ୍କା ଫେରାଇବାର ପ୍ରତିଶ୍ରୁତି ଦେଇ ଫେରାର ହୋଇଯାଇଥିଲେ। ଫଳରେ ଗୀତାଞ୍ଜଳି କିସ୍ତି ଟଙ୍କା ଦେଇ ପାରି ନ ଥିଲେ। ଫାଇନାନ୍ସ କମ୍ପାନୀ କର୍ମଚାରୀ ବାରମ୍ବାର ତାଙ୍କ ଘରକୁ ଆସି ତାଗିଦ କରିଥିଲେ। ଗୁରୁବାର ସକାଳେ ଘର ନିକଟରେ ଥିବା ଏକ ଗଛରେ ବେକରେ ରଶି ଲଗାଇ ଗୀତାଞ୍ଜଳି ଝୁଲି ପଡ଼ିଥିଲେ। ଗୀତାଞ୍ଜଳିଙ୍କ ସ୍ୱାମୀଙ୍କଠାରୁ ଖବରପାଇ କପ୍ତିପଦା ପୋଲିସ ପହଞ୍ଚି ମୃତଦେହ ଜବତକରିବା ସହ ତଦନ୍ତ ଜାରି ରଖିଛି।

# ମୃଣାଳ, ଇନ୍ଦ୍ରମଣିଙ୍କୁ ଆଇଏଏସ୍ ପାହ୍ୟା

ଭୁବନେଶ୍ୱର,୨୪।୪(ରବିନାରାୟଣ ଜେନା)

ଭାରତ ସରକାରଙ୍କ କାର୍ମିକ ମନ୍ତ୍ରଣାଳୟର ବିଜ୍ଞପ୍ତିକ୍ରମେ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଅଧ୍ୟକ୍ଷ ମୃଣାଳ କାନ୍ତି ଦାସଙ୍କୁ ଆଇଏଏସ୍ ପାହ୍ୟାକୁ ପଦୋନ୍ନତି ମିଳିଛି। ସେହିପରି ରାଜ୍ୟ ପରିବହନ କର୍ତ୍ତୃପକ୍ଷ(ଏଓଟିଏ)ର ଅତିରିକ୍ତ ଆୟୁକ୍ତ ଇନ୍ଦ୍ରମଣି ନାୟକଙ୍କୁ ଆଇଏଏସ୍ ପାହ୍ୟାକୁ ପଦୋନ୍ନତି ମିଳିଛି। ବିଜ୍ଞପ୍ତି ଅନୁଯାୟୀ ଉଭୟ ଅଧିକାରୀଙ୍କୁ ପଦୋନ୍ନତି ପରେ ଉକ୍ତ ପଦରେ ପୁନର୍ବାର ଅବସ୍ଥାପିତ କରାଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଆଜି ପରିବାର ଓ କର୍ମ କ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହିବ। ଦ୍ୱିଜା ନକ୍ଷତ୍ରର ଅର୍ଥ ଲାଭ, ଶାରୀରିକ ସୁସ୍ଥତା, ବନ୍ଧୁଙ୍କ ପରାମର୍ଶ ପାଇବା ଯୋଗୁ ମନ ଖୁସି ରହିବ। ପଦସ୍ଥ ବ୍ୟକ୍ତିଙ୍କ ଅନୁରୋଧବଶତଃ ଦୂରଯାତ୍ରା କରିବାକୁ ପଡିପାରେ। ଶିଳ୍ପ, ବାଣିଜ୍ୟ, ସାହିତ୍ୟ, ସାମ୍ବାଦିକତା, ସଙ୍ଗୀତ, ଚଳଚ୍ଚିତ୍ର ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ବୃଷ** - କୃତ୍ତିକା ନକ୍ଷତ୍ର ଅର୍ଥଲାଭ, ସଦ୍‌ଭାବନା ସହ ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ ସାଧନ କରିବେ। ପ୍ରଶାସନିକ ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ। ବିବାଦୀୟ ସ୍ଥିତି ଜନିତ ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ। ପ୍ରଶାସନ, ଏଜେନ୍ସି, ଶିଳ୍ପ, ବ୍ୟବସାୟ ଓ ପରିବହନ ମନ୍ଦ ହେବ ନାହିଁ।

**ମିଥୁନ** - ପୁନର୍ବସୁ ନକ୍ଷତ୍ରର ଆର୍ଥିକ ଅନଟନଜନିତ କାମକୁ ସ୍ଥଗିତ ରଖିବାର ବହୁତ ସମ୍ଭାବନା ରହିଛି। ପ୍ରତ୍ୟେକ କ୍ଷେତ୍ରରେ ଭାବୁଥିବେ ଗୋଟିଏ କିନ୍ତୁ କଳାବେଳକୁ ଆଉ ଗୋଟିଏ କାମ କରିବେ। କୂଟନୀତି ବଳରେ କାର୍ଯ୍ୟ ସାଧନ କରିବାରେ ସମର୍ଥ ହେବେ। ପାରିବାରିକ ସ୍ଥିତି ପୂର୍ବପରି ରହିବ। ସନ୍ତାନଙ୍କ ବୈବାହିକ ସମସ୍ୟା ଦୁଶ୍ଚିନ୍ତାର କାରଣ ହେବ।

**କର୍କଟ** - ଅଶ୍ଳେଷା ନକ୍ଷତ୍ର ବିଭିନ୍ନ ଯୋଜନା ସଫଳତା ଲାଭକରିବା କଷ୍ଟକର ହେବ। କର୍ମକ୍ଷେତ୍ରରେ ବିରୁଦ୍ଧାଚରଣ କରୁଥିବା ଗୁପ୍ତ ଶତ୍ରୁଙ୍କର ସକ୍ରିୟତା ବୃଦ୍ଧି ପାଇପାରେ। ଆଜିର ପ୍ରତ୍ୟୁଷ ଯାତ୍ରା ସାଙ୍ଗକୁ ଆନୁଷ୍ଠାନିକ କାମରୁ ଖୁସି ରହିବେ। ଏକ ଭିନ୍ନ ପରିବେଶରେ ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି।

**ସିଂହ** - ପାରିବାରିକ ସମସ୍ୟା ସାଙ୍ଗକୁ କର୍ମହାନି, ଆର୍ଥିକ ଅନଟନ, ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିବେ। କେତେକ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି କାର୍ଯ୍ୟ ସାଧନ କରିବେ। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସଫଳତା ପାଇବେ। ମଘା ନକ୍ଷତ୍ର କର୍ମକ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତିବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ।

**କନ୍ୟା** - ଚତୁର୍ଥସ୍ଥ ପାପଗ୍ରହ ହେତୁ ପାରିବାରିକ ଜୀବନରେ କିଛିଟା ସ୍ନେହ, ଶ୍ରଦ୍ଧା ଓ ଆଦରର ଅଭାବ ଅନୁଭବ କରିବେ। କିନ୍ତୁ ବାହାର ଲୋକଙ୍କ ସହ ସମ୍ପର୍କ ମଜଭୁତ ରହିବ ଏବଂ ସାମାଜିକ ସ୍ତରରେ ପ୍ରଶଂସିତ ହେବେ। ସହକର୍ମୀଙ୍କ ଅସହଯୋଗ କାରଣରୁ ଅସ୍ଥିରତା ସୃଷ୍ଟି ହେବ। କର୍ମକ୍ଷେତ୍ରରେ ଯେସାକୁ ତେସା ନୀତିରେ କାମ କରିପାରନ୍ତି।

**ତୁଳା** - ଉଚ୍ଚସ୍ଥ ରବିଙ୍କ ସୁପ୍ରଭାବରୁ ବିଶିଷ୍ଟବ୍ୟକ୍ତିଙ୍କ ସହାୟତାରେ ସଫଳତା ହାସଲ କରିବେ। ବନ୍ଧୁଙ୍କ ସମ୍ମୁଖରେ ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯିବେ। ପରିବାରରେ ଶାନ୍ତି ଫେରି ଆସିବା ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ। କଚେରି ମାମଲାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟା ସମାଧାନ ହୋଇଯିବ।

**ବିଛା** - ଶୁକ୍ରଙ୍କ ପ୍ରଭାବରେ ଇଚ୍ଛା ନ ଥିଲେ ମଧ୍ୟ ପରିସ୍ଥିତିରେ ପଡି ଦୂରସ୍ଥାନକୁ ଯାତ୍ରା କରିବାକୁ ପଡିପାରେ। ମଙ୍ଗଳଙ୍କ ଦୁର୍ବଳତା ଥିଲେ ମଧ୍ୟ ସ୍ୱାସ୍ଥ୍ୟ ସମସ୍ୟା ସମ୍ପୂର୍ଣ୍ଣ ଭାବରେ ନିୟନ୍ତ୍ରଣାଧୀନ ରହିବ। କଳା, କ୍ରୀଡା, ଚଳଚ୍ଚିତ୍ର ତଥା ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ମିଳିପାରେ। ଜ୍ୟେଷ୍ଠା ନକ୍ଷତ୍ର ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ତର୍କର ସମ୍ମୁଖୀନ ହେବେ।

**ଧନୁ** - ଆଜି ଦିନଟିରେ ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। କଠୋର କଥା କିମ୍ବା ବ୍ୟବହାର ବନ୍ଧୁଙ୍କ ମନରେ ଆଘାତ ଦେଇପାରେ। ପୂର୍ବାଷାଢା ନକ୍ଷତ୍ର ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବେ। ସକାଳୁ ସକାଳୁ କିଛି ଅପେକ୍ଷା କରି ରହିଥିବା ଖବର ପାଇ ସାମୟିକ ଖୁସି ହୋଇଯିବେ।

**ମକର** - କର୍ମକ୍ଷେତ୍ରରେ ସମସ୍ୟା ସମାଧାନ କରିବା ଚେଷ୍ଟା କଲେ ମଧ୍ୟ ସୁଫଳ ପାଇ ନ ପାରନ୍ତି। ଆକସ୍ମିକ ଭାବରେ ବନ୍ଧୁଦ୍ୱାରକୁ ଗମନ କରିପାରନ୍ତି ଏବଂ ସୌଜନ୍ୟମୂଳକ ସାକ୍ଷାତରୁ ଉପକୃତ ହେବେ। ଧନିଷ୍ଠା ନକ୍ଷତ୍ର ସାମାଜିକ ସ୍ତରରେ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ । ଛୋଟ ଛୋଟ କଥାକୁ ଧରି ବସିଲେ ଅଶାନ୍ତି କମିବା ବଦଳରେ ବୃଦ୍ଧି ପାଇବ।


**କୁମ୍ଭ** - ପୂର୍ବଭାଦ୍ର ନକ୍ଷତ୍ର ପରିବାରରେ ସ୍ତ୍ରୀ ଏବଂ ବାଣିଜ୍ୟ, ବ୍ୟବସାୟରେ ସମସ୍ୟା ସୃଷ୍ଟି ହୋଇପାରେ। ପରୋକ୍ଷ ଶତ୍ରୁତା କାରଣରୁ ବନ୍ଧୁମାନେ ଅସହଯୋଗ ମନୋଭାବ ପୋଷଣ କରିବେ। ସହକର୍ମୀଙ୍କ ମଧ୍ୟସ୍ଥତାରେ ବକେୟା ଆଦାୟରେ ସକ୍ଷମ ହେବେ। ପୈତୃକ ସମ୍ପତ୍ତିକୁ ନେଇ କଳହ ସୃଷ୍ଟି ହେବ। ପ୍ରତ୍ୟେକ କ୍ଷେତ୍ରରେ ନୀରବଦ୍ରଷ୍ଟା ଭଳି କାମ କରିବେ।

**ମୀନ** - ଶୁଭଚନ୍ଦ୍ର ପ୍ରଭାବରୁ ପୂର୍ବାବସ୍ଥା ବଦଳିଯାଇଥିବା କାରଣରୁ ମନ ଭଲ ରହିବ। କିନ୍ତୁ ଜମିଜମା କାରବାର, ବୈବାହିକ କିମ୍ବା ଅର୍ଥ ସମ୍ପର୍କକୁ ନେଇ ବିବାଦଗ୍ରସ୍ତ ହୋଇପାରନ୍ତି। ନିଜ ଲୋକଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇପାରନ୍ତି। ଉତ୍ତରାଭାଦ୍ର ନକ୍ଷତ୍ର ଶିଳ୍ପ, ବାଣିଜ୍ୟ, ନିର୍ମାଣ, ଶେୟାର ବଜାର, ପରିବହନରେ ଲାଭବାନ ହେବେ।

ଆଜି ଏପ୍ରିଲ ୨୫ ତାରିଖ, ବିଶ୍ୱ ମ୍ୟାଲେରିଆ ଦିବସ, ବୈଶାଖ କୃଷ୍ଣ ଦ୍ୱାଦଶୀ ଯୁକ୍ତ ତ୍ରୟୋଦଶୀ ଶୁକ୍ରବାର। ରାଶିନକ୍ଷତ୍ର-ଦିବା ଘ.୦୮।୫୨ ମି. ଗତେ, ଉତ୍ତରା ଭାଦ୍ର/ମୀନ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ଦିବା ଘ.୦୫।୨୫ ଗତେ, ଘ.୦୬।୧୫ ମଧ୍ୟେ, ଘ.୦୭।୦୬ ଗତେ, ଘ.୦୮।୩୫ ମଧ୍ୟେ ଶୁଭ ଶୁଭବେଳା। ଦିବା ଘ.୧୦।୦୯ ଗତେ, ଘ.୧୧।୪୪ ମଧ୍ୟେ ରାହୁକାଳ।

# ଶିମିଳିପାଳକୁ 'ଜାତୀୟ ଉଦ୍ୟାନ' ମାନ୍ୟତା



## ଭାରତର ୧୦୭ତମ ଜାତୀୟ ଉଦ୍ୟାନ

ଭୁବନେଶ୍ୱର/ବାରିପଦା,୨୪।୪(ବନ୍ଦନା ସେଠୀ/ ନୀଳାଦ୍ରି ବିହାରୀ ଦଣ୍ଡପାଟ)

ରାଜ୍ୟ ସରକାରଙ୍କ ଐତିହାସିକ ନିଷ୍ପତ୍ତିକ୍ରମେ ଶିମିଳିପାଳକୁ ଆନୁଷ୍ଠାନିକ ଭାବେ ଜାତୀୟ ଉଦ୍ୟାନ ଘୋଷଣା କରାଯାଇଛି। ଏ ନେଇ ଗୁରୁବାର ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ୧୯୮୦ରେ ପ୍ରଥମେ ଶିମିଳିପାଳକୁ ଜାତୀୟ ଉଦ୍ୟାନ ମାନ୍ୟତା ଦେବା ପାଇଁ ପ୍ରସ୍ତାବ ଆଗତ ହୋଇଥିଲେ ମଧ୍ୟ ଦୀର୍ଘଦିନ ଧରି ମଞ୍ଜୁରୀରେ ବିଳମ୍ବ ହୋଇଆସୁଥିଲା। ତେବେ ଦୀର୍ଘ ୪୫ବର୍ଷ ପରେ ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ଏହି ଘୋଷଣା ସହିତ ଶିମିଳିପାଳ ଭାରତର ୧୦୭ତମ ଜାତୀୟ ଉଦ୍ୟାନ ରୂପେ ମାନ୍ୟତାପ୍ରାପ୍ତ ହୋଇଛି। ଭିତରକନିକା ପରେ ଓଡ଼ିଶାର ଦ୍ୱିତୀୟ ଜାତୀୟ ଉଦ୍ୟାନ ଓ ୮୪୫.୭୦ ବର୍ଗ କି.ମି. ବିଶିଷ୍ଟ ରାଜ୍ୟର ସର୍ବବୃହତ୍ ଜାତୀୟ ଉଦ୍ୟାନ ରୂପେ ଶିମିଳିପାଳ ପରିଗଣିତ ହୋଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଶିମିଳିପାଳ ଜାତୀୟ ଉଦ୍ୟାନକୁ ସର୍ବୋଚ୍ଚ ଜାତୀୟ ପରିବେଶ ସ୍ୱୀକୃତି ମିଳିବା ପରେ ଏହା ବନ୍ୟଜନ୍ତୁ ଅଭୟାରଣ୍ୟ, ବ୍ୟାଘ୍ର ପ୍ରକଳ୍ପ, ୟୁନେସ୍କୋ ସଂରକ୍ଷିତ ଜୈବମଣ୍ଡଳ, ହାତୀ ଅଭୟାରଣ୍ୟ ଆଦି ବହୁସ୍ତରୀୟ ଜୈବ ବିବିଧତାର ଗୁରୁତ୍ୱକୁ ପ୍ରତିପାଦିତ କରୁଛି। ଏହି ନୂତନ ଜାତୀୟ ଉଦ୍ୟାନ ଏବଂ ଏହାର ଆଖପାଖ ଜୈବ ବିବିଧତାକୁ ସୁରକ୍ଷିତ ରଖିବା ପାଇଁ ଜଙ୍ଗଲ ବିଭାଗ 'ଗ୍ରେଟର ଶିମିଳିପାଳ ଲ୍ୟାଣ୍ଡସ୍କେପ୍' କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରୁଛି। ଏଥିରେ ଏ.ଆଇ.ଚାଳିତ କ୍ୟାମେରା, ଟାୱାର ଓ ଟ୍ରେଲ ଗାର୍ଡ କ୍ୟାମେରା ସିଷ୍ଟମ, ଦୁର୍ଗମ ଅଞ୍ଚଳରେ ନଜର ରଖିବା ପାଇଁ ଭି-ସାଟ୍ ଯୋଗାଯୋଗ ନେଟୱର୍କ ଓ ବିଶେଷ ତାଲିମପ୍ରାପ୍ତ ପୋଲିସ କର୍ମଚାରୀ, ପୂର୍ବତନ ସୈନିକଙ୍କୁ ନେଇ ଏକ କମ୍ପାନୀ ସମର୍ପିତ ସୁରକ୍ଷା ବଳ ନିୟୋଜନ ଆଦି କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ କରାଯାଇଛି। ସେହିପରି ବାଘ ସଂଖ୍ୟା ପୁନରୁଦ୍ଧାର ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ତାଡୋବା ଅନ୍ଧେରୀ ସଂରକ୍ଷିତ ବ୍ୟାଘ୍ର ଅଭୟାରଣ୍ୟ (ମହାରାଷ୍ଟ୍ର)ରୁ ଦୁଇଟି ମାଈବାଘ ଅଣାଯାଇଛି। ୨୦୩୬ ସୁଦ୍ଧା ଶିମିଳିପାଳରେ ବାଘସଂଖ୍ୟା ୧୦୦ରେ ପହଞ୍ଚାଇବା ପାଇଁ ସରକାରଙ୍କ ପକ୍ଷରୁ ଚେଷ୍ଟା କରାଯାଉଛି, ଯାହା ଭାରତର ସଂରକ୍ଷଣ ରୋଡ୍‌ମ୍ୟାପ୍‌ରେ ଶିମିଳିପାଳର ଭୂମିକାକୁ ଆହୁରି ସୁଦୃଢ଼ କରିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ସେହିପରି ରାଜ୍ୟ ସରକାରଙ୍କ ପକ୍ଷରୁ 'ଆମ ଶିମିଳିପାଳ' ଯୋଜନାର ଶୁଭାରମ୍ଭ କରାଯାଇଛି। ଏହା ଜୀବିକା ବୃଦ୍ଧି ଏବଂ ସ୍ଥାନୀୟ ଜନଜାତି ସମ୍ପ୍ରଦାୟଙ୍କ ପାଇଁ ଦକ୍ଷତା ତାଲିମ, ପରିବେଶ-ଅନୁକୂଳ ପର୍ଯ୍ୟଟନ, ସାଂସ୍କୃତିକ ପର୍ଯ୍ୟଟନର ପ୍ରଚାର ପ୍ରସାର, ସ୍ୱାସ୍ଥ୍ୟ, ଶିକ୍ଷା ଓ ସମ୍ବଳର ଉପଲବ୍ଧତା କ୍ଷେତ୍ରରେ ଭିତ୍ତିଭୂମି ଉନ୍ନତୀକରଣ ନିମନ୍ତେ ଏକ ସମନ୍ୱିତ କାର୍ଯ୍ୟକ୍ରମରୂପେ କାର୍ଯ୍ୟ କରିବ। ଶିମିଳିପାଳ କେବଳ ଏକ ଜଙ୍ଗଲ ନୁହେଁ, ଏହା ବିରହୋର, ପାହାଡ଼ ଖଡ଼ିଆ, ଉଜିଆ, ସାନ୍ତାଳ, ମାଙ୍କିଡିଆ ଏବଂ ଖଡ଼ିଆ ପରି ଜନଜାତି ସମ୍ପ୍ରଦାୟଙ୍କ ମାତୃଭୂମି। ଏହି ଜନଜାତିର ଲୋକେ ଶହଶହ ବର୍ଷ ଧରି ଶିମିଳିପାଳରେ ପରିବେଶ ସମ୍ବନ୍ଧୀୟ ଜ୍ଞାନ ଓ ସାଂସ୍କୃତିକ ଐତିହ୍ୟକୁ ଧାରଣ କରି ରହିଛନ୍ତି। ଶିମିଳିପାଳକୁ ଜାତୀୟ ଉଦ୍ୟାନ ଭାବେ ଘୋଷଣା କେବଳ ଜୈବ ବିବିଧତାର ସଂରକ୍ଷଣ ପାଇଁ ସଫଳତା ନୁହେଁ, ବରଂ ଏହା ପ୍ରକୃତି ସହ ସହାବସ୍ଥାନ, ଜୈବିକ ସ୍ଥାୟିତ୍ୱ ଏବଂ ଭବିଷ୍ୟମୁଖୀ ଶାସନର ଏକ ପ୍ରତିଫଳନ ବୋଲି ଅଭିହିତ କରାଯାଇଛି।

### ଜୈବ ବିବିଧତାରେ ପରିପୂର୍ଣ୍ଣ ଶିମିଳିପାଳ

ଶିମିଳିପାଳ ଜୈବ ବିବିଧତାରେ ପରିପୂର୍ଣ୍ଣ ଭାରତର ଅନ୍ୟତମ ଅନନ୍ୟ ପରିବେଶ। ଏହା ୪୦ଟି ଜଙ୍ଗଲୀ ବାଘ ସମେତ ବିରଳ କଳା ବାଘଙ୍କ ପାଇଁ ବିଶ୍ୱର ଏକମାତ୍ର ବାସସ୍ଥାନ। ଓଡ଼ିଶାର ମୋଟ ହାତୀସଂଖ୍ୟାର ୨୫ପ୍ରତିଶତ ହାତୀଙ୍କର ଏହା ଆଶ୍ରୟସ୍ଥଳ। ୩୬୦ରୁ ଅଧିକ ପ୍ରଜାତିର ପକ୍ଷୀ, ୧୦୭୬ ପ୍ରକାରର ଉଦ୍ଭିଦ, ୬୦୪ ପ୍ରକାରର ଔଷଧୀୟ ବୃକ୍ଷ, ୪୫ ପ୍ରଜାତିର ସ୍ତନ୍ୟପାୟୀ ପ୍ରାଣୀ ଯଥା ଚିତାବାଘ, ସମ୍ବର, ୬୨ ପ୍ରଜାତିର ସରୀସୃପ ଏବଂ ୨୦ ପ୍ରଜାତିର ଉଭୟଚର ପ୍ରାଣୀ ଦେଖିବାକୁ ମିଳନ୍ତି। ଉତ୍ତର ଓଡ଼ିଶାରେ ପ୍ରବାହିତ ବିଭିନ୍ନ ନଦୀର ଏହା ପ୍ରମୁଖ ଅବବାହିକା। ଶିମିଳିପାଳରେ ଅବସ୍ଥିତ ଜଙ୍ଗଲଗୁଡ଼ିକ ଶାଳ, ଆର୍ଦ୍ର ପର୍ଣ୍ଣମୋଚୀ ଏବଂ ଅର୍ଦ୍ଧ-ଚିରହରିତ୍ ପ୍ରକାରର ବୃକ୍ଷର ମିଶ୍ରଣ। ଏହା ଉଦ୍ଭିଦ, ଜୀବଜନ୍ତୁ ଏବଂ ଜଙ୍ଗଲ ଉପରେ ନିର୍ଭରଶୀଳ ଜନଜାତି ସମ୍ପ୍ରଦାୟଙ୍କ ପାଇଁ ବିରଳ ଓ ସମୃଦ୍ଧ ବାସସ୍ଥାନ ସୃଷ୍ଟି କରିଛି।

### ବିକଶିତ ଭାରତ, ବିକଶିତ ଓଡ଼ିଶା କ୍ଷେତ୍ରରେ ଐତିହାସିକ ପଦକ୍ଷେପ: ମୁଖ୍ୟମନ୍ତ୍ରୀ



ଶିମିଳିପାଳକୁ ଜାତୀୟ ଉଦ୍ୟାନ ମାନ୍ୟତା ମିଳିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜ ଏକ୍ସ ଆକାଉଣ୍ଟରେ ପୋଷ୍ଟ କରି ଖୁସି ବ୍ୟକ୍ତ କରିଛନ୍ତି। ଏହି ଘୋଷଣା ବିକଶିତ ଭାରତ, ବିକଶିତ ଓଡ଼ିଶା ଆଡ଼କୁ ଏକ ଐତିହାସିକ ପଦକ୍ଷେପ। ଶିମିଳିପାଳ ଆନୁଷ୍ଠାନିକ ଭାବେ ଜାତୀୟ ଉଦ୍ୟାନର ମାନ୍ୟତା ପାଇଥିବାବେଳେ ଭାରତରେ ୧୦୭ତମ ଏବଂ ଆୟତନ ଦୃଷ୍ଟିରୁ ଓଡ଼ିଶାର ସର୍ବବୃହତ୍ ଉଦ୍ୟାନ ପାଲଟିଛି। ଏହି ଦୀର୍ଘ ପ୍ରତୀକ୍ଷିତ ଘୋଷଣା ଆମ ପରିବେଶଗତ ଐତିହ୍ୟକୁ ସୁଦୃଢ଼ କରିବା ସହ ସ୍ଥାନୀୟ ଆଦିବାସୀଙ୍କ ଆକାଂକ୍ଷାକୁ ଉନ୍ନତ କରିବ। ଏଥିସହ ସ୍ଥାୟୀ ବିକାଶ ପାଇଁ ଓଡ଼ିଶାର ପ୍ରତିବଦ୍ଧତାକୁ ପ୍ରତିପାଦନ କରିବ ବୋଲି ମୁଖ୍ୟମନ୍ତ୍ରୀଙ୍କ ଏକ୍ସ ଆକାଉଣ୍ଟରେ ଉଲ୍ଲେଖ ରହିଛି।

### ଶିମିଳିପାଳକୁ ମିଳିଲା ନୂଆ ପରିଚୟ



ଦୀର୍ଘଦିନ ଅପେକ୍ଷାର ଅନ୍ତ ଘଟିଲା। ବିଳମ୍ବରେ ହେଲେ ମଧ୍ୟ ଶିମିଳିପାଳକୁ ଜାତୀୟ ଉଦ୍ୟାନ ମାନ୍ୟତା ମିଳିବା ସ୍ୱାଗତଯୋଗ୍ୟ ପଦକ୍ଷେପ। ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ, ହସ୍ତୀ ଅଭୟାରଣ୍ୟ, ଅଭୟାରଣ୍ୟ ଓ ଜୈବ ମଣ୍ଡଳ ଥିବା ଶିମିଳିପାଳକୁ ନୂଆ ପରିଚୟ ମିଳିଛି। ଶିକାରୀ ଓ ଶିକାର ପ୍ରତି ଆଇନର କଡ଼ାକଡ଼ି ବ୍ୟବସ୍ଥା ହୋଇପାରିବ। ତେବେ ଘୋଷଣାକୁ ଠିକ୍ ଭାବେ କାର୍ଯ୍ୟକାରୀ କରି ପରିଚାଳନା କରାଗଲେ ଜାତୀୟ ଉଦ୍ୟାନର ମାନ୍ୟତା ସଫଳ ହୋଇପାରିବ। ଶିମିଳିପାଳ ମଧ୍ୟରେ ଥିବା ବକୁଆ ଗାଁକୁ ନେଇ ବିବାଦ ଦେଖାଦେବାରୁ ଜାତୀୟ ଉଦ୍ୟାନ ଘୋଷଣା ହୋଇପାରୁ ନ ଥିଲା। ତେଣୁ ଏହି ଗ୍ରାମକୁ ବାଦ୍‌ଦେଇ ବନ ବିଭାଗ ୮୪୫.୭୦ବର୍ଗ କି.ମି.କୁ ଜାତୀୟ ଉଦ୍ୟାନ ଭାବେ ଚୟନ କରିବା ସ୍ୱାଗତଯୋଗ୍ୟ ପଦକ୍ଷେପ।

– ସଂଯୁକ୍ତା ବାସା, ପରିବେଶବିତ୍

### ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବ



ଅନେକ ବର୍ଷର ଦାବି ପୂରଣ ହୋଇଥିବାରୁ ଖୁସି ଲାଗୁଛି। ଏବେ ଶିମିଳିପାଳରେ ଅନେକ ଉନ୍ନତିମୂଳକ କାର୍ଯ୍ୟ ହୋଇପାରିବ। ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବ। ଶିମିଳିପାଳକୁ ସର୍ବୋଚ୍ଚ ଉପାଧି ମିଳିଥିବାରୁ ଏହା ଦେଶବାସୀଙ୍କ ଦୃଷ୍ଟିଗୋଚର ହୋଇପାରିବ। ଫଳରେ ପର୍ଯ୍ୟଟକମାନେ ଆକୃଷ୍ଟ ହୋଇ ଅଧିକ ସଂଖ୍ୟାରେ ବୁଲିବାକୁ ଆସିବେ। ଏହାଦ୍ୱାରା ଜିଲାର ବିକାଶ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ହୋଇପାରିବ।

– ଭାନୁମିତ୍ର ଆଚାର୍ଯ୍ୟ, ଓଡ଼ିଶା ବନ ଉନ୍ନୟନ ନିଗମର ସ୍ୱାଧୀନ ନିର୍ଦ୍ଦେଶକ ତଥା ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ।

### ବହୁଦିନ ଅପେକ୍ଷାର ଫଳ



ଶିମିଳିପାଳ ଜାତୀୟ ମାନ୍ୟତା ପାଇବା ବହୁଦିନର ଅପେକ୍ଷାର ଫଳ। ଶିମିଳିପାଳର କୋର୍ ଅଞ୍ଚଳରେ ରହିଥିବା ଲୋକଙ୍କୁ ସ୍ଥାନାନ୍ତର କରାଯାଇପାରୁ ନ ଥିଲା। ମାତ୍ର ଏବେ ସ୍ଥାନାନ୍ତରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ଏହି ବିଜ୍ଞପ୍ତି ପ୍ରକାଶ ପାଇଛି। ଫଳରେ ଶିମିଳିପାଳକୁ ରାଜ୍ୟର ଏକମାତ୍ର ଜୈବ ମଣ୍ଡଳ ରୂପେ ଘୋଷଣା କରାଯାଇଛି। ଏହା ପଛରେ ଓଡ଼ିଶା ପରିବେଶ ସମିତିର ମୁଖ୍ୟ ଭୂମିକା ରହିଛି। ଅପରପକ୍ଷେ ପ୍ରତିବର୍ଷ ଜଙ୍ଗଲ ନିଆଁ, ଶିକାର ବଢ଼ି ଚାଲିଥିବାବେଳେ ଏଥିରେ ସ୍ଥାନୀୟ ଲୋକଙ୍କ ସହଯୋଗ ନେଇ ଜଙ୍ଗଲ ବିଭାଗ କାର୍ଯ୍ୟ ରହିବା ଦରକାର।

–ଜୟକୃଷ୍ଣ ପାଣିଗ୍ରାହୀ, ପରିବେଶବିତ୍

### ଶିମିଳିପାଳର ସମଗ୍ର ଅଞ୍ଚଳକୁ ମାନ୍ୟତା ମିଳୁ



୨,୭୫୦ ବର୍ଗ କି.ମି. ମଧ୍ୟରୁ ମାତ୍ର ୮୪୫.୭୦ ବର୍ଗ କି.ମି.କୁ ଜାତୀୟ ଉଦ୍ୟାନର ମାନ୍ୟତା ପ୍ରଦାନ କରାଯାଇଛି। କେବଳ କୋର୍ ଅଞ୍ଚଳକୁ ଏଥିରେ ସ୍ଥାନିତ କରାଯାଇଥିବାବେଳେ ଏହା କେବଳ ବ୍ୟାଘ୍ର ସଂରକ୍ଷିତ ଅଞ୍ଚଳ ମଧ୍ୟରେ ସୀମିତ ରହିଯାଇଛି। ମାତ୍ର ଜାତୀୟ ଉଦ୍ୟାନର ଅର୍ଥ କେବଳ ବ୍ୟାଘ୍ର ସଂରକ୍ଷିତ ଅଞ୍ଚଳ ନୁହେଁ, ବରଂ ବିସ୍ତୀର୍ଣ୍ଣ ଅଞ୍ଚଳ ହେବା ଆବଶ୍ୟକ। ସେହିପରି କୁଳଡିହା ସେଞ୍ଚୁରୀ ଏବଂ ହଦଗଡ ସେଞ୍ଚୁରୀ ଅଞ୍ଚଳକୁ ଜାତୀୟ ଉଦ୍ୟାନରେ ସାମିଲ୍ କରାଯିବା ଆବଶ୍ୟକ ଥିଲା। ତେଣୁ ଶିମିଳିପାଳର ୨,୭୫୦ ବର୍ଗ କି.ମି.କୁ ଜାତୀୟ ଉଦ୍ୟାନରେ ସାମିଲ କରାଯିବାର ଆବଶ୍ୟକତା ରହିଛି।

–ଆକାଶ ରଞ୍ଜନ ରଥ, ବନ୍ୟଜନ୍ତୁ ସଂରକ୍ଷକ

# ମହାନଦୀରେ ବୁଡ଼ି ୨ ମୃତ

କଟକ,୨୪।୪(କାର୍ତ୍ତିକ ସାହୁ)

ମହାନଦୀର ଯୋବ୍ରା ନିକଟରେ ଗାଧୋଇବା ବେଳେ ପାଣିରେ ବୁଡ଼ି ୨ଜଣଙ୍କ ମୃତ୍ୟୁ ହୋଇଯାଇଛି। ସେମାନେ ହେଲେ ଯୋବ୍ରା ନଦୀକୂଳସାହିର ସାଇ ବେହେରା(୧୪)ଓପିଙ୍କୁନୁଜେନା(୨୨)। ମାଲଗୋଦାମ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲକୁ ପଠାଇଛି। ଅପରପକ୍ଷରେ ସୌଭାଗ୍ୟ କ୍ରମେ ଅନ୍ୟ ଜଣେ ନାବାଳକ ବିଶ୍ୱଜିତ୍ ଦାସ(୧୩) ସ୍ଥାନୀୟ ଲୋକଙ୍କ ଦ୍ୱାରା ଉଦ୍ଧାର ହୋଇଛନ୍ତି।

ସୂଚନାନୁସାରେ, ଗୁରୁବାର ମଧ୍ୟାହ୍ନରେ ଯୋବ୍ରା ନଦୀକୂଳସାହିର ଉପରୋକ୍ତ ୩ଜଣ ମହାନଦୀର ଯୋବ୍ରା ନିକଟରେ ଗାଧୋଉଥିଲେ। ହଠାତ୍ ନଦୀଜଳରେ ୩ଜଣ ବୁଡ଼ି ଯାଇଥିଲେ। ସେଠାରେ ଥିବା ଲୋକେ ଏହା ଦେଖି ତୁରନ୍ତ ସେମାନଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। ଏଥିସହ ଦମକଳ ବାହିନୀକୁ ମଧ୍ୟ ଖବର ଦିଆଯାଇଥିଲା। ଲୋକମାନେ ପାଣି ଭିତରୁ ବିଶ୍ୱଜିତ୍‌ଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲେ। ମାତ୍ର ଅନ୍ୟ ୨ଜଣ ପାଣିରେ ବୁଡ଼ି ଯାଇଥିଲେ। ଚାଉଳିଆଗଞ୍ଜ ଦମକଳ ବାହିନୀ ଅପରାହ୍ନ ପ୍ରାୟ ୧ଟା ୪୦ ମିନିଟ୍ ସମୟରେ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲା। ଅଗ୍ନିଶମ ଅଧିକାରୀ ପ୍ରଭଞ୍ଜନ ସିଂହଙ୍କ ନେତୃତ୍ୱରେ ୮ଜଣ ଅଗ୍ନିଶମ କର୍ମଚାରୀ ମହାନଦୀରେ ଲାଇଫ୍ ଜ୍ୟାକେଟ ପିନ୍ଧି ଖୋଜିଥିଲେ। ଏଥିସହ ଜଣେ ସ୍କୁବା ଡାଇଭର ପାଣି ଭିତରେ ବୁଡ଼ି ଖୋଜିଥିଲେ। ବେଶ କିଛି ସମୟ ଖୋଜିବା ପରେ ୨ଜଣଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ଅଗ୍ନିଶମ କର୍ମଚାରୀମାନେ ସେଠାରେ ଉପସ୍ଥିତ ଥିବା ମାଲଗୋଦାମ ଥାନା ପୋଲିସକୁ ମୃତଦେହ ହସ୍ତାନ୍ତର କରିଥିଲେ। ସ୍ଥାନୀୟ ଲୋକଙ୍କ ସମେତ ମୃତକ ପରିବାର ଲୋକେ ପହଞ୍ଚିବା ପରେ ସେଠାରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।




# ଗୁଳି ବିନିମୟରେ ୫ ମାଓବାଦୀ ନିହତ

ମାଲକାନଗିରି, ୨୪।୪(ନୃସିଂହ ଚରଣ ମହାନ୍ତି)

ଛତିଶଗଡ଼ ଓ ତେଲଙ୍ଗାନା ସୀମାରେ ବଡ଼ ଧରଣର ମାଓବାଦୀ ଦମନ ଅଭିଯାନ ଜାରି ରହିଛି। ଛତିଶଗଡ଼ ବିଜାପୁରରେ ସୁରକ୍ଷାକର୍ମୀ ଏବଂ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ୫ ମାଓବାଦୀ ଗୁରୁବାର ନିହତ ହୋଇଛନ୍ତି। ମାଓବାଦୀଙ୍କ ମୃତଦେହ ସହ ବହୁ ସାମଗ୍ରୀ ଓ ବିସ୍ଫୋରକ ଜବତ କରାଯାଇଛି। ବିଭିନ୍ନ ସ୍ଥାନରେ ମାଓବାଦୀ ଖଞ୍ଜିଥିବା ଶତାଧିକ ଆଇଇଡି ବୋମାକୁ ଜବତ କରାଯାଇଛି। ତେବେ ମାଓବାଦୀଙ୍କ ମୃତ୍ୟୁ ସଂଖ୍ୟା ଆହୁରି ବଢିପାରେ ବୋଲି ଅନୁମାନ କରାଯାଉଛି। ଅପରେଶନରେ ବାୟୁସେନାର ହେଲିକପ୍ଟର ସାମିଲ ହୋଇଛି। ଅତ୍ୟାଧୁନିକ ଡ୍ରୋନ୍ ସହାୟତାରେ ମାଓବାଦୀଙ୍କ ଗତିବିଧି ଉପରେ ନଜର ରଖାଯାଉଛି। ତେଲଙ୍ଗାନା ଗ୍ରେହାଉଣ୍ଡ ଓ ଛତିଶଗଡ଼ ଡିଆର୍‌ଜି ଓ କୋବ୍ରା ବାହିନୀ ଅପରେଶନରେ ସାମିଲ ହୋଇଛନ୍ତି। ଆଗକୁ ଏହି ଅଞ୍ଚଳରେ ଆହୁରି ବଡ଼ ଧରଣର ଗୁଳି ବିନିମୟ ହେବାର ସମ୍ଭାବନା ରହିଥିବା ବେଳେ ମାଓବାଦୀ ନେତା ହିଡମା ଯବାନଙ୍କ ମୁଖ୍ୟ ଟାର୍ଗେଟରେ ରହିଛନ୍ତି।

# ପୋଖରୀରେ ବୁଡ଼ି ୨ ଭଉଣୀ ମୃତ

ବାସୁଦେବପୁର,୨୪।୪
(କାଳିପଦ ରାୟ/ନାରାୟଣ ପ୍ରସାଦ ବାରିକ)

ପୋଖରୀରେ ବୁଡ଼ି ୨ ଭଉଣୀଙ୍କ ଜୀବନ ଚାଲିଯାଇଛି। ଗୁରୁବାର ପୂର୍ବାହ୍ଣ ୧୧ଟା ବେଳେ ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ସାନକୃଷ୍ଣପୁର ପଞ୍ଚାୟତ ଚାନ୍ଦିମାଳ ଗାଁର ଡିହସାହିରେ ଏଭଳି ଘଟଣା ଘଟିଛି। ମୃତକ ହେଲେ ବସନ୍ତ ମଳିକଙ୍କ ଝିଅ କ୍ରିଷ୍ଣାରାଣୀ(୭) ଓ କୋଏଲ(୫)। ପରିବାର ଲୋକଙ୍କ ସୂଚନା ଅନୁଯାୟୀ, ଜେଜେମା' ଘର ପାଖ ପୋଖରୀରେ ଦୁଇ ନାତୁଣୀଙ୍କ ସହ ଗାଧୋଇ ସାରିବା ପରେ ସେମାନଙ୍କୁ ବାଡ଼ିପଟେ ଛାଡ଼ି ଦେଇ ଘର କାମ କରୁଥିଲେ। କିଛି ସମୟ ପରେ ପରିବାର ଲୋକେ କ୍ରିଷ୍ଣାରାଣୀ ଓ କୋଏଲଙ୍କୁ ଦେଖିବାକୁ ପାଇ ନ ଥିଲେ। ସେମାନେ ବହୁ ଖୋଜାଖୋଜି କରିବା ପରେ ଦୁଇଝିଅଙ୍କୁ ପୋଖରୀରୁ ଅଚେତ ଅବସ୍ଥାରେ ଉଦ୍ଧାର କରି ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ଦୁଇଜଣଙ୍କୁ ମୃତ ଘୋଷଣା କରିଥିଲେ।

# ଓଡ଼ିଶାରେ ନିର୍ମାଣ, ଟିକସ ନେଉଛି ଝାଡ଼ଖଣ୍ଡ

## ଭାରିଯାନ ଡାଲା ତିଆରିରେ ଟିକସ ଠକେଇ

ରାଉରକେଲା,୨୪।୪(ସଙ୍ଗୀତା ଜେନା)

ରାଉରକେଲା ସହରାଞ୍ଚଳରେ ଭାରିଯାନ ଡାଲା ନିର୍ମାଣରେ ବ୍ୟାପକ ଟିକସ ଠକେଇ କରାଯାଉଛି। ଓଡ଼ିଶାରେ ଗାଡ଼ି କିଣି ଡାଲା ନିର୍ମାଣ କରାଯିବା ପରେ ଝାଡ଼ଖଣ୍ଡରେ ଜିଏସ୍‌ଟି ଫାଇଲ ହେଉଛି। ଫଳରେ ଓଡ଼ିଶା ସରକାର ରାଜସ୍ୱ ହରାଉଛନ୍ତି।

ସୂଚନା ଅନୁସାରେ, ଟ୍ରେଲର, ଟ୍ୟାଙ୍କର, ଟ୍ରକ୍, ଟିପ୍ପର, ଟ୍ରାକ୍ଟର ଆଦି ଭାରିଯାନର ଡାଲା ନିର୍ମାଣ ପାଇଁ ଏଜେନ୍ସିଗୁଡିକୁ ଟ୍ରେଡ୍ ଲାଇସେନ୍ସ ଆବଶ୍ୟକ। ସେହିପରି ଏଥିପାଇଁ ମହାରାଷ୍ଟ୍ରର ପୁଣେରେ ଥିବା ଅଟୋମୋଟିଭ୍ ରିସର୍ଚ୍ଚ ଆସୋସିଏଶନ ଅଫ୍ ଇଣ୍ଡିଆ (ଏଆର୍‌ଏଆଇ) ପକ୍ଷରୁ ପ୍ରମାଣପତ୍ର ମଧ୍ୟ ଦରକାର। ହେଲେ ରାଉରକେଲା ଏବଂ ପାରିପାର୍ଶ୍ୱିକ ଅଞ୍ଚଳରେ ଏଭଳି ସ୍ୱତନ୍ତ୍ର ପଞ୍ଜୀକୃତ ଏଜେନ୍ସି ସଂଖ୍ୟା ଖୁବ୍ କମ୍। ରାଉରକେଲା ସମେତ ବେଦବ୍ୟାସ, କଳୁଙ୍ଗା, କୁଆଁରମୁଣ୍ଡା, ରାଜଗାଙ୍ଗପୁର, ମେନ୍ ରୋଡ୍‌ରେ ଭାରିଯାନ ଡାଲା ନିର୍ମାଣ ପାଇଁ ଶହେରୁ ଊର୍ଦ୍ଧ୍ୱ ଗ୍ୟାରେଜ ରହିଛି। ଡାଲା ନିର୍ମାଣ ଉପରେ ଜିଏସ୍‌ଟି ଲାଗୁ କରାଯାଇଥାଏ। ଫଳରେ ରାଜ୍ୟ ସରକାର ଟିକସ ପାଇଥାନ୍ତି। କିନ୍ତୁ ରାଉରକେଲା ସହରାଞ୍ଚଳରେ ଯେଉଁ ଡାଲାଗୁଡ଼ିକ ତିଆରି ହେଉଛି ସେସବୁର ଜିଏସ୍‌ଟି ପଞ୍ଜୀକରଣ ଝାଡ଼ଖଣ୍ଡରେ କରାଯାଉଛି। ଶ୍ରମ ଓ ସାମଗ୍ରୀ ଓଡ଼ିଶାର ହୋଇଥିବା ବେଳେ ପ୍ରତ୍ୟେକ ଡାଲା ପିଛା ମୋଟ ୨୮ପ୍ରତିଶତ ଜିଏସ୍‌ଟି ମଧ୍ୟରୁ ଝାଡ଼ଖଣ୍ଡ ନିଜସ୍ୱ ଭାଗ ପାଉଛି। ଏହାଦ୍ୱାରା ଓଡ଼ିଶା ସରକାର ବହୁ କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି। ଏ ନେଇ ପରିବହନ ବିଭାଗ ଜାଣି ମଧ୍ୟ ଚୁପ୍ ରହୁଥିବା ଅଭିଯୋଗ ହେଉଛି। ନିଜ ପରିଚୟ ଗୁପ୍ତ ରଖି ଜଣେ ଭାରିଯାନ କ୍ରେତା କହିଛନ୍ତି, ଏଭଳି ଡାଲା ନିର୍ମାଣ କରି ଜିଏସ୍‌ଟି ଫାଙ୍କିବା କ୍ଷେତ୍ରରେ ଉଭୟ ଓଡ଼ିଶା ଓ ଝାଡ଼ଖଣ୍ଡରେ କେତେଜଣ ଅସାଧୁ ବ୍ୟକ୍ତି ମିଳିତ ଭାବେ ର୍‍ୟାକେଟ ଚଳାଇଛନ୍ତି। ରାଉରକେଲାରେ ଡାଲା ନିର୍ମାଣ କରାଯାଉଥିବା ବେଳେ ଏହାକୁ କମ୍ ଦରରେ ଝାଡ଼ଖଣ୍ଡକୁ ପଠାଯାଉଛି। ପରବର୍ତ୍ତୀ ସମୟରେ ସେହି ରାଜ୍ୟରେ ଜିଏସ୍‌ଟି ଫାଇଲ କରି ଉକ୍ତ ଭାରିଯାନର କାଗଜପତ୍ର ପ୍ରସ୍ତୁତ କରାଯାଉଛି। ଉକ୍ତ କାଗଜପତ୍ର ରାଉରକେଲା ଆର୍‌ଟିଓରେ ଦାଖଲ କରି ଗାଡ଼ିର ଫିଟ୍‌ନେସ୍ ପ୍ରମାଣପତ୍ର ହାସଲ କରାଯାଉଥିବା କ୍ରେତା ଜଣଙ୍କ କହିଥିଲେ।

ଏ ସମ୍ପର୍କରେ ଆଞ୍ଚଳିକ ପରିବହନ ଅଧିକାରୀ (ଆର୍‌ଟିଓ) ବିଭାବ ଭଞ୍ଜନ ସାମନ୍ତସିଂହାରଙ୍କୁ ପଚରାଯିବାରୁ ସେ କହିଛନ୍ତି, ରାଉରକେଲା ସହରରେ ଟ୍ରକ୍ ଓ ଟିପ୍ପର ପାଇଁ ମାତ୍ର ୪/୫ଟି ଗ୍ୟାରେଜକୁ ଅନୁମତି ମିଳିଛି। ସେହିପରି ଅନ୍ୟ ସ୍ୱତନ୍ତ୍ର ଲାଇସେନ୍ସ ବେଦବ୍ୟାସର ଘରୋଇ ଗ୍ୟାରେଜକୁ ପ୍ରଦାନ କରାଯାଇଛି। ଏମ୍‌ଭିଆଇ ପକ୍ଷରୁ ବିଧିବଦ୍ଧ ଭାବେ ଯାଞ୍ଚ କରି ଭାରିଯାନଗୁଡ଼ିକୁ ଫିଟନେସ୍ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥାଏ। ବାହାର ରାଜ୍ୟରେ ପଞ୍ଜୀକରଣ ହେଲେ ଆମ ରାଜ୍ୟ ଟିକସ ହରାଉଛି। ତେବେ ଏଭଳି ଅଭିଯୋଗ ଏପର୍ଯ୍ୟନ୍ତ ଆମ ପାଖକୁ ଆସିନାହିଁ। ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସାମନ୍ତସିଂହାର କହିଥିଲେ। ସେହିପରି ସିଟି ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ବିଭାଗ ଉପାୟୁକ୍ତ ଜଗଦୀଶ ସାଙ୍କୁ ପଚରାଯିବାରୁ ସେ କହିଛନ୍ତି, ଏପରି ଅଭିଯୋଗ ଆମର ହସ୍ତଗତ ହୋଇନାହିଁ। ଯଦି ଏଭଳି ଠକେଇ ଟିକସ କରାଯାଉଥିବ ତେବେ ଏହା ତଦନ୍ତସାପେକ୍ଷ ବୋଲି ସେ କହିଛନ୍ତି।



ସେହି ଦିବ୍ୟଜନନୀ ଆମ ପୃଥିବୀର ଏଇ ଅନ୍ଧକାର ଭିତରକୁ ପ୍ରବେଶ କରିଛନ୍ତି। କାରଣ– ସେ ଏଇ ଅନ୍ଧକାର ଭିତରେ ଆଲୋକ ଜଳାଇବେ। ସେ ମଧ୍ୟ ଏହି ପାର୍ଥିବ ଜୀବନର ମିଥ୍ୟା ଓ ଭ୍ରମପ୍ରମାଦ ଭିତରେ ପ୍ରବେଶ କରିଛନ୍ତି। କାରଣ ସେ ତାକୁ ସତ୍ୟରେ ପରିଣତ କରିବେ। ସେ ମଧ୍ୟ ଏଇ ମୃତ୍ୟୁଲୋକରେ ପ୍ରବେଶ କରିଛନ୍ତି। କାରଣ ସେ ଏହାକୁ ଦିବ୍ୟଜୀବନରେ ରୂପାନ୍ତରିତ କରିପାରନ୍ତି। –ଶ୍ରୀଅରବିନ୍ଦ



# ବାଣିଜ୍ୟ ବ୍ୟବସ୍ଥାର ପୁନର୍ଗଠନ ଲୋଡ଼ା



ଜେରେମି ଆଡେଲମ୍ୟାନ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏପ୍ରିଲ ପ୍ରାରମ୍ଭରେ ଅତ୍ୟଧିକ ଟାରିଫ ବୃଦ୍ଧି କରିଥିଲେ। ଏହା ବାଣିଜ୍ୟ ଯୁଦ୍ଧକୁ ତୀବ୍ର କରିଥିଲା, ଯାହାକୁ ସେ 'ଲିବରେଶନ ଡେ' ବା ମୁକ୍ତିର ଦିନ ଭାବେ ସୂଚିତ କରିଥିଲେ। ଗତ ସପ୍ତାହରେ ସମୀକ୍ଷକମାନେ ଏହି ଦିବସକୁ ବିଶ୍ୱ ଅର୍ଥନୀତିର ଅନ୍ତିମ ଯୁଦ୍ଧ ବୋଲି ବିବେଚନା କରିଛନ୍ତି। ଟାରିଫ୍ ବୃଦ୍ଧି ଯୋଗୁ ବିତ୍ତୀୟ ବଜାରରେ ଅନିଶ୍ଚୟତା ସୃଷ୍ଟି ହୋଇଛି। ମୁକ୍ତି ଏବଂ ଅନ୍ତିମ ଯୁଦ୍ଧ ମଧ୍ୟରୁ ଯଦି ଆମେ କୌଣସିଟିକୁ ପସନ୍ଦ କରୁ, ତେବେ ତାହା ଆମର ଦୁର୍ବଳ ନିଷ୍ପତ୍ତି ବୋଲି ବୁଝିବାକୁ ହେବ। ଉଭୟ ବିଷୟ ବା କାହାଣୀ ସୂଚିତ କରୁଛି ଯେ, ଗୁରୁତ୍ୱପୂର୍ଣ୍ଣ ସୁଯୋଗ ଓ ସମୟର ଶେଷ ହେବା ସହ ଗୋଟିଏ ଯୁଗର ସମସ୍ତ କାର୍ଯ୍ୟକଳାପ, ସିଦ୍ଧାନ୍ତ ଓ ବ୍ୟବସ୍ଥାଗୁଡ଼ିକ ବଦଳିଯାଇ ଏକ ନୂଆ ଯୁଗ ଆରମ୍ଭ ହେବାକୁ ଯାଉଛି। ଟ୍ରମ୍ପଙ୍କ ସମର୍ଥକମାନଙ୍କ ପାଇଁ ଏହା ହେଉଛି ପୁରୁଣା ନିୟମ ଦ୍ୱାରା ନିୟନ୍ତ୍ରିତ ହେଉ ନ ଥିବା ଜଣେ ମୁକ୍ତିଦାତାଙ୍କର ଏକ ସାହସିକ ପଦକ୍ଷେପ, ଯିଏ କି ଆମେରିକାକୁ ବଡ଼ କରିବେ। ସମାଲୋଚକଙ୍କ ମତରେ ଏହା ହେଉଛି କ୍ଷତିର ଏକ ଦୁଃଖଦାୟକ କାହାଣୀ ଏବଂ ଏଥିରେ ଅନିଷ୍ଟକାରୀ ଚରିତ୍ରମାନଙ୍କ ପ୍ରାଧାନ୍ୟ ରହିଛି, ଯେଉଁମାନେ ଜନସାଧାରଣଙ୍କ ହିତ ପରିବର୍ତ୍ତେ ବ୍ୟକ୍ତିଗତ ସ୍ୱାର୍ଥକୁ ଗୁରୁତ୍ୱ ଦେଉଛନ୍ତି।

ଏବକାର ସଙ୍କଟକୁ ବୁଝିବାକୁ ହେଲେ ସବୁ ସୁଯୋଗ ଶେଷ ହୋଇଗଲା ବୋଲି ଧରିନେଲେ ହେବ ନାହିଁ। ବିଶ୍ୱ ବ୍ୟବସ୍ଥାର ନବୀକରଣର ଓ ପୁନର୍ଗଠନ କରିବା ଆଉ ଏକ ସୁଯୋଗ ହୋଇପାରେ। ଯଦି ଆମେ କାହାଣୀ ବଦଳାଇପାରିବା ତେବେ ଏହା ସମ୍ଭବ ହେବ। ଲିବରେଶନ ଡେ ଥିଲା ଏକ ଆଘାତ ଓ ଝଟ୍‌କା, କିନ୍ତୁ କେଉଁ ପ୍ରକାରର? କେତେକ ଝଟ୍‌କାରେ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି। ଆଉ କେତେକ ଯୋଗୁ ବ୍ୟବସ୍ଥା ପ୍ରଭାବିତ ହେଲେ ମଧ୍ୟ ତାକୁ ସମ୍ପୂର୍ଣ୍ଣ ଦୁର୍ବଳ କରିପାରିନାହିଁ। ତଥାପି କେତେକ ଝଟ୍‌କା ନବୀକରଣକୁ ମଧ୍ୟ ବାଟ ଦେଖାଇଛି। ଏବେ ଅର୍ଥନୀତି ଭୁଶୁଡ଼ି ପଡ଼ିବାର କଥା ବୋଲି କୁହାଯାଉଛି, କିନ୍ତୁ ତାହା ପରିବର୍ତ୍ତନ ହୋଇପାରେ।

ଟ୍ରମ୍ପଙ୍କ ଝଟ୍‌କାକୁ ଅନେକେ ବିଶ୍ୱବାଦ ବିରୋଧୀ ବୋଲି କହୁଛନ୍ତି, ଯାହା ବୃହତ୍ ମାନ୍ଦାବସ୍ଥା ବା ୧୯୨୯ରେ ବିଶ୍ୱ ଅର୍ଥ ବ୍ୟବସ୍ଥାର ଅଧୋଗତିର କାରଣ ହୋଇଥିଲା। କିନ୍ତୁ ସମାନ୍ତରାଳ ଭାବେ ୧୯୩୦ ଦଶନ୍ଧିରେ ବର୍ତ୍ତମାନ ତୁଳନାରେ ବିଶ୍ୱ ଅର୍ଥ ବ୍ୟବସ୍ଥା ଅଧିକ କ୍ଷତିଗ୍ରସ୍ତ ହୋଇଥିଲା, ଯେତେବେଳେ କି ଏହି ବିପର୍ଯ୍ୟୟ ଦୂର କରିବା ପାଇଁ ଖୁବ୍ କମ୍ ପଦ୍ଧତି ଥିଲା। ପ୍ରଥମ ବିଶ୍ୱଯୁଦ୍ଧ ପରେ ଆମେରିକା ବିଶ୍ୱସ୍ତରୀୟ ବ୍ୟାଙ୍କର ଭାବେ ଉଭା ହୋଇଥିଲା, କିନ୍ତୁ ଏହି ସ୍ଥିତି ଅତ୍ୟଧିକ ମୁଦ୍ରାସ୍ଫୀତି, ଆଇନର ଅଭାବ ଏବଂ ଦୁର୍ବଳ ଘରୋଇ ବ୍ୟାଙ୍କିଙ୍ଗ ବ୍ୟବସ୍ଥା ଉପରେ ଆଧାରିତ ଥିଲା।



ତେବେ ୧୯୨୯ର ବିତ୍ତୀୟ ସଙ୍କଟ ସମୟରେ ଦେବାଳିଆ ପରିସ୍ଥିତି ସୃଷ୍ଟି ହୋଇଥିଲା ଏବଂ ବେରୋଜଗାର ଦ୍ରୁତ ବୃଦ୍ଧି ପାଇ ୯ ପ୍ରତିଶତ ଛୁଇଁଥିଲା। ସେତେବେଳେ ଦେଶର ଶିଳ୍ପକୁ ବଞ୍ଚାଇବା ପାଇଁ ଆମଦାନୀ ଶୁଳ୍କ ବୃଦ୍ଧି କରାଯାଇଥିଲା ଏବଂ ହଠାତ୍ ମାନ୍ଦାବସ୍ଥା ଆସିଥିଲା। ସିନେଟର ରିଡ ସ୍ମୁଟ ଏବଂ ସଦସ୍ୟ ୱିଲିସ ହେୱେଲେ ୧୯୩୦ର ଟାରିଫ ଆଇନ ଆଗତ ପରେ ଅନିଚ୍ଛା ସତ୍ତ୍ୱେ ରାଷ୍ଟ୍ରପତି ହର୍ବର୍ଟ ହୁଭର ଏହାକୁ ଅନୁମୋଦନ କରିବା ପରେ ଆମେରିକା ଟାରିଫରେ ଅତ୍ୟଧିକ ବୃଦ୍ଧି କରିଥିଲା। ଆମେରିକାର ବାଣିଜ୍ୟ ଭାଗୀଦାରିମାନେ ମଧ୍ୟ ଏହାକୁ ଦେଖି ସମାନ ପଦକ୍ଷେପ ନେଇଥିଲେ। ଶେୟାର ବଜାର ଅକସ୍ମାତ ନିମ୍ନଗାମୀ ହୋଇଯାଇଥିଲା। ସେହି ସମୟରେ ଦେଶଗୁଡ଼ିକର ଏକ ଦୁର୍ବଳ ମେଣ୍ଟ ଦ୍ୱାରା ପରିଚାଳିତ ଅନ୍ତର୍ଜାତୀୟ ବାଣିଜ୍ୟ ବ୍ୟବସ୍ଥା ଶେଷ ହେବାର ମାତ୍ର ଦୁଇ ଦିନ ମଧ୍ୟରେ ଆମେରିକାର ବେରୋଜଗାର ୨୩ ପ୍ରତିଶତରେ ପହଞ୍ଚିଥିଲା। ଆର୍ଥିକ କ୍ଷେତ୍ରରେ ଏଭଳି ପାଗଳପଣ ବା ମୂର୍ଖତା ପାଇଁ ସ୍ମୁଟ–ହାୱେଲେ ସେବେଠାରୁ ଏକ ସାଙ୍କେତିକ ଶବ୍ଦ ହୋଇଯାଇଛି। ୧୯୪୫ରୁ ଅନେକ ଆର୍ଥିକ ଉତ୍ଥାନ ପତନ ମଧ୍ୟରେ ଏଭଳିସବୁ ପଦ୍ଧତିକୁ ଅନୁସରଣ ଓ ନବୀକରଣ କରାଯାଇ ଆସିଛି। ତେବେ ବିତ୍ତୀୟ ଏବଂ ବିଶ୍ୱ ସ୍ୱାସ୍ଥ୍ୟ, ସୁରକ୍ଷା ଏବଂ ସାମାଜିକ ସଚେତନତା କ୍ଷେତ୍ରରେ କ'ଣ ସବୁ ଘଟିଛି।

ଗ୍ରେଟ୍ ଡିପ୍ରେସନ ବିପର୍ଯ୍ୟୟ କାହାଣୀକୁ ସାମ୍ନାକୁ ଆଣିଥିବାବେଳେ ଆଉ ଏକ ମୁଖ୍ୟ କାହାଣୀ ଏହାଠାରୁ ଆହୁରି ବିପଜ୍ଜନକ। କାରଣ ଯେତେବେଳେ ପ୍ରଳୟର ସ୍ୱର କର୍କଶ ହୋଇଯିବା ପରେ ଏହା ସାଧାରଣତଃ ଆରମ୍ଭ ହୁଏ। ଏହା ହେଉଛି 'ମଡ୍‌ଲିଙ୍ଗ୍ ଥ୍ରୁ'ର କାହାଣୀ, ଯାହା ବିନା ବିଶେଷଜ୍ଞ, ଯୋଜନା ଓ ସାଧନରେ ଏକ ସନ୍ତୋଷଜନକ ପଦ୍ଧତି ଓ ଏହାକୁ କ୍ରାଇସିସ୍ ମ୍ୟାନେଜରମାନେ ଅଧିକ ସମର୍ଥନ କରନ୍ତି। ଏହି ପଦ୍ଧତି ବିଜ୍‌ନେସ୍‌କୁ ପୂର୍ବରୁ ଯେଉଁଭଳି ରହିଥିଲା ସେହି ସ୍ତରକୁ ଆଣିବାକୁ ଚାହିଁଥାଏ। ବାଣିଜ୍ୟ ଭାଗୀଦାରିମାନେ ହ୍ୱାଇଟ୍ ହାଉସ୍‌ରେ ଚୁକ୍ତି କରିବା ପାଇଁ ଲାଇନ ଲଗାଉଥିବାରୁ ଏହା ହେବାକୁ ଯାଉଥିବା ଦେଖାଗଲାଣି।

୨୦୦୮ ଆର୍ଥିକ ସଙ୍କଟ ସମୟରେ ମଡ୍‌ଲିଙ୍ଗ ଥ୍ରୁ ଘଟିଥିଲା। ପ୍ରଥମେ ବିଶେଷଜ୍ଞମାନେ ସତର୍କ କରିଦେଇଥିଲେ ଯେ, ୧୯୨୯ ଘଟଣାର ପୁନରାବୃତ୍ତି ଘଟିବ। କିନ୍ତୁ ବିଶ୍ୱର ଅର୍ଥ ବ୍ୟବସ୍ଥାକୁ ପରିଚାଳନା କରୁଥିବା ବ୍ୟକ୍ତିଙ୍କ ନିକଟରେ ମାନ୍ଦାବସ୍ଥା ଟାଳିବାକୁ ଉପାୟ ଥିଲା। ସେତେବେଳେ ସୃଷ୍ଟି ହୋଇଥିବା ସ୍ଥିତିକୁ ବିଶେଷଜ୍ଞମାନେ 'ଷ୍ଟାଟସ କୋ କ୍ରାଇସିସ' ଭାବେ ନାମିତ କରିଥିଲେ; ଯେଉଁଥିରେ ଅନେକ ଲକ୍ଷ ଘରମାଲିକ, ଗ୍ରୀକ୍ସ ଏବଂ ୟୁକ୍ରେନୀୟଙ୍କ ଉପରେ ପଥକର ଲାଗୁ କରାଯାଇଥିଲା। କିନ୍ତୁ ବ୍ୟବସ୍ଥାଗତ ସୁଧାର ଉପରେ ଗୁରୁତ୍ୱ ଦିଆଯାଇ ନ ଥିଲା। ଏହି ଘଟଣାରେ ଅର୍ଥ ବ୍ୟବସ୍ଥାରେ ବୃତ୍ତିଗତ ପରିଚାଳକମାନେ ସୁଧାରକୁ ଆଗକୁ ବଢ଼ାଇବା ଲାଗି ଶସ୍ତା ଋଣ ଓ ଶସ୍ତା ଶକ୍ତି ତଥା ପ୍ରାକୃତିକ ଗ୍ୟାସ୍ ଉପରେ ଭରସା କରିଥିଲେ। ମଡ୍‌ଲିଙ୍ଗ ଥ୍ରୁ ପ୍ରଥମରୁ ପ୍ରଭାବଶାଳୀ ଦେଖାଗଲେ ମଧ୍ୟ ଏହା ମୂଳ ସମସ୍ୟାକୁ ସମାଧାନ କରିବାରେ ବିଫଳ ହୋଇଥାଏ। ୨୦୦୮ ପରେ ଜଗତୀକରଣରେ ଯୋଜନା ଓ ରଣନୀତିରେ ପରିବର୍ତ୍ତନ ଆବଶ୍ୟକ ଥିଲା। ଏହାକୁ ଅଧିକ ସ୍ୱଚ୍ଛ ଓ ସମାବେଶୀ କରିବା ପାଇଁ ବୈଶ୍ୱିକ ଚୁକ୍ତିର ନବୀକରଣ ଦରକାର ଥିଲା। କିନ୍ତୁ ତାହା ହୋଇପାରି ନ ଥିଲା। ମଡ୍‌ଲିଙ୍ଗ ଥ୍ରୁ ୨୦୧୬ ପର୍ଯ୍ୟନ୍ତ କାମ କରିଥିଲା। କିନ୍ତୁ କୋଭିଡ୍ ମହାମାରୀ ସମୟରେ ବିଶ୍ୱର ପ୍ରତିଷ୍ଠିତ ନେତାମାନଙ୍କ ପାଇଁ ଏହି ନୀତି ଲାଗୁ କରିବାକୁ ସୁଯୋଗ ରହିଲା ନାହିଁ। ସେବେଠାରୁ ବିଶ୍ୱନେତାଙ୍କ ପାଇଁ ଏହାର ଯଥାର୍ଥତା ଶେଷ ହୋଇଯାଇଛି।

ତେବେ ଆମେ ଶହେବର୍ଷର ପୁରୁଣା ଭୁଲ୍‌ର ପୁନରାବୃତ୍ତି କରି ଏକ ସଙ୍କଟକୁ ପତନରେ ପରିଣତ କରିବାକୁ ଚାହୁଁଛୁ କି? ଆମେ ପୁନର୍ବାର ଏବେ ମଡ୍‌ଲିଙ୍ଗ ଥ୍ରୁର ନିକଟତର ହେବାକୁ ଯାଉଛୁ କି? କାହାଣୀର ନବୀକରଣ ବିଫଳ ହୋଇଥିଲେ ବି ଇତିହାସରେ ଏଭଳି ଅଭିଯାନ ସବୁ ପରିପୂର୍ଣ୍ଣ ହୋଇ ରହିଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ସାମ୍ରାଜ୍ୟଗୁଡ଼ିକର ପତନ କରି ନୂଆ ବୈଶ୍ୱିକ ବ୍ୟବସ୍ଥା ଗଠନ କରିଥିଲା। ଟ୍ରମ୍ପଙ୍କ ଉତ୍ଥାନର ବହୁ ପୂର୍ବରୁ ଏହି ବିଶ୍ୱ ବ୍ୟବସ୍ଥାରେ ସମସ୍ୟା ରହିଥିଲା। ଏବେ ଆଣବିକ ପ୍ରସାର ପୁଣି ହୋଇଛି। ଅସମାନତା ବଢ଼ିଲା, ସବୁଜଗୃହ ବାଷ୍ପ ନିର୍ଗମନ ରୋକିବା ଚୁକ୍ତିଗୁଡ଼ିକରେ ବାଧା ସୃଷ୍ଟି କରାଯାଇଛି ଏବଂ ବୈଶ୍ୱିକ ବାଣିଜ୍ୟ ବ୍ୟବସ୍ଥା କ୍ଷମତାଶୂନ୍ୟ ହୋଇଯାଇଛି। ଦୋହା ବାଣିଜ୍ୟ ଚୁକ୍ତି ଶେଷ ହୋଇଗଲା। ବିଶ୍ୱ ବାଣିଜ୍ୟ ସଂଗଠନର ଚୁକ୍ତି କାମ କଲାନାହିଁ। ଯଦି ଆମେ ଏହି ତ୍ରୁଟିପୂର୍ଣ୍ଣ ଆନ୍ତଃ ନିର୍ଭରଶୀଳତା ସହ ସାଲିସ କରିବା ତେବେ ଆମେ ପୁନର୍ବାର ୨୦୦୮ର ପଦ୍ଧତିକୁ ଫେରିଯିବା। ଲିବରେଶନ ଡେ ପୂର୍ବରୁ ବିଶ୍ୱ ବାଣିଜ୍ୟ ବ୍ୟବସ୍ଥାରେ ନବୀକରଣ ବା ପୁନର୍ଗଠନ ଦରକାର। ଏହା ଯେତେଶୀଘ୍ର ହେଲେ ସେତେ ଭଲ ହେବ। ଏହି ପୁନର୍ଗଠନ ସୃଜନଶୀଳ ବିଚାରରୁ ଆରମ୍ଭ ହେବା ଆବଶ୍ୟକ।

**ଡାଇରେକ୍ଟର, ଗ୍ଲୋବାଲ ହିଷ୍ଟ୍ରି ଲାବ୍, କେମ୍ବ୍ରିଜ ୟୁନିଭର୍ସିଟି**

## ଏଇ ଭାରତରେ

୫୦୦ ବର୍ଗଫୁଟ ଜାଗାରେ ପରିବା ଚାଷ କରି କେରଳର ପଦ୍ମା ସୁରେଶ ପରିବାରର ଆବଶ୍ୟକତା ପୂରଣ କରିବା ସହ ବଳକା ପରିବା ବଜାରରେ ବିକ୍ରି କରୁଛନ୍ତି । ସେ ପରିବା ବିକ୍ରି କରି ମାସକୁ ୫,୦୦୦ ଟଙ୍କା ସଞ୍ଚୟ କରିପାରୁଛନ୍ତି। ୨୦୦ ଗ୍ରୋ–ବ୍ୟାଗରେ ସେ ଲଙ୍କା, ଚେରି ଟମାଟୋ, ବିନ୍ସ, କାକୁଡ଼ି, ବାଇଗଣ, ଭେଣ୍ଡି ଓ ଶୀତଦିନେ କୋବି ଆଦି ୨୦ ପ୍ରକାର ପରିବା ଚାଷ କରୁଛନ୍ତି। ଏହି ଚାଷ ସମ୍ପୂର୍ଣ୍ଣ ଜୈବିକ ପଦ୍ଧତିରେ କରୁଛନ୍ତି। ସେ ପରିବାର ପାଇଁ କେବଳ ଆଳୁ, ରସୁଣ, ପିଆଜ, ହଳଦୀ ବଜାରରୁ କିଣୁଛନ୍ତି। ପଦ୍ମା ପ୍ରତି ରବିବାର ପରିବା ବିକ୍ରି କରିବାକୁ ବଜାରକୁ ଯାଉଛନ୍ତି। ସେ ଏହି ଚାଷ ପାଇଁ ଜୈବିକ ଖତ ଓ କୀଟନାଶକ ବ୍ୟବହାର କରୁଛନ୍ତି। ଏହାକୁ ପଦ୍ମା ନିଜେ ପ୍ରସ୍ତୁତ କରୁଛନ୍ତି। ପଦ୍ମାଙ୍କ ବୟସ ଏବେ ୪୮। ସେ ପିଲାଦିନେ ସ୍କୁଲରେ ପଢ଼ିବା ସମୟରେ ତାଙ୍କ ପିତାଙ୍କ ସହ ବହୁ ସମୟ କୃଷିରେ କଟାଉଥିଲେ। କୃଷି ପ୍ରତି ଆଗ୍ରହ ସେହି ସମୟରୁ ସୃଷ୍ଟି ହୋଇଥିଲା ଓ ବିବାହ କରିବା ପରେ ଅଗଣାରେ ଗ୍ରୋ–ବ୍ୟାଗରେ ଚାଷ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୨୫ ଏପ୍ରିଲ ୧୯୭୬

- ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ୨୦ ଦଫା ଅର୍ଥନୈତିକ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ରାଜ୍ୟ ସରକାର ସାଧାରଣ ଲୋକଙ୍କ ଦ୍ୱାରା ବ୍ୟବହୃତ କେତେକ ଜିନିଷପତ୍ର ଉପରୁ ବିକ୍ରି ଟିକସ ଛାଡ଼ କରିଛନ୍ତି।
- ନାଗପୁର ବିଶ୍ୱବିଦ୍ୟାଳୟର ପ୍ରତ୍ନତତ୍ତ୍ୱ ବିଭାଗର ମୁଖ୍ୟ ଅଜୟ ମିତ୍ର ଶାସ୍ତ୍ରୀଙ୍କ ତତ୍ତ୍ୱାବଧାନରେ ଉମର ତହସିଲର ମଣ୍ଡଳ ନାମକ ଗ୍ରାମରେ ଖନନ କରାଯାଇ ୪ର୍ଥ, ୫ମ ଶତାବ୍ଦୀର ଶିବ ମନ୍ଦିରର ଅଂଶବିଶେଷ ଓ ତାମ୍ରଲିପି ଆବିଷ୍କୃତ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | | | | 1 | | 8 | | |
| | | | | | | | 7 | |
| | | | | 9 | | | 3 | |
| 7 | | | | 4 | 2 | | | 1 |
| 9 | 2 | 4 | | | | | | 7 |
| | 1 | | | | 7 | 6 | | |
| | | 2 | | | | | | |
| | | 5 | 3 | | 4 | | 2 | |
| 3 | 4 | | | | 1 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 6 | 2 | 9 | 4 | 1 | 3 | 5 | 8 |
| 5 | 9 | 8 | 3 | 6 | 7 | 1 | 4 | 2 |
| 4 | 1 | 3 | 5 | 8 | 2 | 7 | 6 | 9 |
| 8 | 4 | 7 | 6 | 2 | 5 | 9 | 3 | 1 |
| 2 | 5 | 9 | 1 | 3 | 8 | 6 | 7 | 4 |
| 1 | 3 | 6 | 4 | 7 | 9 | 8 | 2 | 5 |
| 3 | 2 | 1 | 8 | 5 | 6 | 4 | 9 | 7 |
| 9 | 7 | 4 | 2 | 1 | 3 | 5 | 8 | 6 |
| 6 | 8 | 5 | 7 | 9 | 4 | 2 | 1 | 3 |

ଗତକାଲିର ଉତ୍ତର

# ସଂସାରର ବିଜ୍ଞାନ ତତ୍ତ୍ୱ



ଡ.ନରେନ୍ଦ୍ର ସେଠୀ

ଆମେ ଆମ ଚାରିପାଖରେ ଯେଉଁସବୁ ଘଟଣା ଦେଖୁଛେ ତାହା ସବୁ ବିଜ୍ଞାନର କିଛି ମୌଳିକ ନିୟମ ଅନୁସାରେ ଘଟିଥାଏ । ସୂର୍ଯ୍ୟଙ୍କ ଉଦୟ ଏବଂ ଅସ୍ତ ହେବା, ଋତୁ ପରିବର୍ତ୍ତନ ହେବା, ଗାଡ଼ିରେ ବ୍ରେକ୍ ମାରିବା ପରେ କିଛି ବାଟ ଯାଇ ଅଟକିବା, ବଟିକା ଖାଇବା ଦ୍ୱାରା ମୁଣ୍ଡ ବିନ୍ଧା ଠିକ୍ ହେବା, ଉଡ଼ାଜାହାଜ ନିରାପଦରେ ଅବତରଣ କରିବା ଇତ୍ୟାଦି ସବୁ ବିଜ୍ଞାନର ନିୟମ ଅନୁସାରେ ହୋଇଥାଏ। ଏହିସବୁ ନିୟମ ହେଲା ମାଧ୍ୟାକର୍ଷଣ ନିୟମ, ଶକ୍ତି ସଂରକ୍ଷଣ ନିୟମ, ସଂବେଗ ସଂରକ୍ଷଣ ନିୟମ, ଗତି ଓ ଉଷ୍ମଗାତିକ ନିୟମ। ଏହିସବୁ ନିୟମ ପଦାର୍ଥ ବିଜ୍ଞାନର ଶାସ୍ତ୍ରୀୟ ନିୟମ । ଧରନ୍ତୁ ଆପଣ ଜଣେ ବ୍ୟକ୍ତି ଓ ଆପଣଙ୍କ ବୟସ ୪୫ ବର୍ଷ କିନ୍ତୁ ଯଦି ଏକ ଶକ୍ତିଶାଳୀ ଅଣୁ ବୀକ୍ଷଣ ଯନ୍ତ୍ର ନେଇ ଆପଣଙ୍କ ଶରୀରକୁ ନିରୀକ୍ଷଣ କରାଯାଏ, ତା'ହେଲେ ଆପଣଙ୍କ ଦେହରେ ୫୦ ଲକ୍ଷ କୋଟି କୋଷ ପରସ୍ପର ସହିତ ତାଳ ଦେଇ ଅନେକ କାର୍ଯ୍ୟ କରୁଛନ୍ତି । ଆହୁରି ତର୍ଜମା କଲେ ପାଇବେ ଗୋଟିଏ କୋଷ ଭିତରେ ୨୦ ଲକ୍ଷ କୋଟି ପରମାଣୁ ଅଛି । ଏଣୁ ଆପଣ ଜଣେ ୪୫ ବର୍ଷ ବ୍ୟକ୍ତି ବଦଳରେ ଅନେକ ଅଲଗା ଅଲଗା କାର୍ଯ୍ୟ କରି ଶରୀରକୁ ରୂପ ଦେଇଥିବା ୧୦୦୦ ଲକ୍ଷ କୋଟି ପରମାଣୁର ଏକ ବାସସ୍ଥାନ। ଯଦି ବିଜ୍ଞାନ ଦୃଷ୍ଟିରେ ଆହୁରି ସୂକ୍ଷ୍ମ ରୂପରେ ଦେଖାଯାଏ ତା'ହେଲେ ପ୍ରତ୍ୟେକ ପରମାଣୁ ଭିତରେ ଇଲେକ୍ଟ୍ରୋନିକ ପ୍ରୋଟୋନ ଅଛନ୍ତି ଓ ଏସବୁ ଆଲୋକ ବେଗରେ ଗତି କରୁଛନ୍ତି। ଅର୍ଥାତ୍ ଆମର ଶରୀର ଆଲୋକ ବେଗରେ ଗତି କରୁଥିବା ସୂକ୍ଷ୍ମ ଶକ୍ତିଶାଳୀ କଣିକାଗୁଡ଼ିକର ସମାହାର। ଯଦିଓ ଆମ ଚାରିପଟର ସଂସାର ଏହି ଶାସ୍ତ୍ରୀୟ ପଦାର୍ଥ ବିଜ୍ଞାନର ନିୟମ ଅନୁସାରେ ଚାଳିତ, ଆଶ୍ଚର୍ଯ୍ୟ କଥା ହେଲା ସଂସାରର ଯେଉଁ ଛୋଟ ଛୋଟ କଣିକା ଦ୍ୱାରା ନିର୍ମିତ ଯେମିତିକି କାର୍କ, ଫୋଟୋନ, ଇଲେକ୍ଟ୍ରୋନ, ପ୍ରୋଟୋନ, ନିୟୁଟ୍ରୋନ ଏହି ଶାସ୍ତ୍ରୀୟ ନିୟମକୁ ମାନନ୍ତି ନାହିଁ।

ଶାସ୍ତ୍ରୀୟ ପଦାର୍ଥ ବିଜ୍ଞାନ ଅଣୁ ପରମାଣୁ ସ୍ତରରେ ଅକାମୀ ହୋଇଯାଏ। ଏହିସବୁ ଛୋଟ ଛୋଟ କଣିକା କ୍ୱାଣ୍ଟମ ବିଜ୍ଞାନ ଦ୍ୱାରା ପରିଚାଳିତା କ୍ୱାଣ୍ଟମ ପଦାର୍ଥ ବିଜ୍ଞାନ ଆଧୁନିକ ଯୁଗର ଏକ ସଦ୍ୟତମ ଓ ରହସ୍ୟମୟ ବିଜ୍ଞାନ। ଏହି ବିଜ୍ଞାନ ଅନୁସାରେ ବିଶ୍ୱର ସମସ୍ତ ପଦାର୍ଥ ତରଙ୍ଗ ଭଳି ବ୍ୟବହାର କରନ୍ତି । ତାହାର ମାନେ ହେଲା ଆମେ ଯେତେ ସବୁ ଜିନିଷ ଦେଖୁଛେ ସବୁ ତରଙ୍ଗମୟ ଓ ସବୁ ଜିନିଷର ପାଣିର କିମ୍ବା ପବନର ଢେଉ ସଦୃଶ ଏକ ନିର୍ଦ୍ଦିଷ୍ଟ ତରଙ୍ଗ ଦୈର୍ଘ୍ୟ ଅଛି। ତରଙ୍ଗ ହେଲା ଏକ ଅଶାନ୍ତ ଅବସ୍ଥା ଯାହା ପଦାର୍ଥ, ପବନ କିମ୍ବା ପାଣିରେ ଶକ୍ତିକୁ ନେଇ ଯାତ୍ରା କରିଥା । ପାଣିର ଢେଉ, ଶବ୍ଦ ତରଙ୍ଗ, ରେଡିଓ ତରଙ୍ଗ ଇତ୍ୟାଦି ସବୁ ଏକ ଏକ ତରଙ୍ଗ ଅଟନ୍ତି। ୧୭୦୪ ରେ ଆଇଜାକ ନିୟୁଟନ 'ଅପ୍ଟିକ' ନାମକ ଏକ ପୁସ୍ତକ ରଚନା କରି କହିଲେ, ଆଲୋକ ହେଉଛି କଣିକାମାନଙ୍କର ଏକ ସମୂହ। ଏହାର ଠିକ୍ ଶହେ ବର୍ଷ ପରେ ୧୮୦୧ରେ ଥୋମାସ ୟଙ୍ଗ ନାମକ ଆଉଜଣେ ବୈଜ୍ଞାନିକ ତାଙ୍କର ବିଶ୍ୱ ପ୍ରସିଦ୍ଧ 'ଡବଲ ସ୍ଲିଟ ପରୀକ୍ଷା' ଦ୍ୱାରା ଆଲୋକ ଏକ ତରଙ୍ଗ ବୋଲି ପ୍ରମାଣିତ କରିଦେଲେ। ତେଣୁ ଆଲୋକକୁ କଣିକା ପରିବର୍ତ୍ତେ ତରଙ୍ଗର ବୋଲି ବିଜ୍ଞାନ ମାନିବାକୁ ବାଧ ହେଲା। କିନ୍ତୁ ଏହାର ଶହେ ବର୍ଷ ପରେ ଆଲବର୍ଟ ଆଇନଷ୍ଟାଇନ ତାଙ୍କର ଯୁଗାନ୍ତକାରୀ ଗବେଷଣାକୁ ୧୯୦୫ ରେ ପ୍ରକାଶିତ କରି ଚହଳ ସୃଷ୍ଟି କରିଦେଲେ। ସେ ପରୀକ୍ଷା କରି ପ୍ରମାଣିତ କରିଦେଲେ ଯେ ଆଲୋକ ଯଦି କୌଣସି ଧାତୁ ଉପରେ ପଡ଼େ ତା'ହେଲେ ଏହା ଧାତୁର ପରମାଣୁରୁ ଇଲେକ୍ଟ୍ରୋନଗୁଡ଼ିକୁ ବାହାର କରିବାରେ ସକ୍ଷମ ହୋଇଥାଏ। ଆଲୋକର କଣିକା ଧାତୁର ଅଣୁକୁ ଶକ୍ତି ପ୍ରଦାନ କରିବାରୁ ଏହିପରି ହୋଇଥାଏ ଓ ଏହାକୁ 'ଫଟୋ ଇଲେକ୍ଟ୍ରିକ ଇଫେକ୍ଟ' କୁହାଯାଏ। ଆଇନଷ୍ଟାଇନ ଏଥିପାଇଁ ନୋବେଲ ପୁରସ୍କାର ପାଇଲେ ଓ ଆଲୋକ ଉଭୟ ଆଲୋକ ଓ କଣିକାର ପ୍ରକୃତି ବହନ କରେ ବୋଲି ବିଜ୍ଞାନ ମାନିବାକୁ ବାଧ ହେଲା। କିନ୍ତୁ ୧୯୬୪ରେ କ୍ଲସ ଜନ୍‌ସନ ନାମକ ଜଣେ ବୈଜ୍ଞାନିକ ଇଲେକ୍ଟ୍ରୋନ ମଧ୍ୟ ଆଲୋକ ପରି ଉଭୟ କଣିକା ଓ ତରଙ୍ଗ ଭାବରେ ବ୍ୟବହାର କରେ ବୋଲି ପ୍ରମାଣିତ କରିଦେଲେ। ତାଙ୍କ ଗବେଷଣାରେ ଜଣାପଡ଼ିଲା ଯେ ଇଲେକ୍ଟ୍ରୋନକୁ ଦେଖିଲେ ତାହା କଣିକା ପରି ଓ ନ ଦେଖିଲେ ତାହା ତରଙ୍ଗ ପରି ବ୍ୟବହାର କରୁଅଛି । ଏହା ବିଶ୍ୱର ସମସ୍ତ ବୈଜ୍ଞାନିକଙ୍କୁ ଆଶ୍ଚର୍ଯ୍ୟ କଲା ଓ ଏହାକୁ ପର୍ଯ୍ୟବେକ୍ଷକ ପ୍ରଭାବ କୁହାଗଲା।



ବିଜ୍ଞାନର ଏହି ତଥ୍ୟ କ୍ୱାଣ୍ଟମ ପଦାର୍ଥ ବିଜ୍ଞାନକୁ ଜନ୍ମ ଦେଇଥିଲା। ପରେ ଜଣାଗଲା ବିଶ୍ୱର ସବୁ ସୂକ୍ଷ୍ମ କଣିକା ଯେମିତିକି ପ୍ରୋଟୋନ, ନିୟୁଟ୍ରୋନ ସମସ୍ତେ ତରଙ୍ଗ ଭଳି ପ୍ରକୃତି ଧାରଣ କରନ୍ତି। ତାହାର ମାନେ ହେଲା ଏହି ସଂସାର ଯେଉଁ ସୂକ୍ଷ୍ମ ତତ୍ତ୍ୱ ଦ୍ୱାରା ନିର୍ମିତ ସେସବୁ ଏକା ସମୟରେ ତରଙ୍ଗ ଓ କଣିକା। ପର୍ଯ୍ୟବେକ୍ଷକ ପ୍ରଭାବ ଅନୁସାରେ ସଂସାରର ସବୁ ଜିନିଷ ତରଙ୍ଗ ଭଳି ବ୍ୟବହାର କରନ୍ତି ଓ ଏହାକୁ ଦେଖିଲା ମାତ୍ରେ ପଦାର୍ଥ କଣିକା ପରି ବ୍ୟବହାର କରିଥାଏ। କ୍ୱାଣ୍ଟମ ବିଜ୍ଞାନରେ ପଦାର୍ଥର ଏହି ଗୁଣର ପ୍ରକୃତ କାରଣକୁ ଏପର୍ଯ୍ୟନ୍ତ ପାଇପାରିନାହିଁ।

ବିଜ୍ଞାନର ଏହି ତଥ୍ୟ ଆଉ ଏକ ରହସ୍ୟ ଉନ୍ମୋଚନ କଲା ଯେ ଆମର ଚାରିପାଖର ଦୁନିଆକୁ ଯେପର୍ଯ୍ୟନ୍ତ ଆମେ ନ ଦେଖୁଛେ ସେ ପର୍ଯ୍ୟନ୍ତ ତାହା ବୋଧେ ସେଠି ନ ଥାଏ। କ୍ୱାଣ୍ଟମ ପଦାର୍ଥ ବିଜ୍ଞାନର ତତ୍ତ୍ୱ ଅନୁସାରେ ଏହିସମଗ୍ର ସଂସାର ସୂକ୍ଷ୍ମ ସ୍ତରରେ ଶକ୍ତିତରଙ୍ଗମାନଙ୍କ ଦ୍ୱାରା ନିର୍ମିତ ଓ ଯେବେ କେହି ଏହି ତରଙ୍ଗମାନଙ୍କୁ ଦେଖିବାକୁ ଚେଷ୍ଟା କରେ ଏହି ଶକ୍ତି ତରଙ୍ଗ ପଦାର୍ଥର ରୂପ ଧାରଣ କରିନେଇଥାଏ। ଏହାର ଅର୍ଥ ହେଲା ସମଗ୍ର ବିଶ୍ୱ ଏକ ମିଥ୍ୟା ପ୍ରହେଳିକାପୂର୍ଣ୍ଣ ଓ ଯାହା ଆମେ ଦେଖୁଛେ ଓ ଅନୁଭବ କରୁଛେ ସବୁ ମିଛ । ଅନ୍ୟ ଅର୍ଥରେ ବାସ୍ତବିକତା ଏକ ଭ୍ରମ ମାତ୍ର ଓ ଏହା କେବେବେଳ ସତ ଲାଗେ ଆମେ ଯେତେବେଳ ଏହାକୁ ଦେଖୁ । ଅର୍ଥାତ୍ ଆମ ଦେଖିବା ଓ ନ ଦେଖିବା ଉପରେ ଜିନିଷର ଅବସ୍ଥିତି ନିର୍ଭର କରେ ବା ଆମେ ନ ଦେଖିଲା ସମୟରେ ହୁଏତ ଜିନିଷ ଭଳି କିଛି ବସ୍ତୁ ନ ଥାଏ। କ୍ୱାଣ୍ଟମ ପଦାର୍ଥ ବିଜ୍ଞାନର ଏହି ତଥ୍ୟ ଅନୁସାରେ ସଂସାରର ସବୁ ଜିନିଷ ମିଛ ବା ମାୟା ସଦୃଶ। ଆଧୁନିକ ବିଜ୍ଞାନର ତିନିଶହ ବର୍ଷର ଗବେଷଣା ହିନ୍ଦୁ ଧର୍ମଶାସ୍ତ୍ରର ଅନେକ ବର୍ଷ ତଳୁ ଉଲ୍ଲେଖ ଅଛି ଛାନ୍ଦୋଗ ଉପନିଷଦ, ଋଗ୍ ବେଦ, ଯଜୁର୍ବେଦ ଓ ବ୍ରହ୍ମ ସଂହିତା ଇତ୍ୟାଦିରେ ସମଗ୍ର ସଂସାର ଶବ୍ଦ ଶକ୍ତିରୁ ଉତ୍ପନ୍ନ ବୋଲି କୁହାଯାଏ। ଭଗବଦ୍ ଗୀତାର ୨୬ ଅଧ୍ୟାୟର ୩୨ ତମ ଶ୍ଳୋକରେ କୁହାଯାଇଛି 'ଶବ୍ଦମାତ୍ରମ ଭୂତସ୍ମାନ୍ନଭଃ' ଯାହାର ଅର୍ଥ ହେଲା ଶବ୍ଦ ତରଙ୍ଗ ଯୋଗୁ ସଂସାରରେ ସବୁ ପଦାର୍ଥର ସୃଷ୍ଟି ହୋଇଛି। ବିଜ୍ଞାନ ଓ ଅଧ୍ୟାତ୍ମ କେବେ ଅଲଗା ହୋଇ ନ ପାରେ।

**ଯାଦୁଗୁଡ଼ା, ଝାଡଖଣ୍ଡ**
**ମୋ:୭୦୦୪୦୬୮୧୧୦**

# କେହି କାହାରିକୁ ଶିଖାନ୍ତି ନାହିଁ



ନଗେନ୍ଦ୍ର ନାଥ ପଟ୍ଟନାୟକ

ଗୁରୁ ଟିକିଏ ନିଶ୍ଚୁପ ହୋଇ ନବାଗତଙ୍କ ଆଡ଼େ ଦୃଷ୍ଟିପାତ କରୁଥିଲେ। କିଛିକ୍ଷଣ ପରେ ନୀରବତା ଭଙ୍ଗ କରି ଗୁରୁ କହିଲେ– ବତ୍ସ! ତୁମେ ମୋ ପାଖକୁ ଆସିଛ, ତେଣୁ ମୁଁ ଏହାକୁ କୃପା ବୋଲି ସ୍ୱୀକାର କରୁଛି। ଯାହାଙ୍କ ଦ୍ୱାରା ତୁମେ ଏଠିକି ପ୍ରେରିତ ହୋଇଛ ତାଙ୍କର ତ ମୋ ପ୍ରତି ଅନୁଗ୍ରହ ରହିଛି। ମୁଁ କିଛି ଶିକ୍ଷା ପ୍ରଦାନ କରିପାରିବି ବୋଲି ସିଏ ମୋତେ ଯୋଗ୍ୟ ବିଚାରିଛନ୍ତି। କିନ୍ତୁ ମୁଁ ଜାଣେ ମୁଁ ଯାର ପାତ୍ର ନୁହେଁ। ମୋଠାରେ ଶିକ୍ଷା ଲାଭ କରିବା ଲାଗି କ'ଣ ଅଛି ଯେ? ମୁଁ ତ କାହାରିକୁ କିଛି ଶିଖାଇ ପାରେନି, କାରଣ ମୁଁ ନିଜେ ହିଁ ନିରନ୍ତର ଶିଖିଚାଲିଛି। ବାସ୍ତବ ଦୃଷ୍ଟି କୋଣରୁ ବିଚାରିଲେ, କେହି ଜଣେ ବି କାହାରିକୁ କିଛି ଶିଖାନ୍ତି ନାହିଁ, ଯାହା ବି ଶିକ୍ଷା ଲାଭ କରାଯାଏ ନିଜ ଅନ୍ତରର କୌଣସି ଉନ୍ମେଷରୁ ଶିଖାଯାଏ। ଏଥି ବ୍ୟତିରେକେ ଯାହାଙ୍କୁ ଗୁରୁର ଶ୍ରେୟ ମିଳେ ସିଏ କେବଳ ସେଇ ଉନ୍ମେଷର ନିମିତ୍ତମାତ୍ର। ନିମିତ୍ତମାତ୍ର ହେବା ପାଇଁ ଗୁରୁର କି ଆବଶ୍ୟକତା ଅଛି ଯେ?

ଏହାପରେ ନବଆଗନ୍ତୁକ ଜଣକ ମଥାନତ କରି କହିଲେ– ମୁଁ ତ ଏଠିକି ଆଗମନ କରିବା ପୂର୍ବରୁ ମନେ ମନେ ଆପଣଙ୍କୁ ମୋର ଗୁରୁ ରୂପେ ସ୍ୱୀକାର କରିସାରିଛି। ଏଣିକି ଆପଣଙ୍କର ଯେମିତି ଆଦେଶ ହୋଇପାରେ। ଗୁରୁ ପୁନଶ୍ଚ କହିଲେ– ଯାହା ତୁମର ଇଚ୍ଛା ବତ୍ସ। ଏଇଠି ଗୃହ, ଅଧ୍ୟୟନ ଓ ଚିନ୍ତନ ସକାଶେ ଯେମିତି ସୁବିଧା ତୁମର ଆବଶ୍ୟକ ଅଛି ଏଇଠୁ ହି ପାଇପାରିବ। ଗୁରୁ ଥରୁଟିଏ ମୁହଁ ଉଠେଇ ଚାରିଆଡ଼େ ଦୃଷ୍ଟି ପହଁରାଇ ଆଣିଲେ। ତା' ପରେ ନିର୍ବିକାର ଚିତ୍ତରେ କହିଲେ – ଏ ସବୁ ହିଁ ଏଇଠି ଅଛି। ଦେଖ ଶୁଣ, ଇଚ୍ଛା ହେଲେ ଚିନ୍ତନ କର ଯେତିକି ପାର ଆନନ୍ଦ ପ୍ରାପ୍ତକର। ଆଚ୍ଛା, କ'ଣ ଦେଖିଲ? ଗୁରୁଦେବ! ମୁଁ ପକ୍ଷୀଟିଏ ଦେଖିଲି, ଖୁବ୍ ସୁନ୍ଦର ପକ୍ଷୀ। ଆଉ, ମୋର ମନ ହେଉଥିଲା ମୁଁ ବି ଯଦି ଏମିତି ପକ୍ଷୀଟିଏ ହୋଇଥାନ୍ତି ତେବେ ଅସୀମ ସୁନୀଳ ଆକାଶ ଛାତିରେ ଡେଣା ଝାଡି ଉଡ଼ି ବୁଲନ୍ତି ଓ ଦୂରଦୂରାନ୍ତର ବିଚରଣ କରନ୍ତି।

ଗୁରୁ ଟିକିଏ ସ୍ଥିର ଦୃଷ୍ଟିରେ ନବ ଯୁବକ ଆଡ଼କୁ ଚାହିଁ କହିଲେ – ଇଏ ତ ଗୋଟିଏ ବେଇମାନ। ଯାଅ, ଆହୁରି ନିରୀକ୍ଷଣ କର, ଯେତିକି ହୋଇପାରେ ଆନନ୍ଦ ଲାଭକର। କୁହ ତ, ଏଥର କ'ଣ ଦେଖିଲ? ଗୁରୁଦେବ ମୁଁ ଗୋଟାଏ ବିରାଟ ସୁନ୍ଦର ପକ୍ଷୀଟିଏ ଦେଖିଲି। ଏମିତି ତ ଗୋଟିଏ ଅଦ୍ୱିତୀୟ ଖୁବ୍ ସୁନ୍ଦର ପକ୍ଷୀ। ତା'ପରେ ମୋର ମନେ ହେଉଥିଲା କୌଣସି ପ୍ରକାରେ ତାକୁ ଧରିନେଇ ପଞ୍ଜୁରିବଦ୍ଧ କରିନିଅନ୍ତି ଯେ ସେ ସର୍ବଦା ମୋ ପାଖରେ ରହନ୍ତା, ଆଉ ମୁଁ ତାକୁ ଦେଖାକରନ୍ତି। ଗୁରୁ କହିଲେ–ଛାଡ, କିଛି ତ ଦେଖିଲ ନା? ବେଶି ସିନା ସତ୍ୟତା ଅଛି; କିନ୍ତୁ ଏବେ ଜ୍ଞାନ ହୋଇନି। ଯାଅ, ପୁଣି ଦେଖି ଶୁଣ, ଯେତିକି ପାରୁଛ ଗ୍ରହଣ କର। କ'ଣ ଦେଖିଲ,? ମୁଁ ପକ୍ଷୀଟିଏ ଦେଖିଲି। ସେମିତି ମୁଁ ଅନ୍ୟକୁ ଦେଖିଲିନି। କଳ୍ପନା ବି କରି ପାରିବିନି ଯେ ଭବିଷ୍ୟତରେ ଏଭଳି ସୁନ୍ଦର ପକ୍ଷୀଟିଏ ବି ଥାଇପାରେ। ତା'ପରେ? ଶିଷ୍ୟ ଉତ୍ତର ଫେରାଇଲେ–ଆଉ କିଛି ନାହିଁ, ଗୁରୁଦେବ। ମୁଁ ତାକୁ ହିଁ ଦେଖି ଚାଲିଛି। ମୁଁ ସ୍ୱତଃପ୍ରବୃତ୍ତ ହୋଇ କହିଲି, ଏ ପକ୍ଷୀଟି ଅଛି, ଏ ସୁନ୍ଦର, ଏ ଅପ୍ରତିମ। ତା'ପରେ ସେ ଉଡିଗଲା। ମୁଁ ଆପଣାଛାଏ କହିଲି, ମୁଁ ଦେଖୁଥିଲି, ସେ ସୁନ୍ଦର ଥିଲା ଓ ଅପ୍ରତିମ ଥିଲା ଓ ସେ ଉଡିଗଲା; କିନ୍ତୁ ମତେ ସେ ପକ୍ଷୀରୁ କ'ଣ ମିଳିଲା? ତା' ଜୀବନ ତା'ର। ଏହା ପରେ ମୁଁ ନିସ୍ତ୍ରାନ୍ତ ହୋଇଗଲି।'

ଗୁରୁ ସ୍ଥିର ଦୃଷ୍ଟିରେ ଶିଷ୍ୟଙ୍କୁ ଚାହିଁ ରହିଥିଲେ। ନା ସେ ଦୃଷ୍ଟିର ଉନ୍ମୁକ୍ତ ପଣରେ କୌଣସି ନ୍ୟୂନତା ଥିଲା ନା ତା'ର ରହସ୍ୟମୟତା। ପୁଣି ତାଙ୍କ ମୁଖମଣ୍ଡଳରେ ହଠାତ୍ ଏକ ବାତ୍ସଲ୍ୟପୂର୍ଣ୍ଣ ସ୍ମିତି ଫୁଟିଆସିଲା ଆଉ ସେ କହିଲେ– ତା'ହେଲେ ତୁମେ ଦେଖିନେଲ,ଏତେ ଜ୍ଞାନ। ତା'ଠୁ ବେଶି କିଛି ମୋଠାରୁ ଶିଖିବାର ନାହିଁ। ଇଏ ବି ମୋ ପାଶେ ନାହିଁ, ସର୍ବତ୍ର ବିଛେଇ ହୋଇଯାଇଛି। ମୁଁ କହିଥିଲି ନା କେହି କାହାରିକୁ କିଛି ଶିଖାଇ ନ ଥାଏ। ଉନ୍ମେଷ ଭିତରୁ ହିଁ ହୁଏ। ଗୁରୁ ନିମିତ୍ତମାତ୍ର ହୋଇପାରନ୍ତି; କିନ୍ତୁ ନିମିତ୍ତମାତ୍ର ତ କିଛି ବି ହୋଇପାରେ। ମୋଟାମୋଟି କହିବାକୁ ଗଲେ, ଜ୍ଞାନପ୍ରାପ୍ତି କରିବାର କୌଣସି ନିର୍ଦ୍ଦିଷ୍ଟ ବୟସସୀମା ନାହିଁ। ଏମିତି ତ ନୁହେଁ ଯେ ଆମେ ବହିପଢ଼ି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଶିକ୍ଷା ସମାପ୍ତି ହେବାକ୍ଷଣି ଜ୍ଞାନ ଆହରଣ କରିପାରିବା। ସମଗ୍ର ଜୀବନ–ଜନ୍ମଠାରୁ ଆରମ୍ଭ କରି ମୃତ୍ୟୁ ପର୍ଯ୍ୟନ୍ତ ଶିକ୍ଷାଲାଭ କରିବାର ପ୍ରକ୍ରିୟା ଜାରିରୁହେ। ଆମେ ବହି ନ ଓଲଟେଇଲେ ବି ଶିକ୍ଷାଲାଭ କରନ୍ତି। ଏଥିପାଇଁ କେବଳ ନିଜ ଚାରିପଟେ ଅବଲୋକନ କରିବାର ଆବଶ୍ୟକତା ରହିଛି। ଏହିପରି ଆମେ ପ୍ରତିଟି ମୁହୂର୍ତ୍ତରେ କିଛି ନା କିଛି ଶିଖିପାରିବା

**ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ, ଓଡ଼ିଶା ସରକାର**
**ଲକ୍ଷ୍ମୀସାଗର କେନାଲ ରୋଡ୍, ଭୁବନେଶ୍ୱର**
**ମୋ:୯୪୩୮୩୩୨୧୩୮**

## ପାଠକ ଶ୍ରେଷ୍ଠ ବିଚାରକ

### ଖଣି କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ

ମହାଶୟ,

ରାଜ୍ୟର ଖଣି ବହୁଳ ଜିଲାରୁ କମ୍ପାନୀଗୁଡ଼ିକ ଖଣିଜ ପଦାର୍ଥ ଉତ୍ତୋଳନ କରୁଥିବା ବେଳେ ବାଧ୍ୟତାମୂଳକ ସିଏସ୍‌ଆର୍ ପାଣ୍ଠିକୁ ବିନିଯୋଗ କରୁ ନ ଥିବାରୁ ସମ୍ପୃକ୍ତ ଅଞ୍ଚଳବାସୀଙ୍କ ମୌଳିକ ସମସ୍ୟା ସମାଧାନ ହୋଇପାରୁନାହିଁ। ବିଶେଷକରି ସରକାରୀ ନିୟମ ତଥା ନିର୍ଦ୍ଦେଶକୁ ପାଳନ କରିବା ପାଇଁ ଖଣି କମ୍ପାନୀଗୁଡ଼ିକ ଆଗ୍ରହ ପ୍ରକାଶ କରୁ ନ ଥିଲେ ମଧ୍ୟ ସେମାନଙ୍କ ବିରୋଧରେ ରାଜ୍ୟ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାପାଇଁ ସମର୍ଥ ହେଉ ନାହାନ୍ତି। ଫଳରେ ଅଞ୍ଚଳବାସୀଙ୍କ ଜୀବନଧାରଣ ମାନରେ ଉନ୍ନତି ହେଉନାହିଁ। ଭିତ୍ତିଭୂମିର ବିକାଶ ହୋଇପାରୁ ନାହିଁ। କମ୍ପାନୀଗୁଡ଼ିକ ମନଇଚ୍ଛା ଖଣିଜ ପଦାର୍ଥ ଲୁଟ୍ କରି ନିଜସ୍ୱ ପାଣ୍ଠିକୁ ବୃଦ୍ଧି କରି ଚାଲିଛନ୍ତି। ଏହା ସତ୍ତ୍ୱେ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଖଣି କମ୍ପାନୀ ପ୍ରତି ରାଜ୍ୟ ସରକାର ଆଖିବୁଜି ଦେଉଛନ୍ତି ବୋଲି ଧାରଣା ହେଉଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ ମାନୁ ନ ଥିବା ଏହି ଖଣି କମ୍ପାନୀଗୁଡ଼ିକ ବିରୋଧରେ କାର୍ଯ୍ୟାନୁଷ୍ଠା ହେଉ।

**–ବିଷ୍ଣୁ ପ୍ରସାଦ ମହାରଣା, ବାଜିଚୌକ, ଢେଙ୍କାନାଳ**

## ଚିରନ୍ତନୀ

ପୀରତି କୀରତି ବଖାଣି ବସିଲେ
ପଥର ତରଳି ବହିବ ଜଳ
ସବୁ ପୀରତିର ମୂଳରେ ଯା' ଅଛି
ନ କହିବା ତାହା ସବୁଠୁ ଭଲ !
–(ପ୍ରେମର ଅର୍ଥ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଗୁଗୁମ୍ପ ସରପଞ୍ଚ ପୁରସ୍କୃତ

ଧରାକୋଟ,୨୪ା୪ (ବିଷ୍ଣୁ କେଶରୀ ଆଚାର୍ଯ୍ୟ): ଗଞ୍ଜାମ ଜିଲାର ଧରାକୋଟ ବ୍ଲକ୍ ଅନ୍ତର୍ଗତ ଗୁଗୁମ୍ପ ପଞ୍ଚାୟତର ସରପଞ୍ଚ ଗୀତାଞ୍ଜଳି ସ୍ୱାଇଁ ସର୍ବ ଭାରତୀୟସ୍ତରରେ ପୁରସ୍କୃତ ହୋଇଛନ୍ତି। ନୂଆଦିଲ୍ଲୀସ୍ଥିତ ଦି ଷ୍ଟେନ୍ ଅଡିଟୋରିୟମ ଇଣ୍ଡିଆ ହାବିଟେଟ୍ ସେଣ୍ଟରଠାରେ ଗତ ମଙ୍ଗଳବାର କ୍ୱାଲିଟି କାଉନସିଲ ଇଣ୍ଡିଆ ତରଫରୁ ଆୟୋଜନ କରାଯାଇଥିବା ଶକ୍ତି ବିଭାଗ ତରଫରୁ ଯୋଗ୍ୟ, ସ୍ୱଚ୍ଛ ଓ ସୁଜଳ ଗ୍ରାମପଞ୍ଚାୟତ ପାଇଁ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି.ଆର.ପାଟିଲଙ୍କଠାରୁ ଶ୍ରେଷ୍ଠ ସରପଞ୍ଚ ଭାବେ ଗୀତାଞ୍ଜଳି ପୁରସ୍କାର ଗ୍ରହଣ କରିଛନ୍ତି।




ଉତ୍କଳ ବିଶ୍ୱବିଦ୍ୟାଳୟ ବାଣିଜ୍ୟ ବିଭାଗର ରୌପ୍ୟ ଜୟନ୍ତୀ ପାଳନ ଅବସରରେ ଗୁରୁବାର ଅନୁଷ୍ଠିତ ଚାରାରୋପଣ କାର୍ଯ୍ୟକ୍ରମରେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ପରିବେଶ ସୁରକ୍ଷା ଦିଗରେ ଛାତ୍ର ସମାଜର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା କହିଥିଲେ। ବାର୍ଷିକ ଉତ୍ସବକୁ ନାଚଗୀତରେ ସୀମିତ ନ ରଖି ପୃଥିବୀର ସୁରକ୍ଷା ଦିଗରେ ଛାତ୍ରୀଛାତ୍ରଙ୍କ ଏଭଳି ପ୍ରୟାସକୁ ସତପଥୀ ପ୍ରଶଂସା କରିଥିଲେ। ଏହି ଅବସରରେ ବାଣିଜ୍ୟ ବିଭାଗ ଉପବନରେ ୬୦ଟି ବିଭିନ୍ନ ଫୁଲ ଓ ଫଳଗଛର ଚାରା ଲଗାଯାଇଥିଲା। ବିଭାଗର ମୁଖ୍ୟ ଡ. ରବୀନ୍ଦ୍ର କୁମାର ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା। (ଫଟୋ– ମନୋରଞ୍ଜନ ମିଶ୍ର)

## ଏସ୍‌ଆଇଆରଡି ଆଣ୍ଡ ପିଆର୍, ହାଟଭଦ୍ରା ପଞ୍ଚାୟତକୁ ସମ୍ମାନିତକଲେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର,୨୪ା୪(ସୁନିତ୍ ମିଶ୍ର)

ବିହାରର ମଧୁବନୀଠାରେ ଗୁରୁବାର ଅନୁଷ୍ଠିତ ଜାତୀୟ ପଞ୍ଚାୟତିରାଜ ଦିବସ–୨୦୨୫ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଜୟୀ ଗ୍ରାମପଞ୍ଚାୟତ ଓ ଅନୁଷ୍ଠାନଗୁଡ଼ିକୁ ପୁରସ୍କୃତ କରିଛନ୍ତି। ଓଡ଼ିଶାର ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଅଧୀନ ସର୍ବୋଚ୍ଚ ପ୍ରଶିକ୍ଷଣ ପ୍ରଦାନକାରୀ ପ୍ରତିଷ୍ଠାନ ରୂପେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଏବଂ ପଞ୍ଚାୟତିରାଜ ପ୍ରତିଷ୍ଠାନ (ଏସ୍‌ଆଇଆରଡି ଆଣ୍ଡ ପିଆର)କୁ ପଞ୍ଚାୟତ କ୍ଷମତା ନିର୍ମାଣ ସର୍ବୋତ୍ତମ ସଂସ୍ଥା ବର୍ଗରେ ୨ୟ ପୁରସ୍କାର ମିଳିଛି। ଅନ୍ୟପଟେ ମୟୂରଭଞ୍ଜ ଜିଲାର କୁସୁମୀ ବ୍ଲକ୍ର ହାଟଭଦ୍ରା ଗ୍ରାମପଞ୍ଚାୟତ ଆଦିବାସୀ ଅଧ୍ୟୁଷିତ ଓ ପେସା ଅଞ୍ଚଳରେ ଅବସ୍ଥିତ ହୋଇଥିଲେ ମଧ୍ୟ ଏହା ନିଜସ୍ୱ ଆୟ ସଂଗ୍ରହରେ ଉଲ୍ଲେଖନୀୟ ଅଭିବୃଦ୍ଧି କରିବାରେ ସଫଳ ହୋଇଛି। ଫଳସ୍ୱରୂପ ଆତ୍ମନିର୍ଭରଶୀଳ ଗ୍ରାମପଞ୍ଚାୟତ ବର୍ଗରେ ଦେଶର ୨ ଲକ୍ଷ ୫୦ ହଜାର ପଞ୍ଚାୟତକୁ ପଛରେ ପକାଇ ୨ୟ ଶ୍ରେଷ୍ଠ ସ୍ଥାନ ହାସଲ କରିବାରେ ଅନନ୍ୟ କୃତିତ୍ୱ ହାସଲ କରିପାରିଛି ହାଟଭଦ୍ରା ଗ୍ରାମପଞ୍ଚାୟତ। ଏସ୍‌ଆଇଆରଡି ଏବଂ ପିଆର୍ର ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ମୀନା ଖୁସି ପ୍ରକାଶକରି କହିଛନ୍ତି, ଏହି ପୁରସ୍କାର ଓଡ଼ିଶାର ତୃଣମୂଳ ଶାସନ ବ୍ୟବସ୍ଥାର ଏକ ନିଚ୍ଛକ ନିଦର୍ଶନ।

## ମୁମ୍ବାଇ ଗସ୍ତରେ ମୁଖ୍ୟମନ୍ତ୍ରୀ

### ଇଣ୍ଡିଆ ଷ୍ଟିଲ୍–୨୦୨୫ ସମ୍ମିଳନୀରେ ଯୋଗଦେବେ

ଭୁବନେଶ୍ୱର,୨୪ା୪(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ୩ ଦିନିଆ ମୁମ୍ବାଇ ଗସ୍ତରେ ଯାଇଛନ୍ତି। ଇଣ୍ଡିଆ ଷ୍ଟିଲ୍ ୨୦୨୫ ସମ୍ମିଳନୀରେ ସେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ବିଭିନ୍ନ ଶିଳ୍ପସଂସ୍ଥା ପକ୍ଷରୁ ଏହି କାର୍ଯ୍ୟକ୍ରମ ପ୍ରତିବର୍ଷ ଭଳି ଚଳିତ ଥର ମଧ୍ୟ ଆୟୋଜନ କରାଯାଇଛି। ଏଥିରେ ବହୁ ବଡ଼ ବଡ଼ ଷ୍ଟିଲ୍ ଉତ୍ପାଦନକାରୀ ସଂସ୍ଥା ଯୋଗଦେବେ। ରାଜ୍ୟରେ ଷ୍ଟିଲ୍ ଉତ୍ପାଦନ ବୃଦ୍ଧି ଏବଂ କଞ୍ଚାମାଲ ଯୋଗାଣ ବଢ଼ାଇବା ଉପରେ ଏହି ଅବସରରେ ଆଲୋଚନା ହେବ। ମୁଖ୍ୟମନ୍ତ୍ରୀ ଏହି ସମ୍ମିଳନୀରେ ନିଜର ବକ୍ତବ୍ୟ ରଖିବେ। ଦେଶର ଶୀର୍ଷ ଷ୍ଟିଲ୍ ଉତ୍ପାଦନକାରୀ ସଂସ୍ଥା ଟାଟା, ଜେଏସ୍‌ପିଏଲ୍, ଜେଏସ୍‌ଡବ୍ଲ୍ୟୁ, ସେଲ୍, ଏଏମ୍/ଏନ୍‌ଏସ୍ ସମେତ ଅନ୍ୟ କମ୍ପାନୀ ଏଥିରେ ଯୋଗଦେବେ। ଏଥିସହ ଦେଶର ଆଉ କେତେକ ପ୍ରମୁଖ ଶିଳ୍ପସଂସ୍ଥା ଆଇସିସି(ଇଣ୍ଡିଆନ କେମିକାଲ କାଉନସିଲ), ଇଣ୍ଡିଆ ଡ୍ରଗ୍ ମାନୁଫାକ୍ଚର୍ସ ଆସୋସିଏସନ(ଆଇଡିଏମ୍ଏ)ର ପ୍ରତିନିଧିଙ୍କ ସହ ଭେଟିବା କାର୍ଯ୍ୟକ୍ରମ ରହିଛି। ଓଡ଼ିଶା ଷ୍ଟିଲ୍ ଉତ୍ପାଦନ କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟ ହୋଇଥିବାରୁ ବିଭିନ୍ନ ଶିଳ୍ପ କମ୍ପାନୀଗୁଡ଼ିକୁ ରାଜ୍ୟରେ ନିବେଶ କରିବା ଲାଗି ମୁଖ୍ୟମନ୍ତ୍ରୀ ଏହି ଅବସରରେ ନିମନ୍ତ୍ରଣ କରିବେ। ମୁଖ୍ୟମନ୍ତ୍ରୀ ଶୁକ୍ରବାର ଏହି କାର୍ଯ୍ୟକ୍ରମ ଶେଷକରି ଶନିବାର ଓଡ଼ିଶା ଫେରିବେ ବୋଲି ଜଣାପଡ଼ିଛି।

# ଗାଁ ଶ୍ମଶାନରେ ଜଳିଲା ପ୍ରଶାନ୍ତଙ୍କ ଚିତା

## ଶେଷ ଦର୍ଶନ କଲେ ମୁଖ୍ୟମନ୍ତ୍ରୀ

### ପରିବାରକୁ ୨୦ ଲକ୍ଷ ସହାୟତା, ସ୍ତ୍ରୀଙ୍କୁ ସରକାରୀ ଚାକିରି

ଭୁବନେଶ୍ୱର (ସୁନିତ୍ ମିଶ୍ର)/ ବାଲେଶ୍ୱର(ବାଞ୍ଛାନିଧି ଦେ),୨୪ା୪

ବାଲେଶ୍ୱର ଜିଲା ଇଶାଣୀ ଗାଁ ଶ୍ମଶାନରେ ଗୁରୁବାର ଜଳିଲା ଆତଙ୍କବାଦୀଙ୍କ ଗୁଳିର ଶିକାର ହୋଇଥିବା ପ୍ରଶାନ୍ତ ଶତପଥୀଙ୍କ ଚିତା। ୯ ବର୍ଷର ପୁଅ ମୁଖାଗ୍ନି ଦେବା ପରେ ସେ ପଞ୍ଚଭୂତରେ ବିଲୀନ ହୋଇଛନ୍ତି। ଏହାପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଇସାଣୀ ଗାଁରେ ପହଞ୍ଚି ପ୍ରଶାନ୍ତଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ପ୍ରଶାନ୍ତଙ୍କ ପରିବାର ସଦସ୍ୟମାନଙ୍କ ସହିତ ମୁଖ୍ୟମନ୍ତ୍ରୀ ୨୦ ମିନିଟ୍ ସମୟ ଅତିବାହିତ କରିଛନ୍ତି। ଏହାପରେ ମୁଖ୍ୟମନ୍ତ୍ରୀ ଶବାଧାର ସହ ଶ୍ମଶାନକୁ ଯାଇ ପ୍ରଶାନ୍ତଙ୍କ ଶେଷ ଦର୍ଶନ କରିଛନ୍ତି। ପରଲୋକଗତ ଆତ୍ମାର ସଦ୍‌ଗତି କାମନାକରି ମୁଖ୍ୟମନ୍ତ୍ରୀ କହିଛନ୍ତି,



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଶାନ୍ତଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି

ତାଙ୍କ ପରିବାରର ଦୁଃଖ ଦେଖି ଗଭୀର ମର୍ମାହତ। ପ୍ରଶାନ୍ତଙ୍କ ପରିବାର ପାଇଁ ସହାୟତା ଘୋଷଣାକରି ମୁଖ୍ୟମନ୍ତ୍ରୀ କହିଛନ୍ତି, ସ୍ୱର୍ଗତ ପ୍ରଶାନ୍ତଙ୍କ ନିକଟତମ ଆତ୍ମୀୟଙ୍କୁ ୨୦ ଲକ୍ଷ ଟଙ୍କା ସହାୟତା, ସ୍ତ୍ରୀଙ୍କୁ ନିଯୁକ୍ତି ଦିଆଯିବା ସହ ତାଙ୍କ ପୁଅର ପାଠପଢ଼ା ପାଇଁ ଆବଶ୍ୟକ ବ୍ୟବସ୍ଥା ରାଜ୍ୟ ସରକାର କରିବେ। ଏହି ଆତଙ୍କବାଦୀ ଘଟଣାର ତୀବ୍ର ନିନ୍ଦାକରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଉଗ୍ରପନ୍ଥୀମାନଙ୍କ କାର୍ଯ୍ୟ ଅତ୍ୟନ୍ତ ଅମାନବୀୟ ଓ କାପୁରୁଷୋଚିତ। ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଏହା ଉପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ପ୍ରଶାନ୍ତଙ୍କ ପାର୍ଥିବ ଶରୀର ବୁଧବାର ରାତିରେ ଜମ୍ମୁ–କଶ୍ମୀରରୁ ଆସି ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିଥିଲା। ସେଠାରୁ ତାଙ୍କ ମରଶରୀରକୁ ନିଆଯାଇ ଗୁରୁବାର ଭୋର ସମୟରେ ଜନ୍ମମାଟି ଇଶାଣୀରେ ପହଞ୍ଚିଥିଲା। ଏକ ବିଶାଳ ଶୋଭାଯାତ୍ରାରେ କୀର୍ତ୍ତନ କରି ମରଶରୀରକୁ ଅଞ୍ଚଳ ପରିକ୍ରମା କରାଯାଇଥିଲା। କାନ୍ଦବୋବାଳିରେ ଫାଟିପଡ଼ିଲା ପରିବେଶ। ସ୍ୱାମୀଙ୍କ ଏଭଳି ମୃତ୍ୟୁରେ ପାଗଳପ୍ରାୟ ହୋଇଯାଇଛନ୍ତି ସ୍ତ୍ରୀ ପ୍ରିୟଦର୍ଶିନୀ। କାନ୍ଦି କାନ୍ଦି ବାରମ୍ବାର ଚେତାଶୂନ୍ୟ ହୋଇପଡୁଥିଲେ। ଛୁଟି କାଟିବାକୁ ଖୁସିରେ କଶ୍ମୀର ଯାଇଥିବା ପ୍ରଶାନ୍ତ ଶବ ହୋଇ ଫେରିବା ପରେ କେହି ବି କୋହ ସମ୍ଭାଳି ପାରି ନ ଥିଲେ।

ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ଏମ୍‌ପି ପ୍ରତାପ ଷଡ଼ଙ୍ଗୀ, ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତ, ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ପ୍ରମୁଖ ପ୍ରଶାନ୍ତଙ୍କ ଶେଷ ଦର୍ଶନ କରିଛନ୍ତି।


**SAMBALPURI BASTRALAYA HLCS LTD.**
AT/PO/DIST.: BARGARH, ODISHA, PIN-768 028
H&H Department, Govt. of Odisha

No.703 | **TENDER CALL NOTICE** | Dt.23.04.2025

Since the required number of sealed tenders/quotations are not received within the stipulated time, the submission of Sealed tenders/ quotation is invited from reputed Manufacturer / Authorized Supplier for supply of one Boiler for installation of the same at our Dye House Sambalpuri Bastralaya HLCS Ltd., Bargarh alongwith replacement of steam pipeline and erection of Chimney is extended upto **07.05.2025** at **9.00AM** which shall be opened on the same day at **11.00AM** in presence of the bidders. The details specification, term and conditions for submission of tender/quotation for submitting the bid document are available on the website **www.sambalpuribastra.com & www.bargarh.odisha.gov.in.**

Sd/- Managing Director



**PARADIP PORT AUTHORITY**
MARINE DEPARTMENT
No.MD/ACCTS/WK/R-05/2025/506 Date: 15/04/2025

E-TENDER CALL NOTICE (E-TCN)

Name of the Work : Chartering of Green Tug (Green Tug Transition Programme Compliant) - Manning, Operation, Maintenance and Complete Technical Management of Service Provider Owned 01 No. 60 T Bollard Pull New Battery Electric Tug for 15 Years at Paradip Port Authority. Estimated cost put to tender for hire charges for one year : Rs.24,47,28,667/-. Last date & time of submission of tender through on-line bidding is 15:00 Hours on 08/07/2025. Date & time for opening of Technical Bid is 15:30 hours on dt.09/07/2025. For further details, please log on to the Website: https://eprocure.gov.in/eprocure/app.

Sd/- Deputy Conservator, Paradip Port Authority
PPA/PR/06/2025-2026 dtd.23.04.2025



**NOTICE FOR LOSS OF DOCUMENTS**

Notice is hereby given from Chandra Shekhar Behera that he has applied for loan to LIC HFL. But at present, he has lost the Original Link Documents i.e. Sale Deed No. 10241902327 dtd. 05/08/2019 and Original Mutation ROR of Khata No. 789/2007, which were kept with him and inspite of his best efforts, failed to trace the same.

Therefore, notice is hereby given to General Public that if anybody has got any right, title interest over the property on the missing documents, he/she has to claim before the LIC HFL at Cuttack within 15 days from the date of publication. And after that the documents will lose its legal force and LIC HFL, Bhubaneswar will not be responsible for any claim what-so-ever on the property after 15 days.

Address for Communication
LIC HFL, Cuttack Branch, Cuttack,
B. K. Pattanaik, Advocate,
Mob. No. 9337395558



**भा.कृ.अनु.प- केन्द्रीय मीठाजल जीवपालन अनुसंधान संस्थान**
**I.C.A.R-Central Institute of Freshwater Aquaculture**
कौशल्यागंग, भुवनेश्वर-751002, ओड़िशा
Kausalyaganga, Bhubaneswar-751002, Odisha

Advertisement No. 03/2025-26 | Date of Insertion- 24.04.2025

वॉक-इन-इंटरव्यू

भा.कृ.अनु.प- केन्द्रीय मीठाजल जीव पालन अनुसंधान संस्थान, सीफा कौशल्यागंग, भुवनेश्वर, ओडिशा में अनुबंध के आधार पर काम करने के लिए **01(एक) यंग प्रोफेशनल–II (YP-II)** पद की भर्ती हेतु **दिनांक 08.05.2025 को पू.10.00 बजे** चल-साक्षात्कार आयोजित किया जायेगा। अधिक जानकारी के लिए कृपया संस्थान कि वेबसाइट http://www.cifa.nic.in पर जाएं।

**WALK-IN INTERVIEW**

A Walk-in-Interview will be held on **08.05.2025 at ICAR-CIFA, Bhubaneswar** at 10.00 A.M. for **01 (One)** no. of **Young Professional-II**, purely on a contractual basis to work under the NFDB Sponsored project entitled *"Integrating advance technology and Green Energy for sustainable Freshwater aquaculture"*. For further details please visit to ICAR-CIFA website: **http://www.cifa.nic.in.**

मुख्य जाँचकर्ता/Principal Investigator



**TPWODL**
**TP WESTERN ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

**TN.TPWODL/MK/O/SU/2500000935 Date. 25.04.2025**

TP Western Odisha Distribution Limited, invites tender quotations (in 2part bidding) from eligible vendors for the following package :

**RC for supply of HT & LT stay sets, stay clamps and stay insulator in TPWODL.**

Interested bidders are to submit Tender Participation Fee and Authorization Letter through email on or before **06th May 2025, 18:00Hrs,** after which the link from e-Tender system shall be shared with them.

For detailed tender documents of the above-mentioned tender, please visit Tender section of **www.tpwesternodisha.com.** All details for participating in the tender is given in the tender document.

All future correspondence regarding the tender, bid submission, date extension etc. will take place with the participating bidders only through E-Tender system.

**Sd/- Head-Contracts & Procurement**



**झारखण्ड सरकार**
**परिवहन आयुक्त कार्यालय**
**एफ० एफ० पी० भवन, धुर्वा, राँची**

**।। आम सूचना ।।**

परिवहन विभाग, झारखण्ड सरकार के अधिकृत वेबसाइट https://jhtransport.gov.in पर विभाग से संबंधित दस्तावेजों एवं अन्य जानकारी का अवलोकन किया जाता था। सम्प्रति उक्त विभागीय वेबसाइट https://jhtransport.gov.in को तकनीकी कारणें से नये वेबसाईट URL- https://transport.jharkhand.gov.in/ पर Migrate किया गया है।

एतद् द्वारा सर्वसाधारण को सूचित किया जाता है कि परिवहन विभाग, झारखण्ड, राँची से संबंधित सभी आवश्यक सूचनाएँ नये वेबसाईट URL- https://transport.jharkhand.gov.in पर अवलोकन किया जाय।

ह०/–
संयुक्त परिवहन आयुक्त,
झारखण्ड, राँची

PR 350955 (Transport)25-26*D



**कार्यपालक अभियंता का कार्यालय**
**ग्रामीण विकास विशेष प्रमण्डल, जामताड़ा**
**Email Id:rdsdjmt@gmail.com**

**अल्पकालीन पुर्ननिविदा ई0–निविदा आमंत्रण संख्या–RDD/SD/JAMTARA/RE5/09/2024-25/Gr.No.-04**

1. कार्य की विस्तृत विवरणी :–

| क्र0 सं0 | ग्रुप न0 | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य समाप्ति की अवधि |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | 4 | जामताड़ा जिला अन्तर्गत प्रखण्ड नारायणपुर के पंचायत–सबनपुर में मंझलाडीह दाड़गडीह और आहराडीह के बीच जोरिया में पुल निर्माण। | 21687200.00 | 434000.00 | 10000.00 | 15 माह |

2. वेबसाईट में निविदा प्रकाशन की तिथि —दिनांक–26.04.2025
3. ई0–निविदा प्राप्ति की तिथि एवं समय —दिनांक–26.04.2025 से दिनांक–05.05.2025 (अपराह्न 5:00 बजे)
4. निविदा शुल्क एवं अग्रधन की राशि केवल Online Mode द्वारा ही स्वीकार्य होगी।
5. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो सारी जवाबदेही संवेदक निविदादाता की होगी।
6. निविदा खोलने का स्थान:—e-Procurement Cell, कार्यपालक अभियंता का कार्यालय ग्रामीण विकास विशेष प्रमण्डल, जामताड़ा।
7. निविदा खुलने की तिथि एवं समय —दिनांक–07.05.2025 (अपराह्न 2:00 बजे)
8. निविदा आमंत्रित करने वाले पदाधिकारी का नाम एवं पता —कार्यपालक अभियंता, ग्रामीण विकास विशेष प्रमण्डल, जामताड़ा।
9. ई0–निविदा प्रकोष्ठ का दुरभाष संख्या —9973957543
10. अधोहस्ताक्षरी/सक्षम पदाधिकारी को किसी भी निविदा को बिना कारण बताये रद्द करने का अधिकार सुरक्षित रहेगा तथा निविदादाता को कारण पृच्छा का अधिकार मान्य नहीं होगा।
11. B.O.Q की राशि घट–बढ़ सकती है, तद्नुसार अग्रधन की राशि देय होगी।

विस्तृत जानकारी के लिए वेबसाईट www.jharkhandtenders.gov.पद एवं कार्यालय के सूचना पट्ट पर देखा जा सकता है।

ह0/–
कार्यपालक अभियंता
ग्रामीण विकास विशेष प्रमण्डल, जामताड़ा।

PR.NO.350991 Rural Development(25-26):D



**ପୂର୍ବ ତଟ ରେଳପଥ**

(1) ଇ-ଟେଣ୍ଡର ବିଜ୍ଞପ୍ତି ସଂ.: Sr.DMM/SBP/Stores/Tender Publication/ Engg.-1/2025, ତା.18.04.2025ରିଖ

ଟେଣ୍ଡର ସଂ. 40255431A
ସାମଗ୍ରୀଗୁଡ଼ିକର ବିବରଣୀ : ଥିକ୍ ୱେବ ସ୍ୱିଚ୍ ନିମନ୍ତେ ୱେଜ୍ (Wedge) T-6305।
ଟେଣ୍ଡର ମୂଲ୍ୟ : ₹ 63,62,796.00, EMD @ 2% : ₹ 1,27,260/-

ଟେଣ୍ଡର ସଂ. 40255401B
ସାମଗ୍ରୀଗୁଡ଼ିକର ବିବରଣୀ : 60KG ରେଲ୍ସ ନିମନ୍ତେ ଏକ ମିଟର ଲମ୍ବା ଫିସ୍ ପ୍ଲେଟ୍ (Fish Plate)।
ଟେଣ୍ଡର ମୂଲ୍ୟ : ₹ 50,02,444.80, EMD @ 2% : ₹ 1,00,050/-

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.13.05.2025ରିଖ 1500 ଘଟିକାରେ।

(2) ଇ-ଟେଣ୍ଡର ବିଜ୍ଞପ୍ତି ସଂ.: Sr.DMM/SBP/Stores/Tender Publication/ Engg.-2/2025, ତା.18.04.2025ରିଖ

ଟେଣ୍ଡର ସଂ. 40255419A
ସାମଗ୍ରୀଗୁଡ଼ିକର ବିବରଣୀ : ଗାଲଭାନାଇଜ୍ଡ (Galvanised) ପ୍ଲେଟ୍ ସ୍କ୍ରୁ।
ଟେଣ୍ଡର ମୂଲ୍ୟ : ₹ 60,50,284.80, EMD @ 2% : ₹ 1,21,010/-

ଟେଣ୍ଡର ସଂ. 40255423A
ସାମଗ୍ରୀଗୁଡ଼ିକର ବିବରଣୀ : ଲିଫ୍ ସ୍ପ୍ରିଙ୍ଗ୍ T-6310।
ଟେଣ୍ଡର ମୂଲ୍ୟ : ₹ 72,55,820.00, EMD @ 2% : ₹ 1,45,120/-

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.19.05.2025ରିଖ 1500 ଘଟିକାରେ।

ଇ-ଟେଣ୍ଡର ହସ୍ତାନ୍ତରଯୋଗ୍ୟ ନୁହେଁ ଏବଂ ଏହାକୁ ପୂର୍ବରୁ ୱେବ୍‌ସାଇଟ୍‌ରେ ପଞ୍ଜୀକୃତ ହୋଇଥିବା ଟେଣ୍ଡରଦାତାଙ୍କ ପ୍ରାକ୍ ଅଧିକୃତ କର୍ମଚାରୀଙ୍କ ଦ୍ୱାରା DSC ପାଖରେ ଦାଖଲ କରାଯିବା ଆବଶ୍ୟକ। କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଟେଣ୍ଡରକୁ ବାତିଲ କରିବାର ଅଧିକାର ରେଳବାଇ ପାଖରେ ସଂରକ୍ଷିତ ଅଟେ।

ସମ୍ପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ : www.ireps.gov.in ରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ/ ସମ୍ବଲପୁର

PR-65/Q/25-26




See Career Appointment on every Wednesday & Saturday



**वरीय पुलिस अधीक्षक का कार्यालय पूर्वी सिंहभूम, जमशेदपुर**

**लापता: आवश्यक सूचना**



**गुमशुदा महिला फरहा शेख, उम्र–करीब 26 वर्ष**

सर्व साधारण को सूचित किया जाता है कि आवेदक मो0 जफर के द्वारा अपनी गुमशुदा पत्नी **फरहा शेख, उम्र–करीब 26 वर्ष** के गुमशुदगी के संबंध में संबंधित थाना आजादनगर में लिखित आवेदन दिया गया है। आवेदन में इनके द्वारा बताया गया है कि **गुमशुदा महिला फरहा शेख, उम्र–करीब 26 वर्ष, पति–मो0 जफर, पता–रोड नं0–07, म0नं0–03, बगानशाही मुर्दा मैदान, थाना–आजादनगर, जिला–पूर्वी सिंहभूम, जमशेदपुर** जो दिनांक–05.04.2025 की रात्रि अपने घर से कहीं चली गई है अभी तक घर वापस नहीं लौटी है।

आवेदक तथा इनके परिवार के द्वारा अपने स्तर से काफी खोजबीन किया परन्तु कुछ पता नहीं चल सका। **गुमशुदा महिला का हुलिया निम्न प्रकार है:–उम्र 26 वर्ष, कद–05 फीट, रंग–गोरा, पहनावा–पीला सलवार सुट।**

अतः आप सभी जन साधारण से अनुरोध है कि यदि उपरोक्त हुलिये के संबंध में किसी प्रकार की जानकारी प्राप्त होती है तो इसकी सूचना वरीय पुलिस अधीक्षक के कार्यालय में निम्नांकित फोन नम्बर पर सूचित करें।

वरीय पुलिस अधीक्षक, पूर्वी सिंहभूम, जमशेदपुर : 0657–2431006
पुलिस अधीक्षक (नगर), पूर्वी सिंहभूम, जमशेदपुर: 9471190203
पुलिस उपाधीक्षक, पटमदा : 9431706496
थाना प्रभारी, आजादनगर : 9431706502

वरीय पुलिस अधीक्षक,
पूर्वी सिंहभूम, जमशेदपुर

PR 350996 (Police)25-26*D



**यूनियन बैंक ऑफ इंडिया Union Bank of India**
भारत सरकार का उपक्रम A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: ସମ୍ବଲପୁର**
୧ମ ମହଲା, ବାଲାଜୀ ମିଡ୍‌ଟାଉନ୍, ବୁଢ଼ାରାଜା, ସମ୍ବଲପୁର - ୭୬୮୦୦୪

**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ)

**[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]**

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ (ଦ୍ୱିତୀୟ), ୨୦୦୨ (୨୦୦୨ର ଧାରା ନଂ.୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ, ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ **ଦଖଲ**କୁ ନେଇଛନ୍ତି। ଏତଦ୍ୱାରା ବିଶେଷ କରି ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା/ବନ୍ଧକଦାତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ | ଡିମାଣ୍ଡ /ଦଖଲ ନୋଟିସ୍ ତାରିଖ | ସୁରକ୍ଷିତ ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| ଭଟଲି ଚୌକ ଶାଖା / ଋଣଗ୍ରହୀତା: ମେସର୍ସ ନବ ଦୁର୍ଗା ଟେକ୍ସଟାଇଲ୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଅମରନାଥ ଭଗତ / ଋଣଗ୍ରହୀତା/ ବନ୍ଧକଦାତା: ଶ୍ରୀ ଅମରନାଥ ଭଗତ, ପିତା: ଶ୍ରୀ ହେମନାଥ ଭଗତ / ଗ୍ୟାରେଣ୍ଟିଦାତା/ବନ୍ଧକଦାତା: ଶ୍ରୀ ହେମନାଥ ଭଗତ, ପିତା: ୰ ବିଶ୍ୱନାଥ ଭଗତ, ସମସ୍ତଙ୍କ ଠିକଣା- ସା: ୱାର୍ଡ ନଂ.:୧୧, ପୋ/ଥାନା/ ଜିଲ୍ଲା: ବରଗଡ-୭୬୮୦୨୮ | ଟ.୧୮,୩୦,୮୩୬.୧୧ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଖର୍ଚ୍ଚ | ୨୦.୧୧.୨୦୨୪ / ୨୧.୦୪.୨୦୨୫ | ଶ୍ରୀ ହେମନାଥ ଭଗତଙ୍କ ନାମରେ ଥିବା ଜମିର ପରିମିତ କ୍ଷେତ୍ର: ଏକର୦.୦୫୦ ଡିସିମିଲି, ଏମ୍‌ଏସ୍ ଖାତା ନଂ.: ୨୪୧୪/୧୦୬୧୬, ପ୍ଲଟ୍ ନଂ.: ୩୧୮୦/ ୧୩୩୪୬, ମୌଜା: ବରଗଡ, ପୋ/ଥାନା/ଜିଲ୍ଲା: ବରଗଡ, ପିନ୍-୭୬୮୦୨୮, ଏହାର ଚାରିପାର୍ଶ୍ୱରେ ପୂର୍ବ: କୃଷ୍ଣ କୁମାର ମିଶ୍ରଙ୍କ ଜମି, ଉତ୍ତର: ରାସ୍ତା, ପଶ୍ଚିମ: ଭାରତୀ ମିଶ୍ର ଏବଂ ପ୍ରଦିପ୍ତ କୁମାର ଦାଶଙ୍କ ଜମି, ଦକ୍ଷିଣ: ପ୍ଲଟ୍ ନଂ.: ୩୦୪୩/ ୧୭୬୮୫ |
| ଡୁଙ୍ଗୁରିପାଲି ଶାଖା / ଋଣଗ୍ରହୀତା: ମେସର୍ସ ଶର୍ମା ଫର୍ଟିଲାଇଜର୍ ଆଣ୍ଡ ଗନି, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ମନୋଜ କୁମାର ଶର୍ମା, ପିତା: ଲାଲ ଚନ୍ଦ ଶର୍ମା, ସା/ପୋ: ସାଲେଭଟା, ଥାନା: ଲୋଇସିଂହା, ଜିଲ୍ଲା: ବଲାଙ୍ଗିର, ଓଡିଶା-୭୬୭୦୨୧ / ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ଅଶୋକ କୁମାର ସାହୁ, ପିତା: ପରକ୍ଷିତ ସାହୁ, ସା/ପୋ: ଭରସୁଜା, ଥାନା: ଲୋଇସିଂହା, ଜିଲ୍ଲା: ବଲାଙ୍ଗିର, ଓଡିଶା-୭୬୭୦୬୧, ୨) ଶ୍ରୀ ଅତୁଲ୍ୟ ଶତପଥୀ, ପିତା: ବୃନ୍ଦାବନ ଶତପଥୀ, ସା/ପୋ: ସାଲେଭଟା, ଥାନା: ଲୋଇସିଂହା, ଜିଲ୍ଲା: ବଲାଙ୍ଗିର, ଓଡିଶା-୭୬୭୦୨୧ | ଟ.୧୫,୭୮,୨୮୩/- + ସେବାବଦ ପରବର୍ତ୍ତୀ ସୁଧ ଏବଂ ଖର୍ଚ୍ଚ | ୧୧.୧୨.୨୦୨୪ / ୨୨.୦୪.୨୦୨୫ | ଶ୍ରୀ ମନୋଜ କୁମାର ଶର୍ମାଙ୍କ ନାମରେ ଥିବା ଜମିର ସମସ୍ତ ଅଂଶବିଶେଷ ଯାହାର କ୍ଷେତ୍ର: ଏକର୦.୦୫ ଡିସିମିଲ ସହିତ ବାସୋପଯୋଗୀ ପ୍ଲଟ୍, ଖାତା ନଂ.: ୪୫୮/୮୬୯, ପ୍ଲଟ୍ ନଂ.: ୯୨୭/୪୦୨୮ ଏବଂ ୯୩୦/୨୬୫୬/୪୦୨୯, କିସମ: ଘରବାରୀ, ମୌଜା: ସାଲେଭଟା, ଥାନା: ଲୋଇସିଂହା, ତହସିଲ: ଆଗଲପୁର, ଜିଲ୍ଲା: ବଲାଙ୍ଗିର, ରାଜ୍ୟ: ଓଡିଶା, ପିନ୍-୭୬୭୦୨୧, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ବୁଦ୍ଧଦେବ ତ୍ରିପାଠୀଙ୍କ ଜମି, ପୂର୍ବ: ରାସ୍ତା, ପଶ୍ଚିମ: ବାଲଗୋପାଳ ମିଶ୍ରଙ୍କ ଜମି |

ସ୍ଥାନ: ସମ୍ବଲପୁର
ତାରିଖ: ୨୪.୦୪.୨୦୨୫

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



**SREI**
**ଶ୍ରେଇ ଇକ୍ୟୁପ୍‌ମେଣ୍ଟ ଫାଇନାନ୍ସ ଲିମିଟେଡ୍**
CIN: U70101WB2006PLC109898
ୱେବ୍‌ସାଇଟ୍: www.srei.com; ଇମେଲ୍: sefl@srei.com
ପଞ୍ଜୀକୃତ କାର୍ଯ୍ୟାଳୟ: "ବିଶ୍ୱକର୍ମା" ୮୬ସି, ଟୋପସିଆ ରୋଡ୍ (ଦକ୍ଷିଣ), କୋଲକାତା-୭୦୦୦୪୬
ମୁଖ୍ୟ କାର୍ଯ୍ୟାଳୟ: ପ୍ଲଟ୍ ନଂ. ୱାଇ-୧୦, ବ୍ଲକ୍ ଇପି, ସେକ୍ଟର – V, ସଲ୍ଟ ଲେକ୍ ସିଟି, କୋଲକାତା-୭୦୦୦୯୧
ଶାଖା କାର୍ଯ୍ୟାଳୟ: ୧ମ ମହଲା, ପ୍ଲଟ୍ ନଂ. ୧୧, ସତ୍ୟନଗର, ଭୁବନେଶ୍ୱର – ୭୫୧୦୦୭

**ସ୍ଥାବର ସମ୍ପତ୍ତିର ବିକ୍ରୟ ପାଇଁ ଇ-ନିଲାମ ବିଜ୍ଞପ୍ତି**

ଏତଦ୍ୱାରା ସାଧାରଣ ଭାବେ ସର୍ବସାଧାରଣଙ୍କୁ ନୋଟିସ୍ ଦିଆଯାଉଛି ଯେ, ଶ୍ରେଇ ଇକ୍ୟୁପ୍‌ମେଣ୍ଟ ଫାଇନାନ୍ସ ଲିମିଟେଡ୍ ("ଶ୍ରେଇ") ମାଲିକାନାଧୀନ ନିମ୍ନବର୍ଣ୍ଣିତ ସ୍ଥାବର ସମ୍ପତ୍ତିକୁ ୬ ମେ, ୨୦୨୫ ଦିନ "ଯେପରି ଅଛି ଯେଉଁଠି ଅଛି", "ଯେପରି ଅଛି ଯାହା ଅଛି", ଏବଂ "ସେଠାରେ ଯାହା ବି ଅଛି" ଭିତ୍ତିରେ ସର୍ବସାଧାରଣ ଇ–ନିଲାମ ଜରିଆରେ ବିକ୍ରୟ କରାଯିବ। ସଂରକ୍ଷିତ ମୂଲ୍ୟ ହେଉଛି ଟ.୯୦,୦୦,୦୦୦/- (ଟଙ୍କା ନବେ ଲକ୍ଷ ମାତ୍ର)।

**ସ୍ଥାବର ସମ୍ପତ୍ତିର ବର୍ଣ୍ଣନା**

**ସମ୍ପତ୍ତିର ମାଲିକ:- ଶ୍ରେଇ ଇକ୍ୟୁପ୍‌ମେଣ୍ଟ ଫାଇନାନ୍ସ ଲିମିଟେଡ୍**

**ସମ୍ପତ୍ତିର ବିବରଣୀ:- ଓଡ଼ିଶା ରାଜ୍ୟରେ ଜିଲ୍ଲା: ଯାଜପୁର, ଏସ୍‌ଆରଓ- ଧର୍ମଶାଳାଠାରେ ଅବସ୍ଥିତ ଦୁଇଟି ମୌଜାରେ ସମୁଦାୟ ଏ. ୭.୨୯ ଡିସିମିଲ ରକବାର ୨୮ (ଅଠେଇଶ) ଗୋଟି ପ୍ଲଟ୍ ସମ୍ବଳିତ ଜମି। ଜମିଟି ନିମ୍ନ ଅନୁଯାୟୀ ବିଭକ୍ତ ଅଟେ:**

| ଖାତା ନମ୍ବର | ପ୍ଲଟ୍ ନମ୍ବର | ନିମ୍ନ ପ୍ଲଟ୍ ନମ୍ବରଗୁଡ଼ିକ ଦ୍ୱାରା ସୀମାବଦ୍ଧ |
|---|---|---|
| **ମୌଜା: ପୋବଳ ଠାରେ ଅବସ୍ଥିତ ମୋଟ ଏ. ୩.୨୫ ଡିସିମିଲ ରକବା ପରିମାପର ୧୪ଟି ପ୍ଲଟ୍** | | |
| ୨୮୩/୯୩ | ୧୩୧୧ | ପୂର୍ବ: ପଖରା ମୌଜା; ପଶ୍ଚିମ: ୧୩୨୨, ଉତ୍ତର: ୧୩୧୦; ଦକ୍ଷିଣ: ୧୩୧୨ |
| ୨୮୩/୯୪ | ୧୩୦୧ | ପୂର୍ବ: ୧୩୦୨; ପଶ୍ଚିମ: ୧୨୯୭; ଉତ୍ତର: ୧୩୦୦; ଦକ୍ଷିଣ: ୧୩୦୭ |
| ୨୮୩/୯୫ | ୧୩୦୫, ୧୩୦୬, ୧୩୦୭, ୧୩୦୮, ୧୩୦୯, ୧୩୧୦, ୧୩୧୨, ୧୩୬୮, ୧୩୭୨, ୧୩୭୩, ୧୩୭୪, ୧୩୭୫ | ପୂର୍ବ: ୧୩୦୯, ୧୩୭୦ ଏବଂ ୧୩୭୧; ପଶ୍ଚିମ: ୧୩୭୪; ଉତ୍ତର: ୧୩୭୩; ଦକ୍ଷିଣ: ୧୩୯୩ |
| **ମୌଜା: ଆରୁହା ଠାରେ ଅବସ୍ଥିତ ମୋଟ ଏ. ୪.୦୯ ଡିସିମିଲ ରକବା ପରିମାପର ୧୪ଟି ପ୍ଲଟ୍** | | |
| ୭୬୩/୨୭୪ | ୨୮୦ | ପୂର୍ବ: ୨୭୧; ପଶ୍ଚିମ: ୨୭୯; ଉତ୍ତର: ୨୭୪; ଦକ୍ଷିଣ: ୨୮୧ |
| ୭୬୩/୨୭୫ | ୨୭୧ | ପୂର୍ବ: ୨୭୦; ପଶ୍ଚିମ: ୨୮୦; ଉତ୍ତର: ୨୭୨; ଦକ୍ଷିଣ: ୨୯୭ |
| | ୨୭୪ | ପୂର୍ବ: ୨୭୨; ପଶ୍ଚିମ: ୨୭୫; ଉତ୍ତର: ୧୬ ଓ ୨୭୩; ଦକ୍ଷିଣ: ୨୭୧ ଓ ୨୮୦ |
| ୭୬୩/୨୭୬ | ୧୧, ୧୨, ୧୩, ୧୪, ୧୫, ୧୭, ୨୭୫, ୨୭୬, ୨୭୭, ୨୭୮, ୨୭୯ | ପୂର୍ବ: ୭୧ ଓ ୭୨; ପଶ୍ଚିମ: ପୋବଳ ମୌଜା; ଉତ୍ତର: ୩, ୪, ୨୩ ଓ ୨୬; ଦକ୍ଷିଣ: ୨୮୧ ଓ ୨୮୨ |

ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି (ଇଏମ୍‌ଡି), ବିଡ୍ ବୃଦ୍ଧି ପରିମାଣ ଏବଂ ଇ–ନିଲାମର ସମୟ ଏବଂ ଇଏମ୍‌ଡି ଦାଖଲର ଶେଷ ତାରିଖ ସମେତ ସ୍ଥାବର ସମ୍ପତ୍ତିଗୁଡ଼ିକ ପାଇଁ କେୱାଇସି ଦସ୍ତାବିଜ ନିମ୍ନ ଅନୁଯାୟୀ ବିକ୍ରି କରାଯିବ:

| ସଂରକ୍ଷିତ ମୂଲ୍ୟ (ଯାହାଠାରୁ କମ୍ ମୂଲ୍ୟରେ ସମ୍ପତ୍ତିକୁ ବିକ୍ରି କରାଯିବ ନାହିଁ) | ଅମାନତ ଜମା ରାଶି (ଇଏମ୍‌ଡି) ସଂରକ୍ଷିତ ମୂଲ୍ୟର ୧୦% | ବିଡ୍ ବୃଦ୍ଧି ପରିମାଣ | ଇ-ନିଲାମର ତାରିଖ ଏବଂ ସମୟ |
|---|---|---|---|
| ଟ.୯୦,୦୦,୦୦୦/- (ଟଙ୍କା ନବେ ଲକ୍ଷ ମାତ୍ର) | ଟ.୯,୦୦,୦୦୦/- (ଟଙ୍କା ନଅ ଲକ୍ଷ ମାତ୍ର) | ଟ.୧,୦୦,୦୦୦/– (ଟଙ୍କା ଏକ ଲକ୍ଷ ମାତ୍ର) | ତାରିଖ: ୬ ମେ, ୨୦୨୫ ସମୟ: ଅପରାହ୍ନ ୧୨.୩୦ ଘଟିକାରୁ ଅପରାହ୍ନ ୧.୩୦ ଘଟିକା (ପ୍ରତ୍ୟେକ ୫ ମିନିଟ୍‌ର ଅସୀମିତ ସମୟବୃଦ୍ଧି ସହିତ) |

**ନିୟମ ଏବଂ ସର୍ତ୍ତାବଳୀ**

୧. ସମ୍ପତ୍ତିଗୁଡ଼ିକୁ "ଯେପରି ଅଛି ଯେଉଁଠି ଅଛି", "ଯେପରି ଅଛି ଯାହା ଅଛି", "ସେଠାରେ ଯାହା ବି ଅଛି" ଭିତ୍ତିରେ ବିକ୍ରି କରାଯାଉଛି। ତେଣୁ, ଏହି ବିକ୍ରୟ କୌଣସି ପ୍ରକାର ୱାରେଣ୍ଟି ଏବଂ କ୍ଷତିପୂରଣ ବିନା କରାଯିବ। ଉପରୋକ୍ତ ସମସ୍ତ ସମ୍ପତ୍ତିକୁ ଏକତ୍ରିତ ଭାବେ ବିକ୍ରି କରାଯିବ।

୨. ନିଲାମ/ବିଡିଂ କଡ଼ାକଡ଼ି ଭାବେ "ଅନ୍‌ଲାଇନ ଇଲେକ୍ଟ୍ରୋନିକ୍ ପଦ୍ଧତି"ରେ ଏବଂ କେବଳ ୱେବ୍‌ସାଇଟ୍: https://eauction.auctiontiger.net/EPROC/ ଜରିଆରେ ୬ ମେ, ୨୦୨୫ ଦିନ ଅପରାହ୍ନ ୧୨.୩୦ ଘଟିକାରୁ ଅପରାହ୍ନ ୧.୩୦ ଘଟିକା ପର୍ଯ୍ୟନ୍ତ ସଞ୍ଚାଳନ କରାଯିବ।

୩. ପ୍ରାଧିକୃତ ପ୍ରତିନିଧିଙ୍କ ସମସ୍ତ ସମ୍ଭାବ୍ୟ ଜ୍ଞାତସାର ଓ ସୂଚନା ଅନୁଯାୟୀ ସମ୍ପତ୍ତି ଉପରେ କୌଣସି ଋଣଭାର ନାହିଁ। ତଥାପି, ଆଗ୍ରହୀ ବିଡରମାନେ ସେମାନଙ୍କର ବିଡ୍ ଦାଖଲ କରିବା ପୂର୍ବରୁ ନିଲାମ ପାଇଁ ଉପସ୍ଥାପିତ ସମ୍ପତ୍ତି/ଗୁଡ଼ିକର ଋଣଭାର, ସ୍ୱତ୍ତ୍ୱାଧିକାର ତଥା ସମ୍ପତ୍ତି/ଗୁଡ଼ିକୁ ପ୍ରଭାବିତ କରୁଥିବା ଦାବି/ଅଧିକାର/ଦେୟଗୁଡ଼ିକ ସଂକ୍ରାନ୍ତରେ ନିଜସ୍ୱ ସ୍ୱାଧୀନ ଅନୁସନ୍ଧାନ କରିନେବା ଆବଶ୍ୟକ। ନିଲାମ ବିଜ୍ଞାପନଟି ଶ୍ରେଇର କୌଣସି ପ୍ରତିବଦ୍ଧତା ଏବଂ କୌଣସି ଅଭିବେଦନ ନୁହେଁ ଏବଂ ତାହାକୁ ଏପରି ଭାବେ ବିବେଚନା କରାଯାଇପାରିବ ନାହିଁ। ସମ୍ପତ୍ତି/ଗୁଡ଼ିକୁ ଶ୍ରେଇର ଜ୍ଞାତସାରରେ ଥିବା ଏବଂ ଜ୍ଞାତସାରରେ ନ ଥିବା ସମସ୍ତ ବିଦ୍ୟମାନ ଏବଂ ଭବିଷ୍ୟତ ଋଣଭାର ସହିତ ବିକ୍ରୟ କରାଯାଉଛି। କୌଣସି ତୃତୀୟ ପକ୍ଷ ଦାବି/ଅଧିକାର/ଦେୟ ପାଇଁ ଶ୍ରେଇ କୌଣସି ଉପାୟରେ ଦାୟୀ ରହିବ ନାହିଁ।

୪. ଇ–ନିଲାମରେ ଅଂଶଗ୍ରହଣ କରିବା ପାଇଁ, ଆଗ୍ରହୀ ବିଡରମାନଙ୍କୁ କେବଳ "ଶ୍ରେଇ ଇକ୍ୟୁପ୍‌ମେଣ୍ଟ ଫାଇନାନ୍ସ ଲିମିଟେଡ୍" ସପକ୍ଷରେ ଭୁବନେଶ୍ୱରଠାରେ ପୈଠଯୋଗ୍ୟ **ଡିମାଣ୍ଡ ଡ୍ରାଫ୍ଟ (ଡିଡି)/ପେ' ଅର୍ଡର୍ (ପିଓ)** ଦ୍ୱାରା ଏକ ଫେରସ୍ତଯୋଗ୍ୟ ଇଏମ୍‌ଡି ଦାଖଲ କରିବାକୁ ହେବ, ଯାହା ସଂରକ୍ଷିତ ମୂଲ୍ୟର ୧୦%ରୁ କମ୍ ହୋଇ ନ ଥିବା ଆବଶ୍ୟକ। ପ୍ରାଧିକୃତ ଅଧିକାରୀଙ୍କ ଦ୍ୱାରା ଇଏମ୍‌ଡି ଉପରେ କୌଣସି ସୁଧ ପୈଠ କରାଯିବ ନାହିଁ।

୫. ଆଗ୍ରହୀ ବିଡରମାନଙ୍କୁ ବିଧିବଦ୍ଧ ଭାବେ ପୂରଣ ହୋଇଥିବା ବିଡ୍ ଫର୍ମ (ଫର୍ମାଟ୍ https://eauction.auctiontiger.net/EPROC/ରେ ଉପଲବ୍ଧ) ସହ ଇଏମ୍‌ଡି ବାବଦରେ ଡିଡି/ପିଓ ଏବଂ ଆଗ୍ରହୀ ବିଡରଙ୍କ କେୱାଇସି "**ପ୍ରାଧିକୃତ ପ୍ରତିନିଧି, ଶ୍ରେଇ ଇକ୍ୟୁପ୍‌ମେଣ୍ଟ ଫାଇନାନ୍ସ ଲିମିଟେଡ୍", ସ୍ଥାନ: ୧ମ ମହଲା, ପ୍ଲଟ୍ ନଂ. ୧୧, ସତ୍ୟନଗର, ଭୁବନେଶ୍ୱର- ୭୫୧୦୦୭ ଠିକଣାରେ ସର୍ବଶେଷ ୫ ମେ, ୨୦୨୫ ଅପରାହ୍ନ ୪.୦୦ ଘଟିକା ପୂର୍ବରୁ** ଦାଖଲ କରିବା ଆବଶ୍ୟକ। ବିଡ୍ ଫର୍ମର ଉପରିଭାଗରେ "**ଇ-ନିଲାମ ବିକ୍ରୟରେ ଅଂଶଗ୍ରହଣ କରିବା ପାଇଁ ବିଡ୍ - ଯାଜପୁର, ଓଡ଼ିଶାଠାରେ ସମ୍ପତ୍ତିର ବିକ୍ରୟ**" ଉଲ୍ଲେଖ କରାଯିବା ଆବଶ୍ୟକ।

୬. ବିଡ୍ ଫର୍ମ ସମେତ ସମ୍ପତ୍ତି/ଗୁଡ଼ିକର ବିବରଣୀ ଏବଂ ଏହି ବିକ୍ରୟ ବିଜ୍ଞପ୍ତିର ଅଂଶବିଶେଷ ହୋଇଥିବା ବିକ୍ରୟର ନିୟମ ଓ ସର୍ତ୍ତାବଳୀର ସବିଶେଷ **https://eauction.auctiontiger.net/EPROC/** ରେ ଉପଲବ୍ଧ ହେବ।

୭. ଇ–ନିଲାମ ବିକ୍ରୟରେ ଅଂଶଗ୍ରହଣ କରିବା ପାଇଁ, ଆଗ୍ରହୀ ବିଡରମାନେ ସେମାନଙ୍କର ବିବରଣୀକୁ ଯଥେଷ୍ଟ ସମୟ ପୂର୍ବରୁ ସେବା ପ୍ରଦାନକାରୀ ମେସର୍ସ ଇ–ପ୍ରୋକ୍ୟୋରମେଣ୍ଟ ଟେକ୍ନୋଲୋଜିସ୍ ଲିମିଟେଡ୍, ବି–୭୦୪–୭୦୫, ୱାଲ୍ ଷ୍ଟ୍ରିଟ୍ – ୨, ଓରିଏଣ୍ଟ କ୍ଲବ୍ ସାମ୍ନା, ଗୁଜରାଟ କଲେଜ ପାଖ, ଏଲିସ୍ ବ୍ରିଜ୍, ଅହମ୍ମଦାବାଦ – ୩୮୦୦୦୬, ଗୁଜରାଟ; ଯୋଗାଯୋଗ ବ୍ୟକ୍ତି: ଅକ୍ସନ୍ ଟାଇଗର୍‌ର ପ୍ରତିନିଧିତ୍ୱ କରୁଥିବା ଶ୍ରୀ ମୌଲିକ ଶ୍ରୀମାଲୀ, ମୋ.: +୯୧–୯୧୭୩୫୨୮୭୨୭; ଇମେଲ୍: Maulik.shrimali@auctiontiger.netଙ୍କ ନିକଟରେ ନିଜର ବିବରଣୀର ପଞ୍ଜୀକରଣ କରିବା ଏବଂ ୟୁଜର୍ ଆଇଡି ଓ ପାସ୍‌ୱାର୍ଡ ପ୍ରାପ୍ତ କରିବା ଆବଶ୍ୟକ। ସେବା ପ୍ରଦାନକାରୀଙ୍କଠାରୁ ପାସ୍‌ୱାର୍ଡ ପ୍ରାପ୍ତ କରିବାର ତୁରନ୍ତ ପରେ ତାହାକୁ ପରିବର୍ତ୍ତନ କରିବା ପାଇଁ ଆଗ୍ରହୀ ବିଡରମାନଙ୍କୁ ପରାମର୍ଶ ଦିଆଯାଉଛି।

୮. ବିଡ୍ ପରିମାଣରେ ଟିଡିଏସ୍ ଅନ୍ତର୍ଭୁକ୍ତ ନୁହେଁ। ସଫଳ ବିଡରଙ୍କୁ ବିଡ୍ ପରିମାଣ ଉପରେ ଓ ଅତିରିକ୍ତ ଭାବେ ଟିଡିଏସ୍ ରାଶି ପୈଠ କରିବାକୁ ପଡ଼ିବ।

୯. କୌଣସି କାରଣ ନ ଦର୍ଶାଇ ପ୍ରାପ୍ତ ହୋଇଥିବା ସମସ୍ତ କିମ୍ବା ଯେକୌଣସି ଅଫର/ବିଡ୍‌କୁ ଗ୍ରହଣ/ଖାରଜ କରିବାର ଅଧିକାର ପ୍ରାଧିକୃତ ଅଧିକାରୀଙ୍କ ନିକଟରେ ସଂରକ୍ଷିତ।

୧୦. ବିକ୍ରୟର ସବିଶେଷ ନିୟମ ଓ ସର୍ତ୍ତାବଳୀ ପାଇଁ ଦୟାକରି ୱେବ୍‌ସାଇଟ୍ ଅର୍ଥାତ୍ https://eauction.auctiontiger.net/EPROC/ ଏବଂ **www.srei.com**ରେ ପ୍ରଦତ୍ତ ଲିଙ୍କ୍ ଦେଖନ୍ତୁ।

**ପ୍ରାଧିକୃତ ପ୍ରତିନିଧି**
ଅମରନାଥ ପଣ୍ଡା
ତାରିଖ: ୨୫.୦୪.୨୦୨୫ | ଯୋଗାଯୋଗ:– ୦୩୩୬୬୦୨୨୭୨୩
ସ୍ଥାନ: ଭୁବନେଶ୍ୱର | ଇମେଲ୍ ଆଇଡି: amarnath.panda@srei.com

**ଦୁର୍ଘଟଣା ଘଟାଇ ମଙ୍ଗଳସୂତ୍ର ଲୁଟ୍ ଘଟଣା ଅଭିଯୁକ୍ତଙ୍କ ମା' ଗିରଫ**

ଭୁବନେଶ୍ୱର,(ସତ୍ୟଜିତ୍ ରାଉତ): ଦୁର୍ଘଟଣା ଘଟାଇ ମହିଳାଙ୍କଠୁ ମଙ୍ଗଳସୂତ୍ର ଲୁଟ୍ ଘଟଣାରେ ଅଭିଯୁକ୍ତ ଲୁଟେରାଙ୍କ ମା'ଙ୍କୁ କ୍ୟାପିଟାଲ ଥାନା ପୋଲିସ ଗୁରୁବାର ଗିରଫ କରିଛି। ସେ ହେଲେ ଲକ୍ଷ୍ମୀସାଗର ଥାନା ବୁଦ୍ଧନଗର ଭୋଇସାହିର ଶକୁନ୍ତଳା ପାଣି(୫୨)। ତାଙ୍କଠାରୁ ମଙ୍ଗଳସୂତ୍ର ଜବତ ହୋଇଛି। କୋର୍ଟ ଚାଲାଣ ପରେ ଶକୁନ୍ତଳାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଗତ ୧୯ ତାରିଖରେ ପୁଅ ଶୁଭଶ୍ରୀ ପାଣି ଓରଫ ଶିବୁଙ୍କୁ ପୋଲିସ ଝାଡ଼ଖଣ୍ଡରୁ ଗିରଫ କରିଥିବାବେଳେ ସେ ଜେଲରେ ଅଛନ୍ତି।

## ସଂକ୍ଷେପରେ

### ବାରଙ୍ଗରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ

**ବାରଙ୍ଗ,୨୪।୪(ଲିଙ୍ଗରାଜ ରାଉତ):** ବାରଙ୍ଗ ବ୍ଲକ ପକ୍ଷରୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱାଗତ ଦାସଙ୍କ ନେତୃତ୍ୱରେ ୩୨ନଂ. ଜୋନ୍‌ର ମଧୁପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତିରାଜ ଦିବସ ଗୁରୁବାର ପାଳିତ ହୋଇଯାଇଛି। ଏଥିରେ ଆଭାସି ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଭିଭାଷଣ ରଖିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତର ମହିଳା ସଙ୍ଗଠନର ମହିଳା ଯୋଗଦେଇଥିଲେ। ଗ୍ରୀଷ୍ମପ୍ରବାହ ଯୋଗୁ କପଡ଼ା ଟେଣ୍ଟ କରାଯାଇଥିଲା। ସେଥିରେ ଲାଗିଥିବା କେତେକ ଫ୍ୟାନ ନ ଚାଲିବାରୁ ମହିଳାମାନେ ଗରମରେ ଶିଝିଥିଲେ।

### ସ୍ୱରାଞ୍ଜଳୀ, ହିନ୍ଦୁସ୍ଥାନୀ ସଙ୍ଗୀତ ପକ୍ଷରୁ ସଙ୍ଗୀତ ସନ୍ଧ୍ୟା

ଭୁବନେଶ୍ୱର, ୨୪।୪ (ସୌମ୍ୟରଞ୍ଜନ ରାଉତ)– ଶାସ୍ତ୍ରୀୟ ସଙ୍ଗୀତ ଅନୁଷ୍ଠାନ ସ୍ୱରାଞ୍ଜଳୀ ଗୁରୁକୁଳ ଓ ହିନ୍ଦୁସ୍ଥାନୀ ସଙ୍ଗୀତ ସଭାର ମିଳିତ ସହଯୋଗରେ ସଙ୍ଗୀତ ସନ୍ଧ୍ୟା ଗୁରୁବାର ସୂଚନା ଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶାସ୍ତ୍ରୀୟ ସଂଗୀତ ପରିବେଷଣ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ସମାରୋହରେ ମୁଖ୍ୟ ଅତିଥି ଭାବେ ସୌମ୍ୟରଞ୍ଜନ ପଟ୍ଟନାୟକ, ମୁଖ୍ୟବକ୍ତା ଡ. ନରେନ୍ଦ୍ର ପ୍ରସାଦ ଦାସ, ସମ୍ମାନିତ ଅତିଥି ଭାବେ ନୃସିଂହ ଚରଣ ସାହୁ ଓ ପଣ୍ଡିତ ଦେବେନ୍ଦ୍ର ନାରାୟଣ ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଗୁରୁ କୃଷ୍ଣଚନ୍ଦ୍ର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

### ବିହାରରେ 'ନମୋ ଭାରତ ରାପିଡ୍ ରେଲ'ସେବା

ଭୁବନେଶ୍ୱର,୨୪।୪(ଅନୁରାଧା ମହାରଣା): ଜାତୀୟ ପଞ୍ଚାୟତିରାଜ ଦିବସ ଅବସରରେ ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିହାରର ମଧୁବନୀଠାରେ ୧୩,୪୮୦ କୋଟିରୁ ଊର୍ଦ୍ଧ୍ୱ ମୂଲ୍ୟର ଏକାଧିକ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ, ଶିଳାନ୍ୟାସ ଏବଂ ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପଣ କରିଛନ୍ତି। ଏହି ଅବସରରେ ମୋଦି ପାଟନା ଓ ଜୟନଗର ମଧ୍ୟରେ 'ନମୋ ଭାରତ ରାପିଡ୍ ରେଲ' ସେବା ଆରମ୍ଭ କରିବାକୁ ଘୋଷଣା କରିଥିଲେ, ଯାହା ଦ୍ୱାରା ସମସ୍ତିପୁର, ଦରଭଙ୍ଗା, ମଧୁବନୀ ଓ ବେଗୁସରାଇର ଲକ୍ଷ ଲକ୍ଷ ଲୋକ ଉପକୃତ ହେବେ ବୋଲି ସେ କହିଥିଲେ। ପ୍ରଧାନମନ୍ତ୍ରୀ ବିହାରରେ ଏକାଧିକ ନୂତନ ରେଳଲାଇନର ଉଦ୍‌ଘାଟନ ଏବଂ ଶୁଭାରମ୍ଭ ବିଷୟରେ ଉଲ୍ଲେଖ କରିଥିଲେ। ସେ ସହରସା ଓ ମୁମ୍ବାଇ ମଧ୍ୟରେ ଆଧୁନିକ ଅମୃତ ଭାରତ ଟ୍ରେନ ସେବାର ଶୁଭାରମ୍ଭ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ, ସରକାର ମଧୁବନୀ ଓ ଝଞ୍ଜାରପୁର ସମେତ ବିହାରର ଅନେକ ରେଳଷ୍ଟେଶନର ଆଧୁନିକୀକରଣ କରୁଛନ୍ତି। ପାଟନାରେ ମେଟ୍ରୋ ପ୍ରକଳ୍ପ ଚାଲିଛି ଏବଂ ଦେଶର ଦୁଇ ଡଜନରୁ ଅଧିକ ସହର ବର୍ତ୍ତମାନ ମେଟ୍ରୋ ସୁବିଧା ସହିତ ସଂଯୁକ୍ତ ହୋଇଛି। ସେହିପରି ଦରଭଙ୍ଗା ବିମାନବନ୍ଦର ସହିତ ମିଥିଳା ଓ ବିହାରରେ ବିମାନ ସଂଯୋଗରେ ଯଥେଷ୍ଟ ଉନ୍ନତି ହୋଇଛି ଏବଂ ପାଟନା ବିମାନବନ୍ଦରର ସମ୍ପ୍ରସାରଣ ଚାଲିଛି।

# ଉତ୍କଳ ବିଶ୍ୱବିଦ୍ୟାଳୟରେ ଉତ୍ତେଜନା

## ଅଣଛାତ୍ର ଓ ପୁରାତନ ଛାତ୍ରଙ୍କୁ ବିଦା କରାଯିବାକୁ ଦାବି

**ଭୁବନେଶ୍ୱର,୨୪।୪(ସୁଚିସ୍ମିତା ସାହୁ):** ଉତ୍କଳ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ସୁରକ୍ଷା ଚିନ୍ତା ଘାରିଛି। ବିଶ୍ୱବିଦ୍ୟାଳୟ ପରିସରକୁ ଅଧିକାଂଶ ସମୟରେ ଅଣଛାତ୍ର ପ୍ରବେଶ କରି ନିଶା କାରବାରରେ ଲିପ୍ତ ରହିବା ସହ ବିଦ୍ୟାର୍ଥୀଙ୍କୁ ଆକ୍ରମଣ କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଅଣଛାତ୍ରମାନଙ୍କୁ ତୁରନ୍ତ କ୍ୟାମ୍ପସ ଛାଡ଼ିବା ଲାଗି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ନୋଟିସ ଦେବା ପରେ ବିବାଦ ତେଜିଛି। ଅଣଛାତ୍ରଙ୍କ ପ୍ରବେଶ ଉପରେ ରୋକ ଲଗାଇବା ପାଇଁ ଛାତ୍ର ଓ ପୁରାତନ ଛାତ୍ର ଦାବି କହିଛନ୍ତି। ଗୁରୁବାର ପୂର୍ବାହ୍ନ ୧୧ଟାରେ ଛାତ୍ର ଓ ପୁରାତନ ଛାତ୍ରମାନେ ମିଳିତ ଭାବେ ଏହି ଦାବି ନେଇ କୁଳପତିଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ଅନ୍ୟପକ୍ଷରେ ଅଣଛାତ୍ରଙ୍କ ସମେତ ପୁରାତନ ଛାତ୍ରଙ୍କୁ କ୍ୟାମ୍ପସରୁ ବିଦା କରିବା ଲାଗି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ଦାବି କରାଯାଇ ଧାରଣା ଦିଆଯାଇଥିଲା। ଉଭୟ ଘଟଣାକୁ ନେଇ କ୍ୟାମ୍ପସ ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା।

ବିଶ୍ୱବିଦ୍ୟାଳୟ ଷ୍ଟାଫ କ୍ୱାର୍ଟର୍ସରେ ବେଆଇନ ଭାବେ ବହୁ ଲୋକ ରହୁଛନ୍ତି। ସେମାନେ ୨୪ ଘଣ୍ଟା ମଧ୍ୟରେ କ୍ୱାର୍ଟର୍ସ ଖାଲି କରନ୍ତୁ। କ୍ୟାମ୍ପସ ନିକଟରେ ବସ୍ତି ରହିଥିବାରୁ ବସ୍ତିବାସିନ୍ଦା ନିଶା କାରବାର କରୁଛନ୍ତି। ସେମାନଙ୍କୁ ଏଠାରୁ ତୁରନ୍ତ ହଟାଯାଉ। ଭାଙ୍ଗିଯାଇଥିବା ପାଚେରୀଗୁଡ଼ିକ ମରାମତି କରିଯିବା ସହିତ ଅଣଛାତ୍ରଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଛାତ୍ର ଓ ପୁରାତନ ଛାତ୍ରମାନେ ଦାବି କରିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟ ଷ୍ଟାଫ କ୍ୱାର୍ଟର୍ସରୁ ଡ୍ରଗ୍ସ ମିଳିବା ଘଟଣାକୁ ଭିନ୍ନ ମୋଡ଼ ଦେବାକୁ ମସୁଧା ଚାଲିଛି। ହଷ୍ଟେଲରେ ରହୁଥିବା ପୁରାତନ ଛାତ୍ରଙ୍କୁ ବାହାର କରିବାକୁ ଚକ୍ରାନ୍ତ ହେଉଛି ବୋଲି ପୁରାତନ ଛାତ୍ର ଅମିତ ଜେନା କହିଛନ୍ତି। ଏଠାରୁ ପାଠପଢ଼ି ଉତ୍ତୀର୍ଣ୍ଣ ହୋଇଥିବା କେତେଜଣ ଗରିବ ଶ୍ରେଣୀର ପିଲା ହଷ୍ଟେଲରେ ରହି କୋଚିଂ ନେଉଛନ୍ତି। ସେମାନଙ୍କୁ ହଷ୍ଟେଲରୁ ବାହାର କରିବା ଲାଗି ଚକ୍ରାନ୍ତ ହେଉଥିବା କେତେଜଣ ପୁରାତନ ଛାତ୍ର ଅଭିଯୋଗ ଆଣିଛନ୍ତି। ପୁରାତନ ଛାତ୍ର ନୁହନ୍ତି, ବରଂ ଅଣଛାତ୍ର ଓ ବସ୍ତିବାସିନ୍ଦା ହିଁ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। ଏମାନଙ୍କୁ ଆସନ୍ତା ୨୪ ଘଣ୍ଟା ଭିତରେ ବିଶ୍ୱବିଦ୍ୟାଳୟ ପରିସରରୁ ବାହାର କରା ନ ଗଲେ, ଛାତ୍ର ଏବଂ ପୁରାତନ ଛାତ୍ରମାନେ ଅନଶନରେ ବସିବେ ବୋଲି ପୁରାତନ ଛାତ୍ର ଅଶୋକ ନାୟକ ଓ ମନୋରଞ୍ଜନ ସ୍ୱାଇଁ ପ୍ରମୁଖ ଚେତାବନୀ ଦେଇଛନ୍ତି।

ବିଶ୍ୱବିଦ୍ୟାଳୟରେ ଅଣଛାତ୍ର ପ୍ରବେଶକୁ ଏବିଭିପି ପକ୍ଷରୁ ବିରୋଧ କରାଯାଇଛି। ଏନେଇ ଥାନାରେ ଏତଲା ଦିଆଯାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟକୁ ସମ୍ପୂର୍ଣ୍ଣ ନିଶାମୁକ୍ତ ଅଞ୍ଚଳ ଘୋଷଣା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ହଷ୍ଟେଲରୁ ଅଣଛାତ୍ରଙ୍କୁ ବାହାର କରାଯାଇ ଯୋଗ୍ୟ ପିଲାଙ୍କୁ ରୁମ୍ ଦିଆଯାଉ ବୋଲି ବିଦ୍ୟାର୍ଥୀ ପରିଷଦର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ବିଶ୍ୱଜିତ ପାତ୍ର କହିଛନ୍ତି। ଅବୈଧ ଖଟିକୁ ବନ୍ଦ, କ୍ୟାମ୍ପସ ପରିସରରେ ସିସିଟିଭି କ୍ୟାମେରା ଲଗାଯିବା, ସୁରକ୍ଷାକର୍ମୀଙ୍କୁ ନିୟୋଜିତ ଓ ଫାଟକରେ ଚେକିଂ ସହ ପୋଲିସ ପକ୍ଷରୁ ପାଟ୍ରୋଲିଂ କରିବାକୁ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଦାବି କରାଯାଇଛି। ଏବିଭିପି ଉତ୍କଳ ବିଶ୍ୱବିଦ୍ୟାଳୟ ଶାଖା ବିରୋଧ କରି ଅନଶନରେ ବସିବ ବୋଲି ଅଭିଷେକ ପାତ୍ର ଏବଂ ଗଙ୍ଗାଧର ପାଢ଼ୀ ଚେତାବନୀ ଦେଇଛନ୍ତି।



ପୋଲିସ ଉପସ୍ଥିତିରେ ଛାତ୍ର ଏବଂ ପୁରାତନ ଛାତ୍ରଙ୍କ ସହ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଆଲୋଚନା କରୁଛନ୍ତି।

### ବସ୍ତିବାସିନ୍ଦା, ଅଣଛାତ୍ରଙ୍କୁ ଖୋଜି ବିଦା କରାଯିବ: କୁଳପତି

ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ କହିଛନ୍ତି, ପ୍ରଥମେ ଅଣଛାତ୍ର ଓ ବସ୍ତି ଲୋକଙ୍କୁ ଚିହ୍ନଟ କରାଯାଇ ପୋଲିସ ସହାୟତାରେ ବାହାର କରାଯିବ। ଯେଉଁମାନେ ବେଆଇନ ଭାବେ କ୍ୱାର୍ଟର୍ସରେ ରହୁଛନ୍ତି ତାଙ୍କୁ ନୋଟିସ ଦିଆଯିବ। ବିଶ୍ୱବିଦ୍ୟାଳୟରେ ଅଣଛାତ୍ର ପ୍ରବେଶ ରୋକିବା ଓ ନିଶା କାରବାର ବନ୍ଦ ପାଇଁ ପୋଲିସ ସହାୟତା ନେଇଛୁ ବୋଲି କୁଳପତି ପ୍ରକାଶ କରିଛନ୍ତି।

## ରେଳ ଧାରଣାରୁ ମହିଳାଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ଜବତ

**ଭୁବନେଶ୍ୱର,୨୪।୪(ସତ୍ୟଜିତ୍ ରାଉତ):** ଭୁବନେଶ୍ୱର ରେତଙ୍ଗ ରେଲୱେଷ୍ଟେଶନ ନିକଟ ରେଳ ଧାରଣାରୁ ଗୁରୁବାର ଜଣେ ମହିଳାଙ୍କ ଖଣ୍ଡବିଖଣ୍ଡିତ ମୃତଦେହକୁ ଜବତ କରାଯାଇଛି। ଏନେଇ ଭୁବନେଶ୍ୱର ସରକାରୀ ରେଲୱେ ପୋଲିସ (ଜିଆର୍‌ପି) ଏକ ଅପମୃତ୍ୟୁ ମାମଲା (ନଂ. ୩୦/୨୦୨୫) ରୁଜୁ କରି ତଦନ୍ତ କରୁଛି। ତେବେ ମହିଳାଙ୍କ ପରିଚୟ ମିଳିନାହିଁ। ମୃତଦେହକୁ କ୍ୟାପିଟାଲ ହସ୍ପିଟାଲର ଶବ ସଂରକ୍ଷଣ ଗୃହରେ ରଖାଯାଇଛି। ଏହା ଆତ୍ମହତ୍ୟା ନା ଦୁର୍ଘଟଣା ସେନେଇ ରହସ୍ୟ ଲାଗି ରହିଛି। ସକାଳ ପ୍ରାୟ ୮ଟାରେ ପୋଲିସ ଉପସ୍ଥିତିରେ ପ୍ରଦୀପ ସେବା ଟ୍ରଷ୍ଟ ପକ୍ଷରୁ ମହିଳାଙ୍କ ମୃତଦେହକୁ ଉଦ୍ଧାର କରାଯାଇ ହସ୍ପିଟାଲ ଅଣାଯାଇଥିଲା।

## ସେଣ୍ଟ୍ ଜାଭିୟର୍ସରେ ପହଲଗାମ୍ ମୃତକଙ୍କ ପାଇଁ ଶୋକସଭା

**ଭୁବନେଶ୍ୱର,୨୪।୪ (ଅନୁରାଧା ମହାରଣା):** କଶ୍ମୀରର ପହଲଗାମ୍‌ରେ ଏପ୍ରିଲ ୨୨ରେ ଆତଙ୍କବାଦୀଙ୍କ ଗୁଳିକାଣ୍ଡ ଘଟଣାରେ ପ୍ରାଣ ହରାଇଥିବା ଲୋକଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଗୁରୁବାର କଟକ ନୂଆବଜାରସ୍ଥିତ ଜାଭିୟର୍ସ ହାଇସ୍କୁଲ ପ୍ରାଙ୍ଗଣରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ତ୍ରିପାଠୀ, ଉପାଧ୍ୟକ୍ଷ ଦେବାନନ୍ଦ ପାଢ଼ୀ ଏବଂ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହି ଶାନ୍ତି ପାଠ କରିଥିଲେ। ଏଥିସହ ମହମବତି ଜଳାଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଡ. ତ୍ରିପାଠୀ ମାନବତା ଓ ସମ୍ବେଦନତା ସମସ୍ତ ବ୍ୟକ୍ତିଙ୍କ ଚେତନାର ଆଧାର ହେବା ଉଚିତ୍ ବୋଲି କହିଥିଲେ। ଆଠଗଡ଼ ଜାଭିୟର୍ସ ହାଇସ୍କୁଲର ଅଧ୍ୟକ୍ଷ ପ୍ରେମରାଜ ପାତ୍ର ଯୋଗଦେଇ ମୃତକଙ୍କ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ଈଶ୍ୱର ଧୈର୍ଯ୍ୟ ଓ ଶକ୍ତି ପ୍ରଦାନ କରନ୍ତୁ ବୋଲି କହିଥିଲେ। ଶେଷରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା।




ମୃତକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ ଉଦ୍ଦେଶ୍ୟରେ ମହମବତି ପ୍ରଜ୍ୱଳନ କରାଯାଉଛି।

# ସୈନିକ ସ୍କୁଲ ପାଖରୁ ଡମ୍ପିଂୟାର୍ଡ ହଟାଇବାକୁ ଦାବି



ସୈନିକ ସ୍କୁଲ ବଞ୍ଚାଅ ଅଭିଯାନ ପକ୍ଷରୁ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟିଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

## ରାଜ୍ୟପାଳଙ୍କୁ ସ୍ମାରକପତ୍ର ଦେଲା ସୈନିକ ସ୍କୁଲ ବଞ୍ଚାଅ ଅଭିଯାନ

**ଭୁବନେଶ୍ୱର,୨୪।୪(ସୁଚିସ୍ମିତା ସାହୁ):** ସୈନିକ ସ୍କୁଲ ପରିସରରେ ଥିବା ଅସ୍ଥାୟୀ ଡମ୍ପିଂୟାର୍ଡ ତୁରନ୍ତ ହଟାଇବା ପାଇଁ ସୈନିକ ସ୍କୁଲ ବଞ୍ଚାଅ ଅଭିଯାନ ଦାବି କରିଛି। ଏ ନେଇ ଅଭିଯାନର କର୍ମକର୍ତ୍ତାମାନେ ଗୁରୁବାର ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟିଙ୍କୁ ଭେଟି ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସୈନିକ ସ୍କୁଲ ଭଳି ଗୌରବମୟ ଅନୁଷ୍ଠାନର ସ୍ଥାନାନ୍ତରଣ ଆଦୌ ଗ୍ରହଣୀୟ ନୁହେଁ। ସୈନିକ ସ୍କୁଲ ପରିସରରେ ଦେଶର ସୁରକ୍ଷା ପାଇଁ ବଳିଦାନ ଦେଇଥିବା ଶହ ଶହ ଶହୀଦଙ୍କ ସ୍ମାରକୀ ସହିତ ଅମର ଯବାନ ଜ୍ୟୋତି ସର୍ବଦା ଜଳୁଛି। ତେଣୁ ରାସ୍ତା ପାଇଁ ଏଭଳି ଏକ ଗୌରବମୟ ଅନୁଷ୍ଠାନର ସ୍ଥାନାନ୍ତରଣକୁ ସମସ୍ତେ ଜୋରଦାର ବିରୋଧ କରୁଛନ୍ତି। ସମ୍ପ୍ରତି ଅତ୍ୟାଧୁନିକ ଜ୍ଞାନକୌଶଳ ଯୁଗରେ ଓଭରବ୍ରିଜ ନିର୍ମାଣ ଭଳି ଅନେକ ବିକଳ୍ପ ପ୍ରସ୍ତାବ ନିଆଯାଇପାରିବ ବୋଲି କର୍ମକର୍ତ୍ତାମାନେ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ଓଡ଼ିଶା ଅଭିଭାବକ ମହାସଂଘର ସଭାପତି ବାସୁଦେବ ଭଟ୍ଟ, କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଷୋୟୀ ଓ ମହାସଚିବ ଅଶୋକ ପାଇକରାୟଙ୍କ ସହିତ ସୈନିକ ସ୍କୁଲ ବଞ୍ଚାଅ ଅଭିଯାନର ଆବାହକ ଭକ୍ଷାକାରୀ ତ୍ରିପାଠୀ, ବରିଷ୍ଠ ସଦସ୍ୟ ସିଦ୍ଧେଶ୍ୱର ନାୟକ, ସୈନିକ ସ୍କୁଲ ଅଭିଭାବକ ସଂଘ ସଭାପତି ଆଶୁତୋଷ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସ

**ବାଲିପାଟଣା,୨୪।୪(ଅଭିମନ୍ୟୁ ନାୟକ):** ବାଲିପାଟଣା ବ୍ଲକ କାର୍ଯ୍ୟାଳୟ ପରିସରରେ ଗୁରୁବାର ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ବିଡିଓ ସ୍ମୃତିପ୍ରଜ୍ଞା ପ୍ରିୟଦର୍ଶିନୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ବ୍ଲକ ଚେୟାରମ୍ୟାନ ହରପ୍ରିୟା ଦାସ, ଉପାଧ୍ୟକ୍ଷା ରାଜଲକ୍ଷ୍ମୀ ଜେନା, ଜିଲାପରିଷଦ ସଭ୍ୟ ପବିତ୍ର ପଟେଲ, ଗଙ୍ଗାଧର ମଲ୍ଲିକ, ଏମ୍‌ପିଙ୍କ ପ୍ରତିନିଧି ନାରାୟଣ ଖୁଣ୍ଟିଆ, ପ୍ରେସ କ୍ଲବ ସଭାପତି ଦିଲୀପ କୁମାର ଓଝା ପ୍ରମୁଖ ଯୋଗଦେଇ ପଞ୍ଚାୟତିରାଜ ଦିବସ ପାଳନ ମାଧ୍ୟମରେ ପଞ୍ଚାୟତସ୍ତରରେ ଜନସାଧାରଣଙ୍କୁ ସେବା ଯୋଗାଇ ଦେଉଥିବା ଅଧିକାରୀଙ୍କୁ ଉତ୍ସାହିତ କରାଯାଇଥାଏ ବୋଲି କହିଥିଲେ। ଏହି ଅବସରରେ ପ୍ରତୀକାତ୍ମକ ଭାବେ ୪ ଜଣଙ୍କୁ ରାଶନ କାର୍ଡ ବଣ୍ଟନ ସହ ବିଭିନ୍ନ କ୍ଷେତ୍ରରେ ଦକ୍ଷତା ପ୍ରତିପାଦନ କରିଥିବା ଜନପ୍ରତିନିଧି ଓ କର୍ମଚାରୀଙ୍କୁ ପ୍ରମାଣପତ୍ର ଏବଂ ଫଳକ ପ୍ରଦାନ କରାଯାଇଥିଲା। ଦିବ୍ୟ ରଞ୍ଜନ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## 'ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକଜୁଟ କରିବା ଥିଲା ଲକ୍ଷ୍ୟ'




ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥି।

**ଭୁବନେଶ୍ୱର, ୨୪।୪ (ସୌମ୍ୟରଞ୍ଜନ ରାଉତ):** ଭାରତୀୟ ଜାତୀୟ ଅଭିଲେଖାଗାର ପୂର୍ବାଞ୍ଚଳ ଶାଖା ଭୁବନେଶ୍ୱରରେ ଗୁରୁବାର ୧୩ତମ ମାସିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆୟକର ବିଭାଗର ମୁଖ୍ୟ କମିଶନର ତଥା ସଂସ୍କୃତି ବିଭାଗର ପୂର୍ବତନ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ଯୋଗଦେଇ 'ଓଡ଼ିଶା ଏକ ପୃଥକ ରାଜ୍ୟ ସୃଷ୍ଟି– ଏକ ଐତିହାସିକ ଦୃଷ୍ଟିକୋଣ' ଉପରେ ଆଲୋଚନା କରିଥିଲେ। ପାଣିଗ୍ରାହୀ କହିଥିଲେ, ବ୍ରିଟିଶ ଶାସନ ସମୟରେ ୧୯୩୬ ମସିହା ଏପ୍ରିଲ ୧ ଥିଲା ଓଡ଼ିଶାର ଜନ୍ମଦିନ। ସେଦିନ ଓଡ଼ିଶା ଏକ ସ୍ୱତନ୍ତ୍ର ଭାଷାଭିତ୍ତିକ ପ୍ରଦେଶ ଭାବେ ସୃଷ୍ଟି ହୋଇଥିଲା। ଗୋଟିଏ ପ୍ରଶାସନ ଅଧୀନରେ ଓଡିଆ ଭାଷାଭାଷୀ ଅଞ୍ଚଳକୁ ଏକୀକରଣ କରିବା ପାଇଁ ଓଡ଼ିଆ ନେତା ତଥା କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ଦୀର୍ଘ ବର୍ଷ ଧରି ଚାଲିଥିବା ପ୍ରୟାସର ଏହା ଏକ ସମାପ୍ତି ଥିଲା। ଏହି ପଦକ୍ଷେପ ଭାଷା ଓ ସାଂସ୍କୃତିକ ପରିଚୟ ଉପରେ ଆଧାରିତ ଥିଲା, ଯାହା ଓଡ଼ିଆ ଭାଷାକୁ ଚିହ୍ନିବା ଓ ସାଂସ୍କୃତିକ ବିକାଶକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଥିଲା। କଟକରେ ୧୮୮୨ ଅଗଷ୍ଟ ୧୬ରେ ଉତ୍କଳ ସମ୍ମିଳନୀ ବା ସଭା ଗଠିତ ହୋଇଥିଲା। ଏହି ସଂଗଠନ ଏକ ଭିନ୍ନ ଓଡ଼ିଆ ଭାଷାଭାଷୀ ରାଜ୍ୟ ପାଇଁ ଆନ୍ଦୋଳନର ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ମଧୁସୂଦନ ଦାସ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ ଓ ଉତ୍କଳ ସମ୍ମିଳନୀ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକଜୁଟ କରିବାକୁ ଲକ୍ଷ୍ୟ ରଖିଥିଲା ବୋଲି ସେ କହିଥିଲେ। ନୂଆଦିଲ୍ଲୀସ୍ଥିତ ଜାତୀୟ ଅଭିଲେଖାଗାର ଉପନିର୍ଦ୍ଦେଶକ (ଇନଚାର୍ଜ) କେଶବ ଚନ୍ଦ୍ର ଜେନା ଯୋଗଦେଇ ଅଭିଲେଖାଗାରରେ ଇତିହାସ କିପରି ସଂରକ୍ଷିତ ଓ ସୁରକ୍ଷିତ ରହିପାରିଛି ସେ ବିଷୟରେ ମତବ୍ୟକ୍ତ କରିଥିଲେ। ବହୁ ଗବେଷକ, ଐତିହାସିକ, ବୁଦ୍ଧିଜୀବୀ, ଅଧ୍ୟାପକ, ପ୍ରାଧ୍ୟାପକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ରାମଚନ୍ଦ୍ର କରଣ ଧନ୍ୟବାଦ ଦେଇଥିଲେ।

## ଫଟୋ ଖବର






କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀଙ୍କ ଆକ୍ରମଣରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଗୁରୁବାର ନ'ତାଲା କର୍ମଚାରୀ ସଂଘ ଏବଂ ସଚିବାଳୟ ସେବା ବର୍ଗ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଉଛି।




ପହଲଗାମ୍‌ରେ ଆତଙ୍କବାଦୀଙ୍କ ଆକ୍ରମଣରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ମାଷ୍ଟରକ୍ୟାଣ୍ଟିନ ଛକଠାରେ ୱାକର୍ସ ଇଣ୍ଟରନ୍ୟାଶନାଲ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା।



ଶ୍ରୀଲିଙ୍ଗରାଜ ମନ୍ଦିର ସମ୍ମୁଖରେ ଗୁରୁବାର ଭାଜପା ସାଙ୍ଗଠନିକ ଜିଲା ମହିଳା ମୋର୍ଚ୍ଚା ତରଫରୁ ଦୀପଦାନ କାର୍ଯ୍ୟକ୍ରମ।




ମାଷ୍ଟରକ୍ୟାଣ୍ଟିନ ଛକଠାରେ ରାଜ୍ୟ ସମାଜସେବୀ ମହାସଂଘ, ଓଡ଼ିଶା ପକ୍ଷରୁ ସମୂହ ଦୀପଦାନ କରାଯାଉଛି। (ଫଟୋ: ମନୋରଞ୍ଜନ ମିଶ୍ର)

**ଅଙ୍ଗନୱାଡ଼ିରେ ପୋଷଣ ପକ୍ଷ ପାଳିତ**

**ଯାଁଳା,(ବୁଲା ବାରିକ):** ଜଟଣୀ ବ୍ଲକ ମଦନପୁର ପଞ୍ଚାୟତ ବଡ଼ରଘୁନାଥପୁର ଅଙ୍ଗନୱାଡି କେନ୍ଦ୍ରରେ ବୁଧବାର ପୋଷଣ ପକ୍ଷ ପାଳିତ ହୋଇଯାଇଛି। ଏହି ପୋଷଣ କାର୍ଯ୍ୟକ୍ରମ ସାହାଯ୍ୟରେ ମା' ଓ ଶିଶୁଙ୍କ ଓଜନ, ଉଚ୍ଚତା, ରକ୍ତହୀନତା, ମେଦବହୁଳତା ଓ ପୁଷ୍ଟିହୀନତାରୁ କିପରି ମୁକ୍ତ ରହିବେ ସେନେଇ ବୁଝାଯାଇଥିଲା। ଏଥିସହ ଗର୍ଭବତୀଙ୍କୁ ବନ୍ଦାପନା କରାଯାଇ ଅଙ୍ଗନୱାଡି କର୍ମୀମାନେ ନେଇଥିବା ବିଭିନ୍ନ ପ୍ରକାର ପିଠା, ଫଳ ସ୍ୱାଦଖିଆ କରାଯାଇଥିଲା। ୭ମାସ ଶିଶୁମାନଙ୍କୁ କ୍ଷୀରଚଟା ଓ ଅନ୍ନପ୍ରାଶନ ଛୁଆଁ କାର୍ଯ୍ୟକ୍ରମ ମଧ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ମଦନପୁର ଓ ଯାଁଳା ଅଙ୍ଗନୱାଡି କେନ୍ଦ୍ରର କର୍ମୀମାନେ ପରିଚାଳନା କରିଥିଲେ।

# 'ଗାଁର ବିକାଶରେ ଦେଶର ବିକାଶ'

## ଜିଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ସମାରୋହ

**ଖୋର୍ଦ୍ଧା,୨୪।୪(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲା ପ୍ରଶାସନ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଆନୁକୂଲ୍ୟରେ ଜାତୀୟ ପଞ୍ଚାୟତିରାଜ ଦିବସ ଜିଲାସ୍ତରୀୟ ସମାରୋହ ସ୍ଥାନୀୟ ହାବେଳି ପଡ଼ିଆରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଚଞ୍ଚଳ ରାଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ମୁଖ୍ୟ ଅତଥି, ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂହ, ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ଖୋର୍ଦ୍ଧା ବ୍ଲକ ଅଧ୍ୟକ୍ଷା ଶ୍ରୀମୟୀ ପ୍ରିୟଦର୍ଶନୀ, ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ, ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଓରମାସ୍ ଉପନିର୍ଦ୍ଦେଶକ ରାଜଗୋପାଳ ଦାସ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଜିଲାପରିଷଦ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ ସ୍ୱାଗତ ଭାଷଣରେ ପଞ୍ଚାୟତିରାଜ ଦିବସର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ।

ଏହି ଅବସରରେ ବିଧାୟକ ଜଗଦ୍ଦେବ କହିଥିଲେ, ପଞ୍ଚାୟତିରାଜ ବ୍ୟବସ୍ଥାରେ ଗ୍ରାମାଞ୍ଚଳ ଭିତ୍ତିଭୂମି ବିକାଶ ଜରୁରୀ। ରାଜ୍ୟ ସରକାର ଗ୍ରାମାଞ୍ଚଳ ଅର୍ଥନୈତିକ, ସାମାଜିକ, ସାଂସ୍କୃତିକ ଅଭିବୃଦ୍ଧି, ସ୍ୱରୋଜଗାର, ମହିଳା ସଶକ୍ତୀକରଣ ଉପରେ ଗୁରୁତ୍ୱ ଦେଉଛନ୍ତି। ଡବଲ ଇଞ୍ଜିନ ସରକାରରେ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ଦ୍ୱାରା ଗ୍ରାମାଞ୍ଚଳର ଭିତ୍ତିଭୂମି ସୁଦୃଢ଼ ହେବ। ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ସମସ୍ତ ସ୍ତରକୁ ସକ୍ରିୟ କ୍ରିୟାଶୀଳ କରି ଏକ ବିକଶିତ ଓଡ଼ିଶା ଗଠନ ପାଇଁ ଏକାଠି ହୋଇ କାମ କରିବାକୁ ପଡ଼ିବ। ଜିଲାପରିଷଦ ଅଧ୍ୟକ୍ଷା ଗୁମାନସିଂହ କହିଥିଲେ, ଗ୍ରାମ ଓ ପଞ୍ଚାୟତର ଉନ୍ନତିରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ପଞ୍ଚାୟତ ଉନ୍ନତିରେ ସମସ୍ତେ ସାରଥୀ ହେବାକୁ କହିଥିଲେ। ସେହିପରି ଉପାଧ୍ୟକ୍ଷ ମହାରଣା କହିଥିଲେ, ୮୦% ଲୋକ ଗ୍ରାମରେ ରୁହନ୍ତି। ତେଣୁ ଗ୍ରାମର ବିକାଶ ହେଲେ ରାଷ୍ଟ୍ରର ବିକାଶ ହେବ। ଜନପ୍ରତିନିଧିମାନେ ନିଃସ୍ୱାର୍ଥପର ଭାବେ ବିଭିନ୍ନ ଚାପରୁ ଊର୍ଦ୍ଧ୍ୱରେ ରହି ଜନମଙ୍ଗଳ କାମ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ଜିଲାପାଳ କହିଥିଲେ, ଦାୟିତ୍ୱ ପ୍ରତି ସଚେତନ, ଯୋଜନା କାର୍ଯ୍ୟକାରିତାରେ ସ୍ୱଚ୍ଛତା, ସମନ୍ୱୟତା ରହିଲେ ପଞ୍ଚାୟତିରାଜ ବ୍ୟବସ୍ଥା ସୁଦୃଢ଼ ହୋଇପାରିବ। ପଞ୍ଚାୟତ ଏକ ଘର ବା ପରିବାର। ପରିବାରରେ ଆଲୋଚନା, ସହଭାଗିତା ରହିଲେ ଆଦର୍ଶ ବଜାୟ ରହିବ। ସେହିପରି ଗ୍ରାମସଭାରେ ଆଲୋଚନା ପୂର୍ବକ କାର୍ଯ୍ୟ କଲେ ଯୋଜନା ସଫଳ ରୂପାୟନ ହେବ ବୋଲି କହିଥିଲେ। ଅତିରିକ୍ତ ଜିଲାପାଳ ବେଉରା କହିଥିଲେ, ଗ୍ରାମସଭା ହେଉଛି ତୃଣମୂଳସ୍ତରର ବିଧାନସଭା ସ୍ୱରୂପ। ପ୍ରତ୍ୟେକ ନାଗରିକ ଏବଂ ଜନପ୍ରତିନିଧି ସଚେତନ ଓ ଜାଗ୍ରତ ହେଲେ ପଞ୍ଚାୟତିରାଜ ଶାସନ ବ୍ୟବସ୍ଥା ଅଧିକରୁ ଅଧିକ ସରଳୀକରଣ ହୋଇପାରିବ। ଖୋର୍ଦ୍ଧା ପଞ୍ଚାୟତ ସମିତି ଅଧ୍ୟକ୍ଷା ଶ୍ରୀମୟୀ ପ୍ରିୟଦର୍ଶନୀ ଏବଂ ଉପାଧ୍ୟକ୍ଷ ସାମନ୍ତରାୟ କହିଥିଲେ, ପଞ୍ଚାୟତର ବିକାଶ ହେଲେ ଓଡ଼ିଶାର ବିକାଶ ହେବ। ଏହି ଅବସରରେ ବିଧାୟକ ଜଗଦ୍ଦେବ ନୂତନ ରାଶନ କାର୍ଡ ବଣ୍ଟନ ଶୁଭାରମ୍ଭ କରିଥିଲେ। ପଲ୍ଲା ତୋଟାପଡା ପଞ୍ଚାୟତର ଭଗବାନ ଜେନା, କୁରଢ଼ମାଳର ଜଗନ ପ୍ରଧାନ, ଖୋର୍ଦ୍ଧା ପୌରପରିଷଦ ୱାର୍ଡ ନଂ.୧୧ର ସୁବାଶିଷ ଚାନ୍ଦ, ୱାର୍ଡ ନଂ.୧୩ର ସତ୍ୟଭାମା ବେହେରା ନୂତନ କାର୍ଡ ବଣ୍ଟନ କରିଥିଲେ। ରାଜ୍ୟ ପଞ୍ଚମ ଅର୍ଥ କମିଶନର ଅର୍ଥ ସୁବିନିଯୋଗ କରିଥିବା ୩୩ଟି ପଞ୍ଚାୟତକୁ ସମ୍ମାନିତ କରିଥିଲେ। ଲକ୍ଷପତି ଦିଦି ଯୋଜନାରେ ସଙ୍ଗୀତା ଗୁମାନସିଂହ, ଦୀପାଞ୍ଜଳି ଛୋଟରାୟ, ଅନିତା ନରେନ୍ଦ୍ର, ଯମୁନା ନାୟକଙ୍କୁ ସମ୍ମାନିତ କରାଯାଇଛି। ସୁଭଦ୍ରା ଯୋଜନାରେ ଅହଲ୍ୟା ସାହୁ, ତରୁଲତା ନାୟକ, ଗୌରୀ ଓଝା, ରଜନୀ ଜେନା, ମନୋରମା ଗୁମାନସିଂହ, ରେଖା ମହାପାତ୍ର, ଶ୍ରୀମନ୍ତି ମହାପାତ୍ର ଏବଂ ସବିତା ଶ୍ରୀଚନ୍ଦନଙ୍କୁ ସମ୍ମାନିତ କରାଯାଇଥିଲା। ଜିଲା ପଞ୍ଚାୟତ ଅଧିକାରୀ ଶ୍ୟାମଳେନ୍ଦୁ ନାୟକ ଧନ୍ୟବାଦ ଦେଇଥିଲେ।




ଜିଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ସମାରୋହରେ ମଞ୍ଚାସୀନ ଅତିଥିମାନେ।

## ବିଭିନ୍ନ ସ୍ଥାନରେ ଜାତୀୟ ପଞ୍ଚାୟତିରାଜ ଦିବସ




ଜଟଣୀଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ବେଗୁନିଆ,୨୪।୪(ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆସ୍ଥିତ ବିଜୁ ପଟ୍ଟନାୟକ ଟାଉନ ହଲ ପରିସରରେ ବ୍ଲକସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ଅଧ୍ୟକ୍ଷତାରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି, ବିଡିଓ ଲକ୍ଷ୍ମୀଧର ସାହୁ, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୁସ୍ମିତା ମିଶ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ ପଞ୍ଚାୟତିରାଜ ଦିବସ ସମ୍ପର୍କରେ କହିଥିଲେ। ବେଗୁନିଆ, ଦେଉଳି, ହଜ, ଡିଙ୍ଗର ଓ ସାରୁଅ ପଞ୍ଚାୟତ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ସଫଳତା ହାସଲ କରିଥିବା ବେଳେ ବେଗୁନିଆ ପଞ୍ଚାୟତ ଅଧିକ ରାଜସ୍ୱ ସଂଗ୍ରହ କରିପାରି ଥିବାରୁ ପୁରସ୍କୃତ କରାଯାଇଥିଲା। ବିଧାୟକ ସାହୁ ଯୋଗ୍ୟ ହିତାଧିକାରୀଙ୍କୁ ଖାଉଟି କାର୍ଡ ବଣ୍ଟନ କରିଥିଲେ। ଶେଷରେ ଆକାଉଣ୍ଟସ ଅଫିସର ସୂର୍ଯ୍ୟ ନାରାୟଣ ଗୌଡ ଧନ୍ୟବାଦ ଦେଇଥିଲେ।

**ଜଟଣୀ,(ରବୀନ୍ଦ୍ରନାଥ ମହାକୁଡ଼):** ଜଟଣୀ ପଞ୍ଚାୟତ ସମିତି ପକ୍ଷରୁ ଗୁରୁବାର ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା ଜୟନ୍ତୀ ଛୋଟରାୟ, ଭୁବନେଶ୍ୱର ଏମ୍‌ପିଙ୍କ ପ୍ରତିନିଧି ମନୋଜ କୁମାର ନନ୍ଦଙ୍କ ସମେତ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ଜଟଣୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମିତା ନାଥ ସ୍ୱାଗତ ଭାଷଣ ଦେଇଥିଲେ। ଜଟଣୀ ବ୍ଲକ ଅନ୍ତର୍ଗତ ୧୧ଟି ପଞ୍ଚାୟତର ୧୯ଜଣ ହିତାଧିକାରୀଙ୍କୁ ନୂତନ ରାଶନ କାର୍ଡ ପ୍ରଦାନ କରାଯାଇଛି। ବିଭିନ୍ନ ଯୋଜନାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବିଭିନ୍ନ ପଞ୍ଚାୟତକୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଛି। ଶେଷରେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ନରହରି ପାତ୍ର ଧନ୍ୟବାଦ ଦେଇଥିଲେ।

**ଟାଙ୍ଗୀ,(ରଘୁନାଥ ସାହୁ):** ଟାଙ୍ଗୀ ବ୍ଲକ ଅନ୍ତର୍ଗତ କୁହୁଡ଼ି ପଞ୍ଚାୟତଠାରେ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଯୋଗଦେଇ କୁହୁଡିର ପୂର୍ବତନ ଦିବଂଗତ ସରପଞ୍ଚମାନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। କାଶୀନାଥ ପଲାଇ, ଗୋପାଳ ଇନ୍ଦ୍ରଜିତ, ଭ୍ରମରବର ସାମନ୍ତସିଂହାର ଓ କାଶୀନାଥ ମାନସିଂହଙ୍କ ପରିବାରବର୍ଗଙ୍କୁ ସମ୍ମାନିତ କରାଯାଇଛି। କୁହୁଡ଼ିରେ ହୀରାଖଣ୍ଡ ଏକ୍ସପ୍ରେସ, ପୁରୀ-ତିରୁପତି ଏକ୍ସପ୍ରେସ ସହିତ ଅନ୍ୟ ଏକ୍ସପ୍ରେସ ମଧ ରହଣି, କୁହୁଡି ଡାକ୍ତରଖାନା ଏବଂ ରାସ୍ତାର ଉନ୍ନତୀକରଣ କରାଯିବ ବୋଲି ବିଧାୟକ କହିଥିଲେ। କୁହୁଡି ସରପଞ୍ଚଙ୍କ ପ୍ରତିନିଧି ଜୟଦେବ ବେହେରା, ପୂର୍ବତନ ସରପଞ୍ଚ ପବିତ୍ର ହରିଚନ୍ଦନ, କୁହୁଡ଼ି ମଣ୍ଡଳ ସଭାପତି ଜୟରାମ ବେହେରା, ତାରା ଶାସମଲ, ଚୈତନ୍ୟ ପରିଡ଼ା, ଶ୍ରୀନିବାସ ବିଶ୍ୱାଳ, ରାମଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ପୁରସ୍କୃତ କରାଯାଇଥିଲା। ନିରଞ୍ଜନ ବଳବନ୍ତରାୟ, ସନ୍ତୋଷ ସାହୁ ଓ ନିରଞ୍ଜନ ତରାସ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ବୋଲଗଡ଼,(ଦେବବ୍ରତ ହୋତା):** ବିଡିଓ ସୁମନ ସୁଧା କୁଣ୍ଡୁଙ୍କ ଆବାହକତ୍ୱରେ ବୋଲଗଡ଼ ବ୍ଲକ ପରିସରରେ ଜାତୀୟ ପଞ୍ଚାୟତିରାଜ ଦିବସ ଅଧ୍ୟକ୍ଷା ହୁଲ୍ଲାସ ପ୍ରଧାନଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ବିଧାୟକ ପ୍ରଦୀପ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଏବିଡିଓ ଡ.ରତିକାନ୍ତି ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ତହସିଲଦାର ବିଜୟ ସେଠୀ, ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, ସରପଞ୍ଚ ପ୍ରଫୁଲ୍ଲ ପ୍ରଧାନ, ଜିଲାପରିଷଦ ସଭ୍ୟ ସୁବାସ ରାୟଗୁରୁ ପ୍ରମୁଖ ଯୋଗଦେଇ ବିଭିନ୍ନ ପଞ୍ଚାୟତରୁ ଆସିଥିବା ବହୁ ହିତାଧିକାରୀଙ୍କୁ ଖାଉଟି କାର୍ଡ, ଉତ୍ତମ ସେବା ପାଇଁ କେତେଜଣ ଜନପ୍ରତିନିଧି ଓ ଦକ୍ଷତା ଭିତ୍ତିରେ କର୍ମଚାରୀଙ୍କୁ ପ୍ରଶଂସାପତ୍ର ବଣ୍ଟନ କରିଥିଲେ। ସମସ୍ତ ପଞ୍ଚାୟତର ଜନପ୍ରତିନିଧି, ସ୍ୱୟଂସହାୟିକା ଗୋଷ୍ଠୀ ସଦସ୍ୟା ଓ ଅନ୍ୟମାନେ ଉପସ୍ଥିତ ଥିଲେ। ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଅମୂଲ୍ୟ ବାହିନୀପତି ଧନ୍ୟବାଦ ଦେଇଥିଲେ।

## କାଉନ୍‌ସିଲର କାଜଲ ଦାସ ସମ୍ବର୍ଦ୍ଧିତ

**ଜଟଣୀ,୨୪।୪(ରବୀନ୍ଦ୍ରନାଥ ମହାକୁଡ଼)**

ପଞ୍ଚାୟତିରାଜ ଦିବସ ଅବସରରେ ଗୁରୁବାର ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ୱାର୍ଡ ନମ୍ବର ୫ର କାଉନସିଲର କାଜଲ ଦାସଙ୍କୁ ତାଙ୍କ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମ୍ବର୍ଦ୍ଧିତ କରାଯାଇଛି। ଭୁବନେଶ୍ୱର ୟୁନିଟ-୯ ବୁଦ୍ଧମନ୍ଦିର ପ୍ରାଙ୍ଗଣରେ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନ ପକ୍ଷରୁ ଏହି ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସେ ତାଙ୍କ ୱାର୍ଡର ୩ଟି ସ୍ଥାନରେ ୱାଇଫାଇ ଲଗାଇ ପିଲାମାନଙ୍କ ପାଠପଢ଼ା ପାଇଁ ସହଯୋଗ କରିବା, ୱାର୍ଡରେ ସିସିଟିଭି କ୍ୟାମେରା ଲଗାଇବା ସହ ଗରିବ ପିଲାଙ୍କୁ ପାଠ୍ୟ ଉପକରଣ ଯୋଗାଇଦେଇଥାନ୍ତି। ଏଥିସହିତ ପ୍ରତି ୩ମାସରେ ୱାର୍ଡବାସୀଙ୍କୁ ଫିନାଇଲ ଓ ଡଷ୍ଟବିନ ପ୍ରଦାନ କରି ସ୍ୱଚ୍ଛତା ଅବଲମ୍ବନ କରିବାକୁ ପ୍ରୟାସ ଜାରିରଖିଛନ୍ତି।

## ଆଞ୍ଚଳିକ ପଲ୍ଲୀ ମହୋତ୍ସବ ଉଦ୍‌ଘାଟିତ




ଆଞ୍ଚଳିକ ପଲ୍ଲୀ ମହୋତ୍ସବ ଉଦ୍‌ଘାଟନ ଅବସରରେ ଯୋଗଦେଇଥିବା ଅତିଥି ଏବଂ ଅନ୍ୟମାନେ।

**ବେଗୁନିଆ,୨୪।୪(ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ ଦେଉଳି ପଞ୍ଚାୟତ ଅନ୍ତର୍ଗତ ଡଙ୍ଗରପଡ଼ା ଗ୍ରାମରେ ତୃତୀୟ ବାର୍ଷିକ ଆଞ୍ଚଳିକ ପଲ୍ଲୀ ମହୋତ୍ସବ ସରପଞ୍ଚ ଅକ୍ଷୟ କୁମାର ରାଉତରାୟଙ୍କ ଆବାହକତ୍ୱରେ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ମହୋତ୍ସବ କମିଟିର ସଭାପତି ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ମୁଖ୍ୟ ବକ୍ତା, କୃଷି ଅଧିକାରୀ ଗଣେଶ୍ୱର ରଥ, ପୂର୍ବତନ ଜିଲାପରିଷଦ ସଭ୍ୟ ଅର୍ଜୁନ ପ୍ରଧାନ, ସାମାଜିକର୍ମୀ ଭିକାରୀ ଚରଣ ସାହୁ, ଲକ୍ଷ୍ମୀପ୍ରିୟା ପଣ୍ଡା, ମନୋଜ କୁମାର ପ୍ରଧାନ, ସମିତି ସଭ୍ୟା ନମିତା, ଗଡ଼ମାଣତୀର ସରପଞ୍ଚ କରୁଣାକର ଦଳସିଂହରାୟ, ପ୍ରଧାନ ଶିକ୍ଷକ ବିକ୍ରମ ପାଲଟାସିଂହ, ଶିକ୍ଷାବିତ୍ ତଥା ଉପଦେଷ୍ଟା ପବିତ୍ର ମୋହନ ଖାଡଙ୍ଗା, ମଲୀପଦର ଆମ ଗାଁ ମହୋତ୍ସବ କମିଟିର ସମ୍ପାଦକ ଶିଶିର କୁମାର ଆଚାର୍ଯ୍ୟ ସମ୍ମାନିତ ଅତିଥିଭାବେ ଯୋଗଦେଇ ମହୋତ୍ସବ ଇତିହାସକୁ ପୁର୍ନଜୀବନ ଦେଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଶିଶୁ ପ୍ରତିଭା କୁଲସୁମ, ଓଡ଼ିଶା ରାଜ୍ୟ ବିଦ୍ୟାଳୟସ୍ତରୀୟ କୁଡୋ ପ୍ରତିଯୋଗିତାର ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ବିଜେତା ଛାତ୍ରୀ ପ୍ରିସ୍କିଲା ନାଗଙ୍କ ସମେତ ବହୁ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା ପ୍ରାରମ୍ଭରେ ଦିବଂଗତଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଶିକ୍ଷକ ଜଗନ୍ନେଶର ମଙ୍ଗରାଜ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଶିକ୍ଷାବିତ୍ ଦାଶରଥି ପ୍ରଧାନ ବାର୍ଷିକ ବିବରଣୀ ପଠନ କରିଥିଲେ।

## ୧୪ ୟୁନିଟ୍ ରକ୍ତ ସଂଗ୍ରହ

**ଖୋର୍ଦ୍ଧା,୨୪।୪(ପ୍ରଭାତ ପାଣିଗ୍ରାହୀ)**

ଆନ୍ତର୍ଜାତିକ ସମବାୟ ବର୍ଷ-୨୦୨୫ ଉପଲକ୍ଷେ ସମବାୟ ସମିତି ସମୂହ ଖୋର୍ଦ୍ଧା ବିଭାଜନ ଆନୁକୂଲ୍ୟରେ ଗୁରୁବାର ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ(କେସିସିବି) ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଉପଜିଲାପାଳ କିଶୋର କୁମାର ପଣ୍ଡା ଏବଂ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ରାଜଶ୍ରୀ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ସମବାୟ ସମିତି ସମୂହ ବିଭାଜନ ଉପନିବନ୍ଧକ ଅଳକାନନ୍ଦ ଜେନା, ବରିଷ୍ଠ ସହକାରୀ ନିବନ୍ଧକ ଉର୍ମିଳା ଦାସ, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଅଭିଷେକ ସିଂହସାମନ୍ତ, ମୁଖ୍ୟ କାର୍ଯ୍ୟନିର୍ବାହୀ (ସିଇଓ) ସାରଥି ଶତପଥୀ, ସହପ୍ରବନ୍ଧକ ସନ୍ଦୀପ ପଟ୍ଟନାୟକ, ତପନ ଦାସ, ବିଷ୍ଣୁ ପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ମୋଟ ୧୪ ୟୁନିଟ ରକ୍ତ ସଂଗ୍ରହ ହୋଇଛି। ଡା. ସୌରଭ ରାୟ, ଅରୁଣ ସାହୁ, ଝୁନିଲତା ସାହୁ, ଝିଲ୍ଲିରାଣୀ ପାତ୍ର, ଲକ୍ଷ୍ମୀପ୍ରିୟା ପ୍ରଧାନ ଶିବିର ପରିଚାଳନା କରିଥିଲେ। ତପନ ଚୌଧୁରୀ, ଜଗନ୍ନାଥ ପାଲ, ସୁଶାନ୍ତ ପ୍ରଧାନ, ରାକେଶ ପାଇକରାୟ, ଜ୍ୟୋତିରଞ୍ଜନ ରାଉତରାୟ, ପ୍ରଭୁ ପ୍ରସାଦ ପଟ୍ଟନାୟକ, ସମିତିର ବରିଷ୍ଠ ସମ୍ପାଦକ ଝଜ ସାମନ୍ତରାୟ ପ୍ରମୁଖ ସହଯୋଗ କରିଥିଲେ।

## ବଢ଼ୁଛି ଅସାମାଜିକଙ୍କ ଦୌରାତ୍ମ୍ୟ

**ବାଣପୁର,୨୪।୪(ଦିଲୀପ କୁମାର ସ୍ୱାଇଁ)**

ବାଣପୁର ବ୍ଲକ ଅନ୍ତର୍ଗତ ଗମ୍ଭାରୀମୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ ନିକଟ ଗାଦି ପୋଖରୀଠାରେ ଅସାମାଜିକଙ୍କ ପ୍ରାଦୁର୍ଭାବ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ସନ୍ଧ୍ୟା ୭ଟାରୁ ଭୋର ୪ଟା ପର୍ଯ୍ୟନ୍ତ ପୋଖରୀ ନିକଟରେ ଅସାମାଜିକମାନେ ଆଡ୍ଡା ଜମାଉଛନ୍ତି। ଅଧିକାଂଶ ସମୟରେ ପୋଖରୀ ତୁଠରେ ଥିବା ବୃନ୍ଦାବତୀଙ୍କ ମଣ୍ଡପରେ କେତେଜଣ ଅସାମାଜିକ ଯୁବକ ନିଶା ସେବନକରି ବିଭିନ୍ନ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ଫଳରେ ଗ୍ରାମର ମହିଳାମାନେ ପୋଖରୀକୁ ସ୍ନାନ ପାଇଁ ଯିବାକୁ ସୁରକ୍ଷିତ ମଣୁନାହାନ୍ତି। ଏପରିକି ଗଞ୍ଜାମ ଜିଲାର ଆସ୍କା, ବୋଇରାଣୀଠାରୁ ଆରମ୍ଭ କରି କବି ସୂର୍ଯ୍ୟନଗର, ଖଲ୍ଲିକୋଟ ଆଦି ଅଞ୍ଚଳରୁ ଜୁଆଡ଼ିମାନେ ଆସି ଏଠାରେ ଆଡ୍ଡା ଜମାଉଛନ୍ତି। ଏହା ଦ୍ୱାରା ଗ୍ରାମରେ ଚୋରିସଂଖ୍ୟା ବୃଦ୍ଧି ପାଉଥିବା ଅଭିଯୋଗ ହେଉଛି। ଏନେଇ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ପୋଲିସ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରିବା ପାଇଁ ଦାବି ହେଉଛି। ଅନ୍ୟପଟେ ଅସାମାଜିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଗମ୍ଭାରୀମୁଣ୍ଡା ପୋଲିସ ବିଟ୍ ହାଉସ ଅଧିକାରୀ କେଶବ ଚନ୍ଦ୍ର ବେହେରା କହିଛନ୍ତି।

## ଆତଙ୍କବାଦୀଙ୍କ ଆକ୍ରମଣକୁ ଓକିଲ ସଂଘର ନିନ୍ଦା

**ଖୋର୍ଦ୍ଧା,୨୪।୪(ପ୍ରଭାତ ପାଣିଗ୍ରାହୀ)**

ଜମ୍ମୁ-କଶ୍ମୀରର ପହଲଗାମ୍ ଜିଲା ଅନ୍ତର୍ଗତ ପ୍ରମୁଖ ପର୍ଯ୍ୟଟନସ୍ଥଳ ବୈସରନ୍‌ରେ ଆତଙ୍କବାଦୀଙ୍କ ଆକ୍ରମଣ ଘଟଣାକୁ ବାଣପୁର ଓକିଲ ସଂଘ ପକ୍ଷରୁ ନିନ୍ଦା କରାଯାଇଛି। ଏହି ଅସରରେ ଗୁରୁବାର ଆକ୍ରମଣରେ ପ୍ରାଣ ହରାଇଥିବା ପର୍ଯ୍ୟଟକଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା ସହ ଶୋକସଭା ହୋଇଥିଲା। ଓକିଲ ସଂଘ ସମ୍ପାଦକ ଜଗଦୀଶ ପଟ୍ଟନାୟକ, ପଦ୍ମଜା ପଟ୍ଟନାୟକ, ରଞ୍ଜନ କୁମାର ବେଦମଣ୍ଡା, ସନ୍ତୋଷ କୁମାର ମହାପାତ୍ର, ଭି.କାମେଶ୍ୱର ଆଚାରୀ, ଶ୍ୟାମ ସୁନ୍ଦର ମିଶ୍ର, ଜଳଧର ପ୍ରଧାନ, ସନ୍ଦୀପ କୁମାର ମହାପାତ୍ର, ବିନୋଦ ସ୍ୱାଇଁ, ଦେବବ୍ରତ ବଡ଼ଜେନା, ପ୍ରଦୀପ୍ତ ପ୍ରଧାନ, ପ୍ରଦୀପ ସ୍ୱାଇଁ, ଶାନ୍ତନୁ ମହାପାତ୍ର, ସୁଦର୍ଶନ ଜାଲି, ସୀତାରାମ ଅଗ୍ରୱାଲ, ଅନିଲ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ପହଲଗାମ୍ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି

**ଖୋର୍ଦ୍ଧା,୨୪।୪(ପ୍ରଭାତ ପାଣିଗ୍ରାହୀ)**

ଜମ୍ମୁ-କଶ୍ମୀରର ପହଲଗାମ୍ ଜିଲା ଅନ୍ତର୍ଗତ ପ୍ରମୁଖ ପର୍ଯ୍ୟଟନସ୍ଥଳ ବୈସରନ୍‌ରେ ଆତଙ୍କବାଦୀଙ୍କ ଆକ୍ରମଣ ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଏହି ଅବସରରେ ଗୁରୁବାର ବିଜୁ ଜନତା ଦଳ ଖୋର୍ଦ୍ଧା ଜିଲା ପକ୍ଷରୁ ଏକ ମହମବତି ଶୋଭାଯାତ୍ରା ସ୍ଥାନୀୟ ନୂଆ ବସଷ୍ଟାଣ୍ଡଠାରୁ ବାହାରି ପୁରୁଣା ବସଷ୍ଟାଣ୍ଡ ଦେଇ ନୟାଗଡ଼ ରୋଡସ୍ଥିତ ତାରିଣୀ ମନ୍ଦିରରେ ପହଞ୍ଚିଥିଲା। ସେଠାରେ ଆୟୋଜିତ ସଭାରେ ମୃତକଙ୍କ ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା ଏବଂ ଆହତଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଥିଲା। ପୂର୍ବତନ ବିଧାୟକ ରାଜେନ୍ଦ୍ର ସାହୁଙ୍କ ନେତୃତ୍ୱରେ ବିଜେଡି ନେତା ମନ୍ମଥ ରାଉତରାୟ, ବେଗୁନିଆ ବିଧାୟକ ପ୍ରଦୀପ ସାହୁଙ୍କ ସମେତ ଏକାଧିକ ଜିଲାପରିଷଦ ସଭ୍ୟ, ସରପଞ୍ଚ, ସମିତିସଭ୍ୟ, ୱାର୍ଡ ମେମ୍ବର, କାଉନସିଲରମାନେ ଯୋଗଦେଇଥିଲେ। ଅବ୍ୟକ୍ତ ହରିହର ଖାଡଙ୍ଗା, ଶୁଭକାନ୍ତ ମହାପାତ୍ର, ଜନାର୍ଦ୍ଦନ ପ୍ରଧାନ, ଅମିୟ ମହାନ୍ତି, ବିରଞ୍ଚି ନାରାୟଣ ଜେନା, ସତ୍ୟପ୍ରକାଶ ସାହୁ, ବ୍ରହ୍ମାନନ୍ଦ ଜେନା ପ୍ରମୁଖ ଏହି ଶୋଭାଯାତ୍ରାର ସଂଯୋଜନା କରିଥିଲେ।

ସେହିପରି ଖୋର୍ଦ୍ଧା ଜିଲା କଂଗ୍ରେସ ପକ୍ଷରୁ ଟାଉନ ହଲଠାରୁ ନୂଆ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ସହ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ରାଜୀବ ପଟ୍ଟନାୟକଙ୍କ ନେତୃତ୍ୱରେ ବରିଷ୍ଠ କଂଗ୍ରେସ ନେତା ପୃଥ୍ୱୀବଲଭ ପଟ୍ଟନାୟକ, ବରିଷ୍ଠ ନେତ୍ରୀ ସ୍ୱାଗତିକା ପଟ୍ଟନାୟକ, ସୋନାଲି ସାହୁ, ଜିଲା ମୁଖପାତ୍ର ଅମିତ ମହାନ୍ତି, ବ୍ଲକ ସଭାପତି ବିଶ୍ୱଭୂଷଣ ଛୋଟରାୟ, ଛାତ୍ର ନେତା ସୌର୍ଯ୍ୟରଞ୍ଜନ ବରାଳ, ଶିଳାଦିତ୍ୟ ପଟ୍ଟନାୟକ, ତାରା ପଟ୍ଟନାୟକ, ଜୟଶ୍ରୀ ପଟ୍ଟନାୟକ, ତାପସ ମିଶ୍ର, ସୌମ୍ୟ ପଟ୍ଟନାୟକ, ରମେଶ ପଟ୍ଟନାୟକ, ମନୋହର ହୁଶେନ୍, ରାଜା ଖାନ୍, ପ୍ରକାଶ ରଥ, ଭାସ୍କର ମଙ୍ଗରାଜଙ୍କ ସମେତ ଏକାଧିକ କର୍ମୀ ଯୋଗଦେଇଥିଲେ।

ସେହିପରି ପହଲଗାମ ଆତଙ୍କବାଦୀଙ୍କ ଆକ୍ରମଣ ଘଟଣାକୁ ଅଞ୍ଜୁମନ ଇସ୍ଲାମିୟା ନିନ୍ଦା କରିଛି। ସ୍ଥାନୀୟ ତୋଟାପଡ଼ାସ୍ଥିତ କାର୍ଯ୍ୟାଳୟରେ ସଭାପତି ରୋମଜାନ ଖାଁଙ୍କ ସଭାପତିତ୍ୱରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ମୃତକଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯିବା ସହ ଆହତଙ୍କ ଆଶୁ-ଆରୋଗ୍ୟ କାମନା କରାଯାଇଥିଲା। ଅଞ୍ଜୁମନର ସମ୍ପାଦକ ହାଜି ନାସିମୁଦ୍ଦିନ ଖାଁ, ଯୁଗ୍ମ ସମ୍ପାଦକ ରାଜ ଖାଁ, ମହୋମମୋଦ କେଫାତୁଲ୍ଲା, ହାଜି ଇସମାଇଲ, ଖିଲୁ ଖାଁ, ଗୋପ ଦାସ, ସୟେଦ ଲିୟାକତ ଅଲ୍ଲୀ ପ୍ରମୁଖ ଯୋଗଦେଇଥିଲେ।

## ପୁନଃ ବିଦ୍ୟୁତ୍ ସଂଯୋଗ ପାଇଁ ଓଏଚ୍‌ଆର୍‌ସିଙ୍କ ନିର୍ଦ୍ଦେଶ

### ଦିବ୍ୟାଙ୍ଗ କର୍ମଚାରୀଙ୍କ କ୍ୱାର୍ଟର୍ସରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ଘଟଣା

**ଟାଙ୍ଗୀ,୨୪।୪(ରଘୁନାଥ ସାହୁ)**

ଖୋର୍ଦ୍ଧା ଜିଲା ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ କର୍ମଚାରୀଙ୍କ ରହିବା ପାଇଁ ସରକାରୀ କ୍ୱାର୍ଟର୍ସ ରହିଛି। ଏଠାରେ ରହୁଥିବା ଦିବ୍ୟାଙ୍ଗ କର୍ମଚାରୀ ସନ୍ତୋଷ ସାହୁଙ୍କ କ୍ୱାର୍ଟର୍ସରୁ ବିଦ୍ୟୁତ୍ ସଂଯୋଗ କାଟିଦିଆଯାଇଥିବା ନେଇ ସେ ଓଡ଼ିଶା ମାନବ ଅଧିକାର ଆୟୋଗ (ଓଏଚ୍‌ଆର୍‌ସି)ଙ୍କ ନିକଟରେ ଅଭିଯୋଗ କରିଥିଲେ। ତେବେ ସନ୍ତୋଷ ରହୁଥିବା କ୍ୱାର୍ଟର୍ସରେ ପୁନଃ ବିଦ୍ୟୁତ୍ ସଂଯୋଗ କରିବା ପାଇଁ ଓଏଚ୍‌ଆର୍‌ସି ଗତ ୨୨ ତାରିଖରେ ଟାଙ୍ଗୀ ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

ଅଭିଯୋଗ ମୁତାବକ, ୨୦୧୫ ମସିହାରେ ରାଜ୍ୟ ସରକାରଙ୍କ ବିଜ୍ଞପ୍ତି ଅନୁଯାୟୀ ସନ୍ତୋଷ ସାହୁ ଇଣ୍ଟରଭ୍ୟୁ ଦେଇ ଦିବ୍ୟାଙ୍ଗ ସଂରକ୍ଷିତ ଟେକ୍ନିସିଆନ ପଦବୀରେ ନିଯୁକ୍ତି ପାଇ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟ କରିଆସୁଥିଲେ। ହଠାତ୍ କୌଣସି କାରଣ ନ ଦର୍ଶାଯାଇ ୨୦୨୧ ମସିହାରେ ସନ୍ତୋଷଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଥିଲା। ନ୍ୟାୟ ପାଇବା ପାଇଁ ସନ୍ତୋଷ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ତୁରନ୍ତ ସନ୍ତୋଷଙ୍କୁ ପୁନଃ ନିଯୁକ୍ତି ଦେବା ପାଇଁ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଥିଲେ। ତେବେ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକଙ୍କଠାରୁ ନିର୍ଦ୍ଦେଶ ମିଳିବା ପରେ ନିଯୁକ୍ତି ମିଳିବ ବୋଲି କହି ଜାଣିଶୁଣି ବିଳମ୍ବ କରାଯାଉଥିବା ସନ୍ତୋଷ ଅଭିଯୋଗ ଆଣିଛନ୍ତି। ଅନ୍ୟପଟେ ସନ୍ତୋଷ ରହୁଥିବା ସରକାରୀ କ୍ୱାର୍ଟର୍ସରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଛି। ଏନେଇ ସେ ସ୍ଥାନୀୟ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କ ନିକଟରେ ବିଦ୍ୟୁତ୍ ସଂଯୋଗ କରିବା ପାଇଁ ନିବେଦନ କରିଥିଲେ ମଧ ସୁଫଳ ମିଳି ନ ଥିଲା। ଏନେଇ ସନ୍ତୋଷ ୨୧ତାରିଖରେ ଓଏଚ୍‌ଆର୍‌ସିଙ୍କ ନିକଟରେ ଅଭିଯୋଗ କରିଥିଲେ। ସନ୍ତୋଷ ରହୁଥିବା ସରକାରୀ କ୍ୱାର୍ଟର୍ସରେ ପୁନଃ ବିଦ୍ୟୁତ୍ ସଂଯୋଗ କରିବା ପାଇଁ ଓଏଚ୍‌ଆର୍‌ସି ଟାଙ୍ଗୀ ବିଦ୍ୟୁତ୍ ବିଭାଗକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ତେବେ ଏ ସମ୍ପର୍କରେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ସୁପରିଣ୍ଟେଣ୍ଡେଣ୍ଟ ଡା. ସତ୍ୟ ରଞ୍ଜନ ନନ୍ଦ କହିଛନ୍ତି, ୨୦୨୧ ନଭେମ୍ବରରୁ ସନ୍ତୋଷଙ୍କ ଚାକିରି ନାହିଁ। ତେଣୁ ନିୟମ ଅନୁଯାୟୀ ସେ ସରକାରୀ କ୍ୱାର୍ଟର୍ସରେ ରହିବା କଥା ନୁହେଁ। ବାରମ୍ବାର କହିବା ସତ୍ତ୍ୱେ ସନ୍ତୋଷ ଘର ଛାଡ଼ି ନ ଥିଲେ। ଏପରିକି ତାଙ୍କ ନାମରେ ଉକ୍ତ କ୍ୱାର୍ଟର ଆଲଟ୍ ନ ଥିବାରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିବାକୁ ବିଦ୍ୟୁତ୍ ବିଭାଗକୁ କୁହାଯାଇଥିଲା ବୋଲି ନନ୍ଦ କହିଛନ୍ତି।




**ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଘଟଣା:** ବିଜୁ ଜନତା ଦଳ ଖୋର୍ଦ୍ଧା ଜିଲା ପକ୍ଷରୁ ଗୁରୁବାର ବାହାରିଥିବା ମହମବତି ଶୋଭାଯାତ୍ରା।




ଖୋର୍ଦ୍ଧା ଜିଲା କଂଗ୍ରେସ କମିଟି ପକ୍ଷରୁ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି।



ଚିଲିକା ପ୍ରେସ୍ କ୍ଲବ୍ ପକ୍ଷରୁ ବାଲୁଗାଁ ଗାନ୍ଧୀଛକଠାରେ ନୀରବ ପ୍ରାର୍ଥନା କରାଯାଉଛି।

**ଶ୍ରୀସଦାଶିବ ପରିସରରେ ଶ୍ରଦ୍ଧାଞ୍ଜଳି ସଭା**

ପୁରୀ,(ଅଜିତ୍ କୁମାର ମହାନ୍ତି)-କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସରରେ କୁଳପତି ଶ୍ରୀନିବାସ ବରଖେଡ଼ି ଓ ନିର୍ଦ୍ଦେଶକ ପ୍ରଭାତ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ଗୁରୁବାର କଶ୍ମୀରର ପହଲଗାମ୍‌ରେ ଘଟିଥିବା ଆତଙ୍କବାଦୀ ଆକ୍ରମଣରେ ମୃତ ପର୍ଯ୍ୟଟକଙ୍କ ପାଇଁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଧର୍ମଶାସ୍ତ୍ର ବିଭାଗର ମୁଖ୍ୟ ଲଳିତ କୁମାର ସାହୁ ଓ ଶିକ୍ଷାଶାସ୍ତ୍ର ବିଭାଗର ସହ ନିର୍ଦ୍ଦେଶକ ବିଜୟପାଲ୍ କଚ୍ଛୱା ଉପସ୍ଥିତ ଥିଲେ। ସଦାଶିବ ତରଫରୁ ଏହି ଦୁଃଖଦାୟକ ଘଟଣାକୁ ନିନ୍ଦା କରାଯାଇଥିଲା। ଶେଷରେ ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।



**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**

୨୪।୪।୨୦୨୫

| ୩,୯୭,୧୪୫ ଟଙ୍କା | |
|---|---|
| ସୁନା | ୨.୬୦୦ ଗ୍ରାମ୍ |
| ରୁପା | ୧୫.୨୦୦ ଗ୍ରାମ୍ |

# ଆତଙ୍କବାଦୀ ଆକ୍ରମଣର ଗଣ ପ୍ରତିବାଦ, ଶୋଭାଯାତ୍ରା

ନିମାପଡ଼ା,୨୪।୪
(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

କଶ୍ମୀରର ପହଲଗାମଠାରେ ପର୍ଯ୍ୟଟକଙ୍କୁ ଆତଙ୍କବାଦୀଙ୍କ ଅମାନୁଷିକ ଭାବେ ଆକ୍ରମଣ ଘଟଣାକୁ ନିମାପଡ଼ାଠାରେ ଦୃଢ଼ ପ୍ରତିବାଦ କରାଯାଇଛି। ଦେଶରୁ ଆତଙ୍କବାଦୀଙ୍କୁ ସମୂଳେ ବିନାଶ, ପାକ୍ ଅଧିକୃତ କଶ୍ମୀରକୁ ଭାରତ ନିଜ ଅକ୍ତିଆରକୁ ଆଣିବା ଦାବିରେ ନିମାପଡ଼ାର ଯୁବ ସଙ୍ଗଠନ ଜାଗ୍ରତ ଯୁବଶକ୍ତି, ବରିଷ୍ଠ ନାଗରିକ ମଞ୍ଚ, ଗୋପବନ୍ଧୁ ସେବା ସଂଘ, ଜନ ସଂଘର୍ଷ କମିଟି ପକ୍ଷରୁ ଗୁରୁବାର ଶତାଧିକ କର୍ମକର୍ତ୍ତା ବିକ୍ଷୋଭ ପ୍ରଦର୍ଶନ ସହ ପ୍ରତିବାଦ ସଭା କରିଥିଲେ। ନିମାପଡ଼ା ଦୋଳବେଦୀ ଛକ ସ୍ୱାଧୀନତା ସଂଗ୍ରାମୀ ମୋହନ ଦାସଙ୍କ ପ୍ରତିମୂର୍ତ୍ତି ନିକଟରେ ଅନୁଷ୍ଠିତ ବିକ୍ଷୋଭରେ ଆନ୍ଦୋଳକାରୀ ପାକିସ୍ତାନର ପତାକା ପୋଡ଼ି, କୁଶପତ୍ତଳିକା ଦାହ କରିଥିଲେ। ଏହି ଅବସରରେ ଆନ୍ଦୋଳନକାରୀଙ୍କ ଏକ ଶୋଭାଯାତ୍ରା ପାକିସ୍ତାନ ବିରୋଧୀ ନାରା ଦେଇ ସହର ପରିକ୍ରମା କରିଥିଲା। ଆତଙ୍କବାଦୀଙ୍କ ଏଭଳି କାର୍ଯ୍ୟାକଳାପକୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ନିନ୍ଦା ଓ ଆତଙ୍କବାଦୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ଜାଗ୍ରତ ଯୁବଶକ୍ତିର ଆବାହକ ଆଦର୍ଶ ଦାଶ, ସଂଯୋଜକ ସମୀର ରାଉତରାୟ, ବରିଷ୍ଠ ନାଗରିକ ମଞ୍ଚର ପ୍ରମୋଦ ଚନ୍ଦ୍ର ମହାନ୍ତି, ଦିଗମ୍ବର ନାୟକ, କୃଷ୍ଣମୋହନ ବେହେରା, ଶରତ ସେନାପତି, ଗୋପବନ୍ଧୁ ସେବାସଂଘର କୃଷ୍ଣଚନ୍ଦ୍ର ପାତ୍ର, ଜନସଂଘର୍ଷ କମିଟି ମାଧବ ମଲ୍ଲିକଙ୍କ ନେତୃତ୍ୱରେ ଏହି ପ୍ରତିବାଦ ଆନ୍ଦୋଳନ, ବିକ୍ଷୋଭ, ଶୋଭାଯାତ୍ରା, ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବହୁ ଯୁବ ଛାତ୍ର, ସାଧାରଣ ଜନତା ସାମିଲ ହୋଇଥିଲେ। ସେହିପରି ନିମାପଡ଼ା ପ୍ରେସ୍ କ୍ଲବ ପକ୍ଷରୁ ଘଟଣାକୁ ନିନ୍ଦା କରାଯିବା ସହ ବୁଧବାର ରାତିରେ ସଭାପତି ଅକ୍ଷୟ ବେହେରାଙ୍କ ସଭାପତିତ୍ୱରେ ଶ୍ରଦ୍ଧାଞ୍ଜଳି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଉପସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସମ୍ପାଦକ ରମାକାନ୍ତ ବେହେରା, ସଙ୍ଗଠନ ସମ୍ପାଦକ ସୁଦର୍ଶନ ବେହେରା, କୋଷାଧ୍ୟକ୍ଷ ପ୍ରଦ୍ୟୁମ୍ନ ବେହେରା, ସଭ୍ୟ ପ୍ରଫୁଲ୍ଲ କର, ପ୍ରତାପ ପଣ୍ଡା, ନିବେଦିତା ମିଶ୍ରଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।



ସ୍ୱାଧୀନତା ସଂଗ୍ରାମୀ ମୋହନ ଦାସଙ୍କ ପ୍ରତିମୂର୍ତ୍ତି ନିକଟରେ ଆନ୍ଦୋଳକାରୀ ବିକ୍ଷୋଭ କରୁଛନ୍ତି ।

## ସେବକ ସହଯୋଗକଲେ କାର୍ଯ୍ୟାନୁଷ୍ଠାନ

**ଦୀଘା ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ**

ପୁରୀ,୨୪।୪(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିରର ମହାପ୍ରସାଦ ଅନ୍ୟ କେଉଁଠି ହୋଇପାରିବ ନାହିଁ। ମହାପ୍ରସାଦ ଯଦି ସେଠାରେ ହୁଏ, ତେବେ ତାହାକୁ ଘୋର ବିରୋଧ କରାଯିବ। ପବିତ୍ର ଅକ୍ଷୟ ତୃତୀୟା ଅବସରରେ ପଶ୍ଚିମବଙ୍ଗ ଦୀଘାଠାରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ କାର୍ଯ୍ୟକ୍ରମ କିମ୍ବା ରୋଷ କାର୍ଯ୍ୟରେ ଯେପରି କୌଣସି ସେବାୟତ ଯୋଗଦେବେ ନାହିଁ, ସେନେଇ ସୁଆର ମହାସୁଆର ନିଯୋଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଯଦି କୌଣସି ସେବାୟତ ସେଠାରେ ସହଯୋଗ କରନ୍ତି, ତାଙ୍କୁ ନିଲମ୍ବନ କରାଯିବ ବୋଲି ନୋଟିସ ଜାରି କରାଯାଇଛି। ଶ୍ରୀମନ୍ଦିର ୪ ଦ୍ୱାରରେ ସୁଆର ମହାସୁଆର ନିଯୋଗ ପକ୍ଷରୁ ନିର୍ଦ୍ଦେଶନାମା ଲଗାଯାଇଛି।

ଆସନ୍ତା ୩୦ ତାରିଖ ଅକ୍ଷୟ ତୃତୀୟା ଦିନ ପଶ୍ଚିମବଙ୍ଗର ଦୀଘାରେ ନିର୍ମାଣ ହୋଇଥିବା ଶ୍ରୀଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବ। ସେହିଦିନ ସେଠାରେ ରୋଷ କାର୍ଯ୍ୟରେ ସୁଆର ମହାସୁଆର ନିଯୋଗର କୌଣସି ସଦସ୍ୟଙ୍କ ସହ ଯୋଗାଣିଆ, ତୁଣିଆ ଓ ପାଣିଆ ଯୋଗଦେଲେ ନିଯୋଗ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚରମବାଣୀ ଶୁଣାଇଛନ୍ତି ସୁଆର ମହାସୁଆର ନିଯୋଗ ସମ୍ପାଦକ ନାରାୟଣ ମହାସୁଆର। ରୋଷ କାର୍ଯ୍ୟରେ ରନ୍ଧନ କିମ୍ବା ସାହାଯ୍ୟ କଲେ ସମ୍ପୃକ୍ତ ସୁପକାର ସଭ୍ୟଙ୍କୁ ବାସନ୍ଦ କରାଯିବା ସହ କର୍ମଚାରୀଙ୍କୁ ରୋଷକାର୍ଯ୍ୟରୁ ସବୁଦିନ ପାଇଁ ନିଲମ୍ବନ କରାଯିବ। ଏଭଳିକି ସେମାନଙ୍କ ପ୍ରାପ୍ୟ ବନ୍ଦ କରାଯିବା ସହ ରୋଷଘରକୁ ସମ୍ପୂର୍ଣ୍ଣ ବାରଣ କରାଯିବ ବୋଲି ନିଯୋଗ ସମ୍ପାଦକ କହିଛନ୍ତି। ନିର୍ଦ୍ଦେଶନାମାର ଉଲ୍ଲଂଘନ ହେଲେ କାର୍ଯ୍ୟାନୁଷ୍ଠାନ ପାଇଁ ଶ୍ରୀମନ୍ଦିର ପ୍ରଶାସନ ଓ ରାଜ୍ୟ ସରକାରଙ୍କ ସହଯୋଗ ନିଆଯିବ। ଏନେଇ ସୁଆର ମହାସୁଆର ନିଯୋଗର ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ସମସ୍ତଙ୍କୁ ସୂଚନା ଦିଆଯାଇଛି।

## ମରଣାନ୍ତକ ଆକ୍ରମଣ କରି ୨ ଗିରଫ

କାକଟପୁର/ଅସ୍ତରଙ୍ଗ,୨୪।୪
(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ ଦୀକ୍ଷିତ)

ରାସ୍ତା ସମସ୍ୟାକୁ ନେଇ ତୁମୁଳକାଣ୍ଡ ପରେ ପୂର୍ବ ଶତ୍ରୁତାରୁ ମରଣାନ୍ତକ ଆକ୍ରମଣରେ ୩ ଜଣ ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି। ଏଥିସହ ଉକ୍ତ ଘଟଣାରେ କାକଟପୁର ଥାନା ପୋଲିସ ୨ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ କାକଟପୁର ଥାନା ଅଧୀନ ବୋଇତିକୁଦ ଗ୍ରାମର ଦିପୁ ଦାସ(୩୦) ଓ ଲିଟୁ ଦାସ (୨୩)। ଏନେଇ ଥାନାରେ ୮୪/୨୫ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ବୋଇତିକୁଦ ଗ୍ରାମରେ ଗତ ୧୭ ତାରିଖରେ ମଞ୍ଜୁଲତା ଦାସ ଓ ତାଙ୍କ ସ୍ୱାମୀ ଶ୍ରୀଧର ଦାସ ଗୁହାଳକୁ ଗାଈ ଦୁହିଁବାକୁ ଯାଇଥିଲେ। ଏହି ସମୟରେ କେତେଜଣ ଯୁବକ ପୂର୍ବ ଶତ୍ରୁତାକୁ ନେଇ ହାତରେ ଲୁହାଛଡ଼, ହାତୁଡ଼ି, ଶାବଳ ଧରି ଦୁହିଁଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିଲେ। ମଞ୍ଜୁଲତାଙ୍କ ଯା' ଓ ପୁତୁରା ଏହାକୁ ବିରୋଧ କରିବାରୁ ସେମାନେ ଆକ୍ରମଣର ଶିକାର ହୋଇଥିଲେ। ଆକ୍ରମଣରେ ମଞ୍ଜୁଲତା ଆହତ ହୋଇଥିବାବେଳେ ଶ୍ରୀଧରଙ୍କ ମୁଣ୍ଡରେ ଆଘାତ ଲାଗିବାରୁ ସେ ଅଚେତ ହୋଇପଡ଼ିଥିଲେ। ତାଙ୍କୁ କାକଟପୁର ଡାକ୍ତରଖାନା ପରେ ଚାରିଛକ ଏବଂ ପରେ ଭୁବନେଶ୍ୱର ନିଆଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏନେଇ ମଞ୍ଜୁଲତା କାକଟପୁର ଥାନାରେ ଅଭିଯୋଗ କରିଥିଲେ। ଏବେ ମେଡିକାଲରେ ମଞ୍ଜୁଲତାଙ୍କ ସ୍ୱାମୀ, ଯା' ଓ ପୁତୁରା ଚିକିତ୍ସିତ ହେଉଥିବା କାକଟପୁର ଥାନା ଅଧିକାରୀ ଉମେଶ କୁମାର ସାହୁ ସୂଚନା ଦେଇଛନ୍ତି।

# କୋଣାର୍କରେ ଧରମାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦାବି

**ବ୍ଲକସ୍ତରୀୟ ବିଶ୍ୱକର୍ମା ସମିତିର ସାଙ୍ଗଠନିକ ବୈଠକ**

ଗୋପ,୨୪।୪(ଭାରତୀ ଭୂଷଣ ଉପାଧ୍ୟାୟ)

ବିଶ୍ୱ ପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟ ମନ୍ଦିର ଆଜି ବିଶ୍ୱବିଦିତ। କିନ୍ତୁ ଏହି ସୂର୍ଯ୍ୟ ମନ୍ଦିର ନିର୍ମାଣରେ ୧୨୦୦ ବଢ଼େଇଙ୍କ ଜୀବନ ବଞ୍ଚାଇଥିବା ୧୨ ବର୍ଷର ଧର୍ମପଦ ମହାରଣା(ଧରମା) ମୁଣ୍ଡି ମାରି ପ୍ରାଣବଳି ଦେଇଥିବାବେଳେ ଏ ପର୍ଯ୍ୟନ୍ତ ତାଙ୍କର ପ୍ରତିମୂର୍ତ୍ତି ସ୍ଥାପନ ହୋଇପାରିନାହିଁ। ସରକାର ଅତିଶୀଘ୍ର ଓଡ଼ିଆ ଘରର ସଂସ୍କୃତି, ପରମ୍ପରା ବଞ୍ଚାଇଥିବା ଧରମାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ସହ ସୂର୍ଯ୍ୟ ମନ୍ଦିରଠାରୁ ଚନ୍ଦ୍ରଭାଗା ପର୍ଯ୍ୟନ୍ତ ରାସ୍ତାକୁ ତାଙ୍କ ନାମରେ ନାମିତ, କୋଣାର୍କରେ ଧର୍ମପଦ ଭବନ ନିର୍ମାଣ ସମେତ ବିଶ୍ୱକର୍ମା କୁଳର ସମସ୍ତ ବିଶ୍ୱକର୍ମାଙ୍କୁ କାରୁକାର୍ଯ୍ୟ ତାଲିମ, ସରକାରଙ୍କ ପକ୍ଷରୁ କରାଯାଇଥିବା ବିଶ୍ୱକର୍ମା ଯୋଜନାରେ ସାମିଲ କରିବା ନିମନ୍ତେ ଦାବି ହୋଇଛି। ସୋମବାର ଗୋପ ନିକଟସ୍ଥ ମା' ଅଡଙ୍ଗେଇ ପୀଠରେ ନିଖିଳ ଉତ୍କଳ ବିଶ୍ୱକର୍ମା ସମିତି କୋଣାର୍କ ଶାଖା ପକ୍ଷରୁ ମଣ୍ଡଳସ୍ତରୀୟ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମିତି ସଭାପତି ମଙ୍ଗରାଜ ମହାରଣା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଜଗତସିଂହପୁର ଏମ୍‌ପିଙ୍କ ନିମାପଡ଼ା ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ସମ୍ମାନିତ ଅତିଥି ଭାବେ ବଳରାମ ମହାରଣା, ଅଶୋକ ମହାରଣା, ରାଧାଶ୍ୟାମ ଓଝା, ଆଶିଷ ମହାରଣା, ରତିକାନ୍ତ ଓଝା, ନରହରି ମହାରଣା ଯୋଗଦେଇଥିଲେ। ସରକାରୀ ସ୍ତରରେ ଉପରୋକ୍ତ ଦାବିକୁ ବିଚାର କରିବା ସହ ତୁରନ୍ତ ପଦକ୍ଷେପ ନେବାକୁ ଅତିଥିମାନେ ଦାବି କରିଥିଲେ। ଗୋପ ବ୍ଲକ ଅଞ୍ଚଳରେ ଥିବା ଶହ ଶହ ବିଶ୍ୱକର୍ମା ସମିତି ସଦସ୍ୟ ଯୋଗଦେଇ ଏହି ପ୍ରସଙ୍ଗରେ ଆଲୋଚନା କରିଥିଲେ। ୧୨୦୦ ଖ୍ରୀଷ୍ଟାବ୍ଦରୁ ଏହି ସୂର୍ଯ୍ୟ ମନ୍ଦିର ନିର୍ମାଣ ହୋଇଥିବାବେଳେ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ଏପରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ପ୍ରତି କାହିଁକି ଦୃଷ୍ଟି ଦେଇନାହାନ୍ତି ବୋଲି ମତ ରଖିବା ସହ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଦୈନିକ ସୂର୍ଯ୍ୟ ମନ୍ଦିର ବୁଲିବାକୁ ଆସୁଥିବା ପର୍ଯ୍ୟଟକ ମନ୍ଦିର ନିର୍ମାତା ଓ କିଏ ମୁଣ୍ଡି ମାରିଥିଲେ, ସେ ସମ୍ପର୍କରେ ଜାଣି ପାରୁନାହାନ୍ତି। ତୁରନ୍ତ ଏ ସମ୍ପର୍କରେ ଦୃଷ୍ଟି ଦେବାକୁ ଦାବି ହୋଇଥିଲା। ବୈଠକକୁ ରଶ୍ମିରଞ୍ଜନ ମହାରଣା, ଉମାକାନ୍ତ ମହାରଣା, ସର୍ବେଶ୍ୱର ମହାରଣାଙ୍କ ସହ ଅନ୍ୟମାନେ ପରିଚାଳନା କରିଥିଲେ।



ନିଖିଳ ଉତ୍କଳ ବିଶ୍ୱକର୍ମା ସମିତି ବୈଠକରେ ଉପସ୍ଥିତ ସଦସ୍ୟ ।

## ଫାର୍ମ ହାଉସ୍‌ରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ପିପିଲି,୨୪।୪(ପ୍ରଭାତ କୁମାର ମହାପାତ୍ର/ଦୁର୍ଗାମାଧବ ମିଶ୍ର)

ପିପିଲି ସାତଶଙ୍ଖ ଫାଣ୍ଡି ଅଧୀନ ନାନପୁର ନୂଆସାହି ଗ୍ରାମରେ ଥିବା ଫାର୍ମ ହାଉସ ଘରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପିପିଲି ପୋଲିସ ଗୁରୁବାର ଜବତ କରିଛି। ମୃତକ ରାଜସ୍ଥାନ ନୂଆସିଟି ନଗରର ସୁରଜମଲ୍ଲ ନାୟକ(୨୫) ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଫାର୍ମ ହାଉସ୍ ମାଲିକ ନୀଳାଚଳ ପାଢ଼ୀଙ୍କ ଅଭିଯୋଗ କ୍ରମେ ୧/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ସୁରଜମଲ୍ଲ ମାର୍ବଲ ମିସ୍ତ୍ରି ଭାବେ ଫାର୍ମ ହାଉସ୍‌ରେ କାର୍ଯ୍ୟ କରୁଥିଲେ। ବୁଧବାର ରାତିରେ ଫାର୍ମ ହାଉସ୍ ୩ ମହଲା କୋଠାଘର ଛାତ ଉପରେ ଶୋଇଥିଲେ। କୌଣସି କାରଣରୁ ବେକରେ ବେଡ୍‌ଶିଟ ଲଗାଇ ଲୁହା ଶିଡ଼ିରେ ଝୁଲି ପଡ଼ିଥିବା ଅନ୍ୟ ମିସ୍ତ୍ରିମାନେ କହିଛନ୍ତି। ଖବର ପାଇ ପିପିଲି ପୋଲିସ ପହଞ୍ଚିଥିଲା। ପୁରୀରୁ ସାଇଣ୍ଟିଫିକ୍ ଟିମ ଓ ତହସିଲଦାର ହୃଷୀକେଶ ତ୍ରିପାଠୀଙ୍କ ଉପସ୍ଥିତିରେ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଯାଇଛି। ଶୁକ୍ରବାର ତାଙ୍କ ପରିବାର ପହଞ୍ଚିଲେ ବ୍ୟବଚ୍ଛେଦ କରାଯିବା ସହ ମୃତଦେହ ହସ୍ତାନ୍ତର କରାଯିବ ବୋଲି ଥାନା ଅଧିକାରୀ ସୋମେନ୍ଦୁ ଶେଖର ତ୍ରିପାଠୀ ସୂଚନା ଦେଇଛନ୍ତି।

## ଆୟୁଷ୍ମାନ୍ କାର୍ଡ ହିତାଧିକାରୀଙ୍କଠାରୁ ଟଙ୍କା ଆଦାୟ

ଅସ୍ତରଙ୍ଗ,୨୪।୪(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଭାରତ ସରକାରଙ୍କ ଆୟୁଷ୍ମାନ୍ ଯୋଜନା ଓଡ଼ିଶାରେ କାର୍ଯ୍ୟକାରୀକରି ଯୋଗ୍ୟ ହିତାଧିକାରୀଙ୍କୁ ବର୍ଷକୁ ୫ ଲକ୍ଷ ଓ ମହିଳାଙ୍କ ପାଇଁ ଅତିରିକ୍ତ ୫ ଲକ୍ଷ ଟଙ୍କାର ମାଗଣା ଚିକିତ୍ସା ସେବା ଯୋଗାଇଦେବାକୁ କାର୍ଡ ବଣ୍ଟନ କରାଯାଉଛି। ବ୍ଲକ୍‌ର ପ୍ରତ୍ୟେକ ପଞ୍ଚାୟତରେ ୨ଟି କିମ୍ବା ୩ଟି ଲେଖାଏ ଜନସେବା କେନ୍ଦ୍ର ଥିବାବେଳେ କିଛି ହାତଗଣତି ଜନସେବା କେନ୍ଦ୍ରକୁ ଆୟୁଷ୍ମାନ ଆଇଡି ଦେଇ ଇ-କେୱାଇସି ଅନ୍‌ଲାଇନ କରିବାକୁ ଅନୁମତି ଦିଆଯାଇଛି। ଜନସେବା କେନ୍ଦ୍ରଗୁଡ଼ିକରେ ଅନ୍‌ଲାଇନରେ ଇ-କେୱାଇସି କରିବାକୁ ପଡୁଛି। ସେଥିପାଇଁ ସରକାର ପ୍ରତ୍ୟେକ ଜନସେବା କେନ୍ଦ୍ରରେ ବିନା ମୂଲ୍ୟରେ ଅନ୍‌ଲାଇନ କରିବାକୁ ସୁବିଧା କରାଇଛନ୍ତି। ହେଲେ ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ କେତେକ ଜନସେବା କେନ୍ଦ୍ରରେ ଆୟୁଷ୍ମାନ୍ କାର୍ଡ ପାଇବାକୁ ଅନ୍‌ଲାଇନ ମାଧ୍ୟମରେ ଇ-କେୱାଇସି କରିବାକୁ ପଡୁଥିବା ବେଳେ ହିତାଧିକାରୀଙ୍କଠାରୁ ୩୦ରୁ ୫୦ଟଙ୍କା ଲେଖାଏ ଆଦାୟ କରୁଥିବା ଜଣାପଡ଼ିଛି। କିନ୍ତୁ ଏଥିନେଇ ସରକାରଙ୍କ ପକ୍ଷରୁ କାର୍ଡ ପିଛା ଆଶାକର୍ମୀଙ୍କୁ ୧ ଟଙ୍କା ଓ ଜନସେବା କେନ୍ଦ୍ରକୁ ୩ ଟଙ୍କା ଦେବା ପାଇଁ ବ୍ୟବସ୍ଥା କରାଯାଇଛି।

ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସଞ୍ଜୟ କୁମାର ପ୍ରଧାନ କହିଛନ୍ତି, ଆୟୁଷ୍ମାନ୍ କାର୍ଡ ପାଇଁ କେହି ଅର୍ଥ ଦାବି କରୁଥିଲେ ସଙ୍ଗେ ସଙ୍ଗେ ଲିଖିତ ଅଭିଯୋଗ କରନ୍ତୁ। ଏହାସହ ଜନସେବା କେନ୍ଦ୍ରଗୁଡ଼ିକ ଜିଲାପାଳ କାର୍ଯ୍ୟାଳୟ ଅଧୀନରେ ଥିବାରୁ ଏ ସମ୍ପର୍କରେ ଆଲୋଚନା କରାଯାଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।




କଶ୍ମୀରରେ ଘଟିଥିବା ଆତଙ୍କବାଦୀ ଆକ୍ରମଣରେ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଜିଲା କଂଗ୍ରେସ ପକ୍ଷରୁ ଗୁରୁବାର କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଉଛି ।

## ଜୁଭେନାଇଲ ସ୍ପୋର୍ଟିଂକୁ ହରାଇ ସେମିରେ ରାମେଶ୍ୱର ସ୍ପୋର୍ଟିଂ

**ରାଜ୍ୟସ୍ତରୀୟ ଟି-୨୦ କୋଣାର୍କ କପ୍ କ୍ରିକେଟ୍**

କୋଣାର୍କ,୨୪।୪(ଜ୍ୟୋତିରାଜ ମହାନ୍ତି)

କୋଣାର୍କସ୍ପୋର୍ଟ୍ସଏକାଡେମୀ ପକ୍ଷରୁ କୋଣାର୍କ ଭଗବତୀ ମହାବିଦ୍ୟାଳୟ ଖେଳପଡ଼ିଆରେ ଆୟୋଜିତ ପ୍ରଥମ ରାଜ୍ୟସ୍ତରୀୟ କୋଣାର୍କ କପ୍ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ଜୁଭେନାଇଲ ସ୍ପୋର୍ଟିଂକୁ ୨୮ ରନ୍‌ରେ ହରାଇ ଭୁବନେଶ୍ୱରର ରାମେଶ୍ୱର ସ୍ପୋର୍ଟିଂ ସେମି ଫାଇନାଲରେ ପ୍ରବେଶ କରିଛି। ଭୁବନେଶ୍ୱର ରାମେଶ୍ୱର ସ୍ପୋର୍ଟିଂ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୫୪ ରନ୍ ସଂଗ୍ରହ କରିଥିଲା। ଜବାବରେ ଜୁଭେନାଇଲ ୧୮ ଓଭରରେ ସମସ୍ତ ଉଇକେଟ ହରାଇ ୧୩୪ ରନ ସଂଗ୍ରହ କରିଥିଲା। ରାମେଶ୍ୱର ସ୍ପୋର୍ଟିଂର ସୁବାଶିଷ ମଲ୍ଲିକ ମ୍ୟାନ୍ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ ହୋଇଥିଲେ। ମ୍ୟାଚରେ ମୁଖ୍ୟ ଅତିଥି ଭାବେ ବେଙ୍ଗାଲୁରୁରେ କାର୍ଯ୍ୟରତ ପ୍ରବାସୀ ଓଡ଼ିଆ ସାମାଜିକ କର୍ମୀ ରଣଜିତ୍ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ମନୋଜ ଦାସ ଯୋଗଦେଇଥିଲେ। ପ୍ରମୋଦ ସିହ୍ନା, ଦେବେନ୍ଦ୍ର ମିଶ୍ର ମ୍ୟାଚ ପରିଚାଳନା କରିଥିଲେ। ରାଜେନ୍ଦ୍ର ଦଳାଇ, ପିନାକୀ ନାୟକ, ଜ୍ଞାନରଞ୍ଜନ ବିଶ୍ୱାଳ ସ୍କୋର ବୋର୍ଡ ପରିଚାଳନା କରିଥିଲେ। ଉଦ୍‌ଘୋଷକ ଭାବେ ପ୍ରଶାନ୍ତ ପାତ୍ର, ଦେବାଶିଷ ତ୍ରିପାଠୀ ଦାୟିତ୍ୱ ସମ୍ପନ୍ନ କରିଥିଲେ। ୨୫ ତାରିଖରେ କଟକ ରାଇଜିଂ ଷ୍ଟୁଡେଣ୍ଟ ଓ ରାଉରକେଲା ସ୍ପୋର୍ଟିଂ ଏକାଡେମୀ ମଧ୍ୟରେ ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।



ଅତିଥିମାନେ ଜଣେ ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି ।

## ଷଡ଼ଭୁଜ ଗୌରାଙ୍ଗ ବେଶରେ ଦର୍ଶନ ଦେଲେ ସାକ୍ଷୀଗୋପାଳ

ସାକ୍ଷୀଗୋପାଳ,୨୪।୪(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ବୈଶାଖ କୃଷ୍ଣ ଏକାଦଶୀ ତିଥି ଅର୍ଥାତ୍ ଗୁରୁବାର ଶ୍ରୀସାକ୍ଷୀଗୋପାଳ ଠାକୁର ଷଡ଼ଭୁଜ ଗୌରାଙ୍ଗ ବେଶରେ ଦର୍ଶନ ଦେଇଛନ୍ତି। ଦୈନନ୍ଦିନ ଦେବନୀତି ଭଳି ଆଜି ମଧ ସମସ୍ତ ନୀତି ସମାପନ ହୋଇଥିଲା। ପରେ ଅପରାହ୍ନରେ ଦ୍ୱିପ୍ରହର ଧୂପବେଶରେ ସାକ୍ଷୀଗୋପାଳ ଠାକୁରଙ୍କୁ ଷଡ଼ଭୁଜ ଗୌରାଙ୍ଗ ବେଶରେ ସଜ୍ଜିତ କରାଯାଇଥିଲା। ଏହି ବେଶର ନୂତନ ଶୁକ୍ଳ ବସ୍ତ୍ର, ଦୋଷଡ଼ା ଠାକୁର ପରିଧାନ କରିଥିଲେ। ମସ୍ତକରେ ଶୁକ୍ଳବର୍ଣ୍ଣ ଫୁଲ ପାଖୁଡ଼ାରେ ହରିତିଳକ ଶୋଭା ପାଉଥିବାବେଳେ ୨ ପାର୍ଶ୍ୱରେ ନିତାଇ ଗୌରାଙ୍ଗ ପ୍ରତିମା ଦଣ୍ଡାୟମାନ ହୋଇଥିଲେ। ସନ୍ଧ୍ୟା ଧୂପ ବେଶ ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନେ ସାକ୍ଷୀଗୋପାଳଙ୍କୁ ଏହି ବେଶରେ ଦର୍ଶନ କରିଥିଲେ। ଏହି ବେଶ ଶ୍ରୀରାମଚନ୍ଦ୍ରପୁର ଶାସନର ସ୍ୱର୍ଗତ ବ୍ରଜବନ୍ଧୁ ନନ୍ଦଙ୍କ ପରିବାର ପକ୍ଷରୁ କରାଯାଉଛି।

# ରୋଗ ନିରାକରଣ ସମୟରେ ପରଜୀବୀ ସଂକ୍ରମଣକୁ ଗୁରୁତ୍ୱ

ପୁରୀ,୨୪।୪(ଅଜିତ୍ କୁମାର ମହାନ୍ତି)

**ପ୍ରଥମ ଓଡ଼ିଶା ଟ୍ରପାକନ୍ - ୨୦୨୫ ସମ୍ମିଳନୀ**

ସୂକ୍ଷ୍ମ ପରଜୀବୀ ସଂକ୍ରମଣ ଦ୍ୱାରା ମାନବ ଶରୀରରେ ଅନେକ ଜଟିଳ ରୋଗ ଜାତ ହେଉଥିବା ବେଳେ ଏହି କାରଣକୁ ଅଣଦେଖା କରିବା ଯୋଗୁ ଦୀର୍ଘକାଳ ବ୍ୟୟବହୁଳ ଚିକିତ୍ସା ସତ୍ତ୍ୱେ ରୋଗର ସମ୍ପୂର୍ଣ୍ଣ ନିରାକରଣ ସମ୍ଭବ ହୋଇପାରୁନାହିଁ। ତେଣୁ ରୋଗ ନିରାକରଣ ସମୟରେ ପରଜୀବୀ ସଂକ୍ରମଣ ଦିଗ ପ୍ରତି ଡାକ୍ତରମାନେ ଯଥେଷ୍ଟ ଗୁରୁତ୍ୱ ଦେବା ଜରୁରୀ ବୋଲି ପ୍ରଥମ ଓଡ଼ିଶା ଟ୍ରପାକନ୍-୨୦୨୫ ସମ୍ମିଳନୀ ଅବସରରେ ବିଶିଷ୍ଟ ଅଣୁଜୀବ ବିଜ୍ଞାନୀମାନେ ମତ ଦେଇଛନ୍ତି। ଇଣ୍ଡିଆନ ଏକାଡେମି ଅଫ୍ ଟ୍ରପିକାଲ୍ ପାରାସାଇଟୋଲୋଜି ଓଡ଼ିଶା ଚାପ୍ଟର ପକ୍ଷରୁ ପୁରୀ ସ୍ଥିତ ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ପରିସରରେ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି।

ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ପୁଡୁଚେରୀସ୍ଥିତ ଜିପମରର ପ୍ରାକ୍ତନ ନିର୍ଦ୍ଦେଶକ ଡା. ସୁବାସ ଚନ୍ଦ୍ର ପରିଜା, ଓଡ଼ିଶା ଚାପ୍ଟର ଅଧକ୍ଷ ଏମସ୍‌ର ଅଣୁଜୀବ ବିଜ୍ଞାନୀ ଡା. ସୃଜନା ମହାନ୍ତି, ହାଇଟେକ୍ ହସ୍ପିଟାଲର ଅଣୁଜୀବ ବିଜ୍ଞାନୀ ଡା. ଶ୍ରୀକାନ୍ତ ତିୱାରୀ, ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ମାଇକ୍ରୋବାୟୋଲୋଜି ବିଭାଗ ମୁଖ୍ୟ ଡା. ବିମୋଚ ପ୍ରଜ୍ଞା ପତି ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ଅଭିଭାଷଣରେ ରୋଗର ନିଦାନ ସମୟରେ ପରଜୀବୀ ସଂକ୍ରମଣ ଉପରେ ଚିକିତ୍ସକମାନେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। କଲିକତାର ଡା. କୋକିଳା ବାନାର୍ଜୀ, ତିରୁପତିର ଡା. ଅଭିଜିତ ଚୌଧୁରୀ, ଏମ୍‌ସର ଡା. ବୈଜୟନ୍ତୀମାଳା ମିଶ୍ର, ପିଜିଆଇମର୍‌ର ଡା. ଗୀତାଞ୍ଜଳି ଷଡ଼ଙ୍ଗୀ, ଡା. ଅଶୋକ ମହାପାତ୍ର, ଏସ୍‌ସିବିର ଡା. ଧରିତ୍ରୀ ମହାପାତ୍ର, ଡା. ପ୍ରୀତିଲତା ପଣ୍ଡା, ଡା. ନିରୁପମା ପ୍ରମୁଖ ଅଣୁଜୀବ ବିଜ୍ଞାନୀମାନେ ବକ୍ତାଭାବେ ଯୋଗଦେଇ ନିଜ ନିଜ ଗବେଷଣାଲବ୍ଧ ଜ୍ଞାନ ଉପସ୍ଥାପନ କରିଥିଲେ। ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଆନ୍ଧ୍ରପ୍ରଦେଶ ଏପରିକି ଲଣ୍ଡନର ଅଣୁଜୀବ ବିଜ୍ଞାନୀ ଅଂଶଗ୍ରହଣ କରିଥିବା ଦେଖିବାକୁ ମିଳିଥିଲା। ଆୟୋଜକ କମିଟି ଅଧକ୍ଷା ଡା. ବିମୋଚ ପ୍ରଜ୍ଞା ପତିଙ୍କ ନେତୃତ୍ୱରେ ସମ୍ପାଦକ ଡା. ମୋନାଲିସା ପାଣିଗ୍ରାହୀ, କୋଷାଧ୍ୟକ୍ଷ ଡା. ଯଶୋଦା ମାଝୀ ଓ ଅନୁଷ୍ଠାନର ଅନ୍ୟ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଫଟୋ ରେ ଖବର**






ଗୁରୁବାର ପୁରୀ ତାଳବଣିଆଠାରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟ ମନ୍ତ୍ରୀମାନେ । କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ମହିଳାମାନେ । (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

## ସଂକ୍ଷେପରେ

### କୂଟନୀତି ନୁହେଁ, ସିଧାସଳଖ ଦଣ୍ଡ ଦେବାକୁ ଦାବିକଲା ସଂଖ୍ୟାଲଘୁ ସମ୍ପ୍ରଦାୟ

କଟକ,୨୪।୪(ଶିଳ୍ପା ପ୍ରିୟଦର୍ଶିନୀ)

କଟକରେ ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ପକ୍ଷରୁ ପହଲଗାମ୍‌ଠାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ଘଟଣାକୁ ନିନ୍ଦା କରାଯିବା ସହ ଏହାକୁ ବିରୋଧ କରାଯାଇଛି। ଏହି ଅବସରରେ ଗୁରୁବାର ଏକ ଶୋଭାଯାତ୍ରା ଗଡ଼ଖାଇଠାରେ ଥିବା ବାବା ବୁଖାରୀଙ୍କ ମଜାରଠାରୁ ବାହାରି ବାରବାଟୀ ଦୁର୍ଗ ନିକଟରେ ପହଞ୍ଚିଥିଲା। ସେଠାରେ ପାକିସ୍ତାନ ପ୍ରଧାନମନ୍ତ୍ରୀ, ଜାତୀୟ ପତାକା ଓ ଆର୍ମି ଚିଫ୍‌ଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏ ନେଇ ପୂର୍ବତନ କର୍ପୋରେଟର ରମଖଜାନ ଖାଁନ୍ କହିଛନ୍ତି, ଭାରତ ସରକାର ଏହି ଘଟଣାରେ ଦୃଢ଼ରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ଏଭଳି ଘଟଣାକୁ କଦାପି ବରଦାସ୍ତ କରାଯିବ ନାହିଁ। କୌଣସି କୂଟନୀତି ନୁହେଁ, ସିଧାସଳଖ ଦଣ୍ଡ ଦିଆଯାଉ ବୋଲି ଦାବି କରୁଛୁ। ଓଡ଼ିଶା ବୋର୍ଡ଼ ଅଫ ୱକଫ୍‌ର ପ୍ରାକ୍ତନ ଚେୟାରମ୍ୟାନ ସୈୟଦ୍ ଏକ୍ରାମ ହୁସେନ ଓ ଛାତ୍ର ନେତା ଆସିଫ୍ ଅମିନଙ୍କ ନେତୃତ୍ୱରେ ମୋକିମ ଖାଁନ୍, ରିଆଜ ଖାଁନ୍, ରେଭିନ୍ୟୁ ବୋର୍ଡ଼ ବାର ସଭାପତି ମେହେବୁବ୍ ଅଲ୍ଲୀ, ସୈୟଦ୍ ଜଲିଲ, ଫିରୋଜ ଅଲ୍ଲୀ, ସେକ୍ ଚାନ୍ଦୁ, ମହମ୍ମଦ ଆବିଦ, ସାଜିଦ୍ ସୁଲତାନ, ସିରାଜ ଖାଁନ୍‌ଙ୍କ ସମେତ ବିଭିନ୍ନ ମସ୍‌ଜିଦ କମିଟି, ମହଲ୍ଲା କମିଟି କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

### ଇମ୍ଫାରେ ବିପିଏସ୍‌ଆଇର କର୍ମଶାଳା

ଚୌଦ୍ୱାର,୨୪।୪(ଆଶୁତୋଷ ଦାସ)

ଭାରତ ସରକାରଙ୍କ ଇସ୍ପାତ ଓ ଖଣି ମନ୍ତ୍ରଣାଳୟର ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନ ଆନୁକୂଲ୍ୟରେ ସ୍ଥାନୀୟ ଇମ୍ଫା କାରଖାନାରେ କାର୍ଯ୍ୟରତ ବୃତିଗତମାନଙ୍କ ପାଇଁ 'ସର୍ତ୍ତାବଳୀ ଆଧାରିତ ମନିଟାରିଂ ଏବଂ ନିର୍ଭରଯୋଗ୍ୟତା ବିଶ୍ଳେଷଣ' ଉପରେ ଏକ ଜ୍ଞାନ ଆଦାନପ୍ରଦାନ କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଚୌଦ୍ୱାରସ୍ଥିତ ଇମ୍ଫା କାରଖାନା ପରିସରରେ ଆୟୋଜିତ କର୍ମଶାଳାରେ ବିଶେଷଜ୍ଞ ପ୍ରଫେସର ଡାକ୍ତର ଇଶାମ ପାଣିଗ୍ରାହୀ, ଡ. ଅଶ୍ୱିନୀ କୁମାର, ଡ. ଇତିଶ୍ରୀ ରାଉତ ପ୍ରମୁଖ ବିଶେଷଜ୍ଞ ଯୋଗଦେଇ ବ୍ୟବହାରିକ ପଦ୍ଧତି ବ୍ୟବହାର କରି ପ୍ରଭାବଶାଳୀ ରକ୍ଷଣାବେକ୍ଷଣ ପରିଚାଳନା, ନିର୍ଭରଯୋଗ୍ୟତା ବିଶ୍ଳେଷଣ, ଅବସ୍ଥା ଆଧାରିତ ମନିଟରିଂ ଏବଂ ତୈଳ ବିଶ୍ଳେଷଣ ଉପରେ ବିଶେଷ ଭାବେ ଆଲୋଚନା କରାଯାଇଥିଲା। ପ୍ରଫେସର ସତ୍ୟପ୍ରୀୟ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ କାରଖାନାରେ କାର୍ଯ୍ୟରତ ବହୁ ଅଧିକାରୀ, ବିଶେଷଜ୍ଞ ଓ କର୍ମଚାରୀ ଯୋଗଦେଇଥିଲେ।

# 'ପ୍ରତି ମହିଳାଙ୍କୁ ସଶକ୍ତ କରିବା ସରକାରଙ୍କ ଲକ୍ଷ୍ୟ'

କଟକ/କଟକ ସଦର,୨୪।୪
(କାର୍ତ୍ତିକ ସାହୁ/ସୁଶାନ୍ତ କୁମାର ଜେନା)



କଟକ ଜିଲାସ୍ତରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

**କଟକ ଜିଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ**

କଟକ ଜିଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ କଟକ ସଦର ବ୍ଲକ କାର୍ଯ୍ୟାଳୟ ପରିସରରେ ଗୁରୁବାର ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ କହିଲେ, ଆଜି ସମଗ୍ର ଦେଶରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ କରାଯାଉଛି। ସମସ୍ତ ଗ୍ରାମାଞ୍ଚଳର ବିକାଶ ହେବା ସହ ସେଠାରେ ରହୁଥିବା ପ୍ରତ୍ୟେକ ମହିଳାଙ୍କୁ ସଶକ୍ତ କରିବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ। ଗାଁକୁ ସ୍ୱାୟତ୍ତତା ପ୍ରଦାନ ଦିଗରେ ଏହି ଦିନର ମହତ୍ତ୍ୱ ରହିଛି। ଗାଁର ବିକାଶ ପାଇଁ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଯେଉଁ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାହାକୁ ପୂରଣ କରିବା ପଥରେ ଆଗେଇ ଚାଲିଛନ୍ତି। ସମଗ୍ର ଭାରତ ବର୍ଷ ଓ ଓଡ଼ିଶା ମାଟିର ବିକାଶ ଦିଗରେ ସମସ୍ତେ କାନ୍ଧରେ କାନ୍ଧ ମିଶାଇ କାର୍ଯ୍ୟ କରିବାକୁ ମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଏବେ ଗାଁ ଗାଁରେ ପାନୀୟ ଜଳ ଯୋଗାଣ, ରାସ୍ତା ନିର୍ମାଣ, ଅନ୍ତ୍ୟୋଦୟ ଗୃହ ତଥା ସୁଭଦ୍ରା ଯୋଜନା ଜରିଆରେ ବିକାଶ ହୋଇପାରୁଛି। ପଞ୍ଚାୟତିରାଜ ବ୍ୟବସ୍ଥାରେ ସାଧାରଣ ଜନତା ଓ ଜନ ପ୍ରତିନିଧିମାନେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ସହ ଗ୍ରାମାଞ୍ଚଳର ସମଗ୍ର ବିକାଶରେ ସାମିଲ ହେବାକୁ ସେ କହିଥିଲେ। କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ କହିଲେ, ଗ୍ରାମାଞ୍ଚଳର ବିକାଶ ଦାୟିତ୍ୱ ନିମନ୍ତେ ରାଜ୍ୟ ସରକାର ଏବେ ସ୍ଥାନୀୟ ଗ୍ରାମର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଯୋଜନା ଅନୁଯାୟୀ ସେମାନେ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦିଷ୍ଟ ଅର୍ଥ ମଞ୍ଜୁର ମଧ କରୁଛନ୍ତି। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ସ୍ୱାଗତ ଭାଷଣ ପ୍ରଦାନ କରି ଜିଲାରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ପ୍ରଶାସନିକସ୍ତରରେ ତତ୍ପରତାର ସହ ସମସ୍ତ କାର୍ଯ୍ୟ କରାଯିବ ବୋଲି କହିଥିଲେ। ପ୍ରାରମ୍ଭରେ ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣରେ ମୃତ୍ୟୁବରଣ କରିଥିବା ପର୍ଯ୍ୟଟକଙ୍କ ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ମହାନଗର ନିଗମ ଓ କଟକ ସଦର ଅଞ୍ଚଳର ୨୫ଜଣ ହିତାଧିକାରୀଙ୍କୁ ରାଶନ କାର୍ଡ ପ୍ରଦାନ କରାଯାଇଥିଲା। ଏଥିସହ ଗ୍ରାମପଞ୍ଚାୟତଗୁଡ଼ିକରେ ଉଲ୍ଲେଖନୀୟ ସେବା ନିମନ୍ତେ ସରପଞ୍ଚ ଓ ବିଭିନ୍ନ ଅନୁଷ୍ଠାନଙ୍କୁ ଆର୍ଥିକ ସହାୟତା ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। କଟକ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ ଧନ୍ୟବାଦ ଦେଇଥିଲେ। ଜିଲା ପରିଷଦ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଆଶିଷ କୁମାର ସାହୁ, ଉପଜିଲାପାଳ କଟକ ସଦର ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, କଟକ ସଦର ମଣ୍ଡଳ ଉନ୍ନୟନ ଅଧିକାରୀ ପ୍ରତୀକ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ବିଭିନ୍ନ ବିଭାଗୀୟ ଅଧିକାରୀ, ଯନ୍ତ୍ରୀମାନଙ୍କ ସମେତ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାସଦସ୍ୟମାନେ ଉପସ୍ଥିତ ଥିଲେ।

# ବିକଶିତ ପ୍ରଦେଶ ଗଠନ ପାଇଁ ସରକାର ଅଙ୍ଗୀକାରବଦ୍ଧ

ଟିଗିରିଆ, ୨୪।୪(ଜାଫର ଖାଁ)

ଟିଗିରିଆ ବ୍ଲକ କାର୍ଯ୍ୟାଳୟ ପରିସରରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ବିଡିଓ ମନସ୍ୱିନୀ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ ଯୋଗଦେଇଥିବା ବେଳେ ବିଶିଷ୍ଟ ଅତିଥିଭାବେ ଏମ୍‌ପିଙ୍କ ପ୍ରତିନିଧି ସୂର୍ଯ୍ୟକାନ୍ତ ଧଳ ଯୋଗଦେଇଥିଲେ। ଏହି ଅବସରରେ ବ୍ଲକର ନୂଆପାଟଣା, ଗଦାଧରପୁର ଓ ପାଞ୍ଚଗାଁ ପଞ୍ଚାୟତକୁ ଚଳିତ ଆର୍ଥିକ ବର୍ଷର ଶ୍ରେଷ୍ଠ ପଞ୍ଚାୟତ ଭାବେ ଘୋଷଣା କରିବା ସହ ଉକ୍ତ ପଞ୍ଚାୟତ ସରପଞ୍ଚ ଯଥାକ୍ରମେ ସୋମନାଥ ଦାସ, ପୁଷ୍ପିତା ସ୍ୱାଇଁ, ନିରଞ୍ଜନ ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା। ୨୮ ଜଣ ନୂଆ ହିତାଧିକାରୀଙ୍କୁ ନୂତନ ରାଶନ କାର୍ଡ ବଣ୍ଟନ କରାଯାଇଥିଲା।

**ବାଙ୍କୀ(ଶୁଭେନ୍ଦୁ ମହାପାତ୍ର/ଜ୍ଞାନେନ୍ଦ୍ର ମୋହନ ମିଶ୍ର) :** ବାଙ୍କୀ ଉପଖଣ୍ଡର ଦୁଇ ବ୍ଲକରେ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ବାଙ୍କୀରେ ବିଡିଓ ସଂଗ୍ରାମ ଭୋଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଏମ୍‌ପିଙ୍କ ପ୍ରତିନିଧି ଜୟନ୍ତ କୁମାର ବେଉରା, ବ୍ଲକ ଅଧ୍ୟକ୍ଷା ପୁଷ୍ପଲତା ସାମନ୍ତ ଯୋଗଦେଇଥିଲେ। ସେହିପରି ଡମପଡ଼ା ବ୍ଲକ ବିଡିଓ ଅଂଶୁମାନ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଏମ୍‌ପି ପ୍ରତିନିଧି ସରୋଜ କୁମାର ମଉଗଜସିଂ, ଡମପଡ଼ା ବ୍ଲକ ଅଧ୍ୟକ୍ଷ ପ୍ରଣବ ପଟେଲ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବାଙ୍କୀ ବ୍ଲକର ୧୧ ହିତାଧିକାରୀଙ୍କୁ ନୂତନ ରାଶନ କାର୍ଡ ବଣ୍ଟନ କରାଯାଇଥିଲା। ସେହିପରି ବାଙ୍କୀ ବ୍ଲକର ୨୦ ପଞ୍ଚାୟତ, ଡମପଡ଼ା ବ୍ଲକର ୧୭ ପଞ୍ଚାୟତର ଲୋକପ୍ରତିନିଧି ଏବଂ ଏସ୍‌ଏଚ୍‌ଜିର ସଦସ୍ୟା ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

**ଆଠଗଡ଼(ସତ୍ୟ ପ୍ରସାଦ ରଥ):** ଆଠଗଡ଼ ପଞ୍ଚାୟତ ସମିତିରେ ଆୟୋଜିତ ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସରେ ଜିଲା ପରିଷଦ ସଭ୍ୟ ବଳଭଦ୍ର ବାଘ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ, ସମିତି ସଭ୍ୟାସଭ୍ୟ, ସରପଞ୍ଚ, ବିଡିଓ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ନୂତନ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ କରାଯାଇଥିଲା।

**ନିଶ୍ଚିନ୍ତକୋଇଲି(ଅଶୋକ କୁମାର ମହାପାତ୍ର):** ନିଶ୍ଚିନ୍ତକୋଇଲି ବ୍ଲକ ପରିସରରେ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ମାହାଙ୍ଗା ବିଧାୟକ ସାରଦା ପ୍ରଧାନ ଯୋଗଦେଇ ବିକଶିତ ପ୍ରଦେଶ ଗଠନ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଅଙ୍ଗୀକାରବଦ୍ଧ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ବିଡିଓ ଦ୍ୟୁବେନ୍ଦୁ ଦାସ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥିଭାବେ ଉପାଧ୍ୟକ୍ଷ ନୃସିଂହ ମିଶ୍ର, କେନ୍ଦ୍ରାପଡ଼ା ଏମ୍‌ପିଙ୍କ ପ୍ରତିନିଧି ମଳୟ ଘଡ଼େଇ ଉପସ୍ଥିତ ଥିଲେ। ଏହି ଅବସରରେ ନତକାଇ ପଞ୍ଚାୟତକୁ ୭ ଲକ୍ଷ, ନରେନ୍ଦ୍ରପୁର ଓ ବରାଦକୁ ୫ ଲକ୍ଷ ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା।

**ସାଲେପୁର(ଅରବିନ୍ଦ ଭୂୟାଁ):** ସାଲେପୁର ପଞ୍ଚାୟତ ସମିତି ପକ୍ଷରୁ ବ୍ଲକ ପରିସରରେ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସାଲେପୁର ବିଡିଓ ଖଗେଶ୍ୱର ପାତ୍ର, ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ସହକାରୀ ଯନ୍ତ୍ରୀ ସୁଶାନ୍ତ କୁମାର ମଲ୍ଲିକଙ୍କ ସମେତ ବ୍ଲକ୍‌ର ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ।

# ରୋଗୀଙ୍କୁ ନିଜର ଭାବି ଚିକିତ୍ସା କରିବା ଆବଶ୍ୟକ



ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ କେନ୍ଦ୍ରର ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

କଟକ,୨୪।୪(ଶିଳ୍ପା ପ୍ରିୟଦର୍ଶିନୀ)

**ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ କେନ୍ଦ୍ରର ୪୧ତମ ବାର୍ଷିକ ଉତ୍ସବ**

ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ଅନୁଷ୍ଠାନର ୪୧ତମ ବାର୍ଷିକ ଉତ୍ସବ ହସ୍ପିଟାଲର ସମ୍ମିଳନୀ କକ୍ଷରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରଫେସର ଡା. ପିଜି. ଚିତ୍ରକାର ଯୋଗଦେଇ କହିଛନ୍ତି ଯେ, ରୋଗୀଙ୍କୁ ଉତ୍ତମ ସେବା ଯୋଗାଇବା ନିତାନ୍ତ ଜରୁରୀ। ଏହାସହ ରୋଗୀଙ୍କୁ ଆପଣାର ଭାବି ଚିକିତ୍ସା କରାଇବା ଆବଶ୍ୟକ। ଏହି କ୍ଷେତ୍ରରେ ଆଚାର୍ଯ୍ୟ ହରିହର ଏକ ସ୍ପଷ୍ଟ ଉଦାହରଣ ପାଲଟିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାର ଅଧ୍ୟକ୍ଷା ତଥା ଅଧୀକ୍ଷକ ଦାୟିତ୍ୱରେ ଥିବା ପ୍ରଫେସର ଡା. ଲୁସି ଦାସ ଯୋଗଦେଇ କହିଛନ୍ତି ଯେ, ଏସ୍‌ସିବି ଓ କର୍କଟ କେନ୍ଦ୍ର ମଧ୍ୟରେ ବହୁ ସମାନତା ରହିଛି। କର୍କଟ କେନ୍ଦ୍ର ଏଭଳି ଏକ ଅନୁଷ୍ଠାନ ଏଥିରେ ସମସ୍ତ ଡାକ୍ତର, ନର୍ସ ଓ କର୍ମଚାରୀଙ୍କ ଏକତା ରହିଛି ଏବଂ ଏହା ହିଁ ରୋଗୀଙ୍କୁ ଉତ୍ତମ ସେବା ଯୋଗାଇବାରେ ସହାୟକ ହୋଇ ପାରିଛି। ବହୁ ରୋଗୀ ଟାଟା ମେମୋରିଆଲ ଚିକିତ୍ସା ନିମନ୍ତେ ଯାଉଛନ୍ତି, କିନ୍ତୁ ଏବେ ସମୟ ଆସିଛି ରୋଗୀଙ୍କୁ ସଚେତନ କରାଇବା ଫଳରେ ଏହି ଅନୁଷ୍ଠାନରେ ରୋଗୀ ଆତ୍ମନିର୍ଭର ହୋଇ ଚିକିତ୍ସା କରାଇ ପାରିବେ ବୋଲି ସେ କହିଥିଲେ। ହସ୍ପିଟାଲ ଅଧୀକ୍ଷକ ପ୍ରଫେସର ଡା. ନୀହାରିକା ପଣ୍ଡା ଯୋଗଦେଇ ଡାକ୍ତର ଓ କର୍ମଚାରୀଙ୍କୁ ମାନସିକସ୍ତରରେ ସ୍ଥିରତା ରଖି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରଜାପିତା ବ୍ରାହ୍ମକୁମାରୀର ଦିଦି ବି.କେ.ହୁସେନ ଯୋଗଦେଇ ଜୀବନରେ ଧ୍ୟାନ କରିବା ଜରୁରୀ ଏବଂ ଜୀବନଶୈଳୀକୁ ବଦଳାଇବାକୁ ହେଲେ ମାନସିକ ସ୍ଥିତିକୁ ନିୟନ୍ତ୍ରଣରେ ଆଣିବାକୁ ହେବ ବୋଲି କହିଥିଲେ। ହସ୍ପିଟାଲର ନିର୍ଦ୍ଦେଶକ ପ୍ରଫେସର ଡା. ଦୀପକ ରାଉତରାୟ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ହସ୍ପିଟାଲ ପକ୍ଷରୁ ତତ୍କାଳୀନ ଅଧ୍ୟକ୍ଷ ପ୍ରଫେସର ଡା. ନିରଞ୍ଜନ ରାଉତ ଓ ନିର୍ଦ୍ଦେଶକ ଲଲାଟେନ୍ଦୁ ଷଡ଼ଙ୍ଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଅଧ୍ୟକ୍ଷା ପ୍ରଫେସର ଡା. ରେଖା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

### ତ୍ରୁଟି ଯୋଗୁ କାର୍ଡ ନ ପାଇ ଫେରିଲେ ହିତାଧିକାରୀ

ମଙ୍ଗୁଳି-ଜଗତପୁର,୨୪।୪(ମାନସ ସାମଲ)

ଜାତୀୟ ପଞ୍ଚାୟତିରାଜ ଦିବସ ଉପଲକ୍ଷେ ଜିଲାସ୍ତରୀୟ ନୂତନ ରାଶନ କାର୍ଡ ପ୍ରଦାନ କାର୍ଯ୍ୟକ୍ରମ ଟାଙ୍ଗୀ-ଚୌଦ୍ୱାର ବ୍ଲକ ପରିସରରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶାଶତ ଜେନାଙ୍କ ପୌରୋହିତ୍ୟରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଟାଙ୍ଗୀ- ସାଲେପୁର ନିର୍ବାଚନମଣ୍ଡଳୀ ଅଧୀନ ୨୪ଟି ପଞ୍ଚାୟତର ଖାଦ୍ୟ ସୁରକ୍ଷାରୁ ବଞ୍ଚିତ ବହୁ ହିତାଧିକାରୀଙ୍କୁ ଆୟୋଜିତ କାର୍ଯ୍ୟକ୍ରମରେ ରାଶନ କାର୍ଡ ବଣ୍ଟନ ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ବହୁ ତ୍ରୁଟି ଯୋଗୁ କୌଣସି ହିତାଧିକାରୀଙ୍କୁ ରାଶନ କାର୍ଡ଼ ବଣ୍ଟନ କରାଯାଇ ନ ଥିଲା। ଏକ ବିରାଟ ସମାରୋହର ଆୟୋଜନ କରାଯାଇ ଭର୍ଚ୍ଚୁଆଲ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ସମେତ ମନ୍ତ୍ରୀମାନଙ୍କ ଅଭିଭାଷଣ ଉପସ୍ଥିତ ଲୋକମାନଙ୍କୁ ସୂଚାଇ ଦେଇଥିବା ବେଳେ ବ୍ଲକର କୌଣସି ହିତାଧିକାରୀ ରାଶନ କାର୍ଡ ନ ପାଇ ନିରାଶ ହୋଇ ଫେରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ମୀନାକ୍ଷୀ ଦାସ, ଉପାଧ୍ୟକ୍ଷା ସୁପ୍ରିୟା ଜେଠୀ, ଆଠଗଡ଼ ବିଧାୟକଙ୍କ ପ୍ରତିନିଧ ସେକ ସାହାଜାନ, ବିଭିନ୍ନ ପଞ୍ଚାୟତ ସରପଞ୍ଚଙ୍କ ସମେତ ବ୍ଲକର ବିଭିନ୍ନ ବିଭାଗର ବହୁ ଅଧିକାରୀ ଉପସ୍ଥିତ ଥିଲେ।

### ସେଣ୍ଟ୍ ଜାଭିୟର୍ସରେ ପହଲଗାମ୍ ମୃତକଙ୍କ ପାଇଁ ଶୋକସଭା



ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଉଦ୍ଦେଶ୍ୟରେ ମହମବତି ପ୍ରଜ୍ଜ୍ୱଳନ କରାଯାଉଛି।

ଭୁବନେଶ୍ୱର,୨୪।୪(ଅନୁରାଧା ମହାରଣା)

କଶ୍ମୀରର ପହଲଗାମ୍‌ରେ ଏପ୍ରିଲ ୨୨ରେ ଆତଙ୍କବାଦୀଙ୍କ ଗୁଳିକାଣ୍ଡ ଘଟଣାରେ ପ୍ରାଣ ହରାଇଥିବା ଲୋକଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଗୁରୁବାର କଟକ ନୂଆବଜାରସ୍ଥିତ ଜାଭିୟର୍ସ ହାଇସ୍କୁଲ ପ୍ରାଙ୍ଗଣରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ତ୍ରିପାଠୀ, ଉପାଧ୍ୟକ୍ଷ ଦେବାନନ୍ଦ ପାଢୀ ଏବଂ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହି ଶାନ୍ତି ପାଠ କରିଥିଲେ। ଏଥିସହ ମହମବତି ଜଳାଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଡ. ତ୍ରିପାଠୀ ମାନବତା ଓ ସମ୍ବେଦନଶୀଳତା ସମସ୍ତ ବ୍ୟକ୍ତିଙ୍କ ଚେତନାର ଆଧାର ହେବା ଉଚିତ୍ ବୋଲି କହିଥିଲେ। ଆଠଗଡ଼ ଜାଭିୟର୍ସ ହାଇସ୍କୁଲର ଅଧ୍ୟକ୍ଷ ପ୍ରେମରାଜ ପାତ୍ର ଯୋଗଦେଇ ମୃତକଙ୍କ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ଈଶ୍ୱର ଧୈର୍ଯ୍ୟ ଓ ଶକ୍ତି ପ୍ରଦାନ କରନ୍ତୁ ବୋଲି କହିଥିଲେ। ଶେଷରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା।

# ଲୁଟେରା ଗ୍ୟାଙ୍ଗ୍ ଠାବ, ୩ ଗିରଫ

କଟକ,୨୪।୪(କାର୍ତ୍ତିକ ସାହୁ)

ବେଶ୍ କିଛି ଦିନ ଧରି କଟକ ସହରରେ ଲୁଟ୍‌ତରାଜ ଚଳାଇଥିବା ଏକ ଅପରାଧି ଗ୍ୟାଙ୍ଗଙ୍କୁ କ୍ୟାଣ୍ଟନମେଣ୍ଟ ଥାନା ପୋଲିସ ଧରିଛି। ଗ୍ୟାଙ୍ଗର ୩ଜଣଙ୍କୁ ଗିରଫ କରାଯାଇ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ବିଡ଼ାନାସୀ ବଉଳଛକରେ ରହୁଥିବା ନୟାଗଡ଼ ଫତେଗଡ଼ର ବିଚିତ୍ରାନନ୍ଦ ମହାପାତ୍ର (୨୮), ସିଡିଏ ସେକ୍ଟର ୬ର ଶୈଶିଭୁ ଜେନା (୧୯) ଓ ମର୍କତନଗର ହଇରାଣପୁରର ସୁମନ୍ତ ଦାସ(୧୯)। ସେମାନଙ୍କ ନିକଟରୁ ୧୪ ହଜାର ଟଙ୍କା, ବାଇକ୍ ଓ ଗୋଟିଏ ମୋବାଇଲ ଫୋନ ଜବତ ହୋଇଛି।

ସୂଚନା ଅନୁଯାୟୀ, ଦରଘାବଜାର ଥାନା ଅନ୍ତର୍ଗତ ଗଙ୍ଗାମନ୍ଦିର ଅଞ୍ଚଳର ସୁନିଲ କୁମାର ମହାନ୍ତି ତାଙ୍କ ଝିଅ ଓ ସ୍ତ୍ରୀଙ୍କ ସହିତ ଏପ୍ରିଲ ୧୭ ରାତିରେ ନେତାଜୀ ଆର୍କେଡ ସାମନାରେ ଆସୁଥିଲେ। ୨ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ସ୍ତ୍ରୀଙ୍କ ସୁନା ହାର ଛିନ୍‌ତାଇ କରିଥିଲେ। ଏପ୍ରିଲ ୧୯ ତାରିଖ ସନ୍ଧ୍ୟାରେ ରାଣୀହାଟ ଅଞ୍ଚଳର ଚନ୍ଦନ କୁମାର ଦାସ ତାଙ୍କ ସ୍ତ୍ରୀ ରାଧାମଣୀ ସାହୁଙ୍କ ସହିତ କ୍ୟାଣ୍ଟନମେଣ୍ଟ ରୋଡ୍ ଦେଇ ଯାଉଥିବାରେ ସମାନ ଘଟଣା ଘଟିଥିଲା। ପୋଲିସ ମୁଖ୍ୟାଳୟ ପଛପଟ ଗେଟ ସାମନାରେ ଏକ ବାଇକ୍‌ରେ ୩ ଦୁର୍ବୃତ୍ତ ଆସି ରାଧାମଣୀଙ୍କ ବେକରୁ ସୁନା ଚେନ ଝାମ୍ପିନେଇ ଦ୍ରୁତଗତିରେ ପଳାଇଥିଲେ। ଏପ୍ରିଲ ୧୯ରେ ସିଡିଏ ଫେଜ ୨ ଥାନା ଅଞ୍ଚଳରେ ମଧ ଲୁଟ ହୋଇଥିଲା। ଏହି ୩ ଘଟଣାରେ ନିର୍ଦ୍ଦିଷ୍ଟ ଭାବେ ଗୋଟିଏ ଗ୍ୟାଙ୍ଗ ସମ୍ପୃକ୍ତ ଥିବା ପୋଲିସ ପ୍ରାଥମିକ ତଦନ୍ତରୁ ପ୍ରମାଣ ପାଇଥିଲା। କ୍ୟାଣ୍ଟନମେଣ୍ଟ ଥାନା ଅଞ୍ଚଳରେ ପୋଲିସ ମୁଖ୍ୟାଳୟ ପଛପଟ ଗେଟକୁ ମିଶାଇ ଲଗାତର ଦୁଇଟି ଘଟଣା ଘଟିଥିଲା। ପୋଲିସ ତଦନ୍ତ ସମୟରେ ଉପରୋକ୍ତ ୩ଜଣ ଲୁଟେରାଙ୍କୁ ଠାବ କରିଥିଲା। ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ସିସି କ୍ୟାମେରା ଫୁଟେଜ ଆଧାରରେ ୩ ଲୁଟେରାଙ୍କୁ ଠାବ କରିଥିଲା। ପୋଲିସ ଏହି ଗ୍ୟାଙ୍ଗଙ୍କୁ ଗିରଫ କରିବା ପରେ ସେମାନଙ୍କ ଅପରାଧିକ ରେକର୍ଡ ପୋଲିସ ପାଇଛି। ଗିରଫ ୩ଜଣଙ୍କ ବିରୋଧରେ ଦରଘାବଜାର, କ୍ୟାଣ୍ଟନମେଣ୍ଟ, ସିଡିଏ ଫେଜ-୨ ଥାନାରେ ତିନୋଟି ଲେଖାଏ ଅପରାଧିକ ମାମଲା ରହିଛି। ଏମାନେ ଏକାଠି ଗୋଟିଏ ବାଇକ୍‌ରେ ସହରରେ ବିଭିନ୍ନ ସମୟରେ ଛିନତାଇ କରୁଥିଲେ ବୋଲି ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି।

**ବାଇକ୍‌ରେ ବୁଲି ଛିନ୍‌ତାଇ କରୁଥିଲେ**

# ଆତଙ୍କବାଦୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଅ

କଟକ,୨୪।୪(ଶିଳ୍ପା ପ୍ରିୟଦର୍ଶିନୀ)




ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣରେ ମୃତକଙ୍କ ଆତ୍ମାର ସଦ୍‌ଗତି କାମନା କରି ଗୁରୁବାର ସିଏନ୍‌ବିଟି ନିକଟରୁ ଛାତ୍ର ସମାଜ ଓଡ଼ିଶା ପକ୍ଷରୁ ବାହାରିଥିବା ମହମବତି ଶୋଭାଯାତ୍ରା।

ଜମ୍ମୁ-କଶ୍ମୀର ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣ ଘଟଣାକୁ ବିରୋଧ କରି ଗୁରୁବାର ସାମାଜିକ ସଙ୍ଗଠନ ଭଏସ୍ ଅଫ କଟକ ପକ୍ଷରୁ କଟକଚଣ୍ଡୀ ମନ୍ଦିର ସମ୍ମୁଖରେ ଦୀପଦାନ ଓ ନୀରବ ପ୍ରାର୍ଥନା କରାଯାଇଥିଲା। ଅନୁଷ୍ଠାନ ସଭାପତି ସିଦ୍ଧାର୍ଥ ମହାନ୍ତି, ସମ୍ପାଦକ ସୌମ୍ୟଦୀପ ଘୋଷଙ୍କ ଦ୍ୱାରା ପରିଚାଳିତ କାର୍ଯ୍ୟକ୍ରମରେ ବରିଷ୍ଠ ସଦସ୍ୟ ତାପସ ମହାନ୍ତି, ପବିତ୍ର ଭୂୟାଁ, ଦୀପାୟନ ପଟ୍ଟନାୟକ, ଯୁବ ସମାଜସେବୀ ଆସିଫ ଅମିନ, ସୁମନ ବେହେରା, ଶ୍ରେୟା ସମ୍ବେଦନା, କିଶୋର ବେହେରା, ମନୋଜ ସେଠୀ, ଅର୍ପିତା ଦାସ, ରାଜେଶ ରଣା ପ୍ରମୁଖ ଉପସ୍ଥିତ ଥିଲେ।

ଆତଙ୍କବାଦୀ ଆକ୍ରମଣରେ ଜୀବନ ହାରିଥିବା ଭାରତୀୟଙ୍କ ପାଇଁ ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଗୁରୁବାର ଯୁବ ମୋର୍ଚ୍ଚା ରାଜ୍ୟ ସମ୍ପାଦକ ଗଗନ ଓଝାଙ୍କ ନେତୃତ୍ୱରେ ବାଦାମବାଡ଼ିଠାରେ ଥିବା ସିଦ୍ଧି ବିନାୟକ ମନ୍ଦିରରେ ଅମର ଆତ୍ମାର ସଦଗତି କାମନା କରାଯାଇ ସମୂହ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। କାର୍ଯ୍ୟକ୍ରମରେ କଟକ ଜିଲା ଯୁବମୋର୍ଚ୍ଚା ସଭାପତି ନଳିନୀ କୁମାର ରାୟ, ଯୁବମୋର୍ଚ୍ଚା କଟକ ନଗର ସଭାପତି ହରିଚନ୍ଦନ ନାୟକ, ଯୁବମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିବ ନାରାୟଣ ନାୟକ, ବିଭୂତି ଭୂଷଣ ବେହେରା, ସତ୍ୟନାରାୟଣ ପଣ୍ଡା, ପ୍ରହ୍ଲାଦ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

**ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣ ଘଟଣାକୁ ନିନ୍ଦା**

**ମଙ୍ଗୁଳି-ଜଗତପୁର,(ମାନସ ସାମଲ):** ଚୌଦ୍ୱାର-କଟକ ଭାଜପା ପକ୍ଷରୁ ଚୌଦ୍ୱାର-କଟକ ବରିଷ୍ଠ ଭାଜପା ନେତା ସନ୍ତୋଷ ମହାନ୍ତିଙ୍କ ନେତୃତ୍ୱରେ ଚୌଦ୍ୱାର ପୌର ଅଧୀନ ୮ନଂ. ୱାର୍ଡସ୍ଥିତ ଦୁର୍ଗାମଣ୍ଡପ ସମ୍ମୁଖରୁ କ୍ୟାଣ୍ଡେଲ ଶୋଭାଯାତ୍ରା ବାହାରି ତାରିଣୀ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ଶୋଭାଯାତ୍ରାରେ ଝୁନୁରାଣୀ ଦାସ, ଜିତେନ୍ଦ୍ର କୁମାର ସାହୁ, ଶୁଭମ କୁମାର ସ୍ୱାଇଁ, ସିପୁନ ମହାନ୍ତି, ସଦାନନ୍ଦ ବିଶ୍ୱାଳ, ବିଶ୍ୱଜିତ୍ ବରାଳ, ଝୁନୁରାଣୀ ଦାସ, ବର୍ଷାରାଣୀ ପଲେଇ, ଶ୍ରୀକାନ୍ତ ମହାପାତ୍ର, ଅମ୍ବିକା ପ୍ରସାଦ ମହାନ୍ତି, ଚନ୍ଦ୍ର ଶେଖର ବିଶ୍ୱାଳ, ଶ୍ରୀକାନ୍ତ ମହାରଣା, ସୁବ୍ରତ ସାହୁ ପ୍ରମୁଖ ଯୋଗଦେଇ ଆତଙ୍କବାଦୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଥିଲେ।

**କଟକ ସଦର,(ସୁଶାନ୍ତ କୁମାର ଜେନା):** ୪୨ ମୌଜାସ୍ଥିତ ବେଣ୍ଟକାର ବଜାରରେ ଛାତ୍ର କଂଗ୍ରେସ ପକ୍ଷରୁ ମହମବତି ଶୋଭାଯାତ୍ରା ବାହାର କରାଯାଇଥିଲା। ଛାତ୍ର ନେତା ରାକେଶ ପତିଙ୍କ ନେତୃତ୍ୱରେ ଆୟୋଜିତ ଶୋଭାଯାତ୍ରାରେ କଂଗ୍ରେସର ବରିଷ୍ଠ ନେତା ରାମଚନ୍ଦ୍ର ଗୋଚ୍ଛାୟତ, କଟକ ଜିଲା କଂଗ୍ରେସ କମିଟି ପ୍ରାକ୍ତନ ଉପସଭାପତି ଶିଶିର କୁମାର ରଥ, ସାହିଲ ପଣ୍ଡା, ରାଜେଶ ମଲ୍ଲିକ, ନୀହାର ବେହେରା, ମନୋଜ କୁମାର ସାହୁ, ଅଭିଷେକ ସାହୁ, ଶୁଭମ ସାହୁ ପ୍ରମୁଖ ମୃତକଙ୍କ ପ୍ରତି ସମବେଦନା ଜଣାଇବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

**ଚୌଦ୍ୱାର,(ଆଶୁତୋଷ ଦାସ):** ଚୌଦ୍ୱାର ସଚେତନ ନାଗରିକ ମଞ୍ଚ ପକ୍ଷରୁ ପାକିସ୍ତାନ ପ୍ରଧାନମନ୍ତ୍ରୀ ସେହେବାଜ ସରିଫଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଭାଜପା ନେତା ଜ୍ଞାନେନ୍ଦ୍ର ସ୍ୱାଇଁଙ୍କ ପରିଚାଳନାରେ ସ୍ଥାନୀୟ ବହୁ କର୍ମୀ, ମଞ୍ଚର ସଦସ୍ୟ ବୃନ୍ଦ ଓ ସାଧାରଣ ନାଗରିକ ଗାନ୍ଧୀଛକସ୍ଥିତ ବିଜୁ ପଟ୍ଟନାୟକ ମାର୍କେଟ କମ୍ପ୍ଲେକ୍ସରେ ଆତଙ୍କବାଦୀମାନେ ହତ୍ୟା କରିବା ଘଟଣାର ତୀବ୍ର ନିନ୍ଦା ଓ ପ୍ରତିବାଦ କରିଥିଲେ। ଅନୁରୂପ ଭାବେ ଭାଜପା ନେତା ପ୍ରକାଶ ଚନ୍ଦ୍ର ବଡ଼ଜେନାଙ୍କ ନେତୃତ୍ୱରେ ଏକ ମହମବତି ଶୋଭାଯାତ୍ରା ଚୌଦ୍ୱାର ଅଞ୍ଚଳ ପରିକ୍ରମା କରିଥିଲା। ଗାନ୍ଧୀଛକସ୍ଥିତ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ନିକଟରେ ଆୟୋଜିତ ସମାବେଶରେ ପାହାଲଗାମ୍ ଘଟଣାର ତୀବ୍ର ନିନ୍ଦା କରାଯିବା ସହିତ ଆତଙ୍କବାଦୀଙ୍କ ଗୁଳିରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିମାନଙ୍କ ଆତ୍ମାର ସଦ୍‌ଗତି କରାଯିବା ସହ ଆକ୍ରମଣରେ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଥିଲା।

**ବାଙ୍କୀ,(ଜ୍ଞାନେନ୍ଦ୍ର ମୋହନ ମିଶ୍ର):** ହିନ୍ଦୁ ଜାଗରଣ ମଞ୍ଚ ବାଙ୍କୀ ଶାଖା ତରଫରୁ ଏକ ମହବତି ଶୋଭାଯାତ୍ରା ବଜାର ପରିକ୍ରମା କରିଥିଲା। ଏହି କାର୍ଯ୍ୟକ୍ରମରେ ହିନ୍ଦୁଜାଗରଣ ମଞ୍ଚର ରାଜେଶ କୁମାର ରଣା, କାଳନ୍ଦୀ ବେହେରା, ବିଶ୍ୱଜିତ୍‌ବିଶ୍ୱାଳ, ଦୀପକ ଭୋଇ, ବୁଲୁଭୋଇ, ଲିକୁନା ସାହୁ, ସୁନୀଲ କୁମାର ସାହୁ, ଅଶୋକ କୁମାର ରାଉତ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ତାତିରେ ଟିଣ ଶେଡ୍ ତଳେ ଛଟପଟ ରୋଗୀ

## ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ର



ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରର ଟିଣଶେଡ୍ ତଳେ ରୋଗୀ ଓ ସମ୍ପର୍କୀୟ ଅପେକ୍ଷା କରିଛନ୍ତି।

**କଟକ,୨୪।୪(ଶିଳ୍ପା ପ୍ରିୟଦର୍ଶିନୀ)**

କଟକସ୍ଥିତ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ଅନୁଷ୍ଠାନରେ ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ୱାର୍ଡରେ ବେଡ୍ ନ ଥିଲେ ରୋଗୀଙ୍କ ପାଇଁ ଟିଣ ଶେଡ୍ ବିଶ୍ରାମ କକ୍ଷ ପାଲଟିଛି। ଗ୍ରୀଷ୍ମପ୍ରବାହ ଯୋଗୁ ଅସହ୍ୟ ତାତି ଓ ଗୁଳୁଗୁଳି ହେଉଥିବାରୁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଏଠାରେ ଛଟପଟ ହେଉଛନ୍ତି। ସେହିପରି ରକ୍ତ ନମୁନା ସଂଗ୍ରହ ଓ ମେଡିକାଲ ପରିସରରେ ଥିବା ନିରାମୟ କେନ୍ଦ୍ରରୁ ଔଷଧ କିଣିବା ପାଇଁ ରୋଗୀଙ୍କୁ ଘଣ୍ଟା ଘଣ୍ଟା ଧାଡିରେ ଛିଡା ହେବାକୁ ପଡୁଛି। ରକ୍ତ ସଂଗ୍ରହ କରୁଥିବା କର୍ମଚାରୀ ଏସିରେ ବସୁଥିବାବେଳେ ରୋଗୀ ଓ ସମ୍ପର୍କୀୟମାନେ ଗୁଳୁଗୁଳିରେ ରହୁଛନ୍ତି। ସେହିପରି ମେଡିକାଲକୁ ରେଡିଓଥେରାପି, କେମୋଥେରାପି ପାଇଁ ଆସିଥିବା ରୋଗୀ ବହୁ ଦିନ ପର୍ଯ୍ୟନ୍ତ ମେଡିକାଲ ପରିସରରେ ଥିବା ଟିଣ ଶେଡ୍ ତଳେ ରହୁଛନ୍ତି।

ମିଳିଥିବା ସୂଚନା ମୁତାବକ, ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ର ପରିସରର ୩ଟି ସ୍ଥାନରେ ଅସ୍ଥାୟୀ ଟିଣ ଶେଡ୍ ତଳେ ରୋଗୀ ଓ ସମ୍ପର୍କୀୟଙ୍କ ନିମନ୍ତେ ରହିବା ବ୍ୟବସ୍ଥା କରାଯାଇଛି। କର୍କଟ କେନ୍ଦ୍ରରେ ୫୦୫ ବେଡ୍ ସଂଖ୍ୟା ରହିଥିବାବେଳେ ସେଥିମଧ୍ୟରେ ଆଇସିୟୁ ବେଡ୍ ୨୮ ଓ ଡେକେୟାର ସେଣ୍ଟରରେ ୩୦ଟି ବେଡ୍ ରହିଛି। ଏପରିକି ଦୈନିକ ପ୍ରାୟ ୨୫୦ ରୋଗୀଙ୍କ ରେଡିଏଶନ ଓ ୨୦୦ରୁ ଅଧିକ ରୋଗୀଙ୍କ କେମୋଥେରାପି କରାଯାଉଛି। ମେଡିକାଲରେ ରୋଗୀସଂଖ୍ୟା ଅନୁଯାୟୀ ବେଡ୍ ସଂଖ୍ୟା କମ୍ ରହିଥିବାବେଳେ ଡାକ୍ତର ଆବଶ୍ୟକ ଅନୁଯାୟୀ ଆଡ୍‌ମିଶନ କରୁଥିବା ସୂଚନା ମିଳିଛି। ଏ ନେଇ ଯାଜପୁର ଅଞ୍ଚଳର ସୁଭଦ୍ରା ଷେଣ୍ଢ କହିଛନ୍ତି, ଭଉଣୀର ଚିକିତ୍ସା ପାଇଁ କର୍କଟ କେନ୍ଦ୍ରକୁ ୪ଦିନ ହେବ ଆସିଛି। ଚିକିତ୍ସା ଜାରି ରହିଛି, ହେଲେ ଡାକ୍ତରଙ୍କ ପରାମର୍ଶରେ ରକ୍ତ ପରୀକ୍ଷା କରାଇବାକୁ ପଡୁଛି। ପ୍ରଥମତଃ ଏଠାରେ ୪ଦିନ ହେବ ଟିଣ ତଳେ ଦିନ କାଟୁଛୁ। ତା ବାଦ୍ ପରୀକ୍ଷା ପାଇଁ ଧାଡ଼ି ଦେଉଛୁ। ଏଭଳି ଗରମରେ ଟିଣ ତଳେ ରହିବା କଷ୍ଟକର ହୋଇ ପଡ଼ିଛି। ସେହିପରି ଖୋର୍ଦ୍ଧା ଅଞ୍ଚଳର ସରସ୍ୱତୀ ବାଘସିଂ କହିଛନ୍ତି, ସ୍ୱାମୀଙ୍କ କେମୋଥେରାପି ଚାଲିଛି, ପ୍ରାୟ ୮ଦିନ ହେବ ଅସହ୍ୟ ଗୁଳୁଗୁଳିରେ ଏଠାରେ ପଡ଼ିରହିଛୁ। ହେଲେ ଏଠାରେ ପଚାରିବାକୁ କେହି ନାହାନ୍ତି। ଏଥିପ୍ରତି ମେଡିକାଲ କର୍ତ୍ତୃପକ୍ଷ ନଜର ଦେବା ଜରୁରୀ। ଅନ୍ୟପଟେ ମେଡିକାଲର ଅଧୀକ୍ଷକ ପ୍ରଫେସର ଡା. ନୀହାରିକା ପଣ୍ଡା କହିଛନ୍ତି, ଅସହ୍ୟ ଗରମକୁ ନଜରରେ ରଖି ଆଶ୍ରୟସ୍ଥଳରେ ଏୟାରକୁଲର ବ୍ୟବସ୍ଥା କରାଯିବ। ଏହାସହ ଟିଣ ଶେଡ୍ ଉପରେ ଛଣ ପକାଯିବ ପାଇଁ ଆଲୋଚନା କରାଯାଇଛି। ରୋଗୀଙ୍କୁ ସର୍ବଦା ଉତ୍ତମ ଚିକିତ୍ସା ଯୋଗାଇ ଦେବା ପାଇଁ ହସ୍ପିଟାଲ ପକ୍ଷରୁ ଚେଷ୍ଟା କରାଯାଉଛି ବୋଲି ପଣ୍ଡା କହିଛନ୍ତି।

## ରାସ୍ତାକଡ଼କୁ ଓଲଟିଲା ସ୍କର୍ପିଓ

**ବାରଙ୍ଗ, ୨୪।୪(ଲିଙ୍ଗରାଜ ରାଉତ)**

ଗୋଡ଼ିସାହି ଫାଣ୍ଡି ଅଧୀନ ତ୍ରିଶୂଳିଆ-ବାଙ୍କୀ ମୁଖ୍ୟରାସ୍ତାର ଷଣ୍ଢପୁର ବାଙ୍କ ନିକଟରେ କଡ଼କୁ ଏକ ସ୍କର୍ପିଓ ଗୁରୁବାର ସକାଳ ସମୟରେ ଓଲଟି ପଡ଼ିଛି। ସେଥିରେ ଥିବା ୮ ଜଣ ଆହତ ହୋଇଥିବାବେଳେ ସମସ୍ତେ ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି। ଅନୁଗୋଳ ଛେଳିଆପଡ଼ା ଗ୍ରାମର କୁମର ମୁଦୁଲି ପରିବାର ସହ ଏକ ସ୍କର୍ପିଓ (ଓଆର୍ ୦୪ ଡି ୭୭୨୭) ଯୋଗେ ପୁରୀ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଯାଉଥିଲେ। ଷଣ୍ଢପୁର ବାଙ୍କ ନିକଟ ହମ୍ପସରେ ସ୍କର୍ପିଓଟି ପଡ଼ିଯିବାରୁ ଭାରସାମ୍ୟ ହରାଇ ମୁଖ୍ୟରାସ୍ତା କଡ଼କୁ ଓଲଟି ପଡ଼ିଥିଲା। ଖବର ପାଇ ଗୋଡ଼ିସାହି ଫାଣ୍ଡି ଅଧିକାରୀ ବିଚିତ୍ରାନନ୍ଦ ପ୍ରଧାନ ପହଞ୍ଚି ଆହତଙ୍କୁ ଗାଡ଼ିରୁ ଉଦ୍ଧାର କରି ଚିକିତ୍ସା ପାଇଁ ପଠାଇଥିଲେ। ପରେ ପ୍ରାଥମିକ ଚିକିତ୍ସା ହୋଇ କୁମରଙ୍କ ପରିବାର ଲୋକେ ଅନ୍ୟ ଏକ ଗାଡ଼ିରେ ପୁରୀ ନ ଯାଇ ନିଜ ଘର ଛେଳିଆପଡ଼ାକୁ ଫେରିଯାଇଥିଲେ। ଗୋଡ଼ିସାହି ଫାଣ୍ଡି ପୋଲିସ ଦୁର୍ଘଟଣାଗ୍ରସ୍ତ କାର୍‌କୁ ଜବତ କରି ତଦନ୍ତ ଚଳାଇଛି।

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଦିଲୀପ



@ ଜ୍ୟୋତିପ୍ରସାଦ



@ ପୂଜା



@ ରାଜଲକ୍ଷ୍ମୀ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ପହଲଗାମ୍‌ରୁ ସୁରକ୍ଷିତ ଫେରିଲେ ସତ୍ୟବାଦୀର ୮ ପର୍ଯ୍ୟଟକ

**ସାକ୍ଷୀଗୋପାଳ,୨୪।୪ (କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)**

ଜମ୍ମୁ-କଶ୍ମୀରର ପହଲଗାମ୍ ପରିଭ୍ରମଣରେ ଯାଇଥିବା ସତ୍ୟବାଦୀର ୮ ଜଣ ପର୍ଯ୍ୟଟକ ଗୁରୁବାର ସୁରକ୍ଷିତ ଫେରିଛନ୍ତି। ସେମାନେ ହେଲେ ଦୀପକ ଶତପଥୀ, ପ୍ରଶାନ୍ତ ପାଣି, ତୋଫାନ ବେହେରା, ସ୍ୱରୂପ ଜେନା, ପୂଜା ସୁନ୍ଦରାୟ, ବର୍ଷାରାଣୀ ସେଠୀ, ପ୍ରଶାନ୍ତ କୁମାର ସେଠୀ, ସାତଭିକ୍ ଜେନା। ସମସ୍ତ ପର୍ଯ୍ୟଟକ ଗତ ୨୨ ତାରିଖରେ ପହଲଗାମ ପରିଭ୍ରମଣ କରୁଥିଲେ। ପୂର୍ବାହ୍ନ ୧୧ଟାରେ ହଠାତ୍ ବର୍ଷା ହୋଇଥିବାବେଳେ ୩ ବର୍ଷର ଶିଶୁ ସାତଭିକ୍‌ଙ୍କ ବାନ୍ତି ହୋଇଥିଲା। ଫଳରେ ସମସ୍ତ ପର୍ଯ୍ୟଟକ ହୋଟେଲକୁ ଫେରିଯାଇଥିଲେ। ଏହି ସମୟରେ ଗୁଳି ଫୁଟିବା ଶବ୍ଦ ଓ କ୍ରନ୍ଦନ ରୋଳ, ଚିତ୍କାର ଓ ସେନାବାହିନୀର ସାଇରନ ଧାଁ ଧାଉଡ଼ ଦେଖି ଭୟଭୀତ ହୋଇଯାଇଥିଲେ। ଗାଡ଼ିଚାଳକ ଅନନ୍ତ ନାଗ, ସୋପିୟାନ, ରାଜୌରୀ ଓ ପୁଞ୍ଛ୍ ଦେଇ ୧୬ ଘଣ୍ଟା ପରେ ରାତି ୩ଟା ସମୟରେ ସେମାନଙ୍କୁ ଜମ୍ମୁ ରେଳ ଷ୍ଟେଶନରେ ପହଞ୍ଚାଇଥିଲେ। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହାୟତାରେ ଜମ୍ମୁରୁ ରେଳ ଯୋଗେ ଦିଲ୍ଲୀରେ ୨୩ ତାରିଖ ରାତି ୯ଟା ସମୟରେ ପହଞ୍ଚିଥିଲେ। ପରେ ପୁରୀ ଏମ୍‌ପି ଡ. ସମ୍ବିତ ପାତ୍ରଙ୍କ ବାସଭବନରେ ରହିଥିଲେ। ଏମ୍‌ପି ପାତ୍ରଙ୍କ ସହିତ ସେମାନେ ଭୁବନେଶ୍ୱରରୁ ପୁରୀ ଆସିଥିଲେ। ପରେ ପୁରୀଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ୍ କରି ସେମାନେ ସାକ୍ଷୀଗୋପାଳରେ ସୁରକ୍ଷିତ ପହଞ୍ଚିଥିବା ଜଣାପଡ଼ିଛି।



ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗର ନୂତନ ନିର୍ଦ୍ଦେଶକ ଭାବେ ଦେବପ୍ରସାଦ ଦାଶ ଗୁରୁବାର ଦାୟିତ୍ୱ ଗ୍ରହଣ କରିବା ଅବସରରେ ବିଭାଗୀୟ କର୍ମଚାରୀଙ୍କ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଉଛି।

## କଳାହାଣ୍ଡି-ବଲାଙ୍ଗୀର-କୋରାପୁଟରେ ବଢୁଛି ରେଳ ସଂଯୋଗୀକରଣ

**ଭୁବନେଶ୍ୱର,୨୪।୪(ଅନୁରାଧା ମହାରଣା)**

ଆଞ୍ଚଳିକ ବିକାଶ ଏବଂ ଭିତ୍ତିଭୂମି ଆଧୁନିକୀକରଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଭାରତୀୟ ରେଳ ପକ୍ଷରୁ ଓଡ଼ିଶାର କଳାହାଣ୍ଡି-ବଲାଙ୍ଗୀର-କୋରାପୁଟ ଜିଲାର ପ୍ରମୁଖ ରେଳ ଷ୍ଟେଶନଗୁଡ଼ିକର ପୁନର୍ବିକାଶ କରୁଛି। ଅମୃତ ଷ୍ଟେଶନ ଯୋଜନା ଅଧୀନରେ ଷ୍ଟେଶନଗୁଡ଼ିକରେ ଆଧୁନିକ ଯାତ୍ରୀ ସେବା ପ୍ରଦାନ କରାଯାଉଛି। ଏହି ୩ ଜିଲାରେ ବଲାଙ୍ଗୀର, ଟିଟିଲାଗଡ, କଣ୍ଟାବାଞ୍ଜି, କେସିଙ୍ଗା, ଭବାନୀପାଟଣା, ରାୟଗଡ଼ା, ମୁନିଗୁଡ଼ା, ଗୁଣୁପୁର, କୋରାପୁଟ, ଜୟପୁର, ଦାମନଯୋଡ଼ି, ହରିଶଙ୍କର ରୋଡ ଏବଂ ଖରିଆର ରୋଡ୍ ଆଦି ଷ୍ଟେଶନଗୁଡ଼ିକର ପୁନର୍ବିକାଶ କରାଯାଉଥିବାବେଳେ ଏହି ଅଞ୍ଚଳଗୁଡ଼ିକରେ ରେଳ ସଂଯୋଗୀକରଣ ବଢୁଛି।

ବଲାଙ୍ଗୀରରେ ୧୮.୦୧ କୋଟି ଟଙ୍କା ବ୍ୟୟରେ ଆଧୁନିକ ଯାତ୍ରୀ ସୁବିଧା ସହିତ ନୂତନ ଷ୍ଟେଶନ କୋଠା, ବର୍ତ୍ତମାନର କୋଠା ସମ୍ମୁଖ ଭାଗର ଉନ୍ନତି, ଅତିରିକ୍ତ ପ୍ଲାଟଫର୍ମ ଆଶ୍ରୟସ୍ଥଳ, ୧୨ ମିଟର ଚଉଡ଼ା ପ୍ରଶସ୍ତ ଫୁଟ୍ ଓଭରବ୍ରିଜ, ପ୍ଲାଟଫର୍ମ ପୃଷ୍ଠର ଉନ୍ନତି, ପ୍ରତୀକ୍ଷା କକ୍ଷ, ଲିଫ୍ଟ, ସର୍କୁଲେଟିଂ ଅଞ୍ଚଳ, ପାର୍କିଂ ବ୍ୟବସ୍ଥା, ମାନକ ସାଇନେଜ, ଦିବ୍ୟାଙ୍ଗଜନ ସୁବିଧାର ବ୍ୟବସ୍ଥା, ଶୌଚାଳୟର ଉନ୍ନତି,



ଓଭରହେଡ ଟାଙ୍କି ଏବଂ ପାଇପ ଲାଇନ ସହିତ ସ୍ୱେରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ ବ୍ୟବସ୍ଥା କରାଯାଉଛି। ସେହିପରି ଟିଟିଲାଗଡ଼ରେ ୩୫.୭୯ କୋଟିରେ ଏହିସବୁ ସୁବିଧା ସହ ଅତିରିକ୍ତ ୨୦ଟି ପ୍ଲାଟଫର୍ମ ଆଶ୍ରୟସ୍ଥଳର ବ୍ୟବସ୍ଥା, ୩ଟି ଲିଫ୍ଟ ବ୍ୟବସ୍ଥା, ପ୍ରତୀକ୍ଷା ଗୃହ, ମାନକ ସାଇନେଜ, ଓଭରହେଡ ଟ୍ୟାଙ୍କ ଏବଂ ପାଇପ ଲାଇନ ସଂଯୋଗ ସହିତ ସ୍ୱେରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ, ଦିବ୍ୟାଙ୍ଗଜନ ସୁବିଧା ବ୍ୟବସ୍ଥା, ପ୍ରଶସ୍ତ ଚଳପ୍ରଚଳ କ୍ଷେତ୍ର, ପାର୍କିଂ କ୍ଷେତ୍ର ଓ ଶୌଚାଳୟର ଉନ୍ନତୀକରଣ କରାଯାଉଛି। କଣ୍ଟାବାଞ୍ଜି ରେଳଷ୍ଟେଶନ ଉନ୍ନତୀକରଣ ପାଇଁ ୩୩.୮୭ କୋଟି, କେସିଙ୍ଗାରେ ୨୦.୮୫ କୋଟି, ଭବାନୀପାଟଣାରେ ୧୮.୮୩ କୋଟି, ମୁନିଗୁଡ଼ାରେ ୨୦.୧୬ କୋଟି, କୋରାପୁଟରେ ୨୧.୨୦କୋଟି, ଜୟପୁରରେ ୧୭.୯୪ କୋଟି, ଦାମନଯୋଡିରେ ୧୪.୪୬ କୋଟି, ଖରିଆର ରୋଡ୍‌ରେ ୧୬.୨୫ କୋଟି ଏବଂ ରାୟଗଡ଼ାରେ ୪୧.୪୦ କୋଟି ଟଙ୍କା ବ୍ୟୟରେ ଏଭଳି ପୁନର୍ବିକାଶ କାର୍ଯ୍ୟ ଜାରି ରହିଛି।

## ବକେୟା ଟଙ୍କାକୁ ନେଇ ୨ ପକ୍ଷ ମଧ୍ୟରେ ହଣାକଟା, ୪ ଆହତ

**ବାଲକାଟୀ,୨୪।୪(ମନୋଜ ମଣ୍ଡଳ)**

ବକେୟା ଟଙ୍କାକୁ କେନ୍ଦ୍ର କରି ବାଲକାଟୀ ଫାଣ୍ଡିଠାରୁ ମାତ୍ର କିଛି ମିଟର ଦୂର ସାତକାଣିଆ ନିକଟ ଏକ ବସ୍ତିରେ ଗୁରୁବାର ଅପରାହ୍ନରେ ୨ ପକ୍ଷ ମଧ୍ୟରେ ହଣାକଟା ହୋଇଛି। ଏଥିରେ ଉଭୟ ପକ୍ଷରୁ ୪ ଜଣ ଆହତ ହୋଇଛନ୍ତି। ୩ ଜଣଙ୍କୁ ଚିକିତ୍ସା କରାଇ ପୋଲିସ ଅଟକ ରଖିଥିବାବେଳେ ଜଣେ ଘଟଣାସ୍ଥଳରୁ ଚମ୍ପଟ୍ ମାରିଛନ୍ତି। ଅଟକ ୩ ଜଣ ହେଲେ ଗୋଟିଏ ପରିବାରର ବାପା ସନାତନ ଦାସ (୪୯) ଓ ପୁଅ ସଞ୍ଜୟ ଦାସ (୨୮)। ଅନ୍ୟଜଣଙ୍କ ଅପରପକ୍ଷର ଖଣ୍ଡଗିରି ଥାନା ଯଦୁପୁର ଅଞ୍ଚଳର ଏସ୍‌କେ ଜଭେଦ ଓରଫ ଗୋଲ୍‌ଡେନ (୩୦)। ଏଥିସହ ଏକ ବାଇକ୍ ପୋଲିସ ଜବତ କରିଛି।

ସୂଚନାନୁଯାୟୀ, ବାଙ୍କୀ ଥାନା ବୈଦେଶ୍ୱର ପଣ୍ଡାଲମ ଗ୍ରାମର ସନାତନ ବାଲକାଟୀ ସାତକାଣିଆ ନିକଟରେ ବହୁଦିନ ଧରି ଘର କରି ରହିବା ସହ ଭୁବନେଶ୍ୱରରେ ବ୍ୟବସାୟ କରି ଚଳନ୍ତି। ୧୫ ଦିନ ପୂର୍ବେ ଏସ୍‌କେ ଜଭେଦ ତାଙ୍କଠାରୁ ଏକ ପିଆଜିଓ ଅଟୋ କିଣିଥିଲେ। ଏହି ଅଟୋ ବାବଦରେ ବକେୟା ଟଙ୍କା ଦେଣନେଣକୁ ନେଇ ଉଭୟଙ୍କ ମଧ୍ୟରେ ବିବାଦ ଥିଲା। ଗୁରୁବାର ଏନେଇ ଉଭୟଙ୍କ ମଧ୍ୟରେ ମୀମାଂସା ହେବାର ଥିଲା। ତେବେ ସନାତନ ଏକ ଭୋଜି କରି ଏସ୍‌କେ ଜଭେଦଙ୍କୁ ସାତକାଣିଆ ନିକଟ ବସ୍ତିକୁ ଡାକିଥିଲେ। ଏସ୍‌କେ ଜଭେଦ ସମ୍ପର୍କୀୟ ଭାଇ ଏସ୍‌କେ ଡାନିସ ଓରଫ ଡାନିସ (୨୫)ଙ୍କୁ ସାଙ୍ଗରେ ନେଇ ଏକ ବାଇକ୍ (ଓଡି ୦୨ସିପି ୬୫୨୭) ଯୋଗେ ପହଞ୍ଚିଥିଲେ। ଭୋଜି ଖାଇ ସାରିବା ପରେ ବକେୟା ଟଙ୍କା ସମ୍ପର୍କରେ ଆଲୋଚନା ହୋଇଥିଲା। ମାତ୍ର ଆଲୋଚନା ଉଗ୍ର ରୂପ ନେଇ କଥା ହଣାକଟା ପର୍ଯ୍ୟନ୍ତ ଯାଇଥିଲା। ଉଭୟ ପକ୍ଷ ପରସ୍ପରକୁ ଖଣ୍ଡା, ଫାର୍ସାରେ ହଣାହଣି ହୋଇ ଗୁରୁତର ହୋଇଥିଲେ। ଖବର ପାଇ ବାଲକାଟୀ ଫାଣ୍ଡି ପୋଲିସ ପହଞ୍ଚି ସନାତନ, ସଞ୍ଜୟ ଓ ଏସ୍‌କେ ଜଭେଦଙ୍କୁ ବାଲକାଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ବାଲିଅନ୍ତା ଥାନା ଅଧିକାରୀ ସୁନୀଲ କୁମାର ପରିଡ଼ା ପୋଲିସ ଫୋର୍ସ ସମେତ ପହଞ୍ଚି ଆହତଙ୍କ ସହ ଆଲୋଚନା ପରେ ଘଟଣାସ୍ଥଳର ତଦନ୍ତ କରିଥିଲେ। ରିପୋର୍ଟ ଲେଖା ହେବାଯାଏ ଏନେଇ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି। ଏନେଇ ଫାଣ୍ଡି ଅଧିକାରୀ ରାମଚନ୍ଦ୍ର ସାହୁଙ୍କୁ ପଚାରିବାରୁ, ଉଭୟ ଅସୁସ୍ଥ ଥିବାରୁ ରିପୋର୍ଟ ଦେଇପାରିନାହାନ୍ତି। ରିପୋର୍ଟ ଦେଲେ ମାମଲା ହେବ ବୋଲି ସୂଚନା ଦେଇଛନ୍ତି।

## ଦକ୍ଷିଣ-ପୂର୍ବ ରେଳପଥ ପାଳୁଛି ବିଶ୍ୱ ଐତିହ୍ୟ ସପ୍ତାହ

**ଭୁବନେଶ୍ୱର,୨୪।୪(ଅନୁରାଧା ମହାରଣା)**

ଦକ୍ଷିଣ-ପୂର୍ବ ରେଳପଥ ପକ୍ଷରୁ ଗାର୍ଡେନରିଚ୍‌ସ୍ଥିତ ଏହାର ମୁଖ୍ୟାଳୟରେ ୧୮ ତାରିଖଠାରୁ ବିଶ୍ୱ ଐତିହ୍ୟ ଦିବସ ପାଳନ କରାଯାଉଛି। ପ୍ରତିବର୍ଷ ଏପ୍ରିଲ ୧୮କୁ ବିଶ୍ୱ ଐତିହ୍ୟ ଦିବସ ଭାବେ ପାଳନ କରାଯାଏ, ଯାହାଦ୍ୱାରା ଆମର ସମୃଦ୍ଧ ସାଂସ୍କୃତିକ ବିବିଧତା ଓ ପ୍ରାଚୀନ ଐତିହ୍ୟ ସଂରକ୍ଷଣର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରାଯାଏ। ୨୦୨୫ ବିଶ୍ୱ ଐତିହ୍ୟ ଦିବସର ବିଷୟବସ୍ତୁ 'ବିପର୍ଯ୍ୟୟ ଓ ସଂଘର୍ଷ ସ୍ଥିର ଐତିହ୍ୟ - ଐତିହ୍ୟ ସୁରକ୍ଷା ପାଇଁ କାର୍ଯ୍ୟାନ୍ୱୟନ' ରଖାଯାଇଛି। ଏନେଇ ଏକ ସେମିନାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜୋନାଲ ହେରିଟେଜ୍ କମିଟିର ଏଜିଏମ୍ ଆଣ୍ଡ ଚେୟାରମ୍ୟାନ୍ ସୌମିତ୍ର ମଜୁମଦାର ସ୍ୱାଗତ ଅଭିଭାଷଣ ଦେଇଥିଲେ। ରେଳ ବୋର୍ଡର ପୂର୍ବତନ ଅର୍ଥ ସଦସ୍ୟ ସଞ୍ଜୟ ମୁଖାର୍ଜୀ ରେଳ ଐତିହ୍ୟ ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଶେହନଶାହ ମିର୍ଜା, ଇନ୍‌ଟାକ୍ ଆଡଭାଇଜର ଜି.ଏମ୍. କପୁର, ଦକ୍ଷିଣପୂର୍ବ ରେଳପଥର ପୂର୍ବତନ ପିକମ୍ ଜି. କେ. ମହାନ୍ତି ପ୍ରମୁଖ ଆଲୋଚନାରେ ସାମିଲ ହୋଇଥିଲେ। ଏହି ଅବସରରେ ଫଟୋଗ୍ରାଫି, ଚିତ୍ରାଙ୍କନ ଏବଂ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ସାମୟିକ ସହରୀ ବନ୍ୟା ନିୟନ୍ତ୍ରଣ କରିବ ବିଏମ୍‌ସି

**ଭୁବନେଶ୍ୱର, ୨୪।୪ (ବନ୍ଦନା ସେଠୀ)**

- ୨୦୦ କୋଟି ବ୍ୟୟ ହେବ
- ୧୮ ମାସରେ କାମ ସାରିବାକୁ ଲକ୍ଷ୍ୟ

୨୦୦ କୋଟି ଟଙ୍କା ବ୍ୟୟରେ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଞ୍ଚଳରେ ସାମୟିକ ସହରୀ ବନ୍ୟା ନିୟନ୍ତ୍ରଣ କାର୍ଯ୍ୟକ୍ରମ ହେବ। ଏହି କ୍ରମରେ ଗୁରୁବାର ବିଏମ୍‌ସି ପକ୍ଷରୁ ସିଟି ଇଞ୍ଜିନିୟର ବିଳାସ କୁମାର ବେହେରା ଏବଂ ମାର୍ସ ପ୍ଲାନିଂ ଆଣ୍ଡ ଇଞ୍ଜିନିୟରିଂ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଭାଇସ୍-ପ୍ରେସିଡେଣ୍ଟ ନିହାର ରଞ୍ଜନ ପାଢ଼ୀଙ୍କ ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଯାଇଛି। ଅତି ପ୍ରବଳ ବର୍ଷା ସମୟରେ ବିଏମ୍‌ସି ଅଞ୍ଚଳର କେତେକ ସ୍ଥାନରେ ସାମୂହିକ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇଥାଏ। ଫଳରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ତେଣୁ ଏହାର ଦୀର୍ଘକାଳୀନ ପ୍ରତିକାର ନିମନ୍ତେ ବନ୍ୟା ବିପତ୍ତି ପରିଚାଳନା କାର୍ଯ୍ୟକ୍ରମ ପାଣ୍ଠିରୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଏଥିପାଇଁ ୨୦୦ କୋଟି ଟଙ୍କା ଯୋଗାଇଦେବେ। ଏହି ସାମୁଦାୟିକ ସହରୀ ବନ୍ୟା ନିୟନ୍ତ୍ରଣ କାର୍ଯ୍ୟ ପାଇଁ ମାର୍ସ ପ୍ଲାନିଂ ଆଣ୍ଡ ଇଞ୍ଜିନିୟରିଂ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ ବିସ୍ତୃତ ଯୋଜନା ଏବଂ ସୁପରଭିଜନ୍ କାମ କରିବ। ୧୮ ମାସ ମଧ୍ୟରେ ଏହି ପ୍ରକଳ୍ପ କାମ ଶେଷ କରିବା ପାଇଁ ସମୟ ଧାର୍ଯ୍ୟ କରାଯାଇଛି। ଇସ୍କନ ବେହେରା ସାହି, ବମିଖାଲ, ରୁଦ୍ରପୁର, ଏମ୍ସ ଆଦି ୧୩ଟି ପ୍ରକଳ୍ପର ବିସ୍ତୃତ ରିପୋର୍ଟ ସହ ସମ୍ପୃକ୍ତ ସଂସ୍ଥା ଏହାର ସୁପରଭିଜନ କାର୍ଯ୍ୟ କରିବ ବୋଲି ସୂଚନା ଦିଆଯାଇଛି। ବିଏମ୍‌ସି ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଏମ୍‌ସିର କାର୍ଯ୍ୟନିର୍ବାହୀ ଅଧିକାରୀ (ଡ୍ରେନେଜ ଡିଭିଜନ) ପ୍ରିୟବ୍ରତ ବେହେରା ଓ ବରିଷ୍ଠ ଅଧିକାରୀଙ୍କ ସମେତ ସଂସ୍ଥାର ସହଯୋଗୀ ଭାଇସ୍ ପ୍ରେସିଡେଣ୍ଟ ମଳୟ କୁମାର ପଟ୍ଟନାୟକ ଓ ତାଙ୍କ ଟିମ୍ ଉପସ୍ଥିତ ଥିଲେ।

## ଏସିଆର ଶ୍ରେଷ୍ଠ ୧୮୪ତମ ସ୍ଥାନରେ କିଟ୍

### ଟାଇମ୍ସ ହାୟର ଏଜୁକେଶନ ଏସିଆ ୟୁନିଭର୍ସିଟି ର୍ୟାଙ୍କିଙ୍ଗ

**ଭୁବନେଶ୍ୱର,୨୪।୪(ଅନୁରାଧା ମହାରଣା)**

ପ୍ରତିବର୍ଷ ଭଳି ଚଳିତବର୍ଷ 'ଦି ଟାଇମ୍ସ ହାୟର ଏଜୁକେଶନ' ଏସିଆ ୟୁନିଭର୍ସିଟି ର୍ୟାଙ୍କିଙ୍ଗ ପ୍ରକାଶ ପାଇଛି। ବୁଧବାର ପ୍ରକାଶିତ ବିଶ୍ୱସ୍ତରୀୟ ଏସିଆ ୟୁନିଭର୍ସିଟି ର୍ୟାଙ୍କିଙ୍ଗରେ କିଟ୍ ବିଶ୍ୱବିଦ୍ୟାଳୟ ଏସିଆର ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ତାଲିକାର ୧୮୪ତମ ସ୍ଥାନରେ ରହିଛି। ଏଥିସହ କିଟ୍ ଦେଶର ସମସ୍ତ ସରକାରୀ ଓ ଘରୋଇ ବିଶ୍ୱବିଦ୍ୟାଳୟ ମଧ୍ୟରେ ଶ୍ରେଷ୍ଠ ୮ମ ସ୍ଥାନରେ ରହିଥିବାବେଳେ ସମଗ୍ର ଉତ୍ତର ଓ ପୂର୍ବ ଭାରତରେ ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ୍ୟରେ ଶ୍ରେଷ୍ଠ ସ୍ଥାନରେ ରହିବାର ଗୌରବ ଅର୍ଜନ କରିଛି। ଗତବର୍ଷ ଏହି ର୍ୟାଙ୍କିଙ୍ଗରେ କିଟ୍ ଏସିଆ ମହାଦେଶର ଶ୍ରେଷ୍ଠ ୧୯୭ତମ ସ୍ଥାନରେ ରହିଥିଲା। ଏଥିସହିତ ଟାଇମ୍ସ ହାୟର ଏଜୁକେଶନ ଦ୍ୱାରା କରାଯାଇଥିବା ସ୍ପୋର୍ଟସ୍ ସାଇନ୍ସ ବର୍ଗରେ କିଟ୍ ବିଶ୍ୱବିଦ୍ୟାଳୟ ଶ୍ରେଷ୍ଠ ଦ୍ୱିତୀୟ ସ୍ଥାନରେ ରହିବାର ଗୌରବ ଅର୍ଜନ କରିଛି। ଚଳିତବର୍ଷ କିଟ୍ ଉଲ୍ଲେଖନୀୟ ପ୍ରଦର୍ଶନ କରି ଦେଶର ବିଭିନ୍ନ ଆଇଆଇଟି, ଏନ୍‌ଆଇଟି ଏବଂ ଆଇଆଇଆଇଟି ଭଳି ଲବ୍ଧପ୍ରତିଷ୍ଠିତ ଉଚ୍ଚତର ଶିକ୍ଷାନୁଷ୍ଠାନକୁ ପଛରେ ପକାଇ ଉନ୍ନତ ପ୍ରଦର୍ଶନ କରିପାରିଛି। ଚଳିତ ବର୍ଷ ଶିକ୍ଷାଦାନ, ଗବେଷଣା, ଜ୍ଞାନ ବିନିମୟ, ଅନ୍ତର୍ଜାତୀୟ ଦୃଷ୍ଟିକୋଣ ଆଦି ବିଭିନ୍ନ ମାନଦଣ୍ଡକୁ ନେଇ ବିଶ୍ୱବିଦ୍ୟାଳୟଗୁଡ଼ିକର ର୍ୟାଙ୍କିଙ୍ଗ କରାଯାଇଥିଲା। ଗତ ୫୦ବର୍ଷ ମଧ୍ୟରେ ପ୍ରତିଷ୍ଠିତ ଏସିଆର ଲବ୍ଧପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟଗୁଡ଼ିକୁ ନେଇ ଟାଇମ୍ସ ହାୟର୍ ଏଜୁକେଶନ ପକ୍ଷରୁ ଏହି ଚୟନ ପ୍ରକ୍ରିୟା କରାଯାଇଛି। କିଟ୍ ୨୭ ବର୍ଷର ଅନୁଷ୍ଠାନ ହୋଇଥିବାବେଳେ ମାତ୍ର ୨୧ବର୍ଷର ବିଶ୍ୱବିଦ୍ୟାଳୟ ଭାବେ ଉପରୋକ୍ତ ସମସ୍ତ ମାନଦଣ୍ଡକୁ ପୂରଣ କରିପାରିଛି। ଏହି ସଫଳତା ପାଇଁ କିଟ୍ ଏବଂ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କିଟ୍ ଏବଂ କିସ୍‌ର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ସୁସ୍ଥ ପରିବେଶ ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ା

**ଭୁବନେଶ୍ୱର, ୨୪।୪ (ବନ୍ଦନା ସେଠୀ)**

### ୱାଟର ସାନିଟେଶନ ଆଣ୍ଡ ହାଇଜିନ୍ ଏବଂ କ୍ଲାଇମେଟ୍ ରିଜିଲିଆନ୍ସ କର୍ମଶାଳା ଉଦ୍‌ଘାଟିତ

ଡିଆଇଫୋର୍‌ସି, ୱାଇସିଡିଏ, ରମାଦେବୀ ବିଶ୍ୱବିଦ୍ୟାଳୟର ଜେଣ୍ଡର ଷ୍ଟଡିଜ୍ ବିଭାଗ ଏବଂ ସାରଳା ଦେବୀ ସେଣ୍ଟର ଫର୍ ଜେଣ୍ଡର ରିସର୍ଚ୍ଚର ମିଳିତ ସହଯୋଗରେ ବିଶ୍ୱବିଦ୍ୟାଳୟ ପରିସରରେ ଗୁରୁବାର ୱାଟର ସାନିଟେଶନ୍ ଆଣ୍ଡ ହାଇଜିନ୍ (ୱାସ୍) ଏବଂ କ୍ଲାଇମେଟ୍ ରିଜିଲିଆନ୍ସ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ଅନୁ ଗର୍ଗ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅନୁଷ୍ଠାନର ଏଭଳି ପ୍ରୟାସକୁ ପ୍ରଶଂସା କରିଥିଲେ। ସ୍ୱଚ୍ଛଜଳ, ପରିମଳ ଏବଂ କ୍ଲାଇମେଟ୍ ଆକ୍ସନ ଆଦି କ୍ଷେତ୍ରରେ ଓଡ଼ିଶା ଏବେ ଆଗଧାଡ଼ିରେ ରହିଛି। ତେବେ ଏହାକୁ ଆହୁରି ଆଗକୁ ନେବାପାଇଁ ଗୋଷ୍ଠୀ ସହଭାଗୀତା ଆବଶ୍ୟକ। ସେହିପରି ସୁସ୍ଥ ପରିବେଶ ଗଢିବା ପାଇଁ ସମସ୍ତେ ସଚେତନ ହେବା ସହିତ ବିଶେଷକରି ଯୁବପୀଢିମାନେ ଆଗେଇ ଆସିବା ଆବଶ୍ୟକ ବୋଲି ସେ କହିଥିଲେ। ଡିଆଇଫୋର୍‌ସିର ଫାଉଣ୍ଡର ପ୍ରୋପ୍ରାଇଟର୍ ଡ. ମଲିକା ବାସୁ ଅନୁଷ୍ଠାନର ଆଭିମୁଖ୍ୟ ସମ୍ପର୍କରେ ଉଲ୍ଲେଖ କରିଥିଲେ। ଦୁଇଦିନ ଧରି ହେବାକୁ ଥିବା ଏହି କାର୍ଯ୍ୟକ୍ରମର ଉଦ୍‌ଯାପନୀ ଦିବସରେ ବିଭିନ୍ନ ଦିଗ ଉପରେ ଆଲୋକପାତ କରାଯିବ। ସେଥିରୁ ମିଳିବାକୁ ଥିବା ନିଷ୍କର୍ଷକୁ ନେଇ ଏକ ରେକମେଣ୍ଡେଟୋରୀ ନୋଟ୍ ପ୍ରସ୍ତୁତ କରାଯିବ। ପରେ ଏହାକୁ ସରକାରଙ୍କୁ ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଥିବା ଡ. ବାସୁ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଡିଆଇଫୋର୍‌ସି ଷ୍ଟ୍ରାଟେଜିକ୍ ମେଣ୍ଟର ଡ. ଦେବଯାନୀ ଖାନ୍, ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚଣ୍ଡୀଚରଣ ରଥଙ୍କ ଅଧ୍ୟକ୍ଷତାରେ ଯୁବପିଢି ଓ ଲିଙ୍ଗଗତକୁ ପ୍ରାଧାନ୍ୟ ଦେଇ ପ୍ରଯୁକ୍ତିବିଦ୍ୟା ଏବଂ ସମ୍ପ୍ରଦାୟ ପଦ୍ଧତିକୁ ମାଧ୍ୟମ କରି ସ୍ଥାୟୀତ୍ୱ ନିର୍ମାଣ କରିବା ଉପରେ ଆଲୋଚନା କରିଛନ୍ତି। ଏହି ଅବସରରେ ଛାତ୍ରୀଙ୍କ ଦ୍ୱାରା ଏକ ସକାରାତ୍ମକ କ୍ଷୁଦ୍ର ନାଟକ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମକୁ ଜେଣ୍ଡର ଅଧ୍ୟୟନ ବିଭାଗର ଅଧ୍ୟାପିକା ଅଧ୍ୟାପକ ପରିଚାଳନା କରିଥିଲେ। ଡ. ଦେବଜାନୀ ଖାନ୍ ସ୍ୱାଗତ ଭାଷଣ ଏବଂ ଡ. ବାସୁ ଧନ୍ୟବାଦ ଦେଇଥିଲେ।




ଉନ୍ନୟନ କମିଶନର ଅନୁ ଗର୍ଗ ପ୍ରଦର୍ଶନୀ ବୁଲି ଦେଖୁଛନ୍ତି।

# ସୁରକ୍ଷା, ଗୋଇନ୍ଦା ବିଫଳତାକୁ ନେଇ ପ୍ରଶ୍ନ ଉଠାଇଲେ ବିରୋଧୀ

## ପହଲଗାମ୍ ଆକ୍ରମଣ

ନୂଆଦିଲ୍ଲୀ,୨୪।୪

ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣ ଘଟଣାରେ ଦେଶର ସୁରକ୍ଷା ବ୍ୟବସ୍ଥା ଓ ଗୋଇନ୍ଦା ବିଫଳତାକୁ ନେଇ କଂଗ୍ରେସ ଏବଂ ଶିବସେନା(ୟୁବିଟି) ଗମ୍ଭୀର ପ୍ରଶ୍ନ ଉଠାଇଛନ୍ତି। ସୁରକ୍ଷା ବିଫଳତା ଏବଂ ଗୋଇନ୍ଦା ବ୍ୟବସ୍ଥାରେ ତ୍ରୁଟି କାରଣରୁ ଏଭଳି ଆକ୍ରମଣ ଘଟିଲା ବୋଲି କଂଗ୍ରେସ କାର୍ଯ୍ୟକରୀ କମିଟି (ସିଡବ୍ଲ୍ୟୁସି) କହିବା ସହ ଏଥିପାଇଁ କେନ୍ଦ୍ର ସରକାରଙ୍କୁ ଦାୟୀ କରିଛି। ଆତଙ୍କବାଦୀମାନେ ଜାଣିଶୁଣି ହିନ୍ଦୁମାନଙ୍କୁ ଟାର୍ଗେଟ କରି ସାମ୍ପ୍ରଦାୟିକ ଭାବନାକୁ ଉସୁକାଇଥିବାରୁ ଏହାକୁ ନିନ୍ଦାକରି ସିଡବ୍ଲ୍ୟୁସି ବୈଠକରେ ଏକ ପ୍ରସ୍ତାବ ଗୃହୀତ ହୋଇଛି।

ଆତଙ୍କବାଦୀଙ୍କ ଟାର୍ଗେଟରେ ଥିବା ସ୍ଥାନଗୁଡ଼ିକରେ ସାଧାରଣତଃ କଡ଼ା ସୁରକ୍ଷା ବ୍ୟବସ୍ଥା ରହିଥାଏ। ପହଲଗାମ୍ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନ ସ୍ଥଳରେ, ଯେଉଁଠି ସବୁବେଳେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଥାଏ, ସେଦିନ ତାହା ନ ଥିଲା କାହିଁକି ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଗୁଲାମ ଅହମଦ ମିର୍ ପ୍ରଶ୍ନ କରିଛନ୍ତି। ପର୍ଯ୍ୟଟକଙ୍କ ସର୍ବାଧିକ ଗହଳି ସମୟରେ ଏଭଳି ଜିଲା ସୁରକ୍ଷା ଓ ଗୋଇନ୍ଦା ବିଫଳତା ଆଶା କରାଯାଉ ନ ଥିଲା। ଏ ନେଇ ସାଧାରଣ ନାଗରିକଙ୍କ ମନରେ ଯେଉଁ ପ୍ରଶ୍ନ ଉଠୁଛି, କେନ୍ଦ୍ର ସରକାରଙ୍କୁ ତାହାର ଜବାବ ଦେବାକୁ ପଡ଼ିବ ବୋଲି ଜମ୍ମୁ-କଶ୍ମୀର ବିଧାନସଭାରେ କଂଗ୍ରେସ ବିଧାୟକ ଦଳ ନେତା ମିର୍ କହିଛନ୍ତି।

ସେହିପରି ଶିବସେନା(ୟୁବିଟି) ଅନୁରୂପ ପ୍ରଶ୍ନ ଉଠାଇବା ସହ ସରକାର ଉତ୍ତରଦାୟୀ ରହିବାକୁ ଦାବି କରିଛି। ସର୍ବଦଳୀୟ ବୈଠକ ପୂର୍ବରୁ ଶିବସେନା(ୟୁବିଟି) ନେତା ଅରବିନ୍ଦ ସାୱନ୍ତ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁଙ୍କୁ ପତ୍ର ଲେଖି ସେ ଏବଂ ସଞ୍ଜୟ ରାଉତ ଏହି ବୈଠକରେ ଯୋଗଦେଇପାରିବେ ନାହିଁ ବୋଲି ଜଣାଇଥିଲେ। ଆକ୍ରମଣ ଘଟଣାରେ ସରକାର କୌଣସି ଦୃଢ଼ ନିଷ୍ପତ୍ତି ନେବା ପୂର୍ବରୁ ସମର୍ଥନ ହାସଲର ଏକ ମାଧ୍ୟମ ଭାବେ ଏହି ବୈଠକ ଡାକିଥିବା ଜଣାପଡୁଛି। କାହିଁକି ଓ କିପରି ଏହି ଆକ୍ରମଣ ଘଟିଲା ଏବଂ ଗୋଇନ୍ଦା ବିଫଳତାକୁ ନେଇ ଉଠିଥିବା ପ୍ରଶ୍ନର ଉତ୍ତର ସରକାର ପ୍ରଥମେ ଦିଅନ୍ତୁ ବୋଲି ସାୱନ୍ତ କହିଛନ୍ତି।

# ପଞ୍ଚାୟତ ବ୍ୟବସ୍ଥା ଅମଲାଙ୍କ କବଳରୁ ମୁକ୍ତ ଜରୁରୀ: ଭକ୍ତ



ପଞ୍ଚାୟତିରାଜ ବ୍ୟବସ୍ଥାରେ ଉଲ୍ଲେଖନୀୟ କାର୍ଯ୍ୟ ଲାଗି ପିସିସି ସଭାପତି ଭକ୍ତ ଚରଣ ଦାସ ଜଣେ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଭୁବନେଶ୍ୱର,୨୪।୪ (ରବିନାରାୟଣ ଜେନା)

ପଞ୍ଚାୟତିରାଜ ବ୍ୟବସ୍ଥା ଭାରତୀୟ ସାମାଜିକ ଓ ରାଜନୈତିକ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ। ମହାତ୍ମା ଗାନ୍ଧୀଙ୍କ ଗ୍ରାମ ସ୍ୱରାଜ ତାହାକୁ ଏକ ଦିଶା ଦେଖାଇଥିବା ବେଳେ ରାଜୀବ ଗାନ୍ଧୀ ଅଧିକ ବ୍ୟବସ୍ଥିତ କରିଥିଲେ। ସମ୍ବିଧାନର ୭୩ତମ ସଂଶୋଧନ ଆଇନ କ୍ଷମତା ବିକେନ୍ଦ୍ରୀକରଣର ଏକ ବୈପ୍ଳବିକ ପଦକ୍ଷେପ ଆଣିଥିଲା। ମାତ୍ର ତାହା ଏବେ ଅମଲାତନ୍ତ୍ର କବଳରେ କବଳିତ ହୋଇଯାଇଛି ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ତେଣୁ ସେଥିରୁ ପଞ୍ଚାୟତ ବ୍ୟବସ୍ଥାକୁ ମୁକ୍ତ ନ କଲେ ଗାଁର ବିକାଶ ସମ୍ଭବ ନୁହଁ ବୋଲି ବୁଦ୍ଧମନ୍ଦିରଠାରେ ଜାତୀୟ ପଞ୍ଚାୟତିରାଜ ଦିବସ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଭକ୍ତ ଏହା କହିଛନ୍ତି। ସେ କହନ୍ତି, ପଞ୍ଚାୟତିରାଜ ବ୍ୟବସ୍ଥାରେ ସୁଧାର ପାଇଁ ଏକ ବ୍ୟାପକ ପ୍ରୟାସ ଆବଶ୍ୟକ। ଏଥିପାଇଁ ରାଜ୍ୟର ସମସ୍ତ ପଞ୍ଚାୟତ ପ୍ରତିନିଧିଙ୍କର ଏକ ମହାସମାବେଶ ଦରକାର ବୋଲି ସେ କହିଛନ୍ତି। ଉତ୍ସବକୁ ଓଡ଼ିଶାର ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ଅମିୟ ଭୂଷଣ ତ୍ରିପାଠୀ ଉଦ୍‌ଘାଟନ କରିଥିବାବେଳେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଲେଖକ ଦାଶ ବେନହୁର ଯୋଗଦେଇ କହିଲେ, ପଞ୍ଚାୟତ ବ୍ୟବସ୍ଥା ଅମଲା କବଳରୁ ମୁକ୍ତ ହେବା ଜରୁରୀ ହୋଇପଡ଼ିଲାଣି। ଓଡ଼ିଶାର ପୂର୍ବତନ ନିର୍ବାଚନ କମିଶନର ସଞ୍ଜୀବ ହୋତା କହିଲେ, ଗ୍ରାମ ସଭା ଓ ପଲ୍ଲିସଭାକୁ ସମ୍ବିଧାନ ଯେଉଁ ଅଧିକାର ଦେଇଛି ତାହାକୁ କାର୍ଯ୍ୟକାରୀ କରିବା ପାଇଁ ବ୍ୟାପକ ଜନଆନ୍ଦୋଳନର ଆବଶ୍ୟକ ରହିଛି।

ଅନ୍ୟମାନଙ୍କ ମଧ୍ୟରେ ଡ. ଅରବିନ୍ଦ ବେହେରା, ଶ୍ରମିକ ନେତା ରାମଚନ୍ଦ୍ର ଖୁଣ୍ଟିଆ, ପୂର୍ବତନ ମନ୍ତ୍ରୀ ପ୍ରସାଦ ହରିଚନ୍ଦନ, ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନର ସର୍ବଭାରତୀୟ ସାଧାରଣ ସମ୍ପାଦକ କୁନାଲ ବାନାର୍ଜୀ, ବିଶିଷ୍ଟ ନାରୀନେତ୍ରୀ ସସ୍ମିତା ବେହେରା ପ୍ରମୁଖ ଏହି ଅଧିବେଶନରେ ବକ୍ତବ୍ୟ ରଖିଥିଲେ। ସଙ୍ଗଠନର ରାଜ୍ୟ ଅଧ୍ୟକ୍ଷ ସୁଦର୍ଶନ ଦାସ ଏହି ଅଧିବେଶନରେ ସଭାପତିତ୍ୱ କରିଥିଲେ। ପରେ 'ପଞ୍ଚାୟତିରାଜ ବନାମ ବାବୁରାଜ' ଶୀର୍ଷକ ବିଷୟବସ୍ତୁ ଉପରେ ଅନୁଷ୍ଠିତ ଆଲୋଚନାରେ ପୂର୍ବତନ ବିଧାୟକ ଉମାବଲ୍ଲଭ ରଥ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଆଲୋଚକ ଭାବରେ ରମାଦେବୀ ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନର ପ୍ରଫେସର ଡ. ମାନସ ବେହେରା ଯୋଗଦେଇ ରାଜ୍ୟର ସ୍ୱାୟତ୍ତ ଶାସନ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ଏହିଅବସରରେ ସଙ୍ଗଠନ ପକ୍ଷରୁ ମେ' ୧୧ ତାରିଖରେ ଏକ ରାଜ୍ୟସ୍ତରୀୟ କର୍ମଶାଳା ଆୟୋଜନ କରିବା ସହିତ ଆସନ୍ତା ଜୁନ୍‌ରେ ଏକ ପଞ୍ଚାୟତ ପ୍ରତିନିଧି ସମାବେଶ କରିବା ପାଇଁ ଆହ୍ୱାନ ଦିଆଯାଇଛି।

# ଏପ୍ରିଲ ୨୪ରେ ପଞ୍ଚାୟତିରାଜ ଦିବସ ପାଳନ ଓଡ଼ିଆ ଅସ୍ମିତା ପ୍ରତି କୁଠାରାଘାତ: ବିଜେଡି

ଭୁବନେଶ୍ୱର, ୨୪।୪(ସୁନିତ୍ ମିଶ୍ର)

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜନ୍ମଦିବସ ଅର୍ଥାତ୍ ମାର୍ଚ୍ଚ ୫ ପରିବର୍ତ୍ତେ ଏପ୍ରିଲ ୨୪ରେ ରାଜ୍ୟରେ ପ୍ରଥମ ଥର ପାଇଁ ପଞ୍ଚାୟତିରାଜ ଦିବସ ପାଳନ ହୋଇଛି। ବିଜେଡି ଏହାକୁ ବିଜୁ ପଟ୍ଟନାୟକଙ୍କ ପ୍ରତିଅସମ୍ମାନ ଓ ଓଡ଼ିଆ ଅସ୍ମିତା ପ୍ରତି କୁଠାରାଘାତ ବୋଲି ଅଭିହିତ କରିଛି। ସାରା ଦେଶରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଲାଗୁ କରିବାରେ ବିଜୁ ପଟ୍ଟନାୟକଙ୍କ ଭୂମିକାକୁ ସ୍ମରଣୀୟ କରିବା ପାଇଁ ଗତ ୩ ଦଶନ୍ଧି ଧରି ମାର୍ଚ୍ଚ ୫ରେ ରାଜ୍ୟରେ ପଞ୍ଚାୟତିରାଜ ଦିବସ ପାଳିତ ହୋଇ ଆସୁଥିବାବେଳେ ବର୍ତ୍ତମାନ ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି କେବଳ ଇତିହାସକୁ ବିକୃତ କରିବା ସଦୃଶ ହୋଇଛି ବୋଲି ବିଜେଡି ପକ୍ଷରୁ କୁହାଯାଇଛି।

ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ପଞ୍ଚାୟତିରାଜ ବ୍ୟବସ୍ଥାର ଆମୂଳଚଳ ପୁନର୍ବିନ୍ୟାସ ଲକ୍ଷ୍ୟରେ ତତ୍କାଳୀନ ବିଜୁ ପଟ୍ଟନାୟକଙ୍କ ସରକାର ମାର୍ଚ୍ଚ ୧୯୯୧ରେ ୩ଟି ବିଲ୍ ପାରିତ କରାଇଥିଲେ। ଏହି ୩ଟି ବିଲ୍ ହେଲା, ଓଡ଼ିଶା ଜିଲା ପରିଷଦ ବିଲ୍ ୧୯୯୧, ଓଡ଼ିଶା ପଞ୍ଚାୟତ (ସଂଶୋଧନ) ବିଲ୍ ୧୯୯୧ ଏବଂ ଓଡ଼ିଶା ଗ୍ରାମପଞ୍ଚାୟତ ବିଲ୍ ୧୯୯୧। ୩ଟି ଯାକ ବିଲ୍‌ରେ ତୃଣମୂଳସ୍ତରରେ ନିର୍ବାଚିତ ପ୍ରତିନିଧିମାନଙ୍କୁ ଅଧିକ କ୍ଷମତା ପ୍ରଦାନ ସହିତ ସମୁଦାୟ ଆସନର ୩୩% ମହିଳାମାନଙ୍କ ପାଇଁ ସଂରକ୍ଷିତ କରାଯାଇଛି। ବିଜୁ ପଟ୍ଟନାୟକଙ୍କ ଦୃଢ଼ ନିଷ୍ପତ୍ତି ଯୋଗୁ ଏହା ସମ୍ଭବ ହୋଇପାରିଥିଲା। ଦେଶରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଦିଗରେ ବିଜୁ ପଟ୍ଟନାୟକଙ୍କ ଉଲ୍ଲେଖନୀୟ ଅବଦାନକୁ ସ୍ମରଣୀୟ କରିବା ଲକ୍ଷ୍ୟରେ ତତ୍କାଳୀନ ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି ଅନୁଯାୟୀ ମାର୍ଚ୍ଚ ୫କୁ ରାଜ୍ୟ ପଞ୍ଚାୟତିରାଜ ଦିବସ ଭାବେ ପାଳିତ ହୋଇ ଆସୁଥିଲା। ରାଜ୍ୟ ସରକାର ଏହାକୁ ପରିବର୍ତ୍ତନକରି ଏପ୍ରିଲ ୨୪ରେ ପାଳନ କରିବା ଲାଗି ନିଷ୍ପତ୍ତି ନିଆଯିବା ରାଜ୍ୟର ଗୌରବମୟ ଇତିହାସକୁ ବିକୃତ କରିବା ସହ ଓଡ଼ିଆ ଅସ୍ମିତାକୁ କୁଠାରାଘାତ ସଦୃଶ ବୋଲି ଲେନିନ୍ କହିଛନ୍ତି।



ଲେନିନ୍ ମହାନ୍ତି

# ଧୂମୁଛାଇ ସମିତିସଭ୍ୟ ଉପନିର୍ବାଚନ: ଭାଜପା ସମର୍ଥିତ ଶ୍ୟାମସୁନ୍ଦର ଜିତିଲେ

ବେଲଗୁଣ୍ଠା,୨୪।୪
(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ଗଞ୍ଜାମ ଜିଲା ବେଲଗୁଣ୍ଠା ବ୍ଲକ ଧୂମୁଛାଇ ପଞ୍ଚାୟତର ସମିତିସଭ୍ୟ ପଦବୀ ପାଇଁ ବୁଧବାର ଉପନିର୍ବାଚନ ହୋଇଥିଲା। ଗୁରୁବାର ଭୋଟ୍ ଗଣତି କରାଯାଇ ଫଳାଫଳ ପ୍ରକାଶ କରାଯାଇଛି। ଭାଜପା ସମର୍ଥିତ ପ୍ରାର୍ଥୀ ଶ୍ୟାମ ସୁନ୍ଦର ନାୟକ ବିଜେଡି ସମର୍ଥିତ ପ୍ରାର୍ଥୀ ବିନୋଦିନୀ ନାୟକଙ୍କୁ ହରାଇ ବିଜୟୀ ହୋଇଛନ୍ତି। ସକାଳ ୮ଟାରୁ ଭୋଟ ଗଣତି ଆରମ୍ଭ ହୋଇଥିଲା। ଶ୍ୟାମସୁନ୍ଦର ବିଜେଡ଼ି ପ୍ରାର୍ଥୀଙ୍କ ଠାରୁ ୮୩୪ ଖଣ୍ଡ ଭୋଟ୍ ଅଧିକ ପାଇଥିଲେ। ନିର୍ବାଚନ ପ୍ରକ୍ରିୟାରେ ବେଲଗୁଣ୍ଠା ବିଡ଼ିଓ ବିଜୟ କୁମାର ପ୍ରଧାନ ନିର୍ବାଚନ ଅଧିକାରୀ ରୂପେ ଦାୟିତ୍ୱ ତୁଲାଇଥିବା ବେଳେ ବେଲଗୁଣ୍ଠା ତହସିଲଦାର କଳାକୃଷ୍ଣ ପ୍ରଧାନ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ରହିଥିଲେ। ଶ୍ୟମ ସୁନ୍ଦରଙ୍କ ବିଜୟ ପରେ ଭାଜପା ନେତା ଓ କର୍ମୀ ବାଣ ଫୁଟାଇ ଏବଂ ପରସ୍ପରକୁ ମିଠା ଖୁଆଇ ଖୁସି ମନାଇଛନ୍ତି।



ଶ୍ୟାମ ସୁନ୍ଦର ନାୟକ।

# ରାଜ୍ୟ ଯୁବକଂଗ୍ରେସ ପୁନର୍ଗଠିତ: ରଣଜିତ ସଭାପତି

ଭୁବନେଶ୍ୱର,୨୪।୪(ରବିନାରାୟଣ ଜେନା)

ଭାରତୀୟ ଯୁବକଂଗ୍ରେସ ସଭାପତି ଉଦୟଭାନୁ ଚିବ୍‌ଙ୍କ ଅନୁମୋଦନ କ୍ରମେ ରାଜ୍ୟ ଯୁବ କଂଗ୍ରେସର ନବକଳେବର ହୋଇଛି। ଫଳରେ ଗୁରୁବାର ରଣଜିତ ପାତ୍ର ରାଜ୍ୟ ଯୁବକଂଗ୍ରେସ ସଭାପତି ଭାବେ ନିଯୁକ୍ତ ହୋଇଥିବାବେଳେ କୃଷ୍ଣଚନ୍ଦ୍ର ମହାନ୍ତି ଓ ଗଣେଶ କୁମାର ସାହୁ କାର୍ଯ୍ୟକାରୀ ସଭାପତି ଭାବେ ମନୋନୀତ ହୋଇଛନ୍ତି। ସେହିପରି ରୁକ୍ମଣି ମଙ୍ଗରାଜ ଓ ନାରାୟଣ ବରୀ ରାଜ୍ୟ ଯୁବକଂଗ୍ରେସ ଉପସଭାପତି ହୋଇଥିବାବେଳେ ନୀହାର ରଞ୍ଜନ ବେହେରାଙ୍କ ସମେତ ଅନ୍ୟ ୨୮ଜଣଙ୍କୁ ସାଧାରଣ ସମ୍ପାଦକ ଭାବେ ମନୋନୀତ କରାଯାଇଛି। ଏହାବାଦ୍ ପ୍ରେମ୍‌ଜିତ୍ ମହାନ୍ତିଙ୍କ ସମେତ ୯ ଜଣ ରାଜ୍ୟ ସମ୍ପାଦକ ଭାବେ ମନୋନୀତ ହୋଇଥିବାବେଳେ ପ୍ରଦୀପ କୁମାର ସାହୁ ରାଜ୍ୟ ଲିଗାଲ ସେଲ୍ ଅଧ୍ୟକ୍ଷ ଭାବେ ନିଯୁକ୍ତ ହୋଇଛନ୍ତି।



ରଣଜିତ ପାତ୍ର

# ଭାଜପାର ୨ ଗୋଷ୍ଠୀ ମଧ୍ୟରେ ମାରପିଟ

## ପଞ୍ଚାୟତିରାଜ ଦିବସ ପାଳନ ବେଳେ ଗଣ୍ଡଗୋଳ

ବାସୁଦେବପୁର,୨୪।୪
(ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଗୁରୁବାର ପୂର୍ବାହ୍ନରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ସହ ରାଶନ କାର୍ଡ ବଣ୍ଟନ କରାଯାଇଛି। ଏହି ଉତ୍ସବ ପରେ ବ୍ଲକ ଅଫିସ୍ ପରିସରରେ ଭାଜପାର ଦୁଇଗୋଷ୍ଠୀ ମଧ୍ୟରେ ମାର୍‌ପିଟ୍ ହୋଇଥିବା ଦେଖିବାକୁ ମିଳିଛି। ପରସ୍ପର ମଧ୍ୟରେ ଆକ୍ରମଣ ପ୍ରତିଆକ୍ରମଣ ଓ ଠେଲାପେଲା ଦେଖି ସଭାରେ ଥିବା ମହିଳାଙ୍କ ସମେତ ଲୋକେ ସେଠାରୁ ଦୌଡ଼ି ପଳାଇଥିଲେ। ଗୋଟିଏ ପକ୍ଷର ଆକ୍ରମଣରେ ଭାଜପା ନଗର ମଣ୍ଡଳ ସଭାପତି ଆଶୁତୋଷ ସାମଲ ଆହତ ହୋଇଥିବା ବେଳେ ଘଟଣାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବିରେ ସେ ବ୍ଲକ କାର୍ଯ୍ୟାଳୟ ପରିସରରେ ବସି ରହିଥିଲେ। ଖବର ପାଇ ବାସୁଦେବପୁର ଥାନା ପୋଲିସ ପହଞ୍ଚିବା ପରେ ସ୍ଥିତି ଶାନ୍ତ ପଡ଼ିଥିଲା। ବିଡିଓ ତନ୍ମିତା କରଙ୍କୁ ପୋଲିସ ଭେଟି ଆଲୋଚନା କରିବା ସହ ତଦନ୍ତ ଆରମ୍ଭ କରିଛି। ଦୁଇଗୋଷ୍ଠୀ ମଧ୍ୟରେ ପୂର୍ବରୁ ବିବାଦ ଥିଲା। ଗୋଟିଏ ଗୋଷ୍ଠୀ ମଞ୍ଚରୁ ଆସିବା ପରେ ଅପର ଗୋଷ୍ଠୀ ତାଙ୍କୁ ଆକ୍ଷେପମୂଳକ କଥା କହିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଥିବା ଜଣାପଡ଼ିଛି।

## Business

# ଏଲ୍‌ଆଇସିର ନୂତନ ବ୍ୟବସାୟ ପ୍ରିମିୟମ ୨.୨୭ ଟ୍ରିଲିୟନ ଟଙ୍କା

ମୁମ୍ବାଇ,୨୪।୪

କ୍ରମାଗତ ଭାବେ ଭାରତୀୟ ଜୀବନ ବୀମା ନିଗମ (ଲାଇଫ୍ ଇନସ୍ୟୁରାନ୍ସ କର୍ପୋରେଶନ ଅଫ୍ ଇଣ୍ଡିଆ(ଏଲ୍‌ଆଇସି ଇଣ୍ଡିଆ)ର ନୂତନ ବ୍ୟବସାୟ ପ୍ରିମିୟମ ବୃଦ୍ଧି ପାଇଚାଲିଛି। ଏପରିକି ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ନୂତନ ବ୍ୟବସାୟ ପ୍ରିମିୟମ ଆକାରରେ ଏଲ୍‌ଆଇସି ପ୍ରାୟ ୨.୨୭ (୨,୨୬,୬୬୯.୯୧ କୋଟି ) କୋଟି ଟଙ୍କା ସଂଗ୍ରହ କରିଛି, ଯେଉଁଥିରେ ବ୍ୟକ୍ତିଗତ ନୂତନ ବ୍ୟବସାୟରୁ ଜୀବନକାଳୀନ ସର୍ବାଧିକ ବ୍ୟକ୍ତିଗତ ପ୍ରିମିୟମ ପ୍ରାୟ ୬୨,୪୦୫ (୬୨,୪୦୪.୫୮କୋଟି) କୋଟି ଟଙ୍କା ଅନ୍ତର୍ଭୁକ୍ତ ରହିଛି। ଅପରପକ୍ଷରେ ଜୀବନବୀମା ପରିଷଦର ତଥ୍ୟ ଅନୁଯାୟୀ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ବ୍ୟକ୍ତିଗତ ନୂତନ ବ୍ୟବସାୟ ପ୍ରିମିୟମରେ ବାର୍ଷିକଭିତ୍ତିରେ ୮.୩୫% ଅଭିବୃଦ୍ଧି ଘଟିଛି।

ସେହିପରି ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଏଲ୍‌ଆଇସିର ଗ୍ରୁପ୍ ପ୍ରିମିୟମ ୦.୪୦% ହ୍ରାସ ପାଇ ୧,୬୪,୨୬୫.୩୪ କୋଟି ଟଙ୍କରେ ରହିଛି, ଯାହା ୨୦୨୩-୨୪ ଆର୍ଥିକ ବର୍ଷରେ ୧,୬୪,୯୨୫.୮୯ କୋଟି ଟଙ୍କା ଥିଲା। ଏପରିକି ୨୦୨୪ ଅକ୍ଟୋବର ୧୦ରୁ ନୂତନ ଆତ୍ମସମର୍ପଣ ମୂଲ୍ୟ ମାନଦଣ୍ଡ ପ୍ରଚଳନ ସତ୍ତ୍ୱେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଏଲ୍‌ଆଇସି ପ୍ରାୟ ୧.୭୮ କୋଟିର ନୂତନ ପଲିସି ବିକ୍ରି କରିଛି। ବିଶେଷ ୨୦୨୫ ମାର୍ଚ୍ଚରେ ସେଗ୍‌ମେଣ୍ଟର ନିର୍ଦ୍ଦିଷ୍ଟ ପ୍ରଦର୍ଶନକୁ ଦେଖିଲେ, ବ୍ୟକ୍ତିଗତ ପ୍ରିମିୟମ ସେଗ୍‌ମେଣ୍ଟରେ ଏଲ୍‌ଆଇସିର କାରବାର ୧୦.୭୫% ବୃଦ୍ଧି ଘଟିଛି, ଯାହା ମୋଟ ୧୦,୦୨୨ କୋଟି ଟଙ୍କା ହୋଇଛି। ୨୦୨୪ ମାର୍ଚ୍ଚରେ ୯,୦୪୮.୮୭ କୋଟି ଟଙ୍କା ଥିଲା। ବିପରୀତରେ ଗ୍ରୁପ୍ ପ୍ରିମିୟମ ୨୦୨୩-୨୪ ଆର୍ଥିକ ବର୍ଷରେ ୧.୩୪% ହ୍ରାସ ପାଇ ୨୭,୨୫୧.୭୪ କୋଟି ଟଙ୍କାରୁ ୨୬,୮୮୫.୩୩ କୋଟି ଟଙ୍କା ହୋଇଛି।

**ଏଲ୍‌ଆଇସିର ନୂତନ ବ୍ୟବସାୟ ପ୍ରିମିୟମ**

| ଆର୍ଥିକ ବର୍ଷ | ନୂତନ ବ୍ୟବସାୟ ପ୍ରିମିୟମ୍ (କୋଟି ଟଙ୍କା) | ନୂତନ ବ୍ୟବସାୟ ପ୍ରିମିୟମ୍ (କୋଟି ଟଙ୍କା) | % ପରିବର୍ତ୍ତନ |
|---|---|---|---|
| ୨୦୧୫ | ୭୮,୩୦୨.୮୨ | ୯୦,୧୨୩.୭୫ | -୧୩.୧୨ |
| ୨୦୧୬ | ୯୭,୬୭୪.୩୧ | ୭୮,୩୦୨.୮୨ | ୨୪.୭୪ |
| ୨୦୧୭ | ୧,୨୪,୩୯୬.୨୭ | ୯୭,୬୭୪.୩୧ | ୨୭.୩୬ |
| ୨୦୧୮ | ୧,୩୪,୫୫୧.୬୯ | ୧,୨୪,୦୩୬.୨୬ | ୮.୪୮ |
| ୨୦୧୯ | ୧,୪୨,୧୯୧.୬୯ | ୧,୩୪,୫୫୧.୬୯ | ୫.୬୮ |
| ୨୦୨୦ | ୧,୭୭,୯୭୭.୦୬ | ୧,୪୨,୨୫୪.୬୭ | ୨୫.୧୧ |
| ୨୦୨୧ | ୧,୮୪,୧୭୪.୫୭ | ୧,୭୭,୯୭୭.୦୬ | ୩.୪୮ |
| ୨୦୨୨ | ୧,୯୮,୭୫୯.୮୬ | ୧,୮୪,୧୭୪.୫୭ | ୭.୯୨ |
| ୨୦୨୩ | ୨,୩୧,୮୯୯.୧୬ | ୧,୯୮,୭୫୯.୮୬ | ୧୬.୬୭ |
| ୨୦୨୪ | ୨,୨୨,୫୨୩.୦୧ | ୨,୩୧,୮୯୯.୧୬ | -୪.୦୪ |
| ୨୦୨୫ | ୨,୨୬,୬୬୯.୯୧ | ୨,୨୨,୫୨୩.୦୧ | ୧.୮୬ |

ଉତ୍ସ: ଜୀବନ ବୀମା ପରିଷଦ

# ଶେୟାର ବଜାରରେ ହ୍ରାସ

ମୁମ୍ବାଇ,୨୪।୪

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ଚତୁର୍ଥ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ହ୍ରାସ ସହିତ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ଗୁରୁବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ର ସେନସେକ୍ସ ୩୧୫ (୩୧୫.୦୬) ପଏଣ୍ଟ ହ୍ରାସ ଘଟି ୭୯,୮୦୧ (୭୯,୮୦୧.୪୩) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ ରେ ମଧ୍ୟ ୮୨ (୮୨.୨୫) ପଏଣ୍ଟ କମି ୨୪,୨୪୭ (୨୪,୨୪୬.୭୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ଜେଏସ୍‌ଏଲ୍‌କୁ ଜାତୀୟ ଗୁଣବତ୍ତା ପୁରସ୍କାର



ଅତିଥିଙ୍କ ଠାରୁ ଜେଏସଏଲର ଅଧିକାରୀ ପୁରସ୍କାର ଗ୍ରହଣ କରୁଛନ୍ତି।

ଭୁବନେଶ୍ୱର,୨୪।୪

ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍‌ଏଲ୍)କୁ ନିକଟରେ ଆଉ ଏକ ଜାତୀୟସ୍ତରର ସମ୍ମାନ 'ଜାତୀୟ ଗୁଣବତ୍ତା ପୁରସ୍କାର' ମିଳିଛି। ଏପରିକି ଉତ୍ପାଦନ ବର୍ଗରେ ପ୍ରତିଷ୍ଠିତ ଆଇଏମ୍‌ସି ରାମକୃଷ୍ଣ ବଜାଜ ଜାତୀୟ ଗୁଣବତ୍ତା ପୁରସ୍କାର-୨୦୨୪ରେ ପ୍ରଦର୍ଶନ ଉତ୍କର୍ଷ କ୍ଷେତ୍ରରେ କମ୍ପାନୀର ଯାଜପୁର ୟୁନିଟ୍ ସମ୍ମାନିତ ହୋଇଛି। ମୁମ୍ବାଇର ଆଇଏମ୍‌ସି ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିରେ ପ୍ରଦାନ କରାଯାଇଥିବା ଏହି ପୁରସ୍କାର, ଗୁଣବତ୍ତା, ନବସୃଜନ, ଗ୍ରାହକ-କେନ୍ଦ୍ରିକତା ଏବଂ କାର୍ଯ୍ୟକ୍ଷମ ଉତ୍କର୍ଷ ପ୍ରତି ଜିନ୍ଦଲ ଷ୍ଟେନ୍‌ଲେସ୍‌ର ପ୍ରତିବଦ୍ଧତାକୁ ସ୍ୱୀକୃତି ଦେଇଛି। ବିଶ୍ୱସ୍ତରୀୟ ପ୍ରସିଦ୍ଧ ମାଲକମ୍ ବାଲଡ୍ରିଜ୍ ଜାତୀୟ ଗୁଣବତ୍ତା ପୁରସ୍କାର ଢାଞ୍ଚା ଉପରେ ଆଧାରିତ ଏହି ମାନ୍ୟତା ଭାରତୀୟ ଉତ୍ପାଦନରେ ଉତ୍କର୍ଷ ପାଇଁ ଏକ ମାନଦଣ୍ଡ ଭାବେ କମ୍ପାନୀର ସ୍ଥିତିକୁ ସୁଦୃଢ଼ କରୁଛି।

# ସୁଲଭ ଆବାସ ବସ୍ତିମୁକ୍ତ ସହରର ଚାବିକାଠି

ଭୁବନେଶ୍ୱର,୨୪।୪

ବସ୍ତି ଉଚ୍ଛେଦ ଓ ସମସ୍ତ ନାଗରିକଙ୍କ ପାଇଁ ସମ୍ମାନଜନକ ଜୀବନଯାପନ ସୁନିଶ୍ଚିତ କରିବାରେ ସୁଲଭ ଆବାସର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଗୁରୁତ୍ୱାରୋପ କରିଛନ୍ତି। କ୍ରେଡାଇ ଓଡ଼ିଶା ପକ୍ଷରୁ ଆୟୋଜିତ ରିଅଲ ଇଷ୍ଟେଟ୍ ଓ ହାଉସିଂ ଏକ୍ସପୋର ଉଦ୍‌ଘାଟନ ଅବସରରେ ମନ୍ତ୍ରୀ ବସ୍ତିବାସିନ୍ଦାଙ୍କ ପାଇଁ ଆବାସକୁ ଅଧିକ ସୁଲଭ କରିବା ଲାଗି ରାଜ୍ୟ ସରକାରଙ୍କ ଦ୍ୱାରା ନିଆଯାଉଥିବା ସକ୍ରିୟ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ବସ୍ତିମୁକ୍ତ ଭୁବନେଶ୍ୱର ନିର୍ମାଣ ପାଇଁ ସୁଲଭ ଘର ହିଁ ଚାବିକାଠି। ପ୍ରତ୍ୟେକ ନାଗରିକ ଯେପରି ସୁରକ୍ଷିତ ଓ ସ୍ଥାୟୀ ଆଶ୍ରୟ ପାଇପାରିବେ ସେଥିପାଇଁ ଆମେ ପ୍ରତିଶ୍ରୁତିବଦ୍ଧ ବୋଲି ମହାପାତ୍ର କହିଛନ୍ତି। ସେହିଭଳି ସନ୍ଧ୍ୟାରେ ଅତିଥି ଭାବେ ଯୋଗଦେଇ କଟକ ବିଧାୟକ ସୋଫିଆ ଫିର୍‌ଦୋସ୍ ଏହିଭବ୍ୟ କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ କ୍ରେଡାଇ ଓଡ଼ିଶାକୁ ପ୍ରଶଂସା କରିଥିଲେ। ଏହି ଏକ୍ସପୋ ସ୍ଥାନୀୟ ଲୋକଙ୍କ ପାଇଁ ମୂଲ୍ୟବାନ୍ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହ ରାଜ୍ୟର ଅର୍ଥନୀତିରେ ଉଲ୍ଲେଖନୀୟ ଯୋଗଦାନ ଦେବ ବୋଲି ସେ କହିଛନ୍ତି। ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀଙ୍କ ସମେତ କ୍ରେଡାଇ ଓଡ଼ିଶାର ଅଧ୍ୟକ୍ଷ ଡି.ଏସ୍. ତ୍ରିପାଠୀ, ଉପାଧ୍ୟକ୍ଷ ବିନୟକୃଷ୍ଣ ଦାସ, ସଭାପତି ସ୍ୱଦେଶ କୁମାର ରାଉତରାୟ, ଉପସଭାପତି ଉମେଶ ଖଣ୍ଡେଲୱାଲ, ସମ୍ପାଦକ ଅନୀଲ କୁମାର ଅଗ୍ରୱାଲ, କୋଷାଧ୍ୟକ୍ଷ ସୂର୍ଯ୍ୟକାନ୍ତ ବେହେରା, କାର୍ଯ୍ୟନିର୍ବାହୀ ସଦସ୍ୟ ସେକ୍ ମାଇରାଜୁଲ ହକ୍, କଳିଙ୍ଗ କେଶରୀ ରଥ, ଶଶିକାନ୍ତ ବାରିକ, ପ୍ରମିତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

୨୦୨୫ ଏପ୍ରିଲ ୨୦ରୁ ୨୯ ପର୍ଯ୍ୟନ୍ତ ହେବାକୁ ଥିବା ଏହି ୯ ଦିନିଆ ଏକ୍ସପୋ ଏକ ଗତିଶୀଳ ପ୍ଲାଟ୍‌ଫର୍ମ ପାଲଟିଛି, ଯାହା ଅଗ୍ରଣୀ ବିଲ୍ଡର, ବ୍ୟାଙ୍କ, ବିଲ୍ଡିଂ ମ୍ୟାଟେରିଆଲ ନିର୍ମାତା, ଇଲେକ୍ଟ୍ରୋନିକ୍ସ ଫାର୍ମ, ଇଣ୍ଟେରିୟର ଡିଜାଇନର ଏବଂ ଟାଇଲ ନିର୍ମାତାଙ୍କ ସମେତ ଅନେକ ଅଂଶୀଦାରଙ୍କୁ ଏକାଠି କରିଛି।

# ରାହୁଲ ବାନାର୍ଜୀଙ୍କ ସହ ବେଦାନ୍ତର ସହଭାଗିତା

ଭୁବନେଶ୍ୱର,୨୪।୪: (ଅଭୟ ଦାଶ)

ବେଦାନ୍ତ ଆଲୁମିନିୟମ ଏବଂ ପୂର୍ବତନ ଭାରତୀୟ ଅଲିମ୍ପିଆନ ତଥା ରାଜ୍ୟଗୋଷ୍ଠୀ ସ୍ୱର୍ଣ୍ଣ ପଦକ ବିଜେତା ରାହୁଲ ବାନାର୍ଜୀଙ୍କ ମଧ୍ୟରେ ସହଭାଗିତା ସ୍ଥାପନ ହୋଇଛି। ଏପରିକି ତୃଣମୂଳସ୍ତରର କ୍ରୀଡ଼ାକୁ ସୁଦୃଢ଼ କରିବା ଏବଂ ଭବିଷ୍ୟତର ଚାମ୍ପିୟନମାନଙ୍କୁ ପ୍ରୋତ୍ସାହିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଓଡ଼ିଶାର କଳାହାଣ୍ଡିଠାରେ ବେଦାନ୍ତର ତୀରନ୍ଦାଜୀ ତାଲିମ କାର୍ଯ୍ୟକ୍ରମ ପାଇଁ ଅଲିମ୍ପିଆନ୍ ତଥା ରାଜ୍ୟଗୋଷ୍ଠୀ ସ୍ୱର୍ଣ୍ଣପଦକ ବିଜେତା ରାହୁଲ ବାନାର୍ଜୀଙ୍କ ସହ କମ୍ପାନୀ ସହଭାଗିତା ଘୋଷଣା କରିଛି। ଏହି ସହଭାଗିତାର ମୂଳ ଉଦ୍ଦେଶ୍ୟ ହେଉଛି, ୮୦ଜଣ ଆଦିବାସୀ ଛାତ୍ରୀଛାତ୍ରଙ୍କୁ ତାଲିମ ପ୍ରଦାନ କରିବା। ଏ ନେଇ ରାହୁଲ ବାନାର୍ଜୀ କହିଥିଲେ, ଆଗାମୀ ପିଢ଼ିର ଭାରତୀୟ ତୀରନ୍ଦାଜମାନଙ୍କୁ ଗଢ଼ିବାରେ ବେଦାନ୍ତ ସହ କାର୍ଯ୍ୟ କରିବା ଏକ ସମ୍ମାନର ବିଷୟ। କଳାହାଣ୍ଡିରେ ଅସଂଖ୍ୟ ପ୍ରତିଭା ରହିଛନ୍ତି। ଉପଯୁକ୍ତ ପ୍ରଶିକ୍ଷଣ ଏବଂ ଅଭିଜ୍ଞତା ଏହି ଯୁବ କ୍ରୀଡ଼ାବିତମାନଙ୍କ ପାଖରେ ବିଶ୍ୱମଞ୍ଚରେ ଚମକିବାର କ୍ଷମତା ରହିଛି।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ଆମେ ବିଶ୍ୱାସ କରୁ ଯେ କ୍ରୀଡ଼ା ସାମାଜିକ ପରିବର୍ତ୍ତନ ପାଇଁ ଏକ ଶକ୍ତିଶାଳୀ ଉତ୍ପ୍ରେରକ ହୋଇପାରେ। ରାହୁଲ ବାନାର୍ଜୀଙ୍କ ସହ ଆମର ଭାଗୀଦାରି ଗୋଷ୍ଠୀଗତ ବିକାଶ ଏବଂ କ୍ରୀଡ଼ା ଉତ୍କର୍ଷ ପ୍ରତି ଆମର ଗଭୀର ପ୍ରତିବଦ୍ଧତାର ପ୍ରତିଫଳନ। ୨୦୧୮ରେ ଏହାର ଆରମ୍ଭ ହେବାଠାରୁ ବେଦାନ୍ତର କ୍ରୀଡ଼ା ପ୍ରଶିକ୍ଷଣ ପଦକ୍ଷେପ ଲାଞ୍ଜିଗଡ଼ରେ କଳାହାଣ୍ଡିର ଆଦିବାସୀ ସମ୍ପ୍ରଦାୟର କ୍ରୀଡ଼ା ପ୍ରତିଭାର ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ।



ଚୁକ୍ତିନାମା ସମୟରେ ଉଭୟ ସଂସ୍ଥାର ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

# ସେଲ୍‌ସଫୋର୍ସ ସହ ଉତ୍କଳ ହସ୍ପିଟାଲର ବୁଝାମଣା

ଭୁବନେଶ୍ୱର,୨୪।୪

ଉତ୍କଳ ହସ୍ପିଟାଲ ଏବଂ ସେଲ୍‌ସଫୋର୍ସ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ହୋଇଛି। ଏହି ବୁଝାମଣା (ସହଭାଗିତା) ସହ ଉତ୍କଳ ହସ୍ପିଟାଲ ସେଲ୍‌ସଫୋର୍ସ ଏଜେଣ୍ଟଫୋର୍ସକୁ ଗ୍ରହଣ କରିଥିବା ପୂର୍ବ ଭାରତର ପ୍ରଥମ ସ୍ୱାସ୍ଥ୍ୟସେବା ଅନୁଷ୍ଠାନରେ ପରିଣତ ହୋଇଛି। ଫଳରେ ଉତ୍କଳ ହସ୍ପିଟାଲ ରୋଗୀଙ୍କ ଯୋଗଦାନକୁ ଉନ୍ନତ କରିବା ଓ ପରିଚାଳନାଗୁଡ଼ିକୁ ଶୃଙ୍ଖଳିତ କରିବା ପାଇଁ ଏଜେଣ୍ଟଫୋର୍ସ, ସେଲ୍‌ସଫୋର୍ସ ସେଡ୍ୟୁଲର ଓ ଏଆଇ ପରିଚାଳିତ ଚାଟ୍‌ବଟ ସମେତ ସେଲ୍‌ସଫୋର୍ସ ଟୁଲ୍‌ଗୁଡ଼ିକର ଏକ ରେଞ୍ଜର ବ୍ୟବହାର କରିବ। ସେଲ୍‌ସଫୋର୍ସ ଇଣ୍ଡିଆ ସେଲ୍‌ସ ବିଭାଗର ଉପାଧ୍ୟକ୍ଷ କମଲକାନ୍ତ କହିଛନ୍ତି, ଉତ୍କଳ ହସ୍ପିଟାଲ ସହ ଏହି ସହଭାଗିତା, ଟେକ୍ନୋଲୋଜି କିଭଳି ସହାନୁଭୂତିଶୀଳ, ସଂଯୋଜିତ ସ୍ୱାସ୍ଥ୍ୟସେବାର ଏକ ଶକ୍ତିଶାଳୀ ସକ୍ଷମକାରୀ ହୋଇପାରିବ, ତାହାକୁ ଆମେ ପ୍ରଦର୍ଶିତ କରୁଛି। ହେଲ୍‌ଥ କ୍ଲାଉଡ୍ ଓ ଏଜେଣ୍ଟଫୋର୍ସକୁ ଏକତ୍ରିତ କରି ଆମେ ଉତ୍କଳ ହସ୍ପିଟାଲକୁ ରୋଗୀଙ୍କ ତଥ୍ୟ ସଂଗ୍ରହ କରିବା, ଜଟିଳ ପ୍ରକ୍ରିୟାଗୁଡ଼ିକୁ ଅଟୋମେଟ କରିବା ଏବଂ ଅଧିକ ବ୍ୟକ୍ତିଗତ ଓ ଦକ୍ଷ ସେବା ପ୍ରଦାନ କରିବାରେ ସାହାଯ୍ୟ କରୁଛୁ। ଉତ୍କଳ ହସ୍ପିଟାଲର ସିଇଓ ବି.କେ. ସୁବୋଧ ସିଂହ କହିଛନ୍ତି, ଉତ୍କଳ ହସ୍ପିଟାଲରେ ଆମର ଲକ୍ଷ୍ୟ ହେଉଛି ଉଦ୍ଭାବନ ଓ ଟେକ୍ନୋଲୋଜି ମାଧ୍ୟମରେ ଉତ୍କୃଷ୍ଟ ରୋଗୀ ସେବା ପ୍ରଦାନ କରିବା। ସେଲ୍‌ସଫୋର୍ସ ସହ ସହଭାଗିତା ଆମକୁ ଏକ ଡିଜିଟାଲ-ପ୍ରଥମ ଇକୋସିଷ୍ଟମ ସୃଷ୍ଟି କରିବା ପାଇଁ ଅନୁମତି ଦେଉଛି। ହେଲ୍‌ଥ କ୍ଲାଉଡ୍ ଓ ଏଜେଣ୍ଟଫୋର୍ସ ସହ ଆମେ ଏକ ସ୍କାଲେବୁଲ ପ୍ଲାଟ୍‌ଫର୍ମ ନିର୍ମାଣ କରୁଛୁ, ଯାହା ସ୍ୱାସ୍ଥ୍ୟସେବା ରୂପାନ୍ତରଣ କ୍ଷେତ୍ରରେ ଏକ ଲିଡର ହେବା ପାଇଁ ଆମର ଲକ୍ଷ୍ୟ ଅନୁରୂପ ରହିଛି। କୋସର୍ଭ ସଫ୍ଟୱେର ସଲ୍ୟୁଶନ୍ସର ପାର୍ଟନର ଅରୁଣ ପରିଜା କହିଛନ୍ତି, ଉତ୍କଳ ହସ୍ପିଟାଲକୁ ଏହାର ଡିଜିଟାଲ ରୂପାନ୍ତରଣ ଯାତ୍ରାରେ ସହଯୋଗ ଓ ମାର୍ଗଦର୍ଶନକରି କୋସର୍ଭ ସ୍ୱାସ୍ଥ୍ୟସେବା ଉପରେ ସୂଚନା ଏବଂ ସେଲ୍‌ସଫୋର୍ସକୁ ପ୍ରଭାବୀ ରୂପେ ଉପଯୋଗ କରିବା ପାଇଁ ଆବଶ୍ୟକ ରଣନୈତିକ ଦୃଷ୍ଟିକୋଣ ଆଣିଛି।

# ନୌସେନାରେ ଅଗ୍ନିବୀର ନିଯୁକ୍ତିରେ ଦୁର୍ନୀତି

■ ପୂର୍ବତନ ସେନା ଅଧିକାରୀଙ୍କ ସମେତ ୩ ଗିରଫ
■ ଆଉ ୨ଜଣଙ୍କୁ ଗିରଫ ପାଇଁ ଆଣ୍ଡାମାନ ଗଲା ସ୍ୱତନ୍ତ୍ର ଟିମ୍
■ ୧୨ ବ୍ୟାଙ୍କ ପାସ୍‌ବୁକ, ୪ ମୋବାଇଲ ଫୋନ ଜବତ

ଖୋର୍ଦ୍ଧା/ବାଲୁଗାଁ,୨୪।୪(ପ୍ରଭାତ ପାଣିଗ୍ରାହୀ/ସଂଗ୍ରାମ ପାଇକରାୟ)


ଗିରଫ ୨ ଅଭିଯୁକ୍ତ


ଖବରଦାତା ସମ୍ମିଳନୀରେ ଏସ୍‌ପି ସାଗରିକା ନାଥ

ଭାରତୀୟ ନୌସେନାର ଚିଲିକା ଶାଖା ପ୍ରଶିକ୍ଷଣ କେନ୍ଦ୍ରରେ ଅଗ୍ନିବୀର ପଦବୀ ନିଯୁକ୍ତିରେ ଦୁର୍ନୀତି ହୋଇଛି। ଅଗ୍ନିବୀର ନିଯୁକ୍ତିରେ ପ୍ରାର୍ଥୀଙ୍କୁ ମନୋନୟନ(ସିଲେକ୍ସନ), ପୋଲିସ ଯାଞ୍ଚ(ଭେରିଫିକେଶନ), ମେଡିକାଲ ସାର୍ଟିଫିକେଟରେ ସହଯୋଗ ଆଳରେ ଲକ୍ଷାଧିକ ଟଙ୍କା ଆଦାୟ କରାଯାଇଥିବା ନେଇ ବାଲୁଗାଁ ଥାନାରେ ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୧୧୮/୨୫) ରୁଜୁକରି ତଦନ୍ତ ଚଳାଇବା ସହ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଉତ୍ତର ପ୍ରଦେଶର ବାସିନ୍ଦା ପୂର୍ବତନ ନୌସେନା ଅଧିକାରୀ ଭୂଷଣ, ଯୁପିର ବାସିନ୍ଦା ତଥା ଆଣ୍ଡାମାନ ଓ ନିକୋବରର ଆଇଏନ୍‌ଏସ୍ କେଶରୀରେ କାର୍ଯ୍ୟରତ ସତ୍ୟମ ଚହର ଏବଂ ଆଇଏନ୍‌ଏସ୍ ଚିଲିକାରେ କାର୍ଯ୍ୟରତ ବିନୟ କୁମାର ରାୟ। ଏମାନଙ୍କଠାରୁ ୪ଟି ମୋବାଇଲ ଫୋନ୍ ଏବଂ ୧୨ଟି ବ୍ୟାଙ୍କ ପାସବୁକ ଜବତ କରାଯାଇଛି। ଆକାଉଣ୍ଟ ଟ୍ରାଞ୍ଜାକ୍ସନ, ପାସ୍‌ବୁକ ଭେରିଫିକେଶନ କରାଯାଇ ସିଜ୍ କରାଯାଇଛି। ତେବେ ଏହି ଦୁର୍ନୀତିରେ ସମ୍ପୃକ୍ତ ଥିବା ଆଉ ଦୁଇ ଜଣଙ୍କୁ ଗିରଫ କରିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଆଣ୍ଡାମାନ ଯାଇଛି ବୋଲି ଗୁରୁବାର ଖୋର୍ଦ୍ଧା ଜିଲା ଆରକ୍ଷୀ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଆରକ୍ଷୀ ଅଧୀକ୍ଷକ(ଏସ୍‌ପି) ସାଗରିକା ନାଥ ସୂଚନା ଦେଇଛନ୍ତି। ଏହି ରାକେଟରେ ଓଡ଼ିଶା, ଉତ୍ତରପ୍ରଦେଶ ଏବଂ ଆଣ୍ଡାମାନ ଓ ନିକୋବର ନୌସେନା ଅଧିକାରୀଙ୍କ ସମ୍ପୃକ୍ତି ରହିଥିବା ଜଣାପଡ଼ିଛି। ସୂଚନା ମୁତାବକ, ୨୦୨୪ ନଭେମ୍ବରରେ ଆଇଏନ୍‌ଏସ୍ ଚିଲିକାରେ ଅଗ୍ନିବୀର ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ତେବେ ଅଗ୍ନିବୀର ପଦବୀରେ ନିଯୁକ୍ତି ପାଇଁ ଅଭିଯୁକ୍ତମାନେ ପ୍ରଶିକ୍ଷାର୍ଥୀଙ୍କୁ ସହାୟତା ଆଳରେ ଟଙ୍କା ଆଦାୟ କରୁଥିଲେ। ଯିଏ ଟଙ୍କା ଦେବା ପାଇଁ ଅକ୍ଷମତା ପ୍ରକାଶ କରୁଥିଲେ, ତାଙ୍କୁ ଫେଲ୍ କରିଦେବା ପାଇଁ ଧମକ ଦେଉଥିଲେ। ଜଣକ ପିଛା ୩୦ ହଜାରରୁ ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆଦାୟ କରୁଥିଲେ। ଏଥିସହ ଅଭିଯୁକ୍ତମାନେ ମୋବାଇଲ ଫୋନ୍‌ରେ ହ୍ୱାଟ୍ସଆପ ଗ୍ରୁପ ଖୋଲି ପ୍ରାର୍ଥୀଙ୍କୁ ସେଥିରେ ସାମିଲ କରିବା ସହ ନିଯୁକ୍ତି କ୍ଷେତ୍ରରେ ଆବଶ୍ୟକ କାଗଜାତ ପ୍ରଦାନ ନେଇ ସନ୍ଦେହ ଦୂର କରୁଥିଲେ। ଏହି ଘଟଣା ପଦାକୁ ଆସିବା ପରେ ଆଇଏନ୍‌ଏସ୍ ଚିଲିକା ଲ୍ୟୁଟ୍‌ନାଣ୍ଟ କମାଣ୍ଡର ଅଦ୍ୱିତୀୟ ସିଂହ ଏନେଇ ବାଲୁଗାଁ ଥାନାରେ ଗତ ୧୯ତାରିଖରେ ଅଭିଯୋଗ କରିଥିଲେ। ଏହା ପରେ ଏସ୍‌ପି ନାଥଙ୍କ ନିର୍ଦ୍ଦେଶକ୍ରମେ ବାଲୁଗାଁ ଥାନା ଆଇଆଇସି ଜୟ ପ୍ରକାଶ ପରିଡ଼ାଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ତଦନ୍ତ କରି ନାଭାଲ ଛକ ନିକଟରେ ଭଡ଼ା ଘରେ ରହୁଥିବା ସମ୍ପୃକ୍ତ ଦୁଇ ଅଭିଯୁକ୍ତଙ୍କ ସମେତ ତାଲିମ କେନ୍ଦ୍ର ପରିସରରୁ କାର୍ଯ୍ୟରତ କର୍ମଚାରୀଙ୍କୁ ଗିରଫ କରିଥିଲା। ଗିରଫ ୩ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯିବ। ଏହି ଦୁର୍ନୀତିରେ ସମ୍ପୃକ୍ତ ଥିବା ଆଉ ଦୁଇ ଜଣଙ୍କୁ ଗିରଫ କରିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଆଣ୍ଡାମାନ ଯାଇଛି ବୋଲି ଏସ୍‌ପି କହିଛନ୍ତି।

## ଡିକି ଭାଙ୍ଗି ୩ ଲକ୍ଷ ୫୦ ହଜାର ଲୁଟିନେଲେ

ବଣାଇଁ,୨୪।୪(ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା ବଣାଇଁ ଅଞ୍ଚଳରେ ଦୁର୍ବୃତ୍ତମାନେ ଗୁରୁବାର ଜଣେ ଅବସରପ୍ରାପ୍ତ କର୍ମଚାରୀଙ୍କ ବାଇକ୍ ଡିକି ଭାଙ୍ଗି ସାଢ଼େ ତିନିଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଏନେଇ ବଣାଇଁ ଥାନାରେ ଅଭିଯୋଗ ହେବାପରେ ପୋଲିସ କେସ୍ ନଂ. ୧୦୧/୨୫ ରୁଜୁ କରିବା ସହ ସିସିଟିଭି ଫୁଟେଜକୁ ଆଧାର କରି ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ଅବସରପ୍ରାପ୍ତ କର୍ମଚାରୀ ଟେକ ସୁନ୍ଦର ପ୍ରଧାନ ପୁଅ ବାହାଘର ପାଇଁ ଗୁରୁବାର ଭାରତୀୟ ଷ୍ଟେଟ ବ୍ୟାଙ୍କ ବଣାଇଁ ଶାଖାରୁ ଚାରି ଲକ୍ଷ ଟଙ୍କା ଉଠାଇଥିଲେ। ନିଜ ପାଖରେ ପଚାଶ ହଜାର ରଖିବା ପରେ ବାଇକ୍ ଡିକିରେ ଅବଶିଷ୍ଟ ୩ ଲକ୍ଷ ୫୦ ହଜାର ରଖିଥିଲେ। ବ୍ୟାଙ୍କ ନିକଟରେ ଥିବା ଏକ କପଡ଼ା ଦୋକାନ ସମ୍ମୁଖରେ ବାଇକ ରଖି ଭିତରକୁ ଯାଇଥିଲେ। ଏହି ସମୟରେ ତାଙ୍କୁ ଅନୁସରଣ କରୁଥିବା ଦୁର୍ବୃତ୍ତମାନେ ଡିକି ଭାଙ୍ଗି ସାଢ଼େ ତିନିଲକ୍ଷ ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ।

# ଦ୍ୱିତୀୟ ବିବାହ ପାଇଁ ପୁଅଙ୍କୁ ହତ୍ୟା ଅଭିଯୋଗ

■ ପଥର ଖାଦାନରୁ ମିଳିଲା ନାବାଳକଙ୍କ ମୃତଦେହ
■ ଅଭିଯୁକ୍ତ ବାପାଙ୍କ ସମେତ ପରିବାର ଲୋକେ ଥାନାରେ ଅଟକ

ଜେନାପୁର/ଧର୍ମଶାଳା,୨୪।୪
(ଅଶୋକ ଦାସ/ବଟକୃଷ୍ଣ ପରିଡ଼ା)


ନାବାଳକ ଶିବୁ ରାଉତ

ଯାଜପୁର ଜିଲା ଜେନାପୁର ଥାନା ସାହାଣୀଡିହ ପଞ୍ଚାୟତ ଚାରଗୋଠ ଗ୍ରାମରୁ ବୁଧବାର ନିଖୋଜ ୬ ବର୍ଷର ନାବାଳକ ଶିବୁ ରାଉତଙ୍କ ମୃତଦେହ ମିଳିଛି। ଗୁରୁବାର ଏକ ପଥର ଖାଦାନରୁ ପୋଲିସ ଶିବୁଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ମୃତ ଶିବୁଙ୍କ ଅଜା କଳାକାର ରାଉତ ଥାନାରେ ହତ୍ୟା ଅଭିଯୋଗ ଆଣିଛନ୍ତି। ଦ୍ୱିତୀୟ ବିବାହ ପାଇଁ ନାବାଳକଙ୍କୁ ତାଙ୍କ ବାପା ହତ୍ୟା କରି ଫିଙ୍ଗି ଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ.୧୪୭/୨୫)ରୁଜୁ କରି ନାବାଳକଙ୍କ ବାପା ବାହୁଡ଼ା ରାଉତ, ଜେଜେ ବାପା ମଦନ ରାଉତ, ଜେଜେ ମା' ଗୁଣ୍ଠି ରାଉତ, ଦାଦା ବିରଞ୍ଚି ରାଉତ ଓ ଖୁଡ଼ୀ ବର୍ଷା ରାଉତଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

କଳାକାର ରାଉତଙ୍କ ଅଭିଯୋଗ ମୁତାବକ, ତାଙ୍କ ଝିଅ ମମତା ରାଉତଙ୍କୁ ବାହୁଡ଼ା ବିବାହ କରିଥିଲେ। ତାଙ୍କର ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା। କିଛି ଦିନ ପରେ ପାରିବାରିକ ଅଶାନ୍ତି ହେବାରୁ ମମତା ପୁଅ ଶିବୁଙ୍କୁ ନେଇ ବାପଘରେ ରହୁଥିଲେ। ମମତା ପାଗିଳି ହୋଇଥିବା ଦର୍ଶାଇ ବାହୁଡ଼ା ଦ୍ୱିତୀୟ ବିବାହ ପାଇଁ ମନସ୍ଥ କରିଥିଲେ। ତେଣୁ ଶିବୁ ଭବିଷ୍ୟତରେ ବାଧକ ହେବା ଆଶଙ୍କା କରି ତାଙ୍କୁ ମାରିଦେବାକୁ ବାହୁଡ଼ା ଏବଂ ତାଙ୍କ ପରିବାର ଲୋକ ଯୋଜନା କରିଥିଲେ।

ଗତ ବୁଧବାର ସନ୍ଧ୍ୟା ପ୍ରାୟ ୭ଟାରେ ଶିବୁ ଟ୍ୟୁଶନ ଯାଇ ମାମୁଘରକୁ ଫେରିଥିଲେ। କିଛି ସମୟ ପରେ ତାଙ୍କୁ ଦେଖିବାକୁ ମିଳି ନ ଥିଲା। ପରେ ଥାନାରେ ନିଖୋଜ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ନିରୁପମା ଜେନାଙ୍କ ସମେତ ଅଗ୍ନିଶମ କର୍ମଚାରୀ ଖାଜାଖୋଜି କରି ରାତି ପ୍ରାୟ ୧୧ଟାରେ ଗାଁ ସଂଲଗ୍ନ ପଥର ଖାଦାନ ନିକଟରେ ଶିବୁଙ୍କ ପ୍ୟାଣ୍ଟ ପାଇଥିଲେ। ଗୁରୁବାର ସକାଳେ ସ୍ଥାନୀୟ ଲୋକେ ପ୍ୟାଣ୍ଟ ମିଳିଥିବା ଖାଦାନର ପାଣିଖାଲରେ ଏକ ମୃତଦେହ ଭାସୁଥିବା ଦେଖିବାକୁ ପାଇଥିଲେ। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏପରି କି ଉତ୍ତ୍ୟକ୍ତ ଲୋକେ ବାହୁଡ଼ାଙ୍କ ବାଇକ୍‌ରେ ନିଆଁ ଲଗାଇ ଦେଇଥିଲେ।

## ବନ୍ଧୁକ ଦେଖାଇ ୩୦ ଲକ୍ଷ ଟଙ୍କାର ସୁନା ଲୁଟ୍

ଉଦଳା,୨୪।୪
(ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା ଉଦଳା-ବାରିପଦା ରାଜ୍ୟ ରାଜପଥର ଖୁଣ୍ଟା ଥାନା ଅଧୀନ ବାଲିମୁଣ୍ଡଳୀ ଛକ ନିକଟରେ ବୁଧବାର ରାତିରେ ଜଣେ ଗହଣା ଦୋକାନୀଙ୍କଠାରୁ ଲୁଟ୍ ହୋଇଛି। ୨ଟି ବାଇକ୍‌ରେ ୪ ଦୁର୍ବୃତ୍ତ ଆସି ବନ୍ଧୁକ ଦେଖାଇ ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନାଗହଣା ଲୁଟି ନେଇଛନ୍ତି। ଲୁଟେରାଙ୍କ ଆକ୍ରମଣରେ ଗହଣା ଦୋକାନୀ ଆହତ ହେଇଛନ୍ତି। ଅଭିଯୋଗ ପାଇ ପୋଲିସ ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ବାସିପିଠା ଅଞ୍ଚଳରେ ମହାଲକ୍ଷ୍ମୀ ଅଳଙ୍କାର ନାମକ ଗହଣା ଦୋକାନ କରିଥିବା ସୁନ୍ଦର ନାରାୟଣ ସାହୁ ବୁଧବାର ରାତି ୯ଟା ସମୟରେ ଦୋକାନ ବନ୍ଦକରି ନିଜ ଘର ଖୁଣ୍ଟା ଅଞ୍ଚଳକୁ ବାଇକ୍ ଯୋଗେ ଫେରୁଥିଲେ। ଏହି ସମୟରେ ୨ଟି ବାଇକ୍‌ରେ ୪ଜଣ ଲୁଟେରା ମୁହଁରେ ମୁଖା ପିନ୍ଧି ଆସି ତାଙ୍କୁ ଅଟକାଇଥିଲେ। ବନ୍ଧୁକ ଦେଖାଇ ସୁନା ଅଳଙ୍କାର ମାଗିଥିଲେ। ସୁନ୍ଦର ନାରାୟଣ ସେଠାରୁ ଖସି ଆସୁଥିବା ବେଳେ ଦୁର୍ବୃତ୍ତମାନେ ବାଇକ୍‌କୁ ଗୋଇଠା ମାରି ତଳେ ପକାଇବା ସହ ତାଙ୍କଠାରୁ ସୁନା ଅଳଙ୍କାର ଭର୍ତ୍ତି ବ୍ୟାଗ୍‌କୁ ଛଡ଼ାଇନେଇ ଚମ୍ପଟ ମାରିଥିଲେ।

# ଦୋଷୀ ମଉଜଙ୍କୁ ଆଜୀବନ ଜେଲ


ଅଟୋଚାଳକଙ୍କୁ ହତ୍ୟା ମାମଲା

ବ୍ରହ୍ମପୁର,୨୪।୪(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ରେଳ ଷ୍ଟେଶନ ନିକଟରେ ୨୦୦୬ ଅକ୍ଟୋବରରେ ଅଟୋଚାଳକ ଗଣେଶ ସାହୁଙ୍କୁ ହତ୍ୟା କରାଯାଇଥିଲା। ଏହି ମାମଲାର ୧୮ ବର୍ଷ ପରେ ସତୀଶ କୁମାର ମିଶ୍ର ଓରଫ ମଉଜ(୩୯) ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଗଞ୍ଜାମ ଜିଲା ଦୌରାଜଜ୍ ରୂପଶ୍ରୀ ଚୌଧୁରୀ ସାକ୍ଷ୍ୟ ପ୍ରମାଣ ଆଧାରରେ ମାମଲାର ଶୁଣାଣି କରି ମଉଜଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ପୂର୍ବରୁ ଏହି ମାମଲାରେ ୫ ଜଣଙ୍କୁ ଆଜୀବନ କାରାଦଣ୍ଡ ମିଳିଥିବା ବେଳେ ମଉଜ ୮ ବର୍ଷ ହେଲା ଫେରାର ଥିଲେ। ଜାମିନ ବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲୁ) ବଳରେ ଗୋଷାଣି ନୂଆଗାଁ ପୋଲିସ ଗତ ୧୪ ତାରିଖରେ ତାଙ୍କୁ ଜଟଣୀ ଅଞ୍ଚଳରୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ମଉଜଙ୍କ ନାମରେ ଏବେ ବି ବହୁଚର୍ଚ୍ଚିତ ଶାନ୍ତି ମିଶ୍ର ହତ୍ୟା ମାମଲା ସମେତ ୪ଟି ମାମଲାରେ ଏନ୍‌ବିଡବ୍ଲୁ ରହିଛି।

୨୦୦୬ ଅକ୍ଟୋବର ୬ ତାରିଖ ରାତି ପ୍ରାୟ ୧୧ଟାରେ ବ୍ରହ୍ମପୁର ରେଳଷ୍ଟେଶନ ନିକଟରେ ଅଟୋ ଚାଳକ ଗଣେଶଙ୍କୁ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସଂଘବଦ୍ଧ ଭାବେ ହତ୍ୟା କରାଯାଇଥିଲା। ମଉଜ, ଶଙ୍କର ବେହେରାଙ୍କ ସମେତ ୬ଜଣ ଯୁବକ ତାଙ୍କ ଉପରକୁ ବୋମା ଫିଙ୍ଗିଥିଲେ। ବୋମା ମାଡ଼ରେ ଗଣେଶ ତଳେ ପଡ଼ିଯିବା ପରେ ସେମାନେ ତାଙ୍କୁ ଖଣ୍ଡାରେ ହାଣିପକାଇଥିଲେ। ଗୁରୁତର ଅବସ୍ଥାରେ ଗଣେଶଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସରକାରୀ ରେଳବାଇ ପୋଲିସ ୨୫/୦୬ରେ ହତ୍ୟା ମାମଲା ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ ପର୍ଯ୍ୟାୟକ୍ରମେ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ପରେ ସେମାନେ ଜାମିନ ପାଇଥିଲେ। ୨୦୧୧ରେ ମାମଲାର ରାୟ ପ୍ରକାଶ ବେଳେ ଶଙ୍କର ଓ ମଉଜଙ୍କ ବ୍ୟତୀତ ଅନ୍ୟ ୪ ଅଭିଯୁକ୍ତ କୋର୍ଟରେ ହାଜର ହୋଇଥିଲେ। ସେମାନଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ଶଙ୍କର ଏବଂ ମଉଜଙ୍କ ବିରୋଧରେ ଏନ୍‌ବିଡବ୍ଲୁ ଜାରି କରିଥିଲେ। ୨୦୨୩ ମେ ୨୧ରେ ପୋଲିସ ଶଙ୍କରଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। କୋର୍ଟ ମାମଲାର ଶୁଣାଣି କରି ତାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ଗତ ୧୪ ତାରିଖରୁ ଗିରଫ ହୋଇ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିବା ମଉଜଙ୍କୁ ଗୁରୁବାର ରାୟ ପ୍ରକାଶ ବେଳେ କୋର୍ଟରେ ହାଜର କରାଯାଇଥିଲା। ୧୬ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଜଜ୍ ତାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସରକାରଙ୍କ ତରଫରୁ କ୍ୟାଡର୍ ପିପି ତ୍ରିଲୋଚନ ପରିଡ଼ା ମକଦ୍ଦମା ପରିଚାଳନା କରିଥିଲେ।

# ୨ଶହ ଟଙ୍କା ପାଇଁ ପୁଅର କାଠବେଷ୍ଟ ମାଡ଼ରେ ବାପ ମୃତ

ରାଉରକେଲା,୨୪।୪(ସଙ୍ଗୀତା ଜେନା)


ଗିରଫ ଅଭିଯୁକ୍ତ

ଦକ୍ଷିଣ ରାଉରକେଲା ଟାଙ୍ଗରପାଲି ଥାନା ଅନ୍ତର୍ଗତ ଆଇଡିଏଲ୍ ଗୋପବନ୍ଧୁନଗରରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ୨ଶହ ଟଙ୍କା ଦେବାକୁ ରାଜି ନ ହେବାରୁ ପୁଅର କାଠବେଷ୍ଟ ମାଡ଼ରେ ବାପାଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗୋପବନ୍ଧୁନଗରର ଗଗନ ବିହାରୀ ମଲ(୬୨)। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ପୁଅ ସନ୍ତୋଷ ମଲ(୨୪)ଙ୍କୁ ଗିରଫ କରିଛି। ଏ ନେଇ ସମ୍ପୃକ୍ତ ଥାନାରେ ଏକ ମାମଲା (ନଂ.୮୯/୨୫) ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯିବ ବୋଲି ଥାନାଧିକାରୀ ନିରଞ୍ଜନ ସେଠୀ ପ୍ରକାଶ କରିଛନ୍ତି।

ପୋଲିସ ସୂଚନା ଅନୁସାରେ, ଗୋପବନ୍ଧୁନଗରରେ ଗଗନ ୨ ପୁଅଙ୍କ ସହ ରହୁଥିଲେ ଏବଂ ଆଇଡିଏଲ୍ ଛକରେ ଏକ ପାନଦୋକାନ କରି ପରିବାର ପ୍ରତିପୋଷଣ କରୁଥିଲେ। ଗୁରୁବାର ମଧ୍ୟାହ୍ନ ୧୨ଟାରେ ସାନପୁଅ ସନ୍ତୋଷ ଘରେ ତିଆରି ହୋଇଥିବା ଖାଦ୍ୟରେ ଅସନ୍ତୁଷ୍ଟ ହୋଇ ତାହା ଗ୍ରହଣ କରି ନ ଥିଲେ। ପରେ ସେ ପାନଦୋକାନକୁ ଯାଇ ଗଗନଙ୍କୁ ୨ଶହ ଟଙ୍କା ମାଗିଥିଲେ। ଗଗନ ଟଙ୍କା ଦେବାକୁ ମନା କରିବାରୁ ସନ୍ତୋଷ ଦୋକାନ ଭିତରେ ଥିବା ଏକ କାଠବେଷ୍ଟରେ ତାଙ୍କ ମୁଣ୍ଡ ପଛପଟକୁ ପିଟି ଦେଇଥିଲେ। ଫଳରେ ଗଗନ ତଳେ ପଡ଼ିଯାଇଥିଲେ। ଏହାପରେ ସେ ବାପାଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ସ୍ଥାନୀୟ ଲୋକେ ଗଗନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆର୍‌ଜିଏଚ୍ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ସ୍ତ୍ରୀ ପ୍ରମିଳା ମଲ(୬୦) ଏ ନେଇ ଥାନାରେ ଏତଲା ଦେଇଛନ୍ତି।

## ଦୋକାନ ଉପରେ ବୋମାମାଡ଼ କରି ମରଣାନ୍ତକ ଆକ୍ରମଣ

ଟାଙ୍ଗୀ,୨୪।୪(ରଘୁନାଥ ସାହୁ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅଧୀନ କୁହୁଡ଼ି ବସ୍‌ଷ୍ଟାଣ୍ଡସ୍ଥିତ ଏକ ଗ୍ରୋସେରି ଦୋକାନ ଉପରେ ବୁଧବାର ରାତିରେ ବୋମାମାଡ଼ ହୋଇଛି। ଏଥିସହ ଦୁର୍ବୃତ୍ତମାନେ ଦୋକାନୀ କୁହୁଡ଼ି ଗ୍ରାମର ଲକ୍ଷ୍ମୀଧର ବରାଡ଼ଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଫଳରେ ସେ ଗୁରୁତର ହୋଇପଡ଼ିଥିଲେ। ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱରର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ସୂଚନା ମୁତାବକ, ଲକ୍ଷ୍ମୀଧର ବୁଧବାର ରାତିରେ ଶୋଇଥିବା ବେଳେ ତାଙ୍କ ଦୋକାନ ଉପରକୁ ଦୁର୍ବୃତ୍ତମାନେ ବୋମାମାଡ଼ କରିଥିଲେ। ବୋମାମାଡ଼ ପରେ ଲକ୍ଷ୍ମୀଧର ବାହାରକୁ ଆସିଥିଲେ। ଦୁର୍ବୃତ୍ତମାନେ ହଠାତ୍ ତାଙ୍କୁ ମଧ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଫଳରେ ସେ ଗୁରୁତର ହୋଇପଡ଼ିଥିଲେ। ଚିକିତ୍ସା ପାଇଁ ତାଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ଭୁବନେଶ୍ୱରର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ ଟାଙ୍ଗୀ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ତେବେ ବୋମାମାଡ଼ର କାରଣ ଅସ୍ପଷ୍ଟ ରହିଛି। ଅନ୍ୟପଟେ ତୁରନ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବାକୁ ସାଧାରଣରେ ଦାବି ହେଉଛି।

## କାଜୁ ଜଙ୍ଗଲରୁ ଅଚିହ୍ନା ଦିବ୍ୟାଙ୍ଗ ମହିଳାଙ୍କ ମୃତଦେହ ଜବତ

ଜଟଣୀ,୨୪।୪(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ଥାନା ଅନ୍ତର୍ଗତ କଣ୍ଡିଆ ଗ୍ରାମସ୍ଥିତ କାଜୁ ଜଙ୍ଗଲ ପରିସରରୁ ଗୁରୁବାର ପୋଲିସ ଜଣେ ଦିବ୍ୟାଙ୍ଗ ମହିଳାଙ୍କ ଗଳିତ ମୃତଦେହ ଜବତ କରିଛି। ତେବେ ମୃତାଙ୍କ ପରିଚୟ ମିଳିପାରି ନାହିଁ। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୫/୨୫) ରୁଜୁକରି ତଦନ୍ତ ଜାରି ରଖିଛି। ସୂଚନା ମୁତାବକ, ଗ୍ରାମର କେତେଜଣ ବ୍ୟକ୍ତି ଉକ୍ତ କାଜୁ ଜଙ୍ଗଲକୁ ଶୌଚ ପାଇଁ ଯାଇଥିଲେ। ସେଠାରେ ଏକ ମୃତଦେହ ପଡ଼ିଥିବା ଦେଖି ଥାନାକୁ ଜଣାଇଥିଲେ। ମୃତଦେହଟି ପଚି ଦୁର୍ଗନ୍ଧ ହେଉଥିଲା। ପୋଲିସ ପହଞ୍ଚି ମୃତଦେହ ଏବଂ ଅନତି ଦୂରରେ ପଡ଼ିଥିବା ଏକ ଆଶାବାଡ଼ି ଜବତ କରିଛି। ତେବେ ଦିବ୍ୟାଙ୍ଗ ମହିଳାଙ୍କୁ ହତ୍ୟା କରାଯାଇଛି ନା ସେ ଆତ୍ମହତ୍ୟା କରିଛନ୍ତି ସେ ନେଇ ପୋଲିସ ତଦନ୍ତ ଚଳାଇଛି।

# ପୋଲିସ ଗୁଳିରେ ଦେବାଶିଷ ଆହତ

■ କାଙ୍କଡ଼ପାଳଠାରେ ହତ୍ୟା ଯୋଜନା ବେଳେ ପୋଲିସର ଚଢ଼ାଉ
■ ପିଛା କରିବା ସମୟରେ ପୋଲିସ ଉପରକୁ ଗୁଳି
■ ବାଇକ୍‌ରେ ଖସିଗଲେ ଅନ୍ୟ ୩ ସହଯୋଗୀ

ଢେଙ୍କାନାଳ,୨୪।୪(ରତନ ନାୟାର)


ହସ୍ପିଟାଲରେ ଦେବାଶିଷ ବେହେରା

ଢେଙ୍କାନାଳ ଜିଲା ସଦର ଥାନା ଭାପୁର ରାସ୍ତାର ମଙ୍ଗଳପୁର ନିକଟରେ ବୁଧବାର ବିଳମ୍ବିତ ରାତିରେ ପୋଲିସ ଓ ଅପରାଧୀଙ୍କ ମଧ୍ୟରେ ହୋଇଛି ଗୁଳି ବିନିମୟ। ପୋଲିସ ଗୁଳିରେ ଆହତ ହୋଇଛନ୍ତି ଦୁର୍ଦ୍ଦାନ୍ତ ଅପରାଧୀ ତଥା କିଙ୍ଗ୍ ଅଫ୍ ଫରେଷ୍ଟ ଗ୍ୟାଙ୍ଗର ସକ୍ରିୟ ସଦସ୍ୟ କାମାକ୍ଷାନଗର ଅନନ୍ତପୁରର ହଣ୍ଡ ଓରଫ୍ ଦେବାଶିଷ ବେହେରା(୨୯)। କାମାକ୍ଷାନଗରରେ ଗୋରୁହାଟ ନିଲାମ ନେଇଥିବା ସୁବାସ ଖୁଣ୍ଟିଆଙ୍କୁ ହତ୍ୟା ପାଇଁ ଦେବାଶିଷ ଓ ଅନ୍ୟ ୩ ସହଯୋଗୀ କାଙ୍କଡ଼ପାଳଠାରେ ରାତିରେ ଯୋଜନା କରୁଥିବା ବେଳେ ପୋଲିସ ସେଠାରେ ପହଞ୍ଚି ତାହାକୁ ବିଫଳ କରିଦେଇଛି। ତେବେ ଘଟଣାସ୍ଥଳରୁ ଦେବାଶିଷଙ୍କ ସହଯୋଗୀ କାଙ୍କଡ଼ପାଳ ଗ୍ରାମର ଲିପୁନ ସାସମଲ ଓ ଅନ୍ୟ ୨ ଜଣ ଫେରାର ହୋଇଯାଇଛନ୍ତି। ପୋଲିସ ଆହତ ଦେବାଶିଷଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ସ୍ଥାନାନ୍ତର କରିଛି। ଦେବାଶିଷଙ୍କ ଡାହାଣ ଗୋଡ଼ ଆଣ୍ଠୁତଳେ ଗୁଳି ବାଜିଥିବା ଜଣାପଡ଼ିଛି।

ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ କହିଛନ୍ତି, କାମାକ୍ଷାନଗର ଅଞ୍ଚଳରେ ଏକ ଗୋରୁହାଟ ନିଲାମକୁ ନେଇ ଦୁର୍ଦ୍ଦାନ୍ତ ଦେବାଶିଷ ଓ ଏକଦା ତାଙ୍କର ସହଯୋଗୀ ଥିବା ସୁବାସଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା। ଉକ୍ତ ଗୋରୁ ହାଟକୁ ଗତବର୍ଷ ଦେବାଶିଷଙ୍କ ବାପା ନିଲାମ ନେଇଥିବା ବେଳେ ଚଳିତବର୍ଷ ସୁବାସ ନିଲାମ ନେଇଛନ୍ତି। ତେଣୁ ସୁବାସଙ୍କୁ ଜୀବନରୁ ମାରି ଦେବା ପାଇଁ ଦେବାଶିଷ କଟକରେ ଯୋଜନା କରିଥିଲେ। ଦେବାଶିଷ ଓ ଲିପୁନଙ୍କ ସହ କଟକରୁ ୨ଜଣ ସହଯୋଗୀ କାଙ୍କଡ଼ପାଳଠାରେ ଥିବା ଏକ କୁକୁଡ଼ା ଫାର୍ମ ନିକଟରେ ଏଥିପାଇଁ ରାତିରେ ପ୍ରସ୍ତୁତି କରିଥିଲେ। ଖବରପାଇ ଢେଙ୍କାନାଳ ପୋଲିସ ଘଟଣାସ୍ଥଳରେ ଚଢ଼ାଉ କରିବାରୁ କଟକରୁ ଆସିଥିବା ୨ ସହଯୋଗୀ ବାଇକ୍ ଯୋଗେ ତରଭା ଗ୍ରାମ ଦେଇ ଫେରାର ହୋଇଯାଇଥିଲେ। ଦେବାଶିଷ ଓ ଲିପୁନ ଆଉ ଏକ ବାଇକ୍‌ରେ ଢେଙ୍କାନାଳ ଠାରୁ ଭାପୁର ରାସ୍ତାରେ ୧୦ କିଲୋମିଟର ପଳାଇଥିବା ବେଳେ ପୋଲିସ ସେମାନଙ୍କ ପିଛା କରିଥିଲା। ଏହି ସମୟରେ ଆତ୍ମସମର୍ପଣ କରିବାକୁ କହିବାରୁ ମଙ୍ଗଳପୁର ନିକଟସ୍ଥ ରାସ୍ତାରେ ଦେବାଶିଷ ପୋଲିସ ଉପରକୁ ଗୁଳିଚାଳନା କରିଥିଲେ। ପୋଲିସ ପାଲଟା ଗୁଳି କରିବାରୁ ଗୋଟିଏ ଗୁଳି ଦେବାଶିଷଙ୍କ ଡାହାଣ ଗୋଡ଼ ଆଣ୍ଠୁତଳେ ବାଜିଥିଲା। ସଦର ଥାନା ଅଧିକାରୀ ପ୍ରିୟବ୍ରତ ଦାସ, ଇନ୍ସପେକ୍ଟର ଜିତେନ୍ଦ୍ର ମଲ୍ଲିକ, ଟାଉନ ଥାନା ଅଧିକାରୀ ପ୍ରଭାତ ସାହୁ, ଭାପୁର ଫାଣ୍ଡି ଅଧିକାରୀ ପ୍ରଦୀପ ପାତ୍ର ପ୍ରମୁଖ ଏହି ଚଢ଼ାଉ କରିଥିବା ବେଳେ ଭାପୁର ଫାଣ୍ଡି ଅଧିକାରୀ ପ୍ରଦୀପ ପାତ୍ର ଗୁଳି କରିଥିଲେ। ଘଟଣାସ୍ଥଳରୁ ଏକ ବନ୍ଧୁକ ଓ ଏକ ଫୁଟା ଗୁଳିକୁ ପୋଲିସ ଜବତ କରିଛି। ଫୁଟା ଗୁଳିଟି ପୋଲିସର ହୋଇଥିବା ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତରୁ ଜଣାପଡ଼ିଥିବା ବେଳେ ଦେବାଶିଷଙ୍କ ପକ୍ଷରୁ ଗୋଟିଏ ଅଫୁଟା ଗୁଳି ଜବତ ହୋଇଛି। ଢେଙ୍କାନାଳ ଜିଲାରେ ପୋଲିସ ଓ ଅପରାଧୀଙ୍କ ମଧ୍ୟରେ ଗୁଳିବିନିମୟ ହେବା ଏହା ଦ୍ୱିତୀୟ ଘଟଣା। ଦେବାଶିଷଙ୍କ ନାମରେ ବିଲଡରଙ୍କ ଠାରୁ ବଟି ଆଦାୟ, ଲୁଟ୍, ଛିନତାଇ, ଗୁଳି ଓ ବୋମାମାଡ଼ ଭଳି ୧୮ଟି ବଡ଼ ଧରଣର ଅପରାଧ ମାମଲା ରହିଛି। ପ୍ରାୟ ୨ବର୍ଷ ତଳେ କାମାକ୍ଷାନଗର ଅଞ୍ଚଳର ଜଣେ ଯୁବ ବିଜେଡି ନେତାଙ୍କୁ ଢେଙ୍କାନାଳ ସହରରେ ଦେବାଶିଷ ଗୁଳିମାଡ଼ କରି ଅପହରଣ ଉଦ୍ୟମ କରିଥିଲେ। ଅପରାଧୀମାନେ ହତିଆର ଛାଡ଼ି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ପାଇଁ ଅପିଲ କରୁଛୁ ବୋଲି ଅତିରିକ୍ତ ଏସ୍‌ପି କହିଛନ୍ତି।


ODISHA PUBLIC SERVICE COMMISSION, CUTTACK

NOTICE

No.2712 / P.S.C., Dt.24.04.2025
(1R-34-2024/25) (DR-V)

**No.D-31:** It is for information of all concerned that, document verification of candidates having **PPSAN** mentioned below for the post of **Associate Professor in Mechanical Engineering**, pursuant to Advertisement No.32 of 2023-24 shall be held from **05.05.2025 to 15.05.2025 (except 10.05.2025, 11.05.2025 & 12.05.2025)** as per the following programme in the Office of the Commission at 19, Dr. P.K. Parija Road, Cuttack-753001.

PROGRAMME OF DOCUMENT VERIFICATION

| Date | Time of Verification | PPSAN |
|---|---|---|
| 05.05.2025 | 10.30 A.M. | P220034366, P220085403, P220087283 & P230165418 = **04 Candidates** |
| | 02.30 P.M. | P230169824, P230177804 & P230177924 = **03 Candidates** |
| 06.05.2025 | 10.30 A.M. | P230182731, P230187086, P230187231 & P230234742 = **04 Candidates** |
| | 02.30 P.M. | P240294700, P240295521 & P240299927 = **03 Candidates** |
| 07.05.2025 | 10.30 A.M. | P240301403, P240301434, P240301661 & P240301703 = **04 Candidates** |
| | 02.30 P.M. | P240301798, P240301994 & P240302034 = **03 Candidates** |
| 08.05.2025 | 10.30 A.M. | P240302121, P240302725, P240302745 & P240303155 = **04 Candidates** |
| | 02.30 P.M. | P240303686, P240303819 & P240303875 = **03 Candidates** |
| 09.05.2025 | 10.30 A.M. | P240303899, P240303927, P240303962 & P240304007 = **04 Candidates** |
| | 02.30 P.M. | P240304269, P240304390 & P240304475= **03 Candidates** |
| 13.05.2025 | 10.30 A.M. | P240304540, P240305063, P240305684 & P240305776 = **04 Candidates** |
| | 02.30 P.M. | P240306336, P240306470 & P240306737= **03 Candidates** |
| 14.05.2025 | 10.30 A.M. | P240306740, P240306756, P240308491 & P240308616 = **04 Candidates** |
| | 02.30 P.M. | P240308850, P240309794 & P240310039 = **03 Candidates** |
| 15.05.2025 | 10.30 A.M. | P240310401, P240311817 & P240311917= **03 Candidates** |
| | 02.30 P.M. | P240312350 & P240312378 = **02 Candidates** |

The candidates are required to submit the following documents (both original & one set of photo-copies) at the time of verification:-

1. The hard copies of **online application forms** indicating their **PPSAN at the top right-hand corner.**
2. Four recent passport size photographs (unsigned & unattested) which has been uploaded with online application form.
3. Duly filled in & attested **"Attestation Form"** and duly filled in **"Bio-data Form"** (downloaded from the website of the Commisison).
4. H.S.C. or equivalent Certificate in support of declaration of age issued by the concerned Board/ Council.
5. Bachelor's Degree (BE/B.Tech.) Certificate issued by the recognized University in the relevant branch.
6. M.E./ M.Tech./M.S./ Integrated M.Tech Certificate issued by the recognized University in the relevant branch.
7. Ph.D. Degree Certificate.
8. Mark-lists in support of all the aforesaid examination (i.e. H.S.C. to Ph.D.) issued by the concerned Board/ Council/ University/ Institution.
9. Research Papers.
10. Reasearch Publications.
11. Experience Certificate in support of having minimum 8 years of experience in teaching/research/industry (level 10, entry pay 57770).
12. Experience Certificate in support of having minimum of 02 years of post- Ph.D. experience.
13. Caste Certificate wherever applicable.
14. **No Objection Certificate** from the competent authorities in case of Government Servants.
15. Any proof of identity.
16. Copies of all the Documents in support of Research Score as provided in Annexure-A (Table-2) of Advt. No. 32 of 2023-24.
17. Any other documents as mentioned in para-09 of Advt. No.32 of 2023-24.

The candidates are advised to report in the Office of the Commission **half an hour before the commencement of verification** on the scheduled date & time as mentioned above.

**Note:-** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the document verification does not reserve any right for selection.

**Sd./- Secretary**

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଅର୍ଚ୍ଚିତା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ହାଇକୋର୍ଟରେ ଶୁଣାଣି ଶେଷ, ରାୟ ସଂରକ୍ଷିତ

## ଦଳିତ ମହିଳାଙ୍କ ୨୮ କୋଟି କ୍ଷତିପୂରଣ ଅର୍ଥ ହଡ଼ପ ମାମଲା

**କଟକ,୨୪।୪(କାର୍ତ୍ତିକ ସାହୁ)** କେନ୍ଦୁଝର ଜିଲା ଜାତୀୟ ରାଜପଥ-୬ ଅଧୀନ ସିଙ୍ଗରା-ବିଞ୍ଝାବାହାଲ ୪ ଲେନ୍ ରାସ୍ତା ସମ୍ପ୍ରସାରଣରେ ଜମି ଅଧିଗ୍ରହଣ ପରେ ଜମି ହରାଇଥିବା ଦଳିତ ପରିବାରର ୨୮ କୋଟି ଟଙ୍କା କ୍ଷତିପୂରଣ ଅର୍ଥ ହଡ଼ପ ନେଇ ରୁଜୁ ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି ଗୁରୁବାର ହାଇକୋର୍ଟରେ ହୋଇଛି। ବିଚାରପତି ଡ. ସଞ୍ଜୀବ କୁମାର ପାଣିଗ୍ରାହୀଙ୍କ ଖଣ୍ଡପୀଠ ମାମଲାର ଶୁଣାଣି ଶେଷ କରିଥିବା ବେଳେ ରାୟ ସଂରକ୍ଷିତ ରଖିଛନ୍ତି।

ଦଳିତ ମହିଳାଙ୍କ କ୍ଷତିପୂରଣ ଅର୍ଥ ହଡ଼ପ ଅଭିଯୋଗ ମାମଲାରେ ରାଜ୍ୟ ସରକାରଙ୍କ ପକ୍ଷରୁ ହାଇକୋର୍ଟରେ ସତ୍ୟପାଠ ଦାଖଲ ହୋଇଥିଲା। ଦଳିତଙ୍କ ସମ୍ପତ୍ତି ସବର୍ଣ୍ଣ ବ୍ୟକ୍ତିଙ୍କୁ ପ୍ରଦାନ ବେଳେ ଓଏଲ୍ଆର୍ ଧାରା ୨୨କୁ କିପରି ଉଲ୍ଲଂଘନ କରାଗଲା ବୋଲି ଆବେଦନକାରୀଙ୍କ ପକ୍ଷରୁ ପୂର୍ବ ଶୁଣାଣିରେ ପ୍ରଶ୍ନ ଉଠାଯାଇଥିଲା। ଅଦାଲତଙ୍କ ଆଦେଶକ୍ରମେ କେନ୍ଦୁଝର ଉପଜିଲାପାଳ ଉମାଶଙ୍କର ଦଳାଇ ବ୍ୟକ୍ତିଗତ ଭାବେ ହାଜର ହୋଇ ୨୮ ପୃଷ୍ଠା ବିଶିଷ୍ଟ ସତ୍ୟପାଠ ଦାଖଲ କରିଥିଲେ।


## ସପ୍ତମ ଜନ୍ମଦିନ ଶୁଭେଚ୍ଛା



**ସାଇ, ଶ୍ରଦ୍ଧା**
ଆଦିମାତା କଲୋନୀ, ଭୁବନେଶ୍ୱର
ଜଗତର ନାଥ ଶ୍ରୀଜଗନ୍ନାଥ ଓ ସଦ୍‌ଗୁରୁ ଶ୍ରୀ ସାଇନାଥ ମହାରାଜାଙ୍କ କରୁଣାରୁ ତୁମର ଚଲାପଥ କୁସୁମିତ ହେଉ। ତୁମେ ଦୁଇଜଣ ସଫଳତାର ଶୀର୍ଷ ସୋପାନରେ ପହଞ୍ଚଯାଅ। ଆଜିର ଶୁଭଜନ୍ମଦିନ ଅବସରରେ ଏତିକି ପ୍ରାର୍ଥନା।
ଶୁଭେଚ୍ଛା ସହ: ଜେଜେବାପା, ଜେଜେମା', ଅଜା, ଆଈ, ପାପା, ମାମା, କକେଇ, ବଡ଼ନାନୀ, ପିଉସୀ, ଗୁନୁମମି, ମାମୁ, ମାଇଁ, ତିତିଲିଦିଦି, ଇଶାନ ଓ ଇଭାନ।
ଧ-୭୬୦୫୨

## HAPPY BIRTHDAY



**Archita Mishra (Rini)**
(Founder) Creator
"24X7 Always Alert Social Group" & "All is Well (Group)"
ଜନ୍ମ ବାର୍ଷିକ ଅବସରରେ ଭଗବାନ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା, ଆପଣଙ୍କ ଚଲାପଥ କୁସୁମିତ ହେବା ସହିତ ଆପଣଙ୍କ ଏକମାତ୍ର ପୁତ୍ର ଶ୍ରୀ ଶିବାଶିଷ ମିଶ୍ର ଙ୍କର ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ ଏବଂ ଆପଣ ଓ ଆପଣଙ୍କ ପରିବାର ଦୀର୍ଘାୟୁ ହୁଅନ୍ତୁ। ଆପଣଙ୍କ ଆଶୀର୍ବାଦ ଆମ ସଂଗଠନ ସହିତ ଯୋଡ଼ିହୋଇ ରହୁ।
ଶୁଭେଚ୍ଛା ସହ: (କର୍ମଚାରୀ ବୃନ୍ଦ)
Mob. No.- 9861375760
ଧ-୨୭୭


## ଆଜି ବିଶ୍ୱ ମ୍ୟାଲେରିଆ ଦିବସ

# ମ୍ୟାଲେରିଆର ବିନାଶ କରିପାରିବା

ମ୍ୟାଲେରିଆ ଜ୍ୱର ସାଧାରଣତଃ ବର୍ଷା ଋତୁରେ ଦେଖାଦେଇଥାଏ। ଆବାଳ ବୃଦ୍ଧବନିତା ଏହି ଜ୍ୱରରେ ଆକ୍ରାନ୍ତ ହୋଇଥାନ୍ତି। ଏହାର ଲକ୍ଷଣ ଦେଖାଦେବା ମାତ୍ରେ ତୁରନ୍ତ ପ୍ରତିକାର ବ୍ୟବସ୍ଥା କରିବା ଆବଶ୍ୟକ। ସାରା ପୃଥିବୀରେ ୪ ପ୍ରକାରର ମ୍ୟାଲେରିଆ ପାରାସାଇଟ (ପ୍ଲାସମୋଡିୟମ ଫଲସିଫରମ, ପ୍ଲାସମୋଡିୟମ ଭାଇଭେକ୍ସ, ପି. ଓଭେଲା ଏବଂ ପି. ମ୍ୟାଲେରିଆ) ଦେଖାଯାଇଥାଏ। ଏଥିରୁ ଆମ ଭାରତରେ ପ୍ଲାସମୋଡିୟମ ଫଲସିଫରମ ଓ ପ୍ଲାସମୋଡିୟମ ଭାଇଭାକ୍ସର ପାରାସାଇଟ ଦ୍ୱାରା ଅଧିକ ବ୍ୟକ୍ତି ଆକ୍ରାନ୍ତ ହୋଇଥାନ୍ତି, ଯାହାକି ମାରାତ୍ମକ। ଆମ ଦେଶରେ ଅନେକ ପ୍ରତିକାର, ପ୍ରତିରୋଧ ବ୍ୟବସ୍ଥା ସତ୍ତ୍ୱେ ବହୁ ବ୍ୟକ୍ତି ମ୍ୟାଲେରିଆରେ ମୃତ୍ୟୁବରଣ କରୁଛନ୍ତି।

ପ୍ରତିବର୍ଷ ଏପ୍ରିଲ ୨୫ ତାରିଖକୁ 'ବିଶ୍ୱ ମ୍ୟାଲେରିଆ ଦିବସ' ଭାବରେ ପାଳନ କରାଯାଇ ଆସୁଅଛି। ମ୍ୟାଲେରିଆର ପ୍ରତିକାର ଓ ପ୍ରତିରୋଧ ଲାଗି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ପ୍ରତିବର୍ଷ ଏକ ବାର୍ତ୍ତା ଦିଆଯାଇଥାଏ। ଚଳିତ ବର୍ଷ ଏହି ଦିବସ ନିମନ୍ତେ ବାର୍ତ୍ତା ରହିଛି 'ମ୍ୟାଲେରିଆ ଏଣ୍ଡସ୍ ୱିଥ୍ ଅସ୍: ରିଇନ୍‌ଭେଷ୍ଟ, ରିଇମାଜିନ୍, ରିଇଗ୍ନାଇଟ। ଅର୍ଥାତ୍, ମ୍ୟାଲେରିଆକୁ ଆମେ ଚାହିଁଲେ ବିନାଶ କରିପାରିବା। ଏ ନେଇ ଆମକୁ ଭଲ ଭାବରେ ଚିନ୍ତା କରିବାକୁ ପଡ଼ିବ। ଆମ ଦେଶରୁ ମ୍ୟାଲେରିଆ ଜ୍ୱରଠାରୁ ଦୂରେଇ ରହିବା ନିମନ୍ତେ ବ୍ୟକ୍ତିଗତ,ପାରିବାରିକ,ସାମାଜିକ, ବ୍ଲକ, ଜିଲା, ରାଜ୍ୟସ୍ତରରେ ହାତକୁ ହାତ ମିଶାଇ ଏହାର ପ୍ରତିରୋଧ କରାଯିବାର ଆବଶ୍ୟକତା ରହିଛି। ଯଦ୍ୱାରା ଭାରତ ଏକ ମ୍ୟାଲେରିଆ ମୁକ୍ତ ଦେଶ ହିସାବରେ ସାରା ବିଶ୍ୱରେ ପରିଗଣିତ ହୋଇପାରିବ।



ସୁସ୍ଥ ବ୍ୟକ୍ତି ମ୍ୟାଲେରିଆ ପାରାସାଇଟ (ମ୍ୟାଲେରିଆ ପରଜୀବୀ) ସଂକ୍ରମଣରୁ ହିଁ ମ୍ୟାଲେରିଆ ଜ୍ୱରରେ ଆକ୍ରାନ୍ତ ହୋଇଥାନ୍ତି। ଏହାର ବାହକ ମାଈ ଏନୋଫିଲିସ ମଶା। ଏହି ମଶାର ଲାଳ ଗ୍ରନ୍ଥିରେ ମ୍ୟାଲେରିଆ ପରଜୀବୀ ରହିଥାଏ। ଏହି ମଶା ଜଣେ ସୁସ୍ଥ ବ୍ୟକ୍ତିଙ୍କୁ କାମୁଡିଲେ ସେ ମ୍ୟାଲେରିଆ ଜ୍ୱରରେ ଆକ୍ରାନ୍ତ ହୁଅନ୍ତି। ଏହି ମଶା ମ୍ୟାଲେରିଆ ଆକ୍ରାନ୍ତ ରୋଗୀକୁ କାମୁଡ଼ିବା ଦ୍ୱାରା ମଶା ଦେହକୁ ମ୍ୟାଲେରିଆ ପରଜୀବୀ ପ୍ରବେଶ କରିଥାଏ। ତା'ପରେ ପରଜୀବୀ ମଶାର ଖାଦ୍ୟ ନଳୀରେ ପହଞ୍ଚି ମଶାକୁ ସଂକ୍ରମିତ କରିଥାଏ। ଏହି ସଂକ୍ରମିତ ମଶା ଯେତେବେଳେ ଜଣେ ସୁସ୍ଥ ବ୍ୟକ୍ତିଙ୍କୁ କାମୁଡ଼ି ଥାଏ ସେତେବେଳେ ମ୍ୟାଲେରିଆ ପରଜୀବୀ ମନୁଷ୍ୟର ରକ୍ତ ଭିତରକୁ ପ୍ରବେଶ କରି ୧୪- ୨୧ ଦିନ ଭିତରେ ଲକ୍ଷଣ ପ୍ରକାଶ ପାଇଥାଏ। ପ୍ରଥମେ ଜ୍ୱର ହେବା ସହ ଶରୀରରେ କମ୍ପ ଓ ପ୍ରବଳ ଶୀତ ଏବଂ ମୁଣ୍ଡ ବ୍ୟଥା ସହ ରୋଗୀ ବାଉଳିଚାଉଳି ହୋଇଥାଏ।

ସର୍ବପ୍ରଥମେ ସୁସ୍ଥ ବ୍ୟକ୍ତି ମଶା କାମୁଡ଼ିବାଠାରୁ ନିଜକୁ ଦୂରେଇରଖିବା ଲାଗି ଚେଷ୍ଟା କରନ୍ତୁ। ମାଈ ଏନୋଫିଲିସ ମଶା ରାତିରେ କାମୁଡ଼ି ଥାଏ। ତେଣୁ ମଶାରି ଟାଙ୍ଗି ଶୋଇବା ସହ ଘରେ ଝୁଣା ଧୂପ ଦିଅନ୍ତୁ। ଏହି ମଶା ସ୍ଥିର ସ୍ୱଚ୍ଛ ଜଳରେ ବଂଶବିସ୍ତାର କରିଥାନ୍ତି। ମଶା ୧-୨ କିମି ପରିସୀମା ଭିତରେ ଉଡ଼ି ବ୍ୟକ୍ତିଙ୍କୁ କାମୁଡ଼ିଥାଏ। ଜ୍ୱରର ଲକ୍ଷଣ ଦେଖାଦେବା ମାତ୍ରେ ଡାକ୍ତରଙ୍କ ପରାମର୍ଶ କରି ରକ୍ତ ନମୁନା ପରୀକ୍ଷା ସହ ଔଷଧ ସେବନ କରିବା ଆବଶ୍ୟକ। ପ୍ରତିକାର ସ୍ୱରୂପ ବାସଗୃହର ଚାରିପାଖ ସଫାସୁତୁରା ରଖିବା ସହ କୌଣସି ସ୍ଥାନରେ ପାଣି ଜମି ରହିବାକୁ ଦିଅନ୍ତୁନାହିଁ। ଜଳାଶୟ ଓ ଅନ୍ୟାନ୍ୟ ସ୍ଥାନଗୁଡିକରେ ବ୍ଲିଚିଂ ପାଉଡର ପକାଇବା ସହ ବାସଗୃହରେ ଡିଡିଟି ସିଞ୍ଚନ କରନ୍ତୁ।

**– ଡା. ବସନ୍ତ କୁମାର ଷଡ଼ଙ୍ଗୀ,**
ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଚନ୍ଦାହାଣ୍ଡି, ନବରଙ୍ଗପୁର, ମୋ : ୭୮୯୪୧୧୨୪୮୭

### ରାଜ୍ୟରେ ମ୍ୟାଲେରିଆ ଦୂରୀକରଣ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଚାଲିଛି

ରାଜ୍ୟରେ ମ୍ୟାଲେରିଆ ଏବେ ନିୟନ୍ତ୍ରଣରେ ରହିଛି। ପୂର୍ବାପେକ୍ଷା ସ୍ଥିତିରେ ବହୁ ପରିବର୍ତ୍ତନ ଆସିଥିବାବେଳେ ସରକାର ମଧ ଏହାକୁ ପ୍ରତିହତ କରିବାକୁ ବିଭିନ୍ନ କାର୍ଯ୍ୟପନ୍ଥା ଗ୍ରହଣ କରୁଛନ୍ତି। ଏହି କ୍ରମରେ ନାସ୍‌ନାଲ ଭେକ୍ଟରବର୍ନ ଡିଜିଜ୍ କଣ୍ଟ୍ରୋଲ (ଏନ୍‌ଭିଡିସି) ପ୍ରୋଗ୍ରାମ ଅନ୍ତର୍ଗତ ମ୍ୟାଲେରିଆ ଦୂରୀକରଣ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ଏହାବାଦ୍ 'ଦମନ୍' କାର୍ଯ୍ୟକ୍ରମ ଜରିଆରେ ମଧ ମ୍ୟାଲେରିଆ ଦୂରୀକରଣ ପାଇଁ ପଦକ୍ଷେପ ନିଆଯାଉଛି। ବିଶେଷକରି ଅପହଞ୍ଚ ଇଲାକାରେ 'ଦମନ୍'ଜରିଆରେ ଲୋକଙ୍କୁ ମ୍ୟାଲେରିଆ ମୁକ୍ତ କରାଯାଉଛି। ଭେକ୍ଟର ସର୍ଭିଲାନ୍ସ, ସ୍ୱତନ୍ତ୍ର ଚିକିତ୍ସା ପଦ୍ଧତି ଆଦି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି।

- ଡା. ବିଜୟ କୁମାର ମହାପାତ୍ର, ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

### ଏ ବର୍ଷର ବାର୍ତ୍ତା

ମ୍ୟାଲେରିଆର ନିରାକରଣ ନିମନ୍ତେ ସଚେତନତା ଲାଗି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ହୁ) ପକ୍ଷରୁ ପ୍ରତିବର୍ଷ ଏକ ବାର୍ତ୍ତା ଦିଆଯାଇଥାଏ। ଚଳିତ ବର୍ଷ ଏହି ଦିବସ ଲାଗି ବାର୍ତ୍ତା ରହିଛି 'ମ୍ୟାଲେରିଆ ଏଣ୍ଡସ୍ ୱିଥ୍ ଅସ୍: ରିଇନ୍‌ଭେଷ୍ଟ, ରିଇମାଜିନ୍, ରିଇଗ୍ନାଇଟ। ଅର୍ଥାତ୍, ମ୍ୟାଲେରିଆକୁ ଆମେ ଚାହିଁଲେ ବିନାଶ କରିପାରିବା। ଏ ନେଇ ଆମକୁ ଭଲ ଭାବରେ ଚିନ୍ତା କରିବାକୁ ପଡ଼ିବ।




# ଲକ୍ଷାଧିକ ଅଲିଭରିଡ୍‌ଲେ ଶାବକ ସମୁଦ୍ରମୁହାଁ

**କେନ୍ଦ୍ରାପଡ଼ା, ୨୪।୪ (ଜଗନ୍ନାଥ ଧଳ)** କେନ୍ଦ୍ରାପଡ଼ା ଜିଲା ଭିତରକନିକା ଜାତୀୟ ଉଦ୍ୟାନ ଅନ୍ତର୍ଗତ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ବିରଳ ପ୍ରଜାତିର ସାମୁଦ୍ରିକ କଇଁଛ ଅଲିଭରିଡ୍‌ଲେଙ୍କ ଅଣ୍ଡାରୁ ଶାବକ ଜନ୍ମ ବୁଧବାର ରାତିରୁ ଆରମ୍ଭ ହୋଇଛି। ସାମୁଦ୍ରିକ ନିଷିଦ୍ଧାଞ୍ଚଳରେ ଥିବା ବାବୁବାଲି, ବରୁଣେଇ, ପେଣ୍ଠ, ସାତଭାୟାର ବିସ୍ତୀର୍ଣ୍ଣ ବେଳାଭୂମିରୁ ଲକ୍ଷାଧିକ କଇଁଛ ଶାବକ ସମୁଦ୍ର ମୁହାଁ ହୋଇଛନ୍ତି।

ଏ ସମ୍ପର୍କରେ ଗହୀରମଥା ବନ ଅଧିକାରୀ କପିଳ ପ୍ରଧାନ କହିଛନ୍ତି, ସାଧାରଣରେ ଗୋଟିଏ ଅଲିଭରିଡ୍‌ଲେ ୮୦ରୁ ୧୨୦ ପର୍ଯ୍ୟନ୍ତ ବାଲିରେ ଅଣ୍ଡାଦାନ କରିଥାନ୍ତି। ତେବେ ହଜାରେ ଅଣ୍ଡାରୁ ମାତ୍ର ଗୋଟିଏ ଅଲିଭରିଡ୍‌ଲେ ୫୦ବର୍ଷରୁ ଊର୍ଦ୍ଧ୍ୱ ଜୀବନ ବଞ୍ଚିଥାନ୍ତି।। ପରିବେଶବିତ ସେକ୍ ଚାନ୍ଦ କହିଛନ୍ତି, ଜଳବାୟୁ ପରିବର୍ତ୍ତନ ଆଗାମୀଦିନରେ ଏହି ବିରଳ କଇଁଛଙ୍କ ସମୂହ ନଷ୍ଟର କାରଣ ହେବ। ଜୀବଜନ୍ତୁଙ୍କୁ ଭଲ ପାଇବା ସହ ଗଛ ଲଗାଇବାକୁ ସେ ଆହ୍ୱାନ ଦେଇଛନ୍ତି।


# Classified Everyday

0674-2580101, 9692975378



**REAL ESTATE**

**SALE**

ଭୁବନେଶ୍ୱର- ପିପିଲି **Toll Gate Puri road** ନିକଟରେ **Gharabari Plot** ଏବଂ ନଖରାରେ **3/4 BHK Duplex** ବିକ୍ରିହେବ। **8327785834.** D-76261

ହସପାଲକୁ 11K.M. ସିଙ୍ଗଡ଼ାସାହି ଛକ ପାଖରେ 1300sqft 3,12,000/- ପୁଟ୍ ବିକ୍ରିହେବ। 9114705579. D-76258

**13720sqft Commercial Land with boundary wall sale at NH- 57, Pitapalli Square, Bhubaneswar. 7008634668.** D-76259

Book 3BHK, 4BHK flat Jharapada, near Jagannath Avenue, Canal Road, Bhubaneswar with amenities. Contact: 7978584549. D-76811

**Duplex sale with gated society AIIMS Hospital, Bhubaneswar. 8455909543, 7735579312.** D-76262



**CONSTRUCTION**

Construct your home with branded materials all complete furnishing, price start 1280/- per sqft. 9827152441. D-76812




5800sqft Godown space available at Rasulgarh, beside Esplanade Mall, Bhubaneswar. 9040019183. D-189

Office Accommodation Commercial Hospital premises available Chandrasekharpur, Bhubaneswar, 4000sqft. 9437008388. D-74727

**1000sqft. Office on rent at Jaydev Vihar Square @ 35000/-, one Guest House room @ 15000/- marketing office not allowed. 2years lease only. +91 6371-084018 Sohan.** D-263




**Full body massage experience, good looking therapist @999 (Bhubaneswar). 9078484455.** D-152

Full body massage by odia therapist in homely atmosphere. 9556498382. D-75381

Full body massage by experience therapist with homely atmosphere. 9114559860. D-275

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

**AFFIDAVIT**

By virtue of an affidavit sworn before the Executive Magistrate, Saintala, dated- 24.04.2025, I, Maadhuri Barik, resident of village At- Arjunda, P.O.- Arjunda, P.S.- Puintala, Dist.- Balangir (Odisha), PIN- 767016 declare that I have changed my name from Madhuri Barik to Maadhuri Barik. Henceforth, I shall be known as Maadhuri Barik for all purpose.
Maadhuri Barik D-282

By virtue of an affidavit sworn before the Notary Public, Sundargarh, I, Paulus Kispotta, R/o- At- Sagjor, P.O.- Tangargaon, P.S.- Talsara, Dist.- Sundargarh, Odisha declare that in my daughter Jisha Kispotta, Aadhaar card bearing No.- xxxx xxxx 0239 her surname has been wrongly written as Jisha Tirkey and my name has wrongly written as Suman Tirkey. That now I have changed her surname to Jisha Kispotta and my name also to Paulus Kispotta for all purposes. D-272

By virtue of an affidavit sworn before Executive Magistrate, Tihidi, dt- 11.04.25, I, Sukanti Parida, W/o- Raghunath Parida, At- Barbatia, P.O./ P.S.- Pirhat, Dist.- Bhadrak, declare my L.I.C. Policy bearing No.- 597921854 my name is mentioned as Basanti Behera as per my Educational Certificate. Henceforth, I shall be known as Sukanti Parida for all purpose. D-269

By virtue of an affidavit sworn before Notary Public, Bhubaneswar, dated- 22.04.2025, Address: At- Nuabanta, P.O.- Kalyanpur, P.S.- Nandankanan, Bhubaneswar, Dist.- Khordha, Odisha, PIN- 754001 declare that I have changed my name from Janaki Jena to Janaki Swain. Henceforth, I Shall be known as Janaki Swain for all purposes.
Janaki Swain D-268

I, Smt. Ranjana Pattnaik Alias@Ranjana Patra, W/o-Ramakrishna Patra, @Ramkrushna Patra, Ichhabatiguda, At/P.O.- Nabarangapur, Dist.- Nabarangpur, at present residing at Village/Post.- Dangarpaunsi, P.S.- Kundura, Dist.- Koraput, Vide affidavit No.- 122, date- 23.04.2025 sworn before the Executive Magistrate, Kundra, Dist.- Koraput, have declare that Ranjana Pattnaik and Ranjana Patra is one and same person for all future purposes. D-274

By virtue of an affidavit before Executive Magistrate, Bhadrak on dt- 27.03.2025, I, Tulasi Prusty declared that my daughter's name is wrongly mentioned as Laki Prusty instead of Lucky Prusty. Lucky Prusty and Laki Prusty is same and one person. The correct spelling of the name is Lucky Prusty. D-280

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


By the virtue of an affidavit dt 10.04.2025 before the Court of Executive Magistrate, Bhubaneswar, I, SHRADHASUMAN TRIPATHY, At- Plot No.- 1149/3474, Nirmaal Niwas, Govind Prasad, Rasulgarh, Bhubaneswar- 751010, Dist.- Khurda, Odisha have changed my name from SHRADHASUMAN TRIPATHY to SHRADHA TRIPATHY SEHGAL according to my husband's surname i.e. Manvender Sehgal for all future purposes. D-284

By virtue of an affidavit sworn before Executive Magistrate, Tangi Choudwar, dt- 1.11.24, I, Kanakalata Nayak, W/o- Rabindra Nayak, At- Guali, P.O.- Dalijoda, Berhampur, P.S.- Tangi, Dist.- Cuttack- 754021, Odisha have changed my name from Lata Nayak to Kanakalata Nayak. Henceforth, I shall be known as Kanakalata Nayak for all purposes. D-283

By virtue of an affidavit sworn before Executive Magistrate, Jagatsinghpur, dt- 22.04.2025, I, Prasanna Swain, Address: At- Ordailo, P.O.- Jirailo, P.S.- Erasama, Dist.- Jagatsinghpur, State- Odisha, PIN- 754139 declare that I have changed my daughter's name from Prijna Priti Swain (old name) to Prajna Priti Swain (new name). Henceforth, she shall be known as Prajna Priti Swain (new name) for all purposes.
Prasanna Swain D-273

# ମନେ ପଡ଼ନ୍ତି

**୧୩ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ପ୍ରମୋଦ କୁମାର କର**
ଆବିର୍ଭାବ - ୦୩.୦୨.୧୯୪୪
ତିରୋଧାନ - ୧୯.୦୪.୨୦୧୨
ତୁମର ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୭୬୮୧୪

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ସୁରେଶ ଚନ୍ଦ୍ର ନାୟକ**
ଆବିର୍ଭାବ : ତା.୧୫/୦୨/୧୯୪୯
ତିରୋଧାନ : ତା.୧୫/୦୪/୨୦୨୫
ତୁମେ ଆମକୁ ହଠାତ ଛାଡି ଚାଲିଗଲ, ବିଶ୍ୱାସ ହେଉନାହିଁ। ତୁମ ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
: ଶୋକସନ୍ତପ୍ତ :
ବନ୍ଧୁ ଓ ପରିବାର ବର୍ଗ
ଧ-୨୭୦

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଶାନ୍ତାବାଳା ଜୀ**
ନୂଆଆଳତୁମା, କାମାକ୍ଷାନଗର, ଢେଙ୍କାନାଳ
ଆବିର୍ଭାବ- ୨୪।୦୭।୧୯୪୯
ମହାପ୍ରାଣାୟ- ୧୫।୦୪।୨୦୨୫
ଆଜିକୁ ୧୦ ଦିନ ହୋଇଗଲା, ବିଶ୍ୱାସ ହେଉନି ତୁମେ ଆମକୁ ଛାଡ଼ି ଚାଲିଯାଇଛ। ତୁମର ପ୍ରତିଟି କଥା ଓ କାମ ମନେ ପଡ଼ିଯାଉଛି ଓ ତୁମର ଅନୁପସ୍ଥିତି ଆମକୁ ଅସହ୍ୟ ଦୁଃଖ ଦେଉଛି। ତୁମେ କରୁଥିବା ସଂଗ୍ରାମ ଓ ଜନହିତକର ସେବା କାର୍ଯ୍ୟ ଜାରି ରହିବ। ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:-ହତଭାଗା ସ୍ୱାମୀ, ପୁଅ- ବୋହୂ, ଝିଅ- ଜ୍ୱାଇଁ, ନାତି- ନାତୁଣୀ, ପରିବାର, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ।
ଧ-୨୭୧

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ
classifieddharitri@gmail.com
ରେ ଇମେଲ୍ କରନ୍ତୁ।

# ହକି ପ୍ରତିଭା ଆଜମିନା

ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ରେ ଜେଏସ୍‌ଡବ୍ଲ୍ୟୁ ସୁରମା କ୍ଲବ ପାଇଁ ଭଲ ପ୍ରଦର୍ଶନ କରିବା ପରେ ସିନିୟର ଭାରତୀୟ ମହିଳା ଦଳରେ ସ୍ଥାନ ପାଇଛନ୍ତି ଓଡ଼ିଶାର ପ୍ରତିଭାବାନ ଯୁବ ମିଡ୍‌ଫିଲ୍ଡର ଆଜମିନା କୁଜୁର। ଅଷ୍ଟ୍ରେଲିଆ ବିପକ୍ଷରେ ହେବାକୁ ଥିବା ୫ ମ୍ୟାଚ୍ ବିଶିଷ୍ଟ ସିରିଜରେ ସେ ସୁଯୋଗର ଭରପୂର ଫାଇଦା ଉଠାଇବାକୁ ଲକ୍ଷ୍ୟ ରଖିଛନ୍ତି। ଭାରତୀୟ ମହିଳା ଦଳ ଆସନ୍ତା ୨୬ ଓ ୨୭ ତାରିଖରେ ଅଷ୍ଟ୍ରେଲିଆ ଏ' ସହିତ ଦୁଇଟି ମ୍ୟାଚ୍ ଖେଳିବ। ଏହାପରେ ମେ' ୧, ୩ ଓ ୪ ତାରିଖରେ ପର୍ଥ ହକି ଷ୍ଟାଡିୟମରେ ଅଷ୍ଟ୍ରେଲିଆର ସିନିୟର ମହିଳା ସହିତ ଭାରତୀୟ ଦଳ ୩ଟି ମ୍ୟାଚ ଖେଳିବ।

ବର୍ଷ ଆରମ୍ଭରୁ କୁଜୁରଙ୍କ ପ୍ରତିନିଧିତ୍ୱରେ ଜେଏସ୍‌ଡବ୍ଲ୍ୟୁ ସୁରମା ଏଚ୍‌ଆଇଏଲ୍‌ରେ ରନରଅପ୍ ହୋଇଥିଲା। ସେ ଲିଗ୍‌ର ପ୍ରତ୍ୟେକ ୭ଟି ମ୍ୟାଚ୍‌ରେ ଖେଳିଥିଲେ। ଏହାପରେ ସେ ଓଡ଼ିଶା ପାଇଁ ୧୫ତମ ହକି ଇଣ୍ଡିଆ ସିନିୟର ମହିଳା ଜାତୀୟ ଚାମ୍ପିୟନଶିପ୍‌ରେ ଖେଳିଥିଲେ। ଯଦିଓ ଡିଭିଜନ ଏ'ର ଗ୍ରୁପ୍ ପର୍ଯ୍ୟାୟରୁ ଓଡ଼ିଶା ବିଦାୟ ନେଇଥିଲା ତଥାପି ମିଡ୍‌ଫିଲ୍ଡରେ ତାଙ୍କ ପ୍ରଦର୍ଶନ ଉଲ୍ଲେଖନୀୟ ଥିଲା। କୁଜୁର ୧୧ ବର୍ଷ ବୟସରେ ହକି ଖେଳିବା ଆରମ୍ଭ କରିଥିଲେ। ହକି ଖେଳାଳିଙ୍କ ଅନ୍ତୁଡ଼ିଶାଳ ଭାବେ ପରିଚିତ ଓଡ଼ିଶାର ସୁନ୍ଦରଗଡ଼ ଜିଲାରେ ତାଙ୍କ ଘର। ଗାଁରେ ବାପା ଓ ଭାଇଙ୍କୁ ହକି ଖେଳିବା ଦେଖି ସେ ହକି ଖେଳିବା ଆରମ୍ଭ କରିଥିଲେ। ହକିରେ କ୍ୟାରିୟର କରିବାରେ କୁଜୁରଙ୍କ ବାପା ଖୁବ୍ ସମର୍ଥନ କରିଥିଲେ। ଦୁର୍ଭାଗ୍ୟବଶତଃ, ୨୦୨୧ରେ କୋଭିଡ୍-୧୯ ମହାମାରୀରେ ତାଙ୍କ ବାପାଙ୍କର ଦେହାନ୍ତ ଘଟିଥିଲା। ମୋ ବାପା ଓ ଭାଇ ହକି ଖେଳୁଥିଲେ। ମୁଁ ସେମାନଙ୍କୁ ଖେଳୁଥିବା ଦେଖିଲି। ଏଣୁ ଖେଳ ପ୍ରତି ମୋ ଇଚ୍ଛା ସୃଷ୍ଟି ହୋଇଥିଲା। ଏବେ ମୋ ବାପା ନାହାନ୍ତି। ମୁଁ ତାଙ୍କ ଲାଗି ଏବଂ ତାଙ୍କୁ ଗର୍ବିତ କରିବା ପାଇଁ ହକି ଖେଳୁଛି। ଏହା ହିଁ ମୋର ସବୁଠୁ ବଡ଼ ମୋଟିଭେଶନ ବୋଲି ସେ କହିଛନ୍ତି।

"ମୋତେ ଏବେ ଖେଳିବାକୁ ସୁଯୋଗ ମିଳିଥିବାରୁ ମୁଁ କୃତଜ୍ଞ। ମୋତେ ଶତ ପ୍ରତିଶତ ଦେବାକୁ ପଡ଼ିବ। ଦୁଇ ବର୍ଷ ତଳେ ମୁଁ ଜାତୀୟ ଦଳର କ୍ୟାମ୍ପରେ ସ୍ଥାନ ପାଇଥିଲି। ହେଲେ ଚୂଡ଼ାନ୍ତ ଦଳରେ ସ୍ଥାନ ମିଳି ନ ଥିଲା। ବର୍ତ୍ତମାନ ମୋତେ ସୁଯୋଗ ଦିଆଯାଇଛି। ମୁଁ ଏହି ସୁଯୋଗର ଭରପୂର ଫାଇଦା ଉଠାଇବାକୁ ଚାହେଁ" ବୋଲି କୁଜୁର ଅଷ୍ଟ୍ରେଲିଆରେ ପହଞ୍ଚିବା ପରେ କହିଛନ୍ତି। ଏହି ଟୁର ଲାଗି କୁଜୁର ବେଙ୍ଗାଲୁରୁର ସାଇ କେନ୍ଦ୍ରରେ ସିନିୟର ଜାତୀୟ କ୍ୟାମ୍ପରେ ମାର୍ଚ୍ଚ ୨୩ରୁ ପ୍ରସ୍ତୁତି କରୁଥିଲେ। ଏ ସମ୍ପର୍କରେ ସେ ପ୍ରକାଶ କରିଛନ୍ତି ଯେ, ସିନିୟରଙ୍କ ସହିତ ଟ୍ରେନିଂ କରିବାର ସୁନ୍ଦର ଅଭିଜ୍ଞତା ମିଳିଥିଲା। ମୁଁ ଅନେକ କିଛି ଶିଖିବାକୁ ପାଇଲି ଓ ଆଗକୁ ଦଳ ଲାଗି ଖେଳିବାକୁ ଉତ୍ସାହିତ ଅଛି। ପ୍ରତ୍ୟେକ ଖେଳାଳି ପରସ୍ପର ସହ ଟ୍ରେନିଂକୁ ଉପଭୋଗ କରିଥିଲେ। ବର୍ତ୍ତମାନ ଅଷ୍ଟ୍ରେଲିଆ ବିପକ୍ଷରେ ନିଜର ଶ୍ରେଷ୍ଠ ପ୍ରଦର୍ଶନ କରିବାର ସମୟ। ସିନିୟର ଖେଳାଳିମାନେ ଖୁବ୍ ସାହାଯ୍ୟ କରିଥିଲେ। ମୁଖ୍ୟତଃ ସୁଶିଳା ଦି (ସୁଶିଳା ଚାନୁ) କ୍ୟାମ୍ପ ବେଳେ ମୋତେ ଖୁବ୍ ସମର୍ଥନ କରିଥିଲେ। ମୋର ପ୍ରତ୍ୟେକ ଭୁଲ ପରେ ମୋତେ ମୋ ଷ୍ଟ୍ରେନ୍ଥରେ ଖେଳିବା ଶିଖାଇଥିଲେ। ମୁଁ ମୋ ଖେଳକୁ ନେଇ ବହୁତ ଚିନ୍ତା କରୁଥିଲି। କିନ୍ତୁ ସିନିୟର ଖେଳାଳିମାନେ ଖୁବ୍ ସାହାଯ୍ୟ କରିଥିଲେ। ଏବେ ମୋର ଆତ୍ମବିଶ୍ୱାସ ଖୁବ୍ ବୃଦ୍ଧି ପାଇଛି। ମୁଁ ମୋ ଫିଟ୍‌ନେସ ଉପରେ ଅଧିକ ଗୁରୁତ୍ୱ ଦେଉଛି। ଯାହାଫଳରେ ମୋ ପ୍ରଦର୍ଶନରେ ସୁଧାର ଆସିଛି ବୋଲି ୨୩ ବର୍ଷୀୟା କୁଜୁର କହିଛନ୍ତି।

**ମୋ ବାପା ଓ ଭାଇ ହକି ଖେଳୁଥିଲେ। ସେମାନଙ୍କ ଖେଳ ଦେଖି ଏହି ଖେଳ ପ୍ରତି ମୋର ଆଗ୍ରହ ଆସିଲା। ଏବେ ମୋ ବାପା ନାହାନ୍ତି। ମୁଁ ତାଙ୍କ ଲାଗି ଏବଂ ତାଙ୍କୁ ଗର୍ବିତ କରିବା ପାଇଁ ହକି ଖେଳୁଛି। ଏହା ହିଁ ମୋର ସବୁଠୁ ବଡ଼ ମୋଟିଭେଶନ...**

### ସଂକ୍ଷେପରେ...

ନାମ: ଆଜମିନା କୁଜୁର
ଜନ୍ମ: ୯ ଡିସେମ୍ବର ୨୦୦୧, ସୁନ୍ଦରଗଡ଼
କୋଚ୍: ଅମୂଲ୍ୟାନନ୍ଦ ବିହାରୀ
ଟିମ୍: ହକି ଓଡ଼ିଶା ଜୁନିୟର ଓ ସବ୍‌ଜୁନିୟର, ଭାରତ-ଏ' ମହିଳା ଦଳ, ଭାରତୀୟ ଜୁନିୟର ଓ ସିନିୟର ମହିଳା ଦଳ, ଜେଏସ୍‌ଡବ୍ଲ୍ୟୁ ସୁରମା ହକି କ୍ଲବ।


ଆଜମିନା କୁଜୁର


ମାରିଆନା କୁଜୁର (ବାମ) ଓ ଜିଓ୍ୱନ କିଶୋରୀ ଟପ୍ପୋ (ଡାହାଣ)ଙ୍କ ସହ ଆଜମିନା।

## ଖେଳ ଜଗତର ଭିତିରି କଥା

**ସମ୍ମାନିତ ହେବେ ନାଡାଲ:** କ୍ଲେ କୋର୍ଟର ରାଜା ଭାବେ ପରିଚିତ ସ୍ପେନ୍‌ର ରାଫାଲ ନାଡାଲ ନିଜର ଅତି ପ୍ରିୟ ରୋଲାଣ୍ଡ ଗାରୋସରେ ସମ୍ମାନିତ ହେବେ। ଆସନ୍ତା ମେ' ୨୫ରେ ଫ୍ରେଞ୍ଚ ଓପନ ତଥା ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ନାମେଣ୍ଟ ଆରମ୍ଭ ହେବ। ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଦିନ ଅବସରପ୍ରାପ୍ତ ୧୪ ଥରର ଚାମ୍ପିୟନ ନାଡାଲଙ୍କୁ ସମ୍ମାନିତ କରାଯିବ।



ରାଫାଲ ଫ୍ରେଞ୍ଚ ଓପନ ଇତିହାସରେ ନିଜ ପ୍ରଦର୍ଶନର ସ୍ୱତନ୍ତ୍ର ଛାପ ଛାଡ଼ି ଯାଇଛନ୍ତି। ଏଥିଯୋଗୁ ତାଙ୍କ ସମ୍ମାନରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯିବ। ୨୨ ଥରର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ନାଡାଲ ଗତ ବର୍ଷ ଡିସେମ୍ବରରେ କୋର୍ଟରୁ ଅବସର ଘୋଷଣା କରିଥିଲେ। ତାଙ୍କ ନାମରେ ସର୍ବାଧିକ ୧୪ଥର ଫ୍ରେଞ୍ଚ ଓପନ ଜିତିବାର ରେକର୍ଡ ରହିଛି। ସେ ଅନ୍ତିମ ଥର ୨୦୨୪ରେ ଟୁର୍ନାମେଣ୍ଟରେ ଭାଗ ନେଇଥିଲେ। ଏହି ସଂସ୍କରଣରେ ଆଲେକ୍ସଜାଣ୍ଡର ଭେରେଭଙ୍କଠାରୁ ପ୍ରଥମ ରାଉଣ୍ଡରେ ପରାଜିତ ହୋଇଥିଲେ।

**ଦୁବେଙ୍କ ବଦାନ୍ୟତା:** ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଚେନ୍ନାଇ ସୁପର କିଙ୍ଗ୍ସ ଯଦିଓ ଆଶାନୁରୂପ ପ୍ରଦର୍ଶନ କରି ପାରିନାହିଁ ତେବେ ଏକ ମହାନ୍ କାର୍ଯ୍ୟ ପାଇଁ ଚର୍ଚ୍ଚାରେ ରହିଛନ୍ତି ଦଳର ଅଲରାଉଣ୍ଡର ଶିବମ୍ ଦୁବେ। ନିକଟରେ ସେ ତାମିଲନାଡୁର ୧୦ ଉଦୀୟମାନ ଆଥ୍‌ଲେଟଙ୍କୁ ୭୦ ହଜାର ଟଙ୍କା ଲେଖାଏ ସହାୟତା ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ତାମିଲନାଡୁ ଜର୍ନାଲିଷ୍ଟ ଆସୋସିଏଶନ (ଟିଏନ୍‌ଏସ୍‌ଜେଏ)ର ପୁରସ୍କାର ଓ ସ୍କଲାରଶିପ୍ସ ବିତରଣ କାର୍ଯ୍ୟକ୍ରମରେ



ଦୁବେ ଯୋଗଦେଇ ଏହି ନିଷ୍ପତ୍ତି ନେଇଛନ୍ତି। ଦୁବେଙ୍କ ପୁରସ୍କାର ରାଶି ଛଡ଼ା ଟିଏନ୍‌ଏସ୍‌ଜେଏ ପକ୍ଷରୁ ୩୦ ହଜାର ଟଙ୍କାର ସ୍କଲାରଶିପ ଦିଆଯାଇଛି।

**ରାହୁଲଙ୍କ କୀର୍ତ୍ତିମାନ:** ଚଳିତ ଆଇପିଏଲ୍ ସିଜନରେ ଜବରଦସ୍ତ ଫର୍ମରେ ରହିଛନ୍ତି ଦିଲ୍ଲୀ କ୍ୟାପିଟାଲ୍ସ ଉଇକେଟ୍‌କିପର-ବ୍ୟାଟର ଲୋକେଶ ରାହୁଲ। ନିକଟରେ ସେ ଦ୍ରୁତତମ ଭାରତୀୟ ବ୍ୟାଟର ଭାବେ ଆଇପିଏଲ୍‌ରେ ୨୦୦ ଛକା ମାରିବାର ସଫଳ ହୋଇଛନ୍ତି। ଗୁଜରାଟ ଟାଇଟନ୍ସ ବିପକ୍ଷ ମ୍ୟାଚ୍‌ରେ କ୍ୟାରିୟରର ୧୨୮ତମ ଆଇପିଏଲ୍ ଇନିଂସରେ ସେ ଏହି ସଫଳତା ପାଇଛନ୍ତି। ଖୁବ୍ କମ୍ ଇନିଂସରେ ୨୦୦ ଛକା ମାରିବାର ରେକର୍ଡ ପୂର୍ବରୁ ରାଜସ୍ଥାନ ରୟାଲ୍ସ ଅଧିନାୟକ ସଞ୍ଜୁ ସାମ୍‌ସନଙ୍କ ନାମରେ ଥିଲା। ସେ ୧୫୯ ଇନିଂସ୍‌ରେ ଏହି ମାଇଲଖୁଣ୍ଟ ସ୍ପର୍ଶ କରିଥିଲେ। ତାଙ୍କ ପଛକୁ ମହେନ୍ଦ୍ର ସିଂ ଧୋନୀ (୧୬୫), ବିରାଟ କୋହଲି(୧୮୦), ରୋହିତ ଶର୍ମା (୧୮୫) ଓ ସୁରେଶ ରାଇନା(୧୯୩) ରହିଛନ୍ତି। ତେବେ ରାହୁଲ ଟୁର୍ନାମେଣ୍ଟ ଇତିହାସରେ ତୃତୀୟ



ଦ୍ରୁତତମ ବ୍ୟାଟର ଭାବେ ୨୦୦ ଛକା ମାରିଛନ୍ତି। ଏହି ତାଲିକା ଶୀର୍ଷରେ ୱେଷ୍ଟଇଣ୍ଡିଜର ଦୁଇ ବିସ୍ଫୋରକ ବ୍ୟାଟର ରହିଛନ୍ତି। କ୍ରିସ୍ ଗେଲ୍ ୬୯ ଓ ଆନ୍ଦ୍ରେ ରସେଲ ୯୭ ଇନିଂସ୍‌ରେ ଏହି ମାଇଲଖୁଣ୍ଟ ଛୁଇଁଥିଲେ।

**ଅଲ୍‌କାରାଜଙ୍କୁ ଚମକାଇଲେ ରୁନ୍**
ଲୋକାଲ ଫେଭରାଇଟ୍ କାର୍ଲୋସ ଅଲ୍‌କାରାଜଙ୍କୁ ୭-୬ (୬), ୬-୨ ସେଟ୍‌ରେ ପରାସ୍ତ କରି ହୋଲ୍‌ଗର ରୁନ୍ ବାର୍ସିଲୋନା ଓପନ ଟେନିସ ଟୁର୍ନାମେଣ୍ଟ ପୁରୁଷ ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି। ଦୁଇବର୍ଷ ପୂର୍ବେ ମ୍ୟୁନିକ୍ ପରେ ଏହା ତାଙ୍କର ପ୍ରଥମ ଏବଂ ଓଭରଅଲ୍ ୫ମ ଟାଇଟଲ। ଏହି ପରାଜୟ ଦ୍ୱାରା ପ୍ରଥମ ମଣ୍ଟେ କାର୍ଲୋ ମାଷ୍ଟର୍ସ ଟାଇଟଲ ସମେତ ଅଲ୍‌କରାଜଙ୍କ କ୍ରମାଗତ ୯ ମ୍ୟାଚ ବିଜୟ ଧାରାରେ ବ୍ରେକ୍ ଲାଗିଛି। ସେ ୨୦୨୨ ଓ ୨୦୨୩ରେ ବାର୍ସିଲୋନା ଓପନ ଜିତିଥିଲେ।



## ଟେଷ୍ଟ କ୍ରିକେଟ ଇତିହାସ ଉପରେ ନୂଆ ପୁସ୍ତକ

ଟେଷ୍ଟ କ୍ରିକେଟର ୧୫୦ ବର୍ଷର ଇତିହାସ ଉପରେ ଏକ ନୂଆ ପୁସ୍ତକ ପ୍ରକାଶ ପାଇଛି। ଟିମ୍ ୱିଗ୍‌ମୋର୍‌ଙ୍କ ଦ୍ୱାରା ଲିଖିତ ଏହି ପୁସ୍ତକର ନାମ ରହିଛି 'ଟେଷ୍ଟ କ୍ରିକେଟ: ଏକ ଇତିହାସ'। ଏଥିରେ ଖେଳାଳିମାନଙ୍କ ମନମୁଗ୍ଧକର କାହାଣୀ ଏବଂ ୧୮୭୭ଠାରୁ ଖେଳର କିପରି ବିକାଶ ଘଟି ଆସିଛି ତାହା ଉପରେ ଲେଖାମାନ ରହିଛି। ହାଚେଟ୍ ଦ୍ୱାରା ଛପା ଯାଇଥିବା ଏହି ପୁସ୍ତକରେ ୪୦ରୁ ଊର୍ଦ୍ଧ୍ୱ ସ୍ୱତନ୍ତ୍ର ସାକ୍ଷାତ୍‌କାର ସ୍ଥାନିତ ହୋଇଛି। ତନ୍ମଧ୍ୟରେ ସଚିନ ତେନ୍ଦୁଲକର, ରାହୁଲ ଦ୍ରାଭିଡ, ପ୍ୟାଟ୍ କମିନ୍ସ, ମାଇକେଲ ହୋଲ୍ଡିଂ, ମୁଥୟା ମୁରଲୀଧରନ, କେଭିନ ପିଟରସନ, ଇଆନ ଚାପେଲ ଓ ଡେଲ୍ ଷ୍ଟେଇନ୍‌ଙ୍କ ସାକ୍ଷାତ୍‌କାର ରହିଛି। ବଡିଲାଇନ୍‌ଠାରୁ ଆରମ୍ଭ କରି ବାଜ୍ ବଲ, ୱେଷ୍ଟଇଣ୍ଡିଜ ଦଳ ଉତ୍‌ଥାନର ସୁବର୍ଣ୍ଣ ଯୁଗ, ଶେନ୍ ୱର୍ନଙ୍କଠାରୁ ଆରମ୍ଭ କରି ଇଆନ ବୋଥାମ ପର୍ଯ୍ୟନ୍ତ ଉଲ୍ଲେଖନୀୟ ଘଟଣାବଳୀ ଏହି ପୁସ୍ତକରେ ବର୍ଣ୍ଣିତ ହୋଇଛି। ତଥ୍ୟ ସମ୍ବଳିତ ପୁସ୍ତକ ପୂର୍ବରୁ କେବେ ପ୍ରକାଶ ପାଇ ନାହିଁ ବୋଲି 'ଟେଷ୍ଟ କ୍ରିକେଟ: ଏକ ଇତିହାସ'ର ଲେଖକ ଦାବି କରିଛନ୍ତି।

# ନୀରଜଙ୍କୁ ମନେପକାଇଲେ ଡୁପ୍ଲାଣ୍ଟିସ୍

ବିଶ୍ୱ କ୍ରୀଡ଼ା ଜଗତରେ ଦୁଇଜଣ ମହାନ୍ ଆଥ୍‌ଲେଟ ହେଲେ ସ୍ୱିଡେନର ପୋଲ ଭୋଲ୍ଟ ଗ୍ରେଟ୍ ଅର୍ମାଣ୍ଡ୍ (ମଣ୍ଡୋ) ଡୁପ୍ଲାଣ୍ଟିସ ଓ ଭାରତର ଜାଭେଲିନ ଥ୍ରୋୟର ନୀରଜ ଚୋପ୍ରା। ଦୁଇଟି ଅଲିମ୍ପିକ ପଦକ ଅର୍ଜନ କରି ବିଶ୍ୱ ତାରକା ହେବାର ଯଥେଷ୍ଟ ପୂର୍ବରୁ ଭାରତର ନୀରଜ ଚୋପ୍ରାଙ୍କ ସଂସ୍ପର୍ଶରେ ଆସିଥିଲେ ସ୍ୱିଡେନର ଡୁପ୍ଲାଣ୍ଟିସ୍। ସେ ନୀରଜଙ୍କୁ ମନେ ପକାଇଛନ୍ତି। ଚୋପ୍ରା ବିପୁଳ ସଫଳତା ହାସଲ କଲେ ସୁଦ୍ଧା ୨୦୧୬ ମସିହାରେ ଯେପରି ଥିଲେ ଠିକ୍ ସେହିପରି ଆଥ୍‌ଲେଟଟିଏ ହୋଇ ରହିଛନ୍ତି ବୋଲି ଡୁପ୍ଲାଣ୍ଟିସ୍ ନିଜ ଅନୁଭୂତି ବଖାଣିଛନ୍ତି। ୨୦୧୬ରୁ ୨୦୨୫। ଏହାମଧ୍ୟରେ ଅର୍ମାଣ୍ଡ୍ ବିଶ୍ୱର ଜଣେ ମହାନ୍ ପୋଲ ଭୋଲ୍ଟ ଜମ୍ପର୍ ଭାବେ ସ୍ୱୀକୃତି ପାଇ ସାରିଛନ୍ତି। ସେ ସାତଥର ବିଶ୍ୱ ଚାମ୍ପିୟନ୍ ଏବଂ ୬. ୨୭ ମିଟର ଉଚ୍ଚତାର ପୋଲ ଭୋଲ୍ଟ ବିଶ୍ୱ ରେକର୍ଡ଼ଧାରୀ। ଭାରତର ନୀରଜ ଚୋପ୍ରା ୨୦୨୦ ଟୋକିଓ ଓ ୨୦୨୪ ପ୍ୟାରିସ ଅଲିମ୍ପିକ୍ ଜାଭେଲିନ୍‌ରେ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିଣିଥିଲେ। ଏପରି ବିରଳ କୃତିତ୍ୱ ହାସଲ କରି ନୀରଜ ଭାରତରେ ଜଣେ ସର୍ବକାଳୀନ ଶ୍ରେଷ୍ଠ ଆଥ୍‌ଲେଟ ବିବେଚିତ ହୋଇଛନ୍ତି। ଜାଭେଲିନ୍ ଫିଙ୍ଗାରେ ନୀରଜଙ୍କ ଶ୍ରେଷ୍ଠ ଦୂରତା ହେଉଛି ୮୯. ୯୩ ମିଟର। ସ୍ପେନ୍‌ର ମ୍ୟାଡ୍ରିଡ୍ ନଗରୀରେ ଏପ୍ରିଲ ୨୦ରେ ଅନୁଷ୍ଠିତ ହେଲା ୨୦୨୫ ବର୍ଷର ଲୌରିଅସ୍ ବିଶ୍ୱ ଶ୍ରେଷ୍ଠ କ୍ରୀଡ଼ାବିତ୍ ପୁରସ୍କାର ଉତ୍ସବ। ଏହି ପୁରସ୍କାର ଗ୍ରହଣ କରିବାକୁ ଆସିଥିଲେ ଅର୍ମାଣ୍ଡ୍। ଏହି ଅବସରରେ ନୀରଜଙ୍କ ସହିତ ତାଙ୍କ ଅତୀତ ସମ୍ପର୍କ ପ୍ରକାଶ କରିବା ସହ ତାଙ୍କୁ ଜଣେ ବୃହତ୍ ପ୍ରେରଣାଦାୟୀ ଭାବେ ବର୍ଣ୍ଣନା କରିଥିଲେ। ୨୦୧୬ ବିଶ୍ୱ କନିଷ୍ଠ ଦୌଡ଼କୁଦ ଚାମ୍ପିୟନଶିପ୍‌ରେ ଦୁଇଜଣଯାକ ପ୍ରତିଦ୍ୱନ୍ଦ୍ୱୀ ଥିଲେ। ଦୁହେଁ ନିଜ ନିଜ କ୍ରୀଡ଼ା ଶୃଙ୍ଖଳାରେ କମାଲ ପ୍ରଦର୍ଶନ କରିଥିଲେ। ନୀରଜ ବାସ୍ତବରେ ପ୍ରତିଭାବାନ୍ ଏବଂ ଜଣେ ମହାନ୍ କ୍ରୀଡ଼ାବିତ୍। ସେ ଭାରତରେ ଦୌଡ଼କୁଦର ପ୍ରସାର ପାଇଁ ନିଜକୁ ଉତ୍ସର୍ଗ କରିଛନ୍ତି, ଯାହା ଏକ ଉତ୍ସାହଜନକ ବିଷୟ ବୋଲି ଅର୍ମାଣ୍ଡ୍ ପ୍ରକାଶ କରିଥିଲେ। 'ଆମେ ଦୁହେଁ କଥାବାର୍ତ୍ତା ହୋଇଥିଲୁ। ଟୋକିଓ ଅଲିମ୍ପିକ୍ସ ପୂର୍ବରୁ ଓ ଏହା ପରେ ମଧ୍ୟ ତାଙ୍କ ସହିତ କଥାବାର୍ତ୍ତା ହେବାକୁ ସକ୍ଷମ ହୋଇଥିଲି। ନୀରଜଙ୍କ ସ୍ୱର୍ଣ୍ଣ ପଦକ କୋଭିଡ୍ ୧୯ କବଳିତ ଭାରତକୁ ଅନୁପ୍ରେରିତ କରିଥିଲା ବୋଲି ୨୫ବର୍ଷୀୟ ଏହି ସ୍ୱିଡେନ୍ ତାରକା ଉଲ୍ଲେଖ କରିଥିଲେ। ସ୍ୱିଡେନ୍‌ର ଲୌଜିଆନାରେ ଜନ୍ମିତ ଡୁପ୍ଲାଣ୍ଟିସ୍ ନିଜ କ୍ୟାରିୟରକୁ ପ୍ରଭାବଶାଳୀ ଢଙ୍ଗରେ ଗଢ଼ିଛନ୍ତି। ସେ ଟୋକିଓ ଓ ପ୍ୟାରିସ ଅଲିମ୍ପିକ୍ସରେ ଗୋଟିଏ ଲେଖାଁ ସ୍ୱର୍ଣ୍ଣ ପଦକ, ୨୦୨୨ ଓ ୨୦୨୩ରେ ଦୁଇଥର ବିଶ୍ୱ ଆଉଟଡୋର୍ ଚାମ୍ପିୟନ୍, ୨୦୨୨, ୨୦୨୪ ଓ ୨୦୨୫ରେ ୩ ଥର ବିଶ୍ୱ ଇନ୍‌ଡୋର ଚାମ୍ପିୟନ ଏବଂ ସମ୍ପ୍ରତି ୟୁରୋପୀୟ ଚାମ୍ପିୟନ ହୋଇପାରିଛନ୍ତି। ତାଙ୍କ ପ୍ରତିଯୋଗିତା ସୂଚୀରେ ଭାରତ ଅଛି କି ପ୍ରଶ୍ନରେ ଭାରତକୁ କେବଳ ବୁଲିଯିବା ଅପେକ୍ଷା ସେଠାରେ ପୋଲ ଭୋଲ୍ଟ ଖେଳିବାକୁ ଇଚ୍ଛୁକ ବୋଲି କହିଥିଲେ। ଭାରତ ଯିବା ପାଇଁ ଚାହେଁ, ଏଥିପାଇଁ ଚେଷ୍ଟା କରିବି। ମୋର ବି ଲକ୍ଷ୍ୟ ରହିଛି। ମଣ୍ଡେଲ କ୍ଲାସିକ୍ ଭଳି ଟୁର୍ନାମେଣ୍ଟ ଓ ସ୍ୱିଡେନ୍‌ରେ ମଧ୍ୟ ପ୍ରତିଯୋଗିତା ରହିଛି। ବିଶ୍ୱର ବିଭିନ୍ନ ସ୍ଥାନରେ ପୋଲ ଭୋଲ୍ଟ ଖେଳିବା ଉଚିତ ବୋଲି ସେ ପ୍ରକାଶ କରିଥିଲେ।

–ଇଭାନ୍ କୁମାର

> ❝ ନୀରଜ ବାସ୍ତବରେ ପ୍ରତିଭାବାନ୍ ଏବଂ ଜଣେ ମହାନ୍ କ୍ରୀଡ଼ାବିତ୍। ସେ ଭାରତରେ ଆଥ୍‌ଲେଟିକ୍ସର ପ୍ରସାର ପାଇଁ ନିଜକୁ ଉତ୍ସର୍ଗ କରିଛନ୍ତି, ଯାହା ଉତ୍ସାହଜନକ ବିଷୟ। ଅଲିମ୍ପିକ୍ସରେ ନୀରଜଙ୍କ ସ୍ୱର୍ଣ୍ଣ ପଦକ କୋଭିଡ୍ ୧୯ କବଳିତ ଭାରତକୁ ଅନୁପ୍ରେରିତ କରିଥିଲା। ❞
> -ଅର୍ମାଣ୍ଡ୍ ଡୁପ୍ଲାଣ୍ଟିସ



ଅର୍ମାଣ୍ଡ୍ ଡୁପ୍ଲାଣ୍ଟିସ


ନୀରଜ ଚୋପ୍ରା


ଧରିତ୍ରୀ
DHARITRI
51 Years
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୨୫/୨୦୨୫ Bhubaneswar, Friday, April 25/ 2025

# ତୃତୀୟକୁ ଉଠିଲା ଆରସିବି

**ବେଙ୍ଗାଲୁରୁ,୨୪।୪**

ବିରାଟ କୋହଲିଙ୍କ ଅର୍ଦ୍ଧଶତକ ଓ ଜୋଶ ହାଜେଲଉଡଙ୍କ ୪ ଉଇକେଟ ସଫଳତା ବଳରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ୧୧ ରନରେ ରାଜସ୍ଥାନ ରୟାଲ୍ସ (ଆର୍‌ଆର୍)କୁ ପରାସ୍ତ କରିଛି। ଏହା ବେଙ୍ଗାଲୁରୁର ଷଷ୍ଠ ବିଜୟ ହୋଇଥିବା ବେଳେ ରାଜସ୍ଥାନ ଲାଗି ସପ୍ତମ ପରାଜୟ। ଏହି ବିଜୟ ସହ ଆର୍‌ସିବି ପଏଣ୍ଟ ଟେବୁଲରେ ତୃତୀୟ ସ୍ଥାନକୁ ଉଠିଛି।

ପ୍ରଥମେ ବ୍ୟାଟିଂ କରିଥିବା ଆର୍‌ସିବି ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୨୦୫ ରନ କରିଥିଲା। କୋହଲି ୪୨ ବଲରେ ୭୦(୮ ଚୌକା ଓ ୨ ଛକା) ଏବଂ ପଡିକଲ ୨୭ ବଲରେ ୫୦ (୪ ଚୌକା ଓ ୩ ଛକା) ଓ ଫିଲ ସଲ୍ଟ ୨୬ (୪ ଚୌକା) ରନ କରିଥିଲେ। ରାଜସ୍ଥାନ ପକ୍ଷରୁ ସନ୍ଦୀପ ଶର୍ମା ଦୁଇଟି ଉଇକେଟ ନେଇଥିଲେ। ଜବାବରେ ରାଜସ୍ଥାନ ୨୦ ଓଭରରେ ୯ ଉଇକେଟ ହରାଇ ୧୯୪ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପାଇଁ ଯଶସ୍ୱୀ ଜୟସ୍ୱାଲ ୧୯ ବଲରେ ୪୯ (୭ ଚୌକା ଓ ୩ ଛକା) ଓ ଧ୍ରୁବ ଜୁରେଲ ୪୭(୩ ଲେଖାଏ ଚୌକା ଓ ଛକା) ରନ କରିଥିଲେ। ଆର୍‌ସିବି ପକ୍ଷରୁ ଜୋଶ ହାଜେଲଉଡ ୪ଟି ଓ କ୍ରୁନାଲ ପାଣ୍ଡ୍ୟା ଦୁଇ ଉଇକେଟ ନେଇଥିଲେ।



ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ଜୋଶ ହାଜେଲଉଡ।

**ସଂକ୍ଷିପ୍ତ ସ୍କୋର**

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ: ୨୦ ଓଭରରେ ୨୦୫/୫ (ବିରାଟ କୋହଲି-୭୦, ଦେବଦତ୍ତ ପଡିକଲ-୫୦, ଫିଲ ସଲ୍ଟ-୨୬, ସନ୍ଦୀପ ଶର୍ମା-୨/୪୫)। ରାଜସ୍ଥାନ ରୟାଲ୍ସ: ୨୦ ଓଭରରେ ୧୯୪/୯ (ଯଶସ୍ୱୀ ଜୟସ୍ୱାଲ-୪୯, ଧ୍ରୁବ ଜୁରେଲ-୪୭, ନୀତିଶ ରାଣା-୨୮, ଜୋଶ ହାଜେଲଉଡ-୪/୩୩, କ୍ରୁନାଲ ପାଣ୍ଡ୍ୟା-୨/୩୧)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୮ | ୬ | ୨ | ୧୨ | +୧.୧୦୪ |
| ଦିଲ୍ଲୀ କ୍ୟାପିଟାଲ୍ସ | ୮ | ୬ | ୨ | ୧୨ | +୦.୬୫୭ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୯ | ୬ | ୩ | ୧୨ | +୦.୪୮୨ |
| ମୁମ୍ବାଇ ଇଣ୍ଡିଆନ୍ସ | ୯ | ୫ | ୪ | ୧୦ | +୦.୬୭୩ |
| ପଞ୍ଜାବ କିଙ୍ଗ୍ସ | ୮ | ୫ | ୩ | ୧୦ | +୦.୧୭୭ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୯ | ୫ | ୪ | ୧୦ | -୦.୦୫୪ |
| କୋଲକାତା ନାଇଟ ରାଇଡର୍ସ | ୮ | ୩ | ୫ | ୬ | +୦.୨୧୨ |
| ରାଜସ୍ଥାନ ରୟାଲ୍ସ | ୯ | ୨ | ୭ | ୪ | -୦.୬୨୫ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୮ | ୨ | ୬ | ୪ | -୧.୩୬୧ |
| ଚେନ୍ନାଇ ସୁପର କିଙ୍ଗ୍ସ | ୮ | ୨ | ୬ | ୪ | -୧.୩୯୨ |

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)
ଚେନ୍ନାଇ ବନାମ ହାଇଦ୍ରାବାଦ
ସ୍ଥାନ: ଚେନ୍ନାଇ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ଗମ୍ଭୀରଙ୍କୁ ହତ୍ୟା ଧମକ

**ନୂଆଦିଲ୍ଲୀ,୨୪।୪(ପି.ଟି.)**

ଭାରତୀୟ କ୍ରିକେଟ ଦଳର ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କୁ ଏକ ହତ୍ୟା ଧମକପୂର୍ଣ୍ଣ ଇ-ମେଲ ମିଳିଛି। ଏ ନେଇ ଦିଲ୍ଲୀ ପୋଲିସ ପକ୍ଷରୁ ଗୁରୁବାର କୁହାଯାଇଛି। ଏହି ଇମେଲ ଗତ ୨୨ ତାରିଖରେ ଗମ୍ଭୀରଙ୍କୁ ଏକ ସନ୍ଦେହଜନକ ଆକାଉଣ୍ଟରୁ ପଠାଯାଇଥିଲା, ଯେଉଁଦିନ ପହଲଗାମରେ ୨୬ ଜଣ ପର୍ଯ୍ୟଟକଙ୍କୁ ଆତଙ୍କବାଦୀମାନେ ହତ୍ୟା କରିଥିଲେ। ‘‘ଗମ୍ଭୀରଙ୍କ ସହ ଜଡ଼ିତ ଇମେଲ ଆଇଡିକୁ ଏକ ଧମକ ଆସିଥିବା ଆମକୁ ସୂଚନା ଦିଆଯାଇଛି। ଏହି ଘଟଣାର ତଦନ୍ତ କରାଯାଉଛି। ଗମ୍ଭୀର ଇତିମଧ୍ୟରେ ଦିଲ୍ଲୀ ପୋଲିସ ସୁରକ୍ଷାରେ ଅଛନ୍ତି ଏବଂ ତାଙ୍କ ଲାଗି କରାଯାଇଥିବା ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଆମେ ଅଧିକ କହିପାରିବୁ ନାହିଁ’’ ବୋଲି ଡିସିପି (ସେଣ୍ଟ୍ରାଲ) ଏମ୍ ହର୍ଷ ବର୍ଦ୍ଧନ କହିଛନ୍ତି। ଗମ୍ଭୀର ଜଣେ ପୂର୍ବତନ ଏମ୍‌ପି। ତାଙ୍କୁ ଦୁଇଟି ଧମକପୂର୍ଣ୍ଣ ମେଲ ମିଳିଛି। ଆଇଏସ୍‌ଆଇଏସ୍ କଶ୍ମୀର ଆକାଉଣ୍ଟରୁ ତାଙ୍କୁ ‘ମୁଁ ତୁମକୁ ହତ୍ୟା କରିବି’ ବୋଲି ମେସେଜ ଆସିଛି। ଗମ୍ଭୀରଙ୍କୁ ଧମକପୂର୍ଣ୍ଣ ମେଲ ପଠାଯିବାର ଏହା ପ୍ରଥମ ଘଟଣା ନୁହେଁ। ୨୦୨୨ରେ ତାଙ୍କୁ ଏଭଳି ମେଲ ଆସିଥିଲା।

# ଜାତୀୟ ରେକର୍ଡ ଭାଙ୍ଗିଲେ ଅନିମେଶ

**ଭୁବନେଶ୍ୱର, ୨୪।୪ (ତପନ ସ୍ୱାଇଁ)**



ଅନିମେଶ କୁଜୁର

କେରଳର କୋଚୀଠାରେ ଚାଲିଥିବା ୨୮ତମ ନ୍ୟାଶନାଲ ଫେଡେରେଶନ ସିନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ଅନ୍ତିମ ଦିବସରେ ଜାତୀୟ ରେକର୍ଡ ଭାଙ୍ଗିଛନ୍ତି ଓଡ଼ିଶା ଏଚ୍‌ପିସି ଆଥ୍‌ଲେଟ୍ ଅନିମେଶ କୁଜୁର। ଗୁରୁବାର ଅନୁଷ୍ଠିତ ପୁରୁଷ ୨୦୦ ମିଟର ରେସ୍‌ରେ ସେ ଏହି ସଫଳତା ପାଇଛନ୍ତି। ଭୁବନେଶ୍ୱରସ୍ଥିତ ରିଲାଏନ୍ସ ଫାଉଣ୍ଡେଶନ ଆଥ୍‌ଲେଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟରରେ ଟ୍ରେନିଂ ନେଉଥିବାରୁ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଛତିଶଗଡ଼ର ଅନିମେଶ ୨୦.୪୦ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ଏହି ଅବସରରେ ସେ ଜାତୀୟ ଓ ମିଟ୍ ରେକର୍ଡ ଭଙ୍ଗ କରିଛନ୍ତି। ପୂର୍ବରୁ ଅମ୍ଲାନ ବୋର୍ଗୋହେନ ୨୦.୫୨ ସେକେଣ୍ଡ ସମୟ ନେଇ ମିଟ୍ ଓ ଜାତୀୟ ରେକର୍ଡର ଅଧିକାରୀ ଥିଲେ। ୨୦.୪୦ ସେକେଣ୍ଡ ସମୟ ନେବା ଦ୍ୱାରା ଅନିମେଶ ଏସିଆନ ଚାମ୍ପିୟନଶିପ୍ ପାଇଁ ମଧ୍ୟ ଯୋଗ୍ୟତା ଅର୍ଜନ କରିଛନ୍ତି। ଏସିଆନ ଯୋଗ୍ୟତା ଟାଇମିଂ ଥିଲା ୨୦.୫୩। ପୂର୍ବ ଜାତୀୟ ରେକର୍ଡଧାରୀ ଅମ୍ଲାନ ଏଥର ରିଲାଏନ୍ସ ପକ୍ଷରୁ ପ୍ରତିନିଧିତ୍ୱ କରି ୨୦.୮୦ ସେକେଣ୍ଡ ସହ ରୌପ୍ୟ ଏବଂ ତାମିଲନାଡୁର ରଗୁଲ କୁମାର ଜି. ୨୦.୮୫ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପଦକ ଜିତିଛନ୍ତି। ପୂର୍ବରୁ ଅନିମେଶ ୧୦୦ ମିଟରରେ ରୌପ୍ୟ ପଦକ ଜିତିଥିଲେ। ମହିଳା ୨୦୦ ମିଟରରେ ଓଡ଼ିଶାର ଶ୍ରାବଣୀ ନନ୍ଦ କିନ୍ତୁ ନିରାଶ କରିଛନ୍ତି। ସେ ୨୪.୬୧ ସେକେଣ୍ଡ ନେଇ ୫ମ ସ୍ଥାନରେ ରହିଛନ୍ତି। ତେଲଙ୍ଗାନାର ନିତ୍ୟା ଗାନ୍ଧେ (୨୩.୬୮), ତାମିଲନାଡୁର ଆଞ୍ଜେଲ ସିଲଭିଆ (୨୩.୯୧) ଓ କର୍ନାଟକର ଭି. ସୁଦୀକ୍ଷା (୨୪.୩୧) ପ୍ରଥମ ୩ ସ୍ଥାନ ଅଧିକାର କରିଛନ୍ତି।

**ନ୍ୟାଶନାଲ ଫେଡେରେଶନ ଆଥ୍‌ଲେଟିକ୍ସ**

## ଯଶବୀରଙ୍କୁ ବ୍ରୋଞ୍ଜ

୧୦ ଇଭେଣ୍ଟ ବିଶିଷ୍ଟ ଡେକାଥଲନରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଯଶବୀର ନାୟକ ତୃତୀୟ ସ୍ଥାନ ଅଧିକାର କରି ବ୍ରୋଞ୍ଜ ପଦକ ଜିତିଛନ୍ତି। ସେ ୧୦୦ ମିଟରରେ ୧୧.୨୭ ସେକେଣ୍ଡ, ଲଙ୍ଗଜମ୍ପରେ ୬.୬୮ ମିଟର, ଶଟ୍‌ପୁଟ୍‌ରେ ୧୨.୧୯ ମିଟର, ହାଇଜମ୍ପରେ ୧.୯୧ ମିଟର, ୪୦୦ ମିଟରରେ ୫୧.୪୨ ସେକେଣ୍ଡ, ୧୧୦ ମିଟର ହର୍ଡଲ୍ସରେ ୧୫.୩୧ ସେକେଣ୍ଡ, ଡିସ୍କସ୍ ଥ୍ରୋରେ ୩୮.୮୮ ମିଟର, ପୋଲଭଲ୍ଟରେ ୪.୩୦ ମିଟର, ଜାଭେଲିନ୍ ଥ୍ରୋରେ ୫୬.୫୮ ମିଟର କ୍ଲିୟର କରିବା ସହ ୧୫ ମିଟର ରେସ୍‌ରେ ୪:୩୯.୭୯ ସେକେଣ୍ଡ ସମୟ ନେଇ ମୋଟ ୭୧୫୬ ପଏଣ୍ଟ ପାଇଥିଲେ। ୭୬୦୩ ପଏଣ୍ଟ ସହ ଜେଏସ୍‌ଡବ୍ଲ୍ୟୁର ତେଜସ୍ୱିନ ଶଙ୍କର ସ୍ୱର୍ଣ୍ଣ ଓ ୭୨୨୬ ପଏଣ୍ଟ ପାଇ ରିଲାଏନ୍ସର ଯମନ ଦୀପ ଶାହା ରୌପ୍ୟ ପଦକ ହାସଲ କରିଛନ୍ତି। ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିବା ଅନ୍ୟତମ ପ୍ରତିଦ୍ୱନ୍ଦ୍ୱୀ ଅବ୍ୟକ୍ତ ମିର୍ଦ୍ଧା ୬୦୬୨ ପଏଣ୍ଟ ସହ ସର୍ବନିମ୍ନ ୧୦ମ ସ୍ଥାନରେ ରହିଛନ୍ତି।

ପ୍ରତିଯୋଗିତାର ପ୍ରଥମ ଦିବସରେ ଅନିମେଶ ପୁରୁଷ ୧୦୦ ମିଟର ଇଭେଣ୍ଟରେ ୧୦.୩୨ ସେକେଣ୍ଡ ସମୟ ନେଇ ରୌପ୍ୟ ପଦକ ହାସଲ କରିଥିଲେ। ଦ୍ୱିତୀୟ ଦିବସରେ ଅନୁଷ୍ଠିତ ମହିଳା ୧୦୦ ମିଟର ହର୍ଡଲ୍ସରେ ଓଡ଼ିଶାର ପ୍ରଜ୍ଞା ପ୍ରଶାନ୍ତି ସାହୁ ୧୩.୪୦ ସେକେଣ୍ଡ ସମୟ ନେଇ ରୌପ୍ୟ ଓ ସେହିପରି ପୁରୁଷ ହାଇଜମ୍ପରେ ସ୍ୱାଧୀନ କୁମାର ମାଝି ୨.୧୪ ମିଟର କ୍ଲିୟର କରି ରୌପ୍ୟ ପଦକ ଜିତିଥିଲେ।

# ଭାରତ ଆସିବେନି ନଦିମ

**ନୂଆଦିଲ୍ଲୀ,୨୪।୪:** ଆସନ୍ତା ମେ’ ୨୪ ତାରିଖରୁ ବେଙ୍ଗାଲୁରୁରେ ହେବାକୁ ଥିବା ନୀରଜ ଚୋପ୍ରା କ୍ଲାସିକ ଇଭେଣ୍ଟରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ପାକିସ୍ତାନର ଅଲିମ୍ପିକ ଚାମ୍ପିୟନ ଅର୍ଶଦ ନଦିମ ଭାରତ ଆସିବେ ନାହିଁ। ଏହି ପ୍ରତିଯୋଗିତା ଲାଗି ଭାରତୀୟ ଜାଭେଲିନ ଷ୍ଟାର ନୀରଜ ଚୋପ୍ରା ତାଙ୍କ ପାକିସ୍ତାନୀ ବନ୍ଧୁ ନଦିମଙ୍କୁ ଭାରତ ଆସିବାକୁ ନିମନ୍ତ୍ରଣ କରିଥିଲେ। କିନ୍ତୁ ଇଭେଣ୍ଟ ବେଳେ କୋରିଆରେ ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ସ ଲାଗି ତାଙ୍କ ଟ୍ରେନିଂ କାର୍ଯ୍ୟସୂଚୀ ଥିବାରୁ ସେ ଆସିପାରିବେ ନାହିଁ ବୋଲି ଜଣାଇବା ସହ ଆମନ୍ତ୍ରଣ ଲାଗି କୃତଜ୍ଞତା ବ୍ୟକ୍ତ କରିଛନ୍ତି।

# ଫାଇନାଲରେ ୟୁନିୟନ ସ୍ପୋର୍ଟିଂ

**ଭୁବନେଶ୍ୱର, ୨୪।୪ (ତପନ ସ୍ୱାଇଁ)**

**ମୁଲବେରୀ ଟ୍ୱିନ ସିଟି ଟି୨୦ କ୍ରିକେଟ**

କଟକ ଜଗତ୍‌ପୁରସ୍ଥିତ ନିମପୁର ସ୍ପୋର୍ଟ୍ସ ଗ୍ରାଉଣ୍ଡରେ ଚାଲିଥିବା ମୁଲବେରୀ ଟ୍ୱିନ ସିଟି ଟି୨୦ କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ଅନୁଷ୍ଠିତ ପ୍ରଥମ ସେମି ଫାଇନାଲରେ ନିମପୁର ସ୍ପୋର୍ଟ୍ସକୁ ୭୭ ରନରେ ହରାଇ ୟୁନିୟନ ସ୍ପୋର୍ଟିଂ ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ବ୍ୟାଟିଂ କରିଥିବା ୟୁନିୟନ ସ୍ପୋର୍ଟିଂ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୮୨ ରନ କରିଥିଲା। ଦଳ ପକ୍ଷରୁ ରିଷି ମେହେର ସର୍ବାଧିକ ୬୪ ରନ କରିଥିଲେ। ବିପକ୍ଷ ଦଳର ମହମ୍ମଦ ଡାନିସ ୨ଟି ଉଇକେଟ ନେଇଥିଲେ। ୧୮୩ ରନ ବିଜୟ ଲକ୍ଷ୍ୟରେ ନିମପୁର ସ୍ପୋର୍ଟ୍ସ ଦଳ ୧୬.୧ ଓଭରରେ ୧୦୫ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ବିକ୍ରମ ସାମଲ ସର୍ବାଧିକ ୩୫ ରନ କରିଥିବାବେଳେ ବିଜୟୀ ଦଳର ବୋଲର ଜ୍ୟୋତି ରଞ୍ଜନ ଦଳାଇ ୧୭ ରନ ବିନିମୟରେ ୫ ଉଇକେଟ ସଫଳତା ପାଇଥିଲେ। ସୋଭନଦେବ ବେହେରା ୪ଟି ଉଇକେଟ ନେଇଥିଲେ। ଅମ୍ପାୟର ଲଳିତ କେଶରୀ ନନ୍ଦ ଓ ଅୟସକାନ୍ତ ମିଶ୍ର ମ୍ୟାଚ ପରିଚାଳନା କରିଥିଲେ। ସ୍କୋରର ଥିଲେ ପ୍ରଶାନ୍ତ କୁମାର ବେହେରା ଓ ସୁନୀଲ କୁମାର ରାଉଳ। ୫ ଉଇକେଟ ସଫଳତା ପାଇଁ ଜ୍ୟୋତି ରଞ୍ଜନ ଦଳାଇ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସାମାଜିକ କର୍ମୀ ସୁଟୁ ଘୋଷ, ଜଗତ୍‌ପୁର ପୋଲିସ ଇନ୍‌ସ୍ପେକ୍ଟର ଅନିରୁଦ୍ଧ ନାୟକ ଓ କର୍ପୋରେଟର ନଳିନୀ ବେହେରା ଅତିଥିଭାବେ ଯୋଗଦେଇଥିଲେ।

# ମହମ୍ମଡାନକୁ ୬-୦ରେ ହରାଇଲା ନର୍ଥଇଷ୍ଟ

**ଭୁବନେଶ୍ୱର, ୨୪।୪ (ତପନ ସ୍ୱାଇଁ)**

**ସୁପର କପ୍ ଫୁଟବଲ**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା କଳିଙ୍ଗ ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟର ଗୁରୁବାର ଏକ ମ୍ୟାଚରେ ନର୍ଥଇଷ୍ଟ ୟୁନାଇଟେଡ ୬-୦ ଗୋଲରେ ମହମ୍ମଡାନ ସ୍ପୋର୍ଟିଂକୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ମ୍ୟାଚର ୩ୟ ମିନିଟରେ ଜିଥିନ ଏମ.ଏସ., ୧୮ଶ ମିନିଟରେ ଆଲାଦିନ ଆଜାରେଇ, ୪୨ତମ ମିନିଟରେ ନେଷ୍ଟର ଅଲ୍‌ବାକ୍ ରୋଗର ଗୋଟିଏ ଲେଖାଏ ଗୋଲ ଦେଇ ନର୍ଥଇଷ୍ଟକୁ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ୩-୦ରେ ଅଗ୍ରଣୀ କରିଥିଲେ। ପରେ ୫୭ତମ ମିନିଟରେ ଆଲାଦିନ ବ୍ୟକ୍ତିଗତ ଦ୍ୱିତୀୟ ଓ ୯୦+୨ ମିନିଟରେ ତୃତୀୟ ଗୋଲ ଦେଇ ହ୍ୟାଟ୍ରିକ ପୂରଣ କରିଥିବାବେଳେ ୬୬ତମ ମିନିଟରେ ଗୁଲେଇର୍ମୋ ଫର୍ନାଣ୍ଡିଜ ହିଏରୋ ଗୋଟିଏ ଗୋଲ ସ୍କୋର କରିଥିଲେ। ଟ୍ରିପଲ ଗୋଲ ସ୍କୋରର ଆଲାଦିନ ଆଜାରେଇ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଓଡ଼ିଶାର ଅନ୍ତର୍ଜାତୀୟ ଚେସ୍ ମାଷ୍ଟର ସ୍ୱୟଂଶ୍ରୁ ସତ୍ୟପ୍ରଜ୍ଞ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ। ଗୁରୁବାର ଖେଳାଯାଇଥିବା ଦ୍ୱିତୀୟ ମ୍ୟାଚରେ ଜାମସେଦପୁର ଏଫ୍‌ସି ୨-୦ ଗୋଲ୍‌ରେ ହାଇଦ୍ରାବାଦ ଏଫ୍‌ସିକୁ ପରାସ୍ତ କରି ଅନ୍ୟତମ ଦଳ ଭାବେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି।



ଖୁସି ମୁହୂର୍ତ୍ତରେ ନର୍ଥଇଷ୍ଟ ୟୁନାଇଟେଡ ଦଳର ଖେଳାଳି। (ଫଟୋ: ବିକାଶ ନାୟକ)

# ଦୁର୍ଗାମାଧବ ନାଏକଙ୍କୁ ମ୍ୟାଚ୍ କମିଶନର ଦାୟିତ୍ୱ

**ଭୁବନେଶ୍ୱର, ୨୪।୪ (ଅନାଦି କର):** ଆସନ୍ତା ୨୭ରୁ ମେ ୨୭ ତାରିଖ ପର୍ଯ୍ୟନ୍ତ ଛତିଶଗଡ଼ର ନାରେନପୁରଠାରେ ସ୍ୱାମୀ ବିବେକାନନ୍ଦ ୨୦ ବର୍ଷରୁ କମ୍ ପୁରୁଷ ନ୍ୟାଶନାଲ ଫୁଟବଲ ଚାମ୍ପିୟନଶିପ୍ ହେବାକୁ ଯାଉଛି। ଏହି ଟୁର୍ନାମେଣ୍ଟ ଲାଗି ସର୍ବଭାରତୀୟ ଫୁଟବଲ ମହାସଂଘ (ଏଆଇଏଫ୍‌ଏଫ୍) ପକ୍ଷରୁ ଓଡ଼ିଶା ଫୁଟବଲ ମହାସଂଘ (ଫାଓ)ର ରେଫରିଙ୍କ ମୁଖ୍ୟ ଦୁର୍ଗା ମାଧବ ନାଏକଙ୍କୁ ମ୍ୟାଚ୍ କମିଶନର ଭାବେ ନିଯୁକ୍ତ କରାଯାଇଛି। ଏଆଇଏଫ୍‌ଏଫ୍ ଦ୍ୱାରା ଆୟୋଜିତ ଜାତୀୟ ସ୍ତରର ଟୁର୍ନାମେଣ୍ଟ ଲାଗି ମ୍ୟାଚ୍ କମିଶନର ଭାବେ ନିଯୁକ୍ତି ପାଇବାରେ ଦୁର୍ଗା ମାଧବ ପ୍ରଥମ ଓଡ଼ିଆ। ଏହି ସମ୍ମାନଜନକ ନିଯୁକ୍ତି ଲାଗି ଦୁର୍ଗା ମାଧବଙ୍କୁ ଫାଓ ପକ୍ଷରୁ ଶୁଭେଚ୍ଛା ଓ ଶୁଭକାମନା ଦିଆଯାଇଛି। ତାଙ୍କ ଉପଲବ୍ଧି କେବଳ ପଢ଼ିଆରେ ନୁହେଁ ବରଂ ଖେଳର ସମସ୍ତ ବିଭାଗରେ ଫାଓର ପ୍ରତିବଦ୍ଧତାକୁ ଦର୍ଶାଉଛି।



# ଫେରିଆସିବେ ଭାରତୀୟ ବ୍ରଡକାଷ୍ଟର

**କରାଚୀ, ୨୪।୪ (ପି.ଟି.):** ଆଗାମୀ ଦିନରେ ପାକିସ୍ତାନ ସୁପରଲିଗ (ପିଏସ୍‌ଏଲ୍)ର ପ୍ରସାରଣ ସଙ୍କଟରେ ପଡ଼ିପାରେ। ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଦୁଇ ଦେଶ ମଧ୍ୟରେ ଦେଖାଦେଇଥିବା ତିକ୍ତତା ଯୋଗୁ ପିଏସ୍‌ଏଲ୍‌ର ପ୍ରସାରଣରେ କାର୍ଯ୍ୟ କରୁଥିବା ଅଭିଜ୍ଞ ଭାରତୀୟ କ୍ରୁ ସଦସ୍ୟଙ୍କୁ ସ୍ୱଦେଶ ପଠାଇବାକୁ ପାକିସ୍ତାନ ସରକାର ନିଷ୍ପତ୍ତି ନେଇଛନ୍ତି। ପିଏସ୍‌ଏଲ୍‌ର ପ୍ରଡକ୍‌ଶନ ଓ ବ୍ରଡକାଷ୍ଟ କ୍ରୁ ମଧ୍ୟରେ ଦୁଇ ଡଜନରୁ ଅଧିକ ଭାରତୀୟ ରହିଛନ୍ତି। ସେମାନଙ୍କ ସ୍ଥାନରେ ଯଥାଶୀଘ୍ର ଅନ୍ୟଙ୍କୁ ନିଯୁକ୍ତ କରିବାକୁ ପଦକ୍ଷେପ ନିଆଯାଉଛି। ବ୍ରଡକାଷ୍ଟ ଓ ପ୍ରଡକଶନ କ୍ରୁ ମଧ୍ୟରେ ଭାରତୀୟ ଇଞ୍ଜିନିୟର, ପ୍ରଡକଶନ ମ୍ୟାନେଜର, କ୍ୟାମେରାମ୍ୟାନ, ଖେଳାଳିଙ୍କୁ ଟ୍ରାକ କରୁଥିବା ବିଶେଷଜ୍ଞ ରହିଛନ୍ତି।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ